


ଭାରତର ଚମତ୍କାର ବିଜୟ
ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 302 | ଭାଗ ୩୩ | ସଂଖ୍ୟା ୩୦୨
Saturday 24 January 2026 | Page 8 Rs. 5.00
ଭୁବନେଶ୍ୱର ଶନିବାର ୨୪ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ବିକଶିତ ଓଡ଼ିଶା ଲକ୍ଷ୍ୟ

## ନେତାଜୀଙ୍କ ଦର୍ଶନ ହେବ ଆଧାର

- ପରାକ୍ରମ ଦିବସରେ ଉପରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି
- ବିକାଶ ଯାତ୍ରାରେ ସାମିଲ ହୋଇଛି ସୁବାଷ ବୋଷଙ୍କ ଜନ୍ମସ୍ଥାନ
- ଐତିହାସିକ ସହରର ସଂସ୍କୃତିକୁ ଜୀବନ୍ତ ରଖିବ ସଂସ୍କୃତି ଭବନ
- ଇତିହାସ ପୃଷ୍ଠାରେ ସଂଗ୍ରାମୀଙ୍କ ବଳିଦାନକୁ ମିଳିନି ଉଚିତ ସ୍ଥାନ
- ପରାକ୍ରମ ଦିବସ ଭାରତୀୟଙ୍କୁ ଦେଶ ସେବା ପାଇଁ ଏକ ଆହ୍ୱାନ
- ଜନଜାତି ବିକାଶରେ ସରକାରଙ୍କ ଉଦ୍ୟମକୁ ଉପରାଷ୍ଟ୍ରପତିଙ୍କ ପ୍ରଶଂସା



**କଟକ,୨୩।୧(ସଂଚାର ବ୍ୟୁରୋ):** ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୀବନ ଦର୍ଶନ ଆଧାରରେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଓ ୨୦୪୭ ସୁଦ୍ଧା ବିକଶିତ ଓଡିଶା ଗଠନ କରିବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି କଟକସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟରେ ୧୨୯ତମ ଜନ୍ମବାର୍ଷିକୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଏହି ଅପିଲ କରିଛନ୍ତି। ବିକଶିତ ଓଡିଶା ଓ ଭାରତ ଗଠନ ହିଁ ନେତାଜୀଙ୍କ ପ୍ରତି ହେବ ପ୍ରକୃତ ଶ୍ରଦ୍ଧାଞ୍ଜଳୀ। ଆଜି ଆୟୋଜିତ ପରାକ୍ରମ ଦିବସ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ଦେଶ ସ୍ୱାଧୀନ ହେବା ପରେ ଲେଖାଯାଇଥିବା ବିଭିନ୍ନ ଇତିହାସ ପୁସ୍ତକରେ ନେତାଜୀଙ୍କ ଅବଦାନ ବିଷୟରେ ବିଶେଷ କିଛି ଲେଖା ନାହିଁ। ନେତାଜୀ ସ୍ୱାଧୀନତା ଆନ୍ଦୋଳନରେ ଦୀର୍ଘ ୨୫ ବର୍ଷ କାର୍ଯ୍ୟ କରିଥିଲେ ବି ୬୦୦ ପୃଷ୍ଠାର ଇତିହାସ ବହିରେ ତାଙ୍କ ବିଷୟରେ ୨୫ ପୃଷ୍ଠା ଲେଖାଯାଇନାହିଁ। କିଛି ବ୍ୟକ୍ତିତ୍ୱଙ୍କୁ ମହାନ କରି ତୋଳିବା ପାଇଁ ବର୍ତ୍ତମାନର ରଚିତ ଇତିହାସ ଅନେକ ମହାନ ସଂଗ୍ରାମୀଙ୍କୁ ଉଚିତ ସ୍ଥାନ ଦିଆଯାଇନାହିଁ। ଯେଉଁ ଐତିହାସିକମାନେ ସହିଦ ➪ପୃଷ୍ଠା-୬



## ମାଓଗଡ଼ରେ ପୁଣି ପ୍ରହାର

- ଅସ୍ତ୍ର ଛାଡ଼ିଲେ ୯ ; ଜୀବନ ହାରିଲେ ୩
- ମୁଣ୍ଡରେ ଥିଲା ୪୭ ଲକ୍ଷର ପୁରସ୍କାର

**ମାଲକାନଗିରି, ୨୩।୧(ସଂଚାର ବ୍ୟୁରୋ):** ଦେଶରେ ଏବେ ଶେଷ ନିଃଶ୍ୱାସ ନେଉଛି ମାଓ ସଙ୍ଗଠନ। ଦେଶର ବିଭିନ୍ନ ରାଜ୍ୟରେ ସକ୍ରିୟ ଥିବା ମାଓ ସଙ୍ଗଠନଗୁଡ଼ିକ ସୁରକ୍ଷାକର୍ମୀଙ୍କ ବରାବର ଆକ୍ରମଣରେ ଅତିଷ୍ଠ ହୋଇ କିଏ ଅସ୍ତ୍ର ତ୍ୟାଗ କରୁଛି ତ ଆଉ କୌଣସି ମାଓବାଦୀ ଜୀବନ ହରାଉଛନ୍ତି। ଏହି କ୍ରମରେ ଆଜି ମାଲକାନଗିରି ଜିଲ୍ଲା ସୀମାନ୍ତବର୍ତ୍ତୀ ଛତିଶଗଡ଼ର ଧମତେରୀ ଜିଲ୍ଲା ପୁଲିସକୁ ସଫଳତା ମିଳିଛି। ୯ ଜଣ ହାର୍ଡକୋର ମାଓବାଦୀ ବନ୍ଧୁକ ସହ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମୁଣ୍ଡ ଉପରେ ୪୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ରାୟପୁର ଆଇଜି ଓ ଧମତେରୀ ଏସ୍‌ପିଙ୍କ ନିକଟରେ ଏହି ମାଓବାଦୀମାନେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତକୁ ଫେରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୭ ଜଣ ମହିଳା ଅଛନ୍ତି। ଏହି ମାଓବାଦୀମାନେ ଓଡ଼ିଶା ରାଜ୍ୟ କମିଟି ସହ ସୀତା ନଦୀ ଏରିଆ କମିଟି, ମେନପୁର ଏରିଆ କମିଟି ସଦସ୍ୟ ଥିଲେ। ସେମାନେ ୯ ଟି ଅଟୋମେଟିକ ବନ୍ଧୁକ ମଧ ସମର୍ପଣ କରିଛନ୍ତି। ଏହିସବୁ ବନ୍ଧୁକ ସେମାନେ ପୂର୍ବରୁ ପୁଲସଙ୍କଠାରୁ ଲୁଟି ନେଇଥିଲେ। ଏହି ମାଓବାଦୀମାନେ ଛତିଶଗଡ଼ ସରକାରଙ୍କ ଆତ୍ମସମର୍ପଣ ନୀତିରେ ଆକର୍ଷିତ ହୋଇ ମୁଖ୍ୟ ଧାରାକୁ ଫେରିଥିବା ➪ପୃଷ୍ଠା-୬

## ୨୭ରୁ ବ୍ୟାଙ୍କ ଧର୍ମଘଟ ଡାକରା

- ପ୍ରତି ଶନିବାର ଛୁଟି ଦାବି

**ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ):** ଆସନ୍ତା ୨୭ ତାରିଖରୁ ପୁଣି ବ୍ୟାଙ୍କ୍ ଜମାକାରୀଙ୍କ ପୀଡ଼ା ବଢ଼ିବ। କାରଣ ବ୍ୟାଙ୍କିଙ୍ଗ୍ ଶିଳ୍ପରେ ୫-ଦିନିଆ କାର୍ଯ୍ୟ ସପ୍ତାହ କାର୍ଯ୍ୟକାରୀ କରିବା ଓ ମାସର ସବୁ ଶନିବାରକୁ ଛୁଟିଦିନ ଭାବେ ଘୋଷଣା ଦାବି ନେଇ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ (ୟୁଏଫ୍‌ବିୟୁ) ପକ୍ଷରୁ ଧର୍ମଘଟର ଡାକରା ଦିଆଯାଇଛି। ଏବେ ପ୍ରତି ମାସର ଦ୍ୱିତୀୟ ଓ ଚତୁର୍ଥ ଶନିବାର ଛୁଟି ରହିଥିଲେ ହେଁ ଅନ୍ୟ ଶନିବାରଗୁଡ଼ିକରେ ବ୍ୟାଙ୍କ୍ କର୍ମଚାରୀମାନେ ଅଧା ଦିନ କାମ କରୁଛନ୍ତି। କିନ୍ତୁ ଏହି ଅଧା ଦିନକୁ ପୂରା ଛୁଟି ଦିନ ଭାବେ ଘୋଷଣା କରିବା ସକାଶେ କର୍ମଚାରୀମାନେ ଦାବି କରିଛନ୍ତି। ଗତ ୨୦୨୩ରେ ଆଲୋଚନା ପରେ ➪ପୃଷ୍ଠା-୬

## ୧୯ ମାସ ପରେ ନବୀନ ନିବାସରେ ଏୟୁ

### ରାଜ୍ୟସଭା ଆସନ ପାଇଁ ଦାବିଦାର ଚର୍ଚ୍ଚା

**ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ):** ଦୀର୍ଘ ଦିନ ପରେ ଆଜି ନବୀନ ନିବାସକୁ ଅନଙ୍ଗ ଉଦୟ ସିଂଦେଓ ଯିବା ନେଇ ଚର୍ଚ୍ଚା ଜୋର ଧରିଛି। ୨୦୨୪ରେ ବିଜେଡି ହାରିବା ପରଠାରୁ ନବୀନ ନିବାସ ବିଶେଷ ଆସୁନଥିଲେ ଅନଙ୍ଗ। ନବୀନ ଓ ଅନଙ୍ଗ କଲେଜ ବେଳର ସାଙ୍ଗ। ନବୀନ ପଟ୍ଟନାୟକ ଓଡ଼ିଶା ଆସି ରାଜନୀତିରେ ଯୋଗଦେବା ପରେ ଦୁଇଜଣଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିଥିଲା। ଏପରିକି ନବୀନଙ୍କ ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ଥିଲେ ଅନଙ୍ଗ। ତେବେ ପରିବର୍ତ୍ତିତ ପରିସ୍ଥିତିରେ ଅନଙ୍ଗଙ୍କୁ ଆଉ ବିଜେଡିରେ ଗୁରୁତ୍ୱ ଦିଆଗଲା ନାହିଁ। ଏପରିକି ବଲାଙ୍ଗୀର ରାଜନୀତିରେ ମଧ ତାଙ୍କୁ ଅଣଦେଖା କରାଯାଇଥିଲା।

ତେଣୁ ସେ ପ୍ରାୟତଃ ନବୀନ ନିବାସ ଆସୁନଥିଲେ। କିନ୍ତୁ ଆଜି ହଠାତ ନବୀନ ନିବାସ ଯାଇ ତାଙ୍କ ବନ୍ଧୁଙ୍କୁ ସାକ୍ଷାତ କରିବା ରାଜନୈତିକ ମହଲରେ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଆଗକୁ ରାଜ୍ୟସଭା ନିର୍ବାଚନ



ଥିବାରୁ ତାଙ୍କର ଏହି ସାକ୍ଷାତ ଆଲୋଚନାକୁ ରାଜନୈତିକ ମହଲରେ ବେଶ ଗୁରୁତ୍ୱ ବହନ କରୁଛି। ଏମିତି ବି ୧୯୯୮ରେ ଏୟୁଙ୍କୁ ନବୀନ ରାଜ୍ୟସଭା ପାଇଁ ବିଜେଡି ପ୍ରାର୍ଥୀ କରିଥିଲେ। ସେ ସମୟରେ ବିଜେପି ➪ପୃଷ୍ଠା-୬

## ବିଜେଡିକୁ ଘାଇଲା କଲେଣି ଅରବିନ୍ଦ

- ଶଙ୍ଖ ଭବନ ସମ୍ମୁଖରେ କଲେ ଶକ୍ତି ପ୍ରଦର୍ଶନ
- ଦଳୀୟ କର୍ମୀଙ୍କୁ ଭେଟିବାକୁ ଡରିଲେ ସଭାପତି
- ଷଡ଼ଯନ୍ତ୍ରର ପ୍ରମାଣ ମାଗିଲେ ଅରବିନ୍ଦଙ୍କ ସମର୍ଥକ
- ଲୁଚୁଛନ୍ତି ବରିଷ୍ଠ ଓ କେନ୍ଦ୍ରାପଡ଼ା ନେତା
- ନିଷ୍ପତ୍ତି ପୁନର୍ବିଚାର ପାଇଁ ସମୟ ମାଗିଲେ ଦେବୀ



**ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ):** ବିଜେଡିରୁ ନିଲମ୍ବିତ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଆଜି ରାଜଧାନୀରେ ତାଙ୍କ ଶକ୍ତି ପ୍ରଦର୍ଶନ କରିଛନ୍ତି। କେନ୍ଦ୍ରାପଡ଼ାରୁ ଡକାହକାରେ ଆସୁଥିବା ତଥାକଥିତ ବିଜେଡି ନେତା ଓ କର୍ମୀଙ୍କୁ ନବୀନ ପଟ୍ଟନାୟକ ନବୀନ ନିବାସ ଡାକି ଭେଟିଥିବା ବେଳେ ପାଟକୁରା ନିର୍ବାଚନମଣ୍ଡଳୀରୁ ଆସିଥିବା ଅରବିନ୍ଦଙ୍କ ସମର୍ଥକଙ୍କୁ ଭେଟିଲେ ନାହିଁ। ଏପରିକି ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ଅନ୍ୟ ନେତାମାନେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଶଙ୍ଖ ଭବନ ଫାଟକ ପାଖରୁ ପାଟକୁରାରୁ ଆସିଥିବା ଅସନ୍ତୁଷ୍ଟ ନେତାଙ୍କ ସହ କଥା ହୋଇ ଫେରିଗଲେ। ଅରବିନ୍ଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଶଙ୍ଖ ଭବନ ସମ୍ମୁଖରେ ଶୋଭାଯାତ୍ରା କରିଥିବା ବିଜେଡି କର୍ମୀମାନେ ସିଧାସଳଖ ଭାବେ ବିଧାୟକଙ୍କ ବିରୋଧରେ ଷଡ଼ଯନ୍ତ୍ର ହୋଇଥିବା ଅଭିଯୋଗ କରିଛନ୍ତି। ମହାକାଳପଡ଼ାରୁ ୪୦ ହଜାର ଭୋଟ୍‌ରେ ହାରିଥିବା ପୂର୍ବତନ ମନ୍ତ୍ରୀ ଏହି ଷଡ଼ଯନ୍ତ୍ରର ମୁଖ୍ୟ କାର୍ପଟଦାର ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏପରିକି କେନ୍ଦ୍ରାପଡ଼ା ଲୋକସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ଅଂଶୁମାନଙ୍କୁ ମଧ କିଛି ଷଡ଼ଯନ୍ତ୍ରକାରୀ ନେତା ଉଦ୍ଦେଶ୍ୟମୂଳକ ଭାବେ ହରାଇଦେଇଛନ୍ତି। ଗତ ନିର୍ବାଚନ ପୂର୍ବରୁ ରାଜନଗର ପାଇଁ ଅଂଶୁମାନଙ୍କୁ ବିଜେଡିକୁ ଆମଦାନି କରାଯାଇଥିଲା। ହେଲେ ➪ପୃଷ୍ଠା-୬

ଚତୁର୍ଥ ଆସନ ଦ୍ୱନ୍ଦ୍ୱ

## ସଂଖ୍ୟା ନଥାଇ ବି କଂଗ୍ରେସ ଦେବ ପ୍ରାର୍ଥୀ



ଜଣେ ପ୍ରତିଭାବାନ ବ୍ୟକ୍ତିଙ୍କୁ ପଠାଯାଉ: ଅରୁଣ

**ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ):** ସଂଖ୍ୟା ନଥାଇ ରାଜ୍ୟସଭା ନିର୍ବାଚନ ଲଢ଼ିବାକୁ ଅଣ୍ଟା ଭିଡ଼ିଛି କଂଗ୍ରେସ। ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ଏକାକୀ ପ୍ରାର୍ଥୀ ଦେବ ବୋଲି ଆଜି ପିସିସି ସଭାପତି ଭକ୍ତ ଚରଣ ଦାସ ଘୋଷଣା କରିଛନ୍ତି। ଓଡ଼ିଶାର ୪ଟି ଆସନ ଖାଲି ପଡୁଥିବାରୁ ୨ଟି ଆସନରେ ବିଜେପି ଓ ଗୋଟିଏ ଆସନ ବିଜେଡି ହାତେଇବା ନିଶ୍ଚିତ। ରାଜ୍ୟସଭା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିଲେ ମଧ ଚତୁର୍ଥ ଆସନକୁ ନେଇ ଏବେଠାରୁ ଆରମ୍ଭ ହୋଇଛି ବୟାନବାଜି। ଆସନ୍ତା ଏପ୍ରିଲରେ ଓଡ଼ିଶାର ୪ଟି ରାଜ୍ୟସଭା ଆସନ ଖାଲି ହେବ। ନିର୍ବାଚନ କମିଶନ୍ ରାଜ୍ୟସଭା ନିର୍ବାଚନ ଲାଗି ପ୍ରକ୍ରିୟା ଆରମ୍ଭ କରିବା ପରେ ଉଷ୍ମ ହୋଇଛି ରାଜ୍ୟସଭା ଗଣିତ। ତିନୋଟି ଆସନ ପାଇଁ ଚିତ୍ର ସ୍ପଷ୍ଟ ଥିବା ବେଳେ ଚତୁର୍ଥ ଆସନ କାହାର ହେବ, ସେନେଇ ନାନା ଚର୍ଚ୍ଚା ଓ ଆକଳନ।

କଂଗ୍ରେସ ସଂଖ୍ୟା ନ ଥାଇ ମଧ ନିର୍ବାଚନ ଲଢ଼ିବା ପାଇଁ ଅଣ୍ଟା ଭିଡ଼ିଛି। ଏନେଇ ପିସିସି ସଭାପତି ଯୁକ୍ତି ବାଢ଼ିଛନ୍ତି ଯେ ହାର ଜିତକୁ ଭୟ ନାହିଁ। ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ଏକାକୀ ପ୍ରାର୍ଥୀ ଦେବ। ସଂଖ୍ୟା ଦୃଷ୍ଟିକୋଣରୁ ଆବଶ୍ୟକ ସଂଖ୍ୟା ନ ଥିବା ସତ୍ତ୍ୱେ ଦଳ ତିନିରୁ ଚାରି ଜଣଙ୍କ ନାଁ ସ୍ଥିର କରିଛି। ଏନେଇ ଦଳ ହାଇକମାଣ୍ଡଙ୍କ ସହ ଆଲୋଚନା କରାଯିବ ବୋଲି କହିଛନ୍ତି ଶ୍ରୀ ଦାସ। ଦଳ ଭିତରୁ କିମ୍ବା ବାହାରୁ ବି କାହାକୁ ଜଣଙ୍କୁ ପ୍ରାର୍ଥୀ କରାଯାଇପାରେ ବୋଲି ଭକ୍ତ କହିଛନ୍ତି। ୧୪ ଜଣ ବିଧାୟକ ସହ ବାମ ଦଳର ଗୋଟିଏ ବିଧାୟକ ବଳରେ ଦଳ ନିର୍ବାଚନ ଲଢ଼ିବାକୁ ➪ପୃଷ୍ଠା-୬

ସୁରେନ୍ଦ୍ର ସାଏଙ୍କ ଜନ୍ମପୀଠରେ ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ

## ଖିଣ୍ଡାରୁ ବୀରତ୍ୱର ପ୍ରେରଣା ନିଅନ୍ତୁ ଛାତ୍ରଛାତ୍ରୀ

### ଭବ୍ୟ ପ୍ରତିମୂର୍ତ୍ତି ଓ 'ସ୍ୱାଗତ ତୋରଣ' ଉଦ୍‌ଘାଟିତ

**ଖିଣ୍ଡା/ସମ୍ବଲପୁର,୨୩।୧(ସଂଚାର ବ୍ୟୁରୋ):** ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପବିତ୍ର ଜନ୍ମମାଟି ଖିଣ୍ଡା କେବଳ ଏକ ଗ୍ରାମ ନୁହେଁ, ବରଂ ଏହା ଦେଶପ୍ରେମର ଏକ ପବିତ୍ର ତୀର୍ଥକ୍ଷେତ୍ର। ଏହାକୁ 'ପ୍ରେରଣାର କ୍ଷେତ୍ର' କରିବା ପାଇଁ ସରକାରଙ୍କ ଉଦ୍ୟମ ଜାରି ରହିଛି। ବିଶେଷ କରି ଏହି ମାଟିର ବୀରତ୍ୱ ଗାଥାକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ପାଇଁ ଜିଲ୍ଲାର ପ୍ରତ୍ୟେକ ସ୍କୁଲ ପିଲାଙ୍କୁ ଖିଣ୍ଡା ପରିଦର୍ଶନ କରାଇ ଏଠାକାର ସଂଘର୍ଷମୟ ଇତିହାସରୁ ପ୍ରେରଣା ନେବା ଏକାନ୍ତ ଆବଶ୍ୟକ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସୁରେନ୍ଦ୍ର ସାଏଙ୍କ ୨୧୮ତମ ଜନ୍ମ ଜୟନ୍ତୀ ଅବସରରେ ଶ୍ରୀ ପ୍ରଧାନ ଆଜି ସମ୍ବଲପୁରର




ଖିଣ୍ଡାସ୍ଥିତ ତାଙ୍କ ଜନ୍ମପୀଠ ଗସ୍ତ କରି ତାଙ୍କର ଏକ ଭବ୍ୟ ପ୍ରତିମୂର୍ତ୍ତି ଲୋକାର୍ପଣ କରିଛନ୍ତି। ଏଥିସହ ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶ୍ରୀ ପ୍ରଧାନ ଖିଣ୍ଡାଠାରେ ଆୟୋଜିତ ଏକ ବିଶାଳ 'ତ୍ରିରଙ୍ଗା ପଦଯାତ୍ରା'ରେ ସାମିଲ ହୋଇଥିଲେ। ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମି ଓ ଶିକ୍ଷାର ବିକାଶ ପାଇଁ ଏକାଧିକ ପ୍ରକଳ୍ପର ଲୋକାର୍ପଣ ମଧ କରିଛନ୍ତି।

ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ଆଜି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ସମଗ୍ର ଦେଶ 'ପରାକ୍ରମ ଦିବସ' ପାଳନ କରୁଛି। ଦେଶକୁ ସ୍ୱାଧୀନତା ଦେବାରେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଅବଦାନ ଅତୁଳନୀୟ। ସୁରେନ୍ଦ୍ର ସାଏଙ୍କ ➪ପୃଷ୍ଠା-୬

## ସାଂସଦ ଓ ବିଧାୟକଙ୍କୁ ଅସମ୍ମାନ କଲେ କାର୍ଯ୍ୟାନୁଷ୍ଠାନ

- ସବୁ ରାଜ୍ୟକୁ ସତର୍କ କଲା କାର୍ମିକ ମନ୍ତ୍ରଣାଳୟ

**ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ):** ନିର୍ବାଚିତ ବିଧାୟକ ଓ ସାଂସଦଙ୍କୁ ଅସମ୍ମାନ କଲେ କିମ୍ବା ସେମାନଙ୍କ ନିର୍ଦ୍ଦେଶକୁ ହେୟଜ୍ଞାନ କଲେ କାର୍ଯ୍ୟାନୁଷ୍ଠା ହେବ। ଅଧିକନ୍ତୁ ଅସମ୍ମାନ ଘଟଣାର ତ୍ୱରିତ ତଦନ୍ତ ସହ ଅଭିଯୋଗ ପ୍ରମାଣିତ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। କେବଳ ଚେତାବନୀ ନୁହେଁ, ପଦୋନ୍ନତି ରୋକିବା, ବାଧତାମୂଳକ ଅବସର କିମ୍ବା ଚାକିରିରୁ ବହିଷ୍କାର ଭଳି କଠୋର ଦଣ୍ଡ ଦିଆଯିବ ବୋଲି ସତର୍କ କରାଇଦେଇଛି କେନ୍ଦ୍ର। ଏନେଇ କେନ୍ଦ୍ର ସରକାର ଗତ ୧୨ ତାରିଖରେ ନିର୍ଦ୍ଦେଶନାମା ଜାରି କରିଛନ୍ତି।

କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ସତର୍କ କରାଇ ଦେଇଛି ଯେ ବିଧାୟକ ଓ ସାଂସଦଙ୍କୁ ସମ୍ମାନ ଦେବା ପାଇଁ ଉଦ୍ଦିଷ୍ଟ ପ୍ରୋଟୋକଲକୁ ନ ମାନିଲେ ଏପରିକି ନିଜର ବଦଳି କିମ୍ବା ପଦୋନ୍ନତି ତଥା ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କୌଣସି ରାଜନୈତିକ ଚାପ ପକାଇଲେ, ସରକାରୀ ନିୟମ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ଅଫିସ ମେମୋରାଣ୍ଡମ୍‌ର ପାରା ୭ ଓ ୮ ଅନୁଯାୟୀ ଯଦି ସାଂସଦ କିମ୍ବା ବିଧାୟକଙ୍କୁ କୌଣସି ସରକାରୀ କର୍ମଚାରୀ ବା ଅଧିକାରୀ ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରନ୍ତି କିମ୍ବା ସେମାନଙ୍କ କାମରେ ଅବହେଳା ପ୍ରଦର୍ଶନ କରନ୍ତି, ତା'ହେଲେ ଏହାକୁ ଗୁରୁତର ସେବା ବିଚ୍ୟୁତି ବୋଲି ବିବେଚନା କରାଯିବ। ଏ କ୍ଷେତ୍ରରେ ସର୍ଭିସ କଣ୍ଡକ୍ଟ ➪ପୃଷ୍ଠା-୬



### କାନ ଡେରିଥା

ଜନ୍ତାଳ ହେଉଛି ଗାଁ ଗହଳିରେ
ଇଏ ଭାଇଚାରା ରାଜ୍ୟ
ଜନ୍ତାଳ ଭିତରେ
ରାଗରୁଷା ଭର୍ତ୍ତି
ଏହା କି ଆମର ଭାଗ୍ୟ
କିଛି ଅଛନ୍ତି ଅଯୋଗ୍ୟ...
ପରମ୍ପରା ଭାଙ୍ଗେ
ଯାହାପାଇଁ ଏଠି
ସିଏ ଗାଁର ଦୁର୍ଭାଗ୍ୟ ।

■ *ଦେବାଶିଷ*

## ନିଜେ ବଞ୍ଚିବାକୁ ନବୀନ ସକ୍ରିୟ

- ଲୁଚିଗଲାଣି ଦାୟିତ୍ୱ ହସ୍ତାନ୍ତର ଚର୍ଚ୍ଚା
- ପରାଜୟ କଥା ବି ଭୁଲିଗଲା ଦଳ

**ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ):** ଆସନ୍ତା ରାଜ୍ୟସଭା ନିର୍ବାଚନ ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ସକ୍ରିୟ ହୋଇଛନ୍ତି। ସାଧାରଣ ନିର୍ବାଚନ ଭଳି ରାଜ୍ୟସଭା ନିର୍ବାଚନ ସରିଲେ ଆଉ ଦେଖାଦର୍ଶନ ମିଳିବ ନାହିଁ ବୋଲି କର୍ମୀମାନେ କହି ବୁଲୁଛନ୍ତି। ରାଜ୍ୟସଭା ନିର୍ବାଚନ ସମୟରେ ଦଳୀୟ ଅସନ୍ତୋଷ ଚାପିବା ସହ କ୍ରସଭୋଟିଂକୁ ରୋକିବା ପାଇଁ କାର୍ଯ୍ୟାନୁଷ୍ଠାନ ଆଢୁଆଳରେ ନବୀନ ସକ୍ରିୟ ହୋଇ ଉଠିଥିବା କୁହାଯାଉଛି।

କର୍ମୀମାନେ କହୁଛନ୍ତି ଯେ ୨୦୨୪ର ସାଧାରଣ ନିର୍ବାଚନରେ ପରାଜୟ ପରେ ନବୀନ ଏକ ପ୍ରକାର ନିଷ୍କ୍ରିୟ ହୋଇ ଯାଇଥିଲେ। ସ୍ୱାସ୍ଥ୍ୟଗତ କାରଣ ପାଇଁ ଡାକ୍ତରଖାନାକୁ ଦଉଡ଼ିବା ସହ ନବୀନ



ନିବାସନରେ ଏକ ପ୍ରକାର ନିର୍ବାସନରେ ଥିଲେ। ନୂଆପଡ଼ା ଆସନ ବଞ୍ଚାଇବା ପାଇଁ ଦୁଇ ଦୁଇ ଥର ନିର୍ବାଚନ ପ୍ରଚାରରେ ଯାଇଥିଲେ ମଧ ଏହା ତାଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ଥିଲା। ତେବେ ଉପନିର୍ବାଚନରେ ପରାଜୟ ପରେ ନବୀନ ପୁଣି ନିରବ ହୋଇଯାଇଥିଲେ। ପରାଜୟର କାରଣ ଖୋଜିବା ପାଇଁ ଦାବି ହୋଇଥିଲେ ମଧ ସାଧାରଣ ନିର୍ବାଚନ ଭଳି ଉପନିର୍ବାଚନରେ ବି ସେଭଳି ଦାବିକୁ ଏଡ଼ାଇ ଯାଇଥିଲେ। ଏଥିଯୋଗୁଁ ବିଜେଡିରେ ଦାୟିତ୍ୱ ହସ୍ତାନ୍ତକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ଏବେ ବି ତାହା ଥମିନାହିଁ।

ନବୀନଙ୍କ ନିଷ୍କ୍ରିୟତା ସମୟରେ ଦଳର ନିଷ୍ପତ୍ତି କେବଳ ଚିଠି ଜରିଆରେ ଗଣମାଧ୍ୟମକୁ ଆସୁଥିଲା। ଏପରିକି ଦଳୀୟ କାର୍ଯ୍ୟାଳୟ ଶଙ୍ଖ ଭବନରେ ପତାକା ଉତ୍ତୋଳନ କାର୍ଯ୍ୟ ମଧ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କୁ କରିବାକୁ ପଡିଥିଲା। ଏହାପରେ କିନ୍ତୁ ହଠାତ୍ ନବୀନ ପଟ୍ଟନାୟକ ସକ୍ରିୟ ହୋଇ ଉଠିଛନ୍ତି। ଦଳର ଦୁଇ ଦୁଇ ଜଣ ବିଧାୟକଙ୍କୁ ନିଲମ୍ବନ କରିବା ସହିତ ସେମାନଙ୍କୁ କାହିଁକି ନିଲମ୍ବନ କଲେ ସେଥିନେଇ ଗଣମାଧମ ସମ୍ମୁଖରେ ସ୍ପଷ୍ଟିକରଣ ରଖିଛନ୍ତି।

ଏହାଛଡ଼ା ନିର୍ବାଚନ ପରାଜୟର ସମୀକ୍ଷା କରିନଥିବା ଶ୍ରୀ ପଟ୍ଟନାୟକ କିଛି ଦିନ ହେଲା ବିଭିନ୍ନ ଜିଲ୍ଲାର ବିଧାୟକ, ସାଂସଦ, ଜିଲ୍ଲା ପରିଷଦ ଅଧକ୍ଷ ଓ ଅନ୍ୟାନ୍ୟ ବରିଷ୍ଠ ନେତାଙ୍କୁ ➪ପୃଷ୍ଠା-୬

## ଦିଲ୍ଲୀ ପରେଡ୍‌ରେ ଚମକିବେ ଓଡ଼ିଶା ଘୋଡ଼ା

### ଜଲୱା ଦେଖାଇବେ ତିତଲି ଓ ଭୋଡ୍‌କା



**ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ):** ଆସନ୍ତା ସାଧାରଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀ ମାର୍ଗରେ ଚମକିବେ ଓଡ଼ିଶାର ଦୁଇ ଘୋଡ଼ା 'ତିତଲି' ଆଉ 'ଭୋଡ୍‌କା'। ଏଥିପାଇଁ ଉଭୟେ ଦିଲ୍ଲୀ ଯାଇଛନ୍ତି। ସେଠାରେ ଏବେ ଅଭ୍ୟାସ ଜାରି ରହିଥିବା ବେଳେ ଆଉ ୩ ଦିନ ପରେ ସାଧାରଣତନ୍ତ୍ର ଦିବସରେ ସେମାନଙ୍କ ଜଲୱା ସାରା ବିଶ୍ୱବାସୀ ଦେଖିବାକୁ ପାଇବେ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟ ପରିସରରେ ଥିବା ୧(ଓ) ଆରଆଣ୍ଡଭି ସ୍କ୍ୱାଡ୍ରନ ଏନସିସି କାର୍ଯ୍ୟାଳୟର ଘୋଡା ହେଉଛନ୍ତି ତିତଲି ଓ ଭୋଡ୍‌କା। ଉଭୟେ ସେନାର ତାଲିମପ୍ରାପ୍ତ ଘୋଡ଼ା ହୋଇଥିବା ବେଳେ ଏବେ ଏନସିସି ଛାତ୍ରଛାତ୍ରୀଙ୍କ ପ୍ରଶିକ୍ଷଣରେ ନିୟୋଜିତ ଅଛନ୍ତି। ଏହି କେନ୍ଦ୍ରରେ ଆଜି ପର୍ଯ୍ୟନ୍ତ ଯେତିକି ଘୋଡା ରହିଆସିଛନ୍ତି, ସେମାନେ ପ୍ରତିବର୍ଷ ଦିଲ୍ଲୀ ଯାଇଥାନ୍ତି। ➪ପୃଷ୍ଠା-୬

# ମାହାଙ୍ଗା ବିଧାୟକଙ୍କ ଦ୍ୱାରା ଦୁଇ ପ୍ରକଳ୍ପର ଶିଳାନ୍ୟାସ



**ନିଶ୍ଚିନ୍ତକୋଇଲି, ୨୩।୧ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତକୁ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଗ୍ରସ୍ତ କରି ଜନସାଧାରଣଙ୍କ ଗମନାଗମନ ସୁବିଧା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅନୁଦାନରେ ନତକାଇ ଠାରୁ ଖଣ୍ଡସାହି ରାସ୍ତାର ମରାମତି କାର୍ଯ୍ୟର ଶୁଭ ଶିଳାନ୍ୟାସ କରିବା ସହିତ ବଲ୍ଲଭୀଦେବୀ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ ନତକାଇର ଛାତ୍ରୀମାନଙ୍କ ଶୈକ୍ଷିକ ବିକାଶ ପାଇଁ ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାର ଭିତ୍ତି ସଂରଚନା ଅନୁଦାନରେ ନିର୍ମାଣ ହେବାକୁ ଯାଉଥିବା ଅତିରିକ୍ତ ଶ୍ରେଣୀ ଗୃହ ଓ ପାଇଖାନା ଗୃହ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ପ୍ରଧାନଙ୍କ ସମେତ ମହାବିଦ୍ୟାଳୟର ଅଧକ୍ଷା ଡ଼ଃ.ପୁଷ୍ପିତା ଜେନା, ବ୍ଲକ ଉପାଧକ୍ଷ ନୃସିଂହଚରଣ ମିଶ୍ର, ପୂର୍ବତନ ବ୍ଲକ ଉପାଧକ୍ଷ ଅଶୋକ କୁମାର ଓଝା, ସମିତିସଭ୍ୟା ସରସ୍ୱତୀ ରାଉତ, ସମାଜସେବୀ ରମେଶଚନ୍ଦ୍ର ସ୍ୱାଇଁ, ସଞ୍ଜୟ କୁମାର ବେହେରା, ସନ୍ତୋଷ କୁମାର ରାଉତ, ରବିଚନ୍ଦ୍ର ବେହେରାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ଏବଂ ବିଧାୟକଙ୍କ ବହୁ ସମର୍ଥକମାନେ ଉପସ୍ଥିତ ଥିଲେ।

# ସୌଭାଗ୍ୟଙ୍କୁ ବିରୋଧ ନେଇ ଚାରିଆଡ଼େ ଅସନ୍ତୋଷ

## ସାମାଜିକ କାର୍ଯ୍ୟକ୍ରମରେ ଥିଲେ ମୁଖ୍ୟ ଅତିଥି

**ମହାକାଳପଡ଼ା, ୨୩।୧ (ସଂଚାର ବ୍ୟୁରୋ):** ଜଣେ ବିଜେପି ସଙ୍ଗଠକ ଏକ ସାମାଜିକ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେବାକୁ ଯାଉଥିବା ସମୟରେ କିଛି ଦଳୀୟ କର୍ମୀ ତାଙ୍କୁ ବିରୋଧ କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଘଟଣାକୁ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବତୀଘର ପଞ୍ଚାୟତର କୋଟିଲା




ବେଲାରୀ ଠାରେ ନେତାଜୀ ଯୁବକ ସଙ୍ଘ ପକ୍ଷରୁ ୧୨୯ତମ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ ବିଜେପି ନେତା ତଥା ଶିକ୍ଷାବିତ୍ ଡଃ ସୌଭାଗ୍ୟ ପରିଡାଙ୍କୁ ଯୁବକ ସଙ୍ଘ ତରଫରୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା।

ଶ୍ରୀଯୁକ୍ତ ପରିଡ଼ା ତାଙ୍କ ଶୁଭେଚ୍ଛୁ ମାନଙ୍କ ସହିତ ବତୀଘର ଠାରେ ପହଞ୍ଚିବା କ୍ଷଣି ଶାସକ ଦଳର କିଛି କର୍ମୀ ତାଙ୍କୁ ଗୋ ବ୍ୟାକ୍ ର ନାରା ଦେଇ ବିରୋଧ କରିଥିଲେ। କିଛି ସମୟ ପରେ ଶ୍ରୀଯୁକ୍ତ ପରିଡାଙ୍କୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ ଶୁଭେଚ୍ଛୁ ଓ ସମର୍ଥକ। ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଉପସ୍ଥିତ ଜନସାଧାରଣଙ୍କୁ ସୌଭାଗ୍ୟ ସମ୍ବୋଧିତ କରିବା ସହିତ ବତୀଘର ପଞ୍ଚାୟତର ସମସ୍ୟା ଯଥା- ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନର ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସୌଭାଗ୍ୟ କୌଣସି ଦାୟିତ୍ୱରେ ନଥାଇ ମଧ କାହିଁକି ତାଙ୍କୁ ଏକ ଗୋଷ୍ଠୀ ବିରୋଧାଚରଣ କଲେ ତାହାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି।

# ସୁକାନ୍ତ ପାତ୍ର ପଟ୍ଟାମୁଣ୍ଡାଇ ଏସଡିପିଓ



**ପଟ୍ଟାମୁଣ୍ଡାଇ, ୨୩।୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୋଲିସ ସବଡିଭିଜନ ର ନୂତନ ଏସ ଡି ପି ଓ ଭାବେ ବରିଷ୍ଠ ପୋଲିସ ଅଧିକାରୀ ସୁକାନ୍ତ ପାତ୍ର କାର୍ଯ୍ୟରେ ଯୋଗ ଦେଇଛନ୍ତି । ସେ ବିଦାୟୀ ଏସ ଡି ପି ଓ କ୍ଷମା ସାଗର ପଣ୍ଡାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଥି ପୂର୍ବରୁ ଶ୍ରୀପାତ୍ର ନୟାଗଡ ଜିଲ୍ଲା ଡି ଏସ ପି ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର, ଟମକା, କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର, ମାର୍ଶାଘାଇ ଓ ମହାକାଳପଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ଭାବେ ଦକ୍ଷତା ର କାର୍ଯ୍ୟ କରିବା ସହିତ ବହୁ ଗୁରୁତ୍ୱ ପୂର୍ଣ୍ଣ ମାମଲା ସମାଧାନ ଓ ଜିଲ୍ଲାର ଅପରାଧ ହ୍ରାସ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରି ପ୍ରଶଂସିତ ହୋଇଛନ୍ତି । ନୂତନ ଏସ ଡି ପି ଓଙ୍କୁ ବିଭିନ୍ନ ଥାନା ଅଧିକାରୀମାନେ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ପଟ୍ଟାମୁଣ୍ଡାଇ ପୋଲିସ ସବଡିଭିନର ନୂତନ ଏସ ଡି ପି ଓ ଭାବେ ଶ୍ରୀପାତ୍ରଙ୍କ ଯୋଗଦାନକୁ ପଟ୍ଟାମୁଣ୍ଡାଇର ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

**ବଜ୍ରକାପ୍ତା ଚୋରା ବେପାରୀଙ୍କ ସମ୍ମୁଖରେ ଏସିଏଫ୍‌ଙ୍କ ଉପରେ ଆଇଆଇସି ବର୍ଷିବା ଘଟଣା**

# କାର୍ଯ୍ୟାନୁଷ୍ଠାନ ଦାବିରେ ଅଟଳ ଫରେଷ୍ଟ ସର୍ଭିସ ଆସୋସିଏସନ

**ରାଜନଗର, ୨୩।୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଥିବା ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚି ଦବଙ୍ଗଗିରି ଦେଖାଇବା ଘଟଣାରେ ପଟାମୁଣ୍ଡାଇ ଆଇଆଇସିଙ୍କ ଅଡୁଆ ବଢିବାରେ ଲାଗିଛି। ଏହି ଘଟଣାରେ ଡବଙ୍ଗଗିରି ଦେଖାଇଥିବା ଆଇଆଇସିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟନୁଷ୍ଠାନ ପାଇଁ ନନ ଗେଜେଟେଡ ଫରେଷ୍ଟ ସର୍ଭିସ ଆସୋସିଏସନ ଆଜି ଡିଏଫଓଙ୍କୁ ଦାବିପତ୍ର ଦେଇଛନ୍ତି। ଦୁର୍ବ୍ୟବହାରର ଶିକାର ହୋଇଥିବା ଏସିଏଫ ଓ ବଜ୍ରକାପ୍ତା କାଟି ଜବତ କରିଥିବା ଟିମ ମଧ ପୃଥକ ଭାବେ ଡିଏଫଓଙ୍କୁ ଲିଖିତ ଭାବେ ଜଣାଇବା ସହ କାର୍ଯ୍ୟନୁଷ୍ଠାନ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ଡିଏଫଓ ସମସ୍ତ ଅଭିଯୋଗ କପି ସହିତ ଏକ ରିପୋର୍ଟ ପିସିସିଏଫ ସାଧାରଣ, ପିସିସିଏଫ ବନ୍ୟପ୍ରାଣୀ , ପୋଲିସ ଡିଜି, ଏସପି କେନ୍ଦ୍ରପଡାଙ୍କୁ ଜଣାଇବା ସହ ବିଶୃଙ୍ଖଳିତ

> **ପିସିସିଏଫ ସାଧାରଣ , ପିସିସିଏଫ ବନ୍ୟପ୍ରାଣୀ, ପୁଲିସ ଡିଜି, ଏସପିଙ୍କୁ ଜଣାଇଲେ ଡିଏଫଓ**

ଆଚରଣ କରିଥିବା ପଟ୍ଟାମୁଣ୍ଡାଇ ଆଇଆଇସିଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ପାଇଁ ଜଣାଇଛନ୍ତି ।

ଚଳିତ ପଟ୍ଟାଟାମୁଣ୍ଡାଇ ଥାନା ଆଇଆଇସି ବନ୍ଦନା ପତ୍ର ରାଜନଗର ରେଞ୍ଜ କାର୍ଯ୍ୟାଳୟ ଭିତରେ ପଶି ଏସିଏଫ ଗଗନ ବିହାରୀ ମଲ୍ଲିକଙ୍କୁ ହାତ ହଲାଇ ତମ ନାମରେ କେସ କରିବାର ଧମକ ଦେବା ଓ କାହିଁକି ମୋତେ ନଜଣାଇ ମୋ ଥାନା ଅଞ୍ଚଳରୁ ଲୋକଙ୍କୁ ଉଠାଇଲ ବୋଲି ବର୍ଷିଥିଲେ। ବଜ୍ରକାପ୍ତା ଚୋରା ବେପାରୀଙ୍କ ସମ୍ମୁଖରେ ଏସିଏଫ ଓ ବନକର୍ମଚାରୀଙ୍କ ଉପରେ ବର୍ଷିଥିଲେ। ଏହାକୁ ନେଇ ଆଜି ଏସିଏଫ ଶ୍ରୀମଲ୍ଲିକ ଲିଖିତ ଭାବେ ଡିଏଫଓଙ୍କୁ ଜଣାଇଛନ୍ତି।

ଉକ୍ତ ଘଟଣାରେ ପଟ୍ଟାମୁଣ୍ଡାଇ ଆଇଆଇସିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାନଗଲେ ସଂଘ ଶାନ୍ତିପୂର୍ଣ ଭାବେ ପ୍ରତିବାଦ ପଦର୍ଶନ କରିବ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ଏସିଏଫ ଶ୍ରୀମଲ୍ଲିକ ସୂଚନା ଦେଇ କହିଛନ୍ତି ଯେ ସେ ଏନେଇ ଲିଖିତ ଭାବେ ଡିଏଫଓଙ୍କୁ ଜଣାଇଛନ୍ତି।

# କାଞ୍ଚି କାବେରୀ ବେଶରେ ପ୍ରଭୁ ବଳଦେବଜୀଉ



**କେନ୍ଦ୍ରାପଡା, ୨୩।୧ (ସଂଚାର ବ୍ୟୁରୋ):** ତୁଳସୀ କ୍ଷେତ୍ରରେ ପବିତ୍ର ବସନ୍ତ ପଞ୍ଚମୀ ନୀତି ପାଳନ ହୋଇ ଯାଇଛି । ଆଜି ପବିତ୍ର ଶ୍ରୀ ପଞ୍ଚମୀ ରେ ତୁଳସୀ କ୍ଷେତ୍ରର ଆରାଧ ଦେବତା ପ୍ରଭୁ ବଳଦେବଜୀଉଙ୍କ ର କାଞ୍ଚି କାବେରୀ ବେଶ ଅନୁଷ୍ଠିତ ହୋଇଛି । ପ୍ରତୁଷରୁ ଦ୍ୱାର ଉନ୍ମୁକ୍ତ କରାଯାଇ ଜୟ ମଙ୍ଗଳା ଆଳତି, ନୀତି ବଲ୍ଲଭ, ସକାଳ ଧୂପ ସମ୍ପନ୍ନ ପରେ ଶ୍ରୀ ଜୀଉଙ୍କ ବସନ୍ତ ନୀତି ହୋଇଥିଲା । ରତ୍ନ ସିଂହାସନ ରେ ପୂଜାପଣ୍ଡା ଙ୍କ ଦ୍ୱାରା ଶ୍ରୀ ଜୀଉ ଙ୍କୁ ଶୁକ୍ଳ ଧୋତି ମଉଳି ପିନ୍ଧାଯାଇ ଅଭିର ଲାଗି, ଘଟ ସ୍ଥାପନ ,କଳସ ପୂଜା, ମଙ୍ଗଳା ଅର୍ପଣ, ଚଣା ଖଜା ଭୋଗ ଲାଗି କରାଯାଇ ବସନ୍ତ ନୀତି ସମ୍ପନ୍ନ ହୋଇଥିଲା । ଆଜି ଠାରୁ ମହାପ୍ରଭୁ ଶୀତ ବସ୍ତ୍ର ପରିତ୍ୟାଗ କରି ଝିନ ବସ୍ତ୍ର ଲାଗି କର ଯାଇଥିଲା । ସନ୍ଧ୍ୟା ନୀତି ସମ୍ପନ୍ନ ପରେ ଏହି ବେଶ ଅନୁଷ୍ଠିତ ହୋଇଥିଲା । ମହାପ୍ରଭୁ ଙ୍କ ପାଖି ରେ ମଉଳି ମଣ୍ଡଳ,ବାହୁ ଚରଣ, ଘୋଡ଼ା ଲାଗି କରାଯାଇଥିଲା ବେଳେ ଜଗନ୍ନାଥ ଙ୍କ ପାଖି ରେ ମଉଳି ମଣ୍ଡଳ , ପାଟ ଲୁଗା, ବାହୁ ଚରଣ , ଘୋଡ଼ା ଏବଂ ପ୍ରତୀକାତ୍ମକ ଭାବେ ମାଣିକ ମସ୍ତକ ରେ ଦହି ହାଣ୍ଡି ଅପୂର୍ବ ଶୋଭା ଦିଶୁଥିଲା। ଏହି ବେଶ ଦେଖିବା ଲାଗି ବହୁ ଭକ୍ତ ଙ୍କ ଭିଡ଼ ହୋଇଥିଲା । ଚଳନ୍ତି ପ୍ରତିମାଙ୍କୁ ବିମାନରେ ବିଜେ କରାଇ ବସନ୍ତ ବଗିଚା ନିଆଯାଇଥିଲା । ଆଧାତ୍ମିକ ଅନୁଯାୟୀ ଆଜି ଠାରୁ ଶୀତ ପ୍ରକୋପ ହ୍ରାସ ପାଇବା ସଙ୍ଗେ ବସନ୍ତ ପବନ ବହି ଥାଏ । ଏହି ନୀତି ବସନ୍ତ ବଗିଚା ରେ ସମ୍ପନ୍ନ ହୋଇ ଚଳନ୍ତି ପ୍ରତିମା ଶ୍ରୀ ମନ୍ଦିର କୁ ବିଜେ କରିଥିଲେ । ଅନ୍ୟନୀତି କାନ୍ତି ସମ୍ପନ୍ନ ହୋଇ ରାତ୍ର ଏଗାର ଟା ବେଳକୁ ପହୁଡ଼ ହୋଇଥିବା ସେବକ ତ୍ରୁଷ୍ଟି ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତି ।

# ମହେଶ୍ୱର ବେହେରା ସାଲେପୁର ଆଦର୍ଶ ଥାନାର ନୂତନ ଆଇଆଇସି



**ସାଲେପୁର, ୨୩।୧ (ସଂଚାର ବ୍ୟୁରୋ):** ଆଜି ସାଲେପୁର ଆଦର୍ଶ ଥାନାର ଆଇ.ଆଇ.ସି. ଭାବେ ମହେଶ୍ୱର ବେହେରା କାର୍ଯ୍ୟରେ ଯୋଗଦେଇଥିବା ଜଣାଯାଇଛି। ପୂର୍ବରୁ ଥିବା ଆଇ.ଆଇ.ସି. ଅନିତା ସାହୁଙ୍କର ନିଶ୍ଚିନ୍ତକୋଇଲି ଅଞ୍ଚଳକୁ ବଦଳି ହେଲାପରେ ତାଙ୍କ ସ୍ଥାନରେ ନୂତନ ଆଇ.ଆଇ.ସି. ଭାବେ ଶ୍ରୀ ବେହେରା ଆଜି କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ଏହା ପୂର୍ବରୁ କମିଶନରେଟ୍ ପୁଲିସରେ ୭ବର୍ଷ ଧରି କାର୍ଯ୍ୟ କରି ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ସେ ଆଜି କାର୍ଯ୍ୟରେ ଯୋଗଦେବାପରେ ସାଲେପୁରରେ ଆଇନ୍ ଶୃଙ୍ଖଳା ରକ୍ଷା ଦିଗରେ ଗୁରୁତ୍ୱ ଦେବା ସହ ଯେପରି ଲୋକ ପୁଲିସ ଠାରୁ ନ୍ୟାୟ ପାଇବେ ସେ ଦିଗରେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି। ସେହିପରି ସାଲେପୁର ସହରରେ ଥିବା ଦୀର୍ଘ ଦିନର ଟ୍ରାଫିକ୍ ସମସ୍ୟା ଉପରେ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ପ୍ରକାଶ କରିଛନ୍ତି। ଆଜି ସାଲେପୁର ଥାନାରେ ଶ୍ରୀ ବେହେରା ଯୋଗଦେବାପରେ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

# 'ସ୍ୱରତୀର୍ଥ'ର ବାର୍ଷିକୋତ୍ସବ ଓ ଓଡ଼ିଶୀ ସଙ୍ଗୀତ ସମାରୋହ

**ପଟ୍ଟାମୁଣ୍ଡାଇ, ୨୩।୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଂଚଳର ସଙ୍ଗୀତାନୁଷ୍ଠାନ ସ୍ୱରତୀର୍ଥର ୧୧ତମ ବାର୍ଷିକୋତ୍ସବ ଓ ଭକ୍ତକବି ବନମାଳୀ ଦାସଙ୍କ ରଚିତ ଓଡ଼ିଶୀ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ୱରତୀର୍ଥ ସଭାପତି ଡାଃ ମନୋରଞ୍ଜନ ଦାଶଙ୍କ ପୌର ହିତ୍ୟରେ ଆୟୋଜିତ ଉତ୍ସବରେ ଅଧାପକ ମୋହନ ଚରଣ ଜେନା ମୁଖ୍ୟଅତିଥି,ପ୍ରାବନ୍ଧିକ ଡ଼ଃ ନୀଳମଣି ଲେଙ୍କା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରାଚୀନ କାଳଜୟୀ ସାହିତ୍ୟ ହିଁ ଓଡ଼ିଶୀ ସଙ୍ଗୀତକୁ ଋଦ୍ଧିମନ୍ତ କରିଛି। ଶିକ୍ଷାବିତ ନାରାୟଣ ଚନ୍ଦ୍ର ସାହୁ, ପତ୍ରକାର ଅନୀଲ୍ ଚୌଧୁରୀ ସଂଗୀତଗୁରୁ ବଟକୃଷ୍ଣ ଦାସ ସଂଗୀତଜ୍ଞ ବିମଳ ପ୍ରସାଦ ପରିଡା ଓ ଶିକ୍ଷାବିତ ବିଜୟ କୁମାର ସାହୁ ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ ।

ସ୍ୱରତୀର୍ଥ ଅଧକ୍ଷ ସଂଗୀତ ଗୁରୁ ରବୀନ୍ଦ୍ର ନାଥ ମିଶ୍ର ଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀ ସୁଶ୍ରୀ ସାଗରିକା ପଣ୍ଡା,ପ୍ରୀତିନନ୍ଦା ପରିଡା ଲୋପିତା ସାହୁ,ମୈଥିଲେଶ ସ୍ୱାଇଁ ମାନସ ମହାରଣା, ରେଶମା ସ୍ୱାଇଁ, ମନସ୍ୱିନୀ ତରାଇ, ଆୟୁଶ୍ରୀ ଦାସ କବିରାଣୀ ଦାସ, ଅନ୍ତର୍ଯ୍ୟାମୀ ସାହୁ ଆଦ୍ୟାଶା ମାନ୍ଧାତା,ଅର୍ପିତା କର,ଭୂମିକା ଦାସ ସାଇସୃଷ୍ଟି ଖଣ୍ଡାୟୀ, ମୃଣାଳିନୀ ନାୟକ, ଅରବିନ୍ଦ ବେହେରା,ହିମାଂଶୁ ମିଶ୍ର ଅଭୟ ପ୍ରସାଦ ଦାଶ,ପ୍ରଦୀପ୍ତ ସାହୁ ଓ ଜ୍ୟୋତିର୍ମୟୀ ରାଉଳ ପ୍ରମୁଖ ୩୫ ଜଣ କଣ୍ଠଶିଳ୍ପୀ ଭକ୍ତ କବି ବନମାଳୀ ଦାସଙ୍କ ରଚିତ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ । ଏଥିରେ ବାଦ୍ୟଶିଳ୍ପୀ ରଶ୍ମିରଞ୍ଜନ ମିଶ୍ର ସହଯୋଗ କରିଥିଲେ ।

ବାଦ୍ୟଗୁରୁ ଅମୃତ ରଞ୍ଜନ ଦାସଙ୍କ ନେତୃତ୍ୱରେ ବୃନ୍ଦ ତବଲାବାଦନ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଏଥିରେ ନିଗମ ରଞ୍ଜନ ସାହୁ,ରାମକୃଷ୍ଣ ଦାଶ ଆରାଧନା ଦାଶ,ଅଲେଖ ଚନ୍ଦ୍ର ମହାଭୋଇ, ମହେନ୍ଦ୍ର ପଟନାୟକ ସୁବ୍ରତ ମଥାନ,ବ୍ରଜବନ୍ଧୁ ଦାଶ ରମେଶ ଦେ, ସଲୀଳ ପ୍ରଧାନ ପ୍ରମୋଦ ଦାସ, ବିଭୂତିଭୂଷଣ ବେହେରା, ଯଯାତି ସୂତାର, ପ୍ରଫୁଲ୍ଲ ନାୟକ ଓ ଜ୍ଞାନ ରଞ୍ଜନ ପରିଡା ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସଂଗୀତ ଗୁରୁ ରବୀନ୍ଦ୍ରନାଥ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଯୁବ ସମାଜସେବୀଙ୍କ ଅକାଳ ବିୟୋଗ



**କେନ୍ଦ୍ରାପଡ଼ା, ୨୩।୧ (ସଂଚାର ବ୍ୟୁରୋ):** ବିଶିଷ୍ଟ ଯୁବ ସମାଜସେବୀ ଆଇନଜୀବୀ ଅନିଲ କୁମାର ଧଳଙ୍କର ୩୨ବର୍ଷ ବୟସରେ ହୃଦ୍‌ଘାତରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେ ଅକାଳ ବିୟୋଗ ହୋଇଯାଇଛି । ସେ ସୁପ୍ରିମ କୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟରତ ଥିଲେ । ସେ ଜଣେ ସମାଜସେବୀ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଭାବେ ସାଧାରଣରେ ପରିଚିତ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ତରଡିପାଳ ଗ୍ରାମର ସ୍ୱର୍ଗତ ଡମ୍ବରୁଧର ଧଳ ଓ କନକଲତା ଧଳଙ୍କର ଜ୍ୟେଷ୍ଠପୁତ୍ର ଥିଲେ । ତାଙ୍କ ଶେଷକୃତ୍ୟ ଗ୍ରାମ୍ୟ ଶ୍ମଶାନରେ ସମ୍ପନ୍ନ ହୋଇଛି ।

# ଆଜାଦ ହିନ୍ଦ ଟ୍ରଷ୍ଟ ପକ୍ଷରୁ ନେତାଜୀ ଜୟନ୍ତୀ



**କେନ୍ଦ୍ରାପଡ଼ା, ୨୩।୧ (ସଂଚାର ବ୍ୟୁରୋ):** ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନକୁଳ ଚରଣ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ସୁଜାନଗରସ୍ଥିତ ନେତାଜୀ ମଡେଲ ଏମ.ଇ.ସ୍କୁଲରେ ଆଜାଦହିନ୍ଦ ଟ୍ରଷ୍ଟ ପକ୍ଷରୁ ୧୨୯ତମ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ପରିସରରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ସ୍ୱାଧୀନତା ସଂଗ୍ରାମୀ ଦାସଙ୍କ ପ୍ରତିର୍ମୂରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଟ୍ରଷ୍ଟର ମୁଖ୍ୟ ତଥା କଳ୍ପନା କ୍ରିଏଟିଭ କମ୍ୟୁନିକେସନର ଅଧକ୍ଷ ଅବନୀ କୁମାର ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମବାୟବୀତ ଅବନ୍ତୀ ବେହେରା ଅତିଥି ଭାବେ ଯୋଗଦେଇ ପତାକା ଉତୋଳନ କରିଥିଲେ । ଅନ୍ୟମାନଙ୍କ ମଧରେ ସମାଜସେବୀ ରଣଧୀର ଜେନା, ଗଣେଶ ଚନ୍ଦ୍ର ସାହୁ, ଅଜୟ ମାହାଳିକ, ଶଶ୍ମିତା ଜେନା, ବାପି ସାହୁ, ହେମନ୍ତ ନାୟକ, ର୍କାକ ଚନ୍ଦ୍ର ସାହୁ, ମହେନ୍ଦ୍ର ସୁତାର, ବିଦ୍ୟାଳୟର ଶିକ୍ଷକ ମନ୍ଦର ରଥ, ପ୍ରାକ୍ତନ ଶିକ୍ଷକ ରବିନ୍ଦ୍ର ଦାସ, ରଜନୀକାନ୍ତ ଦାସଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲ।

# ଶ୍ରୀରାମ ସେନାର ୩ୟ ବାର୍ଷିକ ଉତ୍ସବ

**ରାଜନଗର, ୨୩।୧ (ସଂଚାର ବ୍ୟୁରୋ):** ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଘତଇଳା ସ୍ଥିତ ହନୁମାନ ମନ୍ଦିର ପରିସରରେ ଶ୍ରୀରାମ ସେନା କେନ୍ଦ୍ରାପଡ଼ା ଜିଲ୍ଲାର ଆଜି ୩ୟ ବାର୍ଷିକ ଉତ୍ସବ ଆୟୋଜିତ ହୋଇଛି । ଶ୍ରୀରାମ ସେନା ପକ୍ଷରୁ ମନ୍ଦିର ରେ ପ୍ରଥମେ ସୂର୍ଯ୍ୟପୂଜା ସହିତ ହୋମ ଯଜ୍ଞ କାର୍ଯ୍ୟକ୍ରମ କରାଯିବା ସହିତ ପ୍ରସାଦ ସେବନ କାର୍ଯ୍ୟକ୍ରମ କରାଯାଇଥିଲା। ଶ୍ରୀରାମ ସେନା ଜିଲ୍ଲା ସଭାପତି ଶାରଦା ପ୍ରସାଦ ରାଉତଙ୍କ ନେତୃତ୍ୱରେ ଉପସ୍ଥିତ କାର୍ଯ୍ୟକର୍ତା କେମିତି ଆଗାମୀ ଦିନରେ ଶ୍ରୀରାମ ସେନାର ସଂଗଠନ ଓ ସେବା ଲୋକଙ୍କ ପାଖରେ ପହଞ୍ଚି ଲୋକଙ୍କ ସମସ୍ୟା କୁ ଦୂର କରିବ ସେ ନେଇ ଆଲୋଚନା କରିଥିଲେ । ଏହି ଉତ୍ସବରେ ବିଜେପି ନଗର ସଭାପତି ପଦ୍ମନାଭ ପଣ୍ଡା, ସୁଧାଂଶୁ ଶେଖର ଜେନା, ବିଦ୍ୟାଧର ମଲ୍ଲିକପ୍ରମୁଖଙ୍କ ସହିତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ କାର୍ଯ୍ୟକ୍ରମକୁ ସହଯୋଗ କରିବା ସହିତ ସଫଳ କରିଥିଲେ।

# ମାଧ୍ୟମିକ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପକ୍ଷରୁ ନେତାଜୀ ଜୟନ୍ତୀ



**କେନ୍ଦ୍ରାପଡ଼ା, ୨୩।୧ (ସଂଚାର ବ୍ୟୁରୋ):** ବାଲିଆସ୍ଥିତ ମାଧ୍ୟମିକ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କେନ୍ଦ୍ରାପଡା ସହର ଉପକଣ୍ଠ ସୁଜାନଗରସ୍ଥିତ ପ୍ରସନ୍ନ କୁମାର ବେହେରାଙ୍କ ବାସଭବନରେ ଅନୁଷ୍ଠିତ ଉତ୍ସବରେ ପ୍ରାକ୍ତନ ଗୁରୁଜୀ ନିଳମଣି ସ୍ୱାଇଁ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦଘାଟନ କରିଥିଲେ । ଏଥିରେ ଅଭିମନ୍ୟୁ କର ପୌରହିତ୍ୟ କରିଥିଲେ । ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଫଟୋଚିତ୍ରରେ ସାମୁହିକ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ନେତାଜୀଙ୍କ ଦେଶପ୍ରେମ ଓ ଜୀବନାଦର୍ଶ ଉପରେ ଆଲୋକପାତ କରାଯାଇଥିଲା ।ଏହି ଅବସରରେ ଗୁରୁଜୀ ଶ୍ରୀ ସ୍ୱାଇଁଙ୍କୁ ପୁଷ୍ପଗୁଛ, ଉରୀୟ ଓ ଶାଲ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଦାନନ୍ଦ ସାହୁ, ପ୍ରଶନ୍ନ କୁମାର ବେହେରା, ଅଶୋକ କୁମାର ମହାପାତ୍ର, ସନାତନ ସାମଲ, ଜନାର୍ଦ୍ଦନ ଦାଶ, ପ୍ରଭାତୀ ପରିଡ଼ା, ଗୌରାଙ୍ଗ ସାମଲ, ରବିନ୍ଦ୍ର ମଲିକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସୂର୍ଯ୍ୟମଣି ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏବିଭିପି ପକ୍ଷରୁ ନେତାଜୀ ଓ ବୀର ସୁରନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ




**ରାଜନଗର, ୨୩।୧ (ସଂଚାର ବ୍ୟୁରୋ):** ରାଜନଗର ସ୍ଥିତ ଭାରତମାତା କୋଚିଂ ସେଣ୍ଟରରେ ଦେଶର ଦୁଇ ମହାନ୍ ବରପୁତ୍ର ତଥା ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଦ୍ୟାର୍ଥୀ ପରିଷଦର ରାଜନଗର ନଗର ସଂପାଦକ ଶ୍ରୀମାନ୍ ସୁକୁମାର ମାନ୍ନାଙ୍କ ସଂଯୋଜନାରେ ଅନୁଷ୍ଟିତ ହୋଇଥିଲା। ମୁଖ୍ୟ ଅତିଥିରୂପେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱଦେଶୀ ଜାଗରଣ ମଞ୍ଚର ପୂର୍ଣ୍ଣ କାଳୀନ ରଶ୍ମି ରଂଜନ ସେଠୀ, ମୁଖ୍ୟ ବକ୍ତା ରୂପେ ଅଧାପକ ସଂଜୟ କୁମାର ବାଗ୍ ଯୋଗ ଦେଇଥିଲେ। ଦେଶର ସ୍ୱାଧୀନତା ଆନ୍ଦୋଳନରେ ନେତାଜୀଙ୍କ ଦୃଢ ନେତୃତ୍ୱ ଏବଂ ସୁରେନ୍ଦ୍ର ସାଏଙ୍କ ଆନ୍ଦୋଳନ ଦେଶବାସୀ ସବୁବେଳେ ମନେରଖିବେ ଏବଂ ଦେଶକୁ ବିଶ୍ୱ ପଟଳରେ ଶୀର୍ଷ ଆସନରେ ବସାଇବାକୁ ହେଲେ, ଛାତ୍ରଯୁବ ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ପଡିବ । ସେଥିପାଇଁ ନେତାଜୀଙ୍କ ଆଦର୍ଶ, ବିଚାର ଓ ନେତୃତ୍ୱ ବର୍ତ୍ତମାନ ପ୍ରାସଙ୍ଗିକ ହୋଇଛି ବୋଲି ବକ୍ତାମାନେ ମତପୋଷଣ ସହିତ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମାର୍ଗ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।

# ସମୀର ଟିଭିଏସ ପକ୍ଷରୁ ନେତାଜୀ ଜୟନ୍ତୀ



**କେନ୍ଦ୍ରାପଡ଼ା, ୨୩।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହରର କେଶପୁର ବଜାରସ୍ଥିତ ସମୀର ଟିଭିଏସ ରେ ନେତାଜୀ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ନେତାଜୀଙ୍କ ଆଦର୍ଶ ଓ ତାଙ୍କର ବଳିଦାନ ଉପରେ ସମୀର ଟିଭିଏସର ନିର୍ଦ୍ଦେଶକ ସମୀର କୁମାର ଚାନ୍ଦ ସାରଗର୍ଭକ ଅଭିଭାଷଣ ପ୍ରଦାନ କରି ଉପସ୍ଥିତ ପିଲାମାନଙ୍କୁ ବୁଝାଇଥିଲେ। ଏଥିସହିତ ଗାଡି ଚଳାଇବା ବେଳେ ହେଲମେଟ ପିନ୍ଧିବାକୁ ପରାମର୍ଶ ଦେଇଥିଲେ । ସମସ୍ତ ପିଲାମାନଙ୍କୁ ନିଶା ଦ୍ରବ୍ୟ ପରିତ୍ୟାଗ କରିବାକୁ ଶପଥପାଠ କରାଇଥିଲେ। ଅନୁଷ୍ଠାନ ପକ୍ଷରୁ ହୋଇଥିବା ରକ୍ତଦାନ ଶିବିରରେ ଶ୍ରୀ ଚାନ୍ଦ ସ୍ୱେଚ୍ଛାକୃତ ରକ୍ତଦାନ କରିବା ସହିତ ରକ୍ତଦାନ କରିଥିବା ଅନ୍ୟ ପିଲାମାନଙ୍କୁ କୃତଜ୍ଞତା ଜଣାଇଥିଲେ।

# ଆପେକ୍ସ ସ୍କୁଲର ବାର୍ଷିକ ଉତ୍ସବ



**କେନ୍ଦ୍ରାପଡା, ୨୩।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ହାଇସ୍କୁଲ ଛକରେ ଥିବା ଆପେକ୍ସ ଆଙ୍ଗଲୋ ଆରବିକ ସ୍କୁଲର ୧୫ତମ ବାର୍ଷିକ ଉତ୍ସବ ସ୍କୁଲର ଅଧକ୍ଷ ସାଇରା ପରୱିନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କେନ୍ଦ୍ରାପଡା ତହସିଲଦାର କୁଇନ ଜେନା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଏପିଡି (ପ୍ରକଳ୍ପ ସଂଯୋଜକ) ଅବଦୁଲ ରହେମାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍କୁଲରେ ଅଧୟନ କରୁଥିବା ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ କରିଥିଲେ ସଭା ଶେଷରେ ସଂପାଦକ ଅବଦୁଲ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବଦୁଲ କରିମଖାନ ମେମୋରିଆଲ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**କେନ୍ଦ୍ରାପଡା, ୨୩।୧ (ସଂଚାର ବ୍ୟୁରୋ):** ଜାତୀୟ ସ୍ତରୀୟ ଷଷ୍ଠ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ଣ୍ଣାମେ ଶୁକ୍ରବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି । ଫକିରାବାଦ ଲକି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡିଆରେ କ୍ଲବର ସଭାପତି ମହମ୍ମଦ ସଲିମ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର. ଆୟାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ସରିତା ସାହୁ ଓ ବିଜେପି ନେତ୍ରୀ ଗିତାଞ୍ଜଳି ସେଠୀ ପ୍ରମୁଖ ଯୋଗଦେଇଥିଲେ ।

ଆଜି ଅନୁଷ୍ଠିତ ପ୍ରଥମ ଲିଗ୍‌ମ୍ୟାଚରେ କେନ୍ଦ୍ରାପଡାର ଚାନ୍ଦ କ୍ଲବ ସମ୍ବଲପୁର-୧୧କୁ ୨-୦ ଗୋଲରେ ହରାଇ ଏ-ଗ୍ରୁପ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି । ପ୍ରଥମାର୍ଦ୍ଧରେ ଗୋଟିଏ ଗୋଲଦେଇ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିବା ଚାନ୍ଦ କ୍ଲବର ଖେଳାଳୀ ଅମନ୍‌କୁ ଅତିଥିମାନେ କପ ପ୍ରଦାନ କରିଥିଲେ । ଆଜିର ମ୍ୟାଚ୍‌କୁ ରେଫରୀ ଭାବେ ସୁକାନ୍ତ ସିଂ, ମହମ୍ମଦ ସାକଲିନ, ମହମ୍ମଦ ମୋକିମ ଓ ଯୁଧିଷ୍ଠିର ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ । ଶନିବାର ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ଲିଗ୍ ମ୍ୟାଚରେ ରାଉରକେଲା ରେଡ ୟୁନିଟ ଦଳ ଡିଏମଏସଏଫ ଝାଡଖଣ୍ଡକୁ ଭେଟିବ ।

# ଆଜିଠାରୁ ପାରାଦୀପ ଚାମ୍ପିଅନ ଟ୍ରଫି



**ପାରାଦ୍ୱୀପ, ୨୩।୧ (ସଂଚାର ବ୍ୟୁରୋ):** ପାରାଦୀପ ନିର୍ବାଚନ ମଣ୍ଡଳୀର ଗ୍ରାମାଂଚଳର ଖେଳାଳି ଓ କ୍ରୀଡାପ୍ରେମୀମାନଙ୍କ ପାଇଁ ଏକ ରୋମାଂଚକର 'ପାରାଦୀପ ଚାମ୍ପିଅନ୍ସ ଟ୍ରଫି' ଟୁର୍ଣ୍ଣାମେଣ୍ଟ ରହାମା ଠାରେ ଆୟୋଜିତ କରାଯିବ । ପାରାଦୀପ ଚାମ୍ପିଅନ୍ସି ଟ୍ରଫି ୨୦୨୬ ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆସନ୍ତା ଜାନୁଆରୀ ୨୪ ତାରିଖରୁ ଫେବୃଆରୀ

**ଖେଳାଳିଙ୍କ ପାଇଁ ଜର୍ସି ଉନ୍ମୋଚନ**

୮ ତାରିଖ ପର୍ଯ୍ୟନ୍ତ ରାହାମାର ସାରଳା ମହାବିଦ୍ୟାଳୟ ଖେଳ ପଡିଆ ଠାରେ ଆୟୋଜିତ କରାଯିବ । ଟୁର୍ଣ୍ଣାମେଣ୍ଟରେ ଭାଗନେଉଥିବା ସମସ୍ତ ଖେଳାଳିମାନଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଜର୍ସିକୁ ଆଜିର ଏହି କାର୍ଯ୍ୟକ୍ରମରେ ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ନିଜ କରକମଳରେ ଉନ୍ମୋଚନ କରିବା ସହ ପ୍ରତ୍ୟେକ ଟିମ୍‌ର କ୍ୟାପ୍‌ଟେନ୍ ଏବଂ ଖେଳାଳିମାନଙ୍କୁ ଜର୍ସି ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ପାରାଦୀପ ନିର୍ବାଚନମଣ୍ଡଳୀର ସମସ୍ତ ଗ୍ରାମପଂଚାୟତ ଓ ପାରାଦୀପ ପୌରପାଳିକାର ୪ଟି ୱାର୍ଡରୁ ପ୍ରାୟ ୪୦ଟି ଦଳ ଅଂଶଗ୍ରହଣ କରିବେ । ପାରାଦୀପ ଚାମ୍ପିଅନ ଟ୍ରଫି' ସମ୍ପୂର୍ଣ୍ଣ ଭାବେ ପାରାଦୀପର ମାନ୍ୟବର ବିଧାୟକ ତଥା ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ପରିକଳ୍ପନା ଓ ପ୍ରୋସାହନ ଦ୍ୱାରା ଆରମ୍ଭ କରାଯାଉଛି ।

## ଓଡ଼ିଶାରେ ଉପରାଷ୍ଟ୍ରପତି



ବିମାନବନ୍ଦରରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍‌ଙ୍କୁ ସ୍ୱାଗତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।



କଟକରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ଉପରାଷ୍ଟ୍ରପତି



କଟକସ୍ଥିତ ସଂସ୍କୃତି ଭବନଠାରେ ଦର୍ଶକଙ୍କ ସହ ଉପରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି

# ମହାନଦୀ ବିବାଦ: ସୁରେଶ-ଦେବୀ ମୁହାଁମୁହିଁ

- ଓଡ଼ିଶା ବିରୋଧରେ ଛତିଶଗଡ଼କୁ ଅସ୍ତ୍ର ଦେଇଛି ବିଜେଡି
- ତତ୍କାଳୀନ ମନ୍ତ୍ରୀଙ୍କ ଉତ୍ତର ରାଜ୍ୟ ପାଇଁ ବୁମେରାଂ: ସୁରେଶ
- ନବୀନଙ୍କ ଦାବିକୁ ଗୁରୁତ୍ୱ ଦେଉନଥିଲା କେନ୍ଦ୍ର ବିଜେପି: ଦେବୀ

**ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ):** ମହାନଦୀ ଜଳ ବିବାଦରେ ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପୂର୍ବତନ ବିଜେଡି ସରକାର ପୋଲ ଖୋଲି ଦେଇଛନ୍ତି। ସିଧାସଳଖ ଭାବେ ବର୍ତ୍ତମାନର ସମସ୍ୟା ପାଇଁ ୨୪ ବର୍ଷର ବିଜେଡି ସରକାରକୁ ଦାୟୀ କରିଛନ୍ତି। ବିଗତ ସରକାରରୁ ଉତ୍ତରାଧିକାରୀ ସୂତ୍ରରେ ବର୍ତ୍ତମାନର ସରକାରକୁ ମିଳିଛି ମହାନଦୀ ବିବାଦ। ସେତେବେଳେ ବିରୋଧୀ ଦଳ ଭାବେ ଯେତେ କହିଲେ ବି ବିଜେଡି ସରକାର ଆତ୍ମଗର୍ବରେ ମତ୍ତ ହୋଇ ସବୁ ଅଭିଯୋଗକୁ ଖଣ୍ଡନ କରୁଥିଲା ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

ବିଜେଡି ସରକାରରେ ମନ୍ତ୍ରୀଙ୍କ ବିଧାନସଭା ବିବୃତି ବଢ଼େଇଥିଲା ଅଡୁଆ। ୨୦୧୪ ରୁ ୨୦୨୨ ପର୍ଯ୍ୟନ୍ତ ଛତିଶଗଡ଼ ସରକାର ୫୦୦ ରୁ ଅଧିକ ବ୍ୟାରେଜ ନିର୍ମାଣ କଲେ। ଯେଉଁ ସମୟରେ ନିର୍ମାଣ କଲେ ସେ ସମୟରେ ବିରୋଧ କଲାନାହିଁ ବିଜେଡି। କେନ୍ଦ୍ର ସରକାର ଟ୍ରିବୁନାଲ କଲେ ଯାହାର କାର୍ଯ୍ୟକାଳ ଥିଲା ଅଢେଇ ବର୍ଷ। ନିୟମ ଅନୁଯାୟୀ ଥରେ କାର୍ଯ୍ୟକାଳ ବଢ଼ାଇଲେ ୫ ବର୍ଷ। ଓଡ଼ିଶା କେବଳ ଗୋଟିଏ ସାକ୍ଷୀକୁ ଟ୍ରିବ୍ୟୁନାଲ ସାମ୍ନାରେ ଉପସ୍ଥାପନ କଲା, ଆହୁରି ୨୧ ଜଣଙ୍କ ତାଲିକା ଦିଆଯାଇଥିଲା କିନ୍ତୁ





ସେମାନଙ୍କ ସାକ୍ଷ୍ୟ ଗ୍ରହଣଯୋଗ୍ୟ ହେଲାନାହିଁ। ସତ୍ୟପାଠ ମଧ ଦାଖଲ କରିନଥିଲା ବିଜେଡି ସରକାର। ବିଧାନସଭା ସମୟରେ ତତ୍କାଳୀନ ଜଳସମ୍ପଦ ମନ୍ତ୍ରୀ କହିଲେ ଛତିଶଗଡ଼ ବ୍ୟାରେଜ ହେବା ପରେ ଓଡ଼ିଶାର କ୍ଷତି ହେବ ନାହିଁ। ଜଳ ଗତିପଥ କିମ୍ବା ପରିମାଣ ପ୍ରଭାବିତ ହୋଇନାହିଁ। ମନ୍ତ୍ରୀଙ୍କ ସେହି ବିବୃତିକୁ ଛତିଶଗଡ଼ ସରକାର ଟ୍ରିବ୍ୟୁନାଲରେ ଉପସ୍ଥାପନ କରି କହିଛନ୍ତି ଯଦି ମନ୍ତ୍ରୀ କହୁଛନ୍ତି କ୍ଷତି ହେଉନି, ତା'ହେଲେ ଟ୍ରିବ୍ୟୁନାଲ ଆସିଛି କ'ଣ ପାଇଁ।

ସୁରେଶ ପୂଜାରୀଙ୍କୁ ଜବାବ ଦେଇଛନ୍ତି ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର। ସେ କହିଛନ୍ତି ଯେ ବିଜେପି ଆମ ସହ ୯ ବର୍ଷ ସରକାରରେ ଥିଲା। ସେତେବେଳେ ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ସରକାର ଥିଲା। ୨୦୧୬ରେ ନବୀନ ପଟ୍ଟନାୟକ ଯେଉଁ ପ୍ରୟାସ ଆରମ୍ଭ କରିଥିଲେ ସେତେବେଳେ କେନ୍ଦ୍ର ସରକାର ତାକୁ ଗୁରୁତ୍ୱ ଦେଲେ ନାହିଁ। ଛତିଶଗଡ଼ ବ୍ୟାରେଜ ନିର୍ମାଣ ନ କରିବାକୁ ଦାବି କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ। ହେଲେ ରମଣ ସିଂ ରାଜ୍ୟର ଅନୁରୋଧକୁ ରୋକଠୋକ ଅଗ୍ରାହ୍ୟ କରିଦେଲେ। କେନ୍ଦ୍ର ସେତେବେଳେ ନିରବଦ୍ରଷ୍ଟା ସାଜିଲା। ଯାହା ଫଳରେ ଓଡ଼ିଶା ସରକାର ଟ୍ରିବ୍ୟୁନାଲକୁ ଗଲେ। ଏବେ ଟ୍ରିପଲ ଇଞ୍ଜିନ ସରକାର ଆସିଲା, ହେଲେ କୌଣସି ଲାଭ ହେଲା ନାହିଁ ବୋଲି ଦେବୀ କହିଛନ୍ତି।

## ମଧୁ ବାରିଷ୍ଟର ଆଇନଜୀବୀ ସଂଘ ପାଳିଲା ସୁବାଷ ଜୟନ୍ତୀ



**କଟକ,୨୩।୧(ସଂଚାର ବ୍ୟୁରୋ):** ଆଜି ବୀରପୁତ୍ର ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ଅବସରରେ ମଧୁ ବାରିଷ୍ଟର ଆଇନଜୀବୀ ସଂଘ ପକ୍ଷରୁ ଜୟନ୍ତୀ ପାଳିତ ହୋଇଛି। ଅନୁଷ୍ଠାନର ଆବାହକ ତଥା ଆଇନଜୀବୀ ଶୁଭେନ୍ଦୁ ମହାନ୍ତି କଲେଜ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ। ଅତିଥି ଭାବେ ଶିକ୍ଷାବିତ ବଂଶୀଧର ପରିଡା ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ନେତାଜୀ ଦେଖାଇଥିବା ପରାକ୍ରମ ଉପରେ ଆଲୋକପାତ କରିଥିଲେ। ମଧୁ ବାରିଷ୍ଟର ଆଇନଜୀବୀ ସଂଘର ସଭାପତି ସଂଗ୍ରାମ କେଶରୀ ଦାସ, ସମ୍ପାଦକ ଗଗନ ବାରିକ, ସହସମ୍ପାଦକ ଲକ୍ଷ୍ମୀ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଷେତ୍ରମୋହନ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଭୁବନେଶ୍ୱର, ୨୩।୧ (ସଂଚାର ବ୍ୟୁରୋ) :** ସୋର ବ୍ଲକ ବର୍ତ୍ତିନାସ୍ଥିତ କ୍ଷେତ୍ରମୋହନ ସରକାରୀ ଉପ୍ରା ବିଦ୍ୟାଳୟରବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସାଦୁଆପଡା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରବୀନ୍ଦ୍ର କୁମାର ବେହେରା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ କୃଷି ଅଧିକାରୀ ବଟକୃଷ୍ଣ ପାତ୍ର,ସମ୍ମାନିତ ଅତିଥି ଭାବେ ମୂଳିସିଂ ପଞ୍ଚାୟତ ସରପଞ୍ଚ ଜ୍ୟୋସ୍ନାରାଣୀ ବେହେରା,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାସନ୍ତୀ ପୁଥାଳ,ଉପସଭାପତି ସ୍ୱପ୍ନେଶ୍ୱର ପାତ୍ର, ପ୍ରାଣୀ ଚିକିତ୍ସକ ଅନନ୍ତ ପ୍ରସାଦ ମହାନ୍ତି,'ମୋ ସ୍କୁଲ କମିଟି' ସଭ୍ୟ ଶଶଧର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସହକାରୀ ଶିକ୍ଷକ ରାମଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଅବନ୍ତୀ ପଟ୍ଟନାୟକ, ସଞ୍ଜୁଲତା ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସନ୍ତୋଷ କୁମାର ପୁଥାଳ, 'ମୋ ସ୍କୁଲ କମିଟି'ସଦସ୍ୟ ଜୟନ୍ତ ଶିଅଳ, ସୁଦର୍ଶନ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

## ନେତାଜୀ ଥିଲେ ଜଣେ ଖାଣ୍ଟି ଦେଶପ୍ରେମୀ

**ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ):** ଦୁର୍ଦ୍ଧର୍ଷ ସ୍ୱାଧୀନତା ସଂଗ୍ରାମୀ, ଆଜନ୍ମ ବିପ୍ଳବୀ, ଫର୍‌ୱାର୍ଡ ବ୍ଲକ ଓ ଆଜାଦ୍ ହିନ୍ଦ୍ ବାହିନୀର ପ୍ରାଣପ୍ରତିଷ୍ଠାତା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୩୦ତମ ଜୟନ୍ତୀ ଅବସରରେ ଆଜି ସ୍ଥାନୀୟ ନେତାଜୀ ଭବନଠାରେ ଆଜାଦ୍ ହିନ୍ଦ୍ ବାହିନୀ ପକ୍ଷରୁ ଏକ ଦେଶପ୍ରେମ କବି ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ଏହାକୁ ବିଶିଷ୍ଟ କବି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀର ସଦସ୍ୟ ପବିତ୍ର ମୋହନ କର ଉଦ୍‌ଘାଟନ କରି ନେତାଜୀ ଥିଲେ ଜଣେ ଖାଣ୍ଟି ଓ ନିର୍ଭେଜାଲ୍ ଦେଶପ୍ରେମୀ ଥିଲେ ବୋଲି କହିଛନ୍ତି। ସେ କହିଛନ୍ତି ଯେ ପରିବର୍ତ୍ତିତ ପରିସ୍ଥିତିରେ ନେତାଜୀଙ୍କ ଆଦର୍ଶ ଓ ଦର୍ଶନର ଖୁବ୍ ଆବଶ୍ୟକତା ଅନୁଭୂତ ହେଉଛି। ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ତଥା ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କବି ସମ୍ମିଳନୀରେ ଅତିଥି ଭାବେ ଯୋଗଦାନ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କବିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟସଭା ସଦସ୍ୟ ତଥା ଫରୱାର୍ଡ କ୍ଲବ୍‌ର ସର୍ବଭାରତୀୟ ସାଧାରଣ ସମ୍ପାଦକ ଦେବବ୍ରତ ବିଶ୍ୱାସ କବିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ସୁରେନ୍ଦ୍ର ସାଏ ଓ ସୁଭାଷ ବୋଷ ଜୟନ୍ତୀ ପାଳିତ



**ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ):** ଆଜି ଦେଶର ଦୁଇ ଜଣ ଶ୍ରେଷ୍ଠ ବରପୁତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଦିନରେ ରସୁଲଗଡ଼ ଓ ଭିଏସ୍‌ଏସ୍ ନଗରରେ ବିଜେପି ପକ୍ଷରୁ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଜି ଭୁବନେଶ୍ୱର ରସୁଲଗଡସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଓ ଭିଏସ୍‌ଏସ୍ ନଗରସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ଅବସରରେ ଶ୍ରୀ ସାମଲ କହିଛନ୍ତି ଯେ ଗୋଟିଏ ଦିନରେ ଓଡ଼ିଶା ମାଟିରେ ଦୁଇ ଜଣ ବରପୁତ୍ର ଜନ୍ମ ନେବା ଏକ ମହାନ୍ ସଂଯୋଗ। ୧୮୫୭ ଆନ୍ଦୋଳନକୁ ଦେଶର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ କୁହାଯାଉଥିଲେ ମଧ ଦୀର୍ଘ ୨୮ ବର୍ଷ ପୂର୍ବରୁ ଓଡ଼ିଶାରେ ବୀର ସୁରେନ୍ଦ୍ର ସାଏ ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଦେଇଥିଲେ। ଦେଶମାତୃକା ପାଇଁ ଲଢେଇ କରି ଜୀବନର ଦୀର୍ଘ ୩୭ ବର୍ଷ ଧରି ଜେଲ୍‌ଦଣ୍ଡ ଭୋଗିଥିଲେ। ଏଭଳି ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ ବିଶ୍ୱ ଇତିହାସ ଶିଖରରେ ରହିବା ଉଚିତ୍। ସେହିପରି ସୁଭାଷ ବୋଷ ଦେଶ ପାଇଁ ଅନେକ ବଳିଦାନ ଦେଇଛନ୍ତି। ନିଜର ସାହସ, କଠୋର ସଂକଳ୍ପ ଓ ଦୃଢ଼ ନେତୃତ୍ୱ ବଳରେ ସେ ଦେଶକୁ ସ୍ୱାଧୀନତା ପଥରେ ଆଗେଇ ନେଇଥିଲେ। ସୁଭାଷ ବୋଷ ଓ ସୁରେନ୍ଦ୍ର ସାଏଙ୍କ ବଳିଦାନ ସର୍ବଦା ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଶ୍ରୀ ସାମଲ କହିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ, ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ଅରବିନ୍ଦ ଢାଲି, ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର ଉପସ୍ଥିତ ଥିଲେ।

## ବେଦାନ୍ତ ଆଲୁମିନିୟମକୁ ଅଷ୍ଟାଦଶ ବିଆଇଏସ୍ ପ୍ରମାଣପତ୍ର



ବାଲକୋ ଶୀର୍ଷ-ଗ୍ରେଡ୍ ଆଲୟ ତାର ରଡ୍‌କୁ ସ୍ୱୀକୃତି

**ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଝାରସୁଗୁଡା ଓ ଛତିଶଗଡ଼ର କୋରବାଠାରେ ପ୍ରତୀକାତ୍ମକ ଆଲୁମିନିୟମ ଉତ୍ପାଦକ ଭାରତ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ବାଲ୍‌କୋ) ରହିଛି। ସେଠାରେ କମ୍ପାନୀ ଏହାର ସ୍ମେଲ୍ଟର କାର୍ଯ୍ୟରେ କ୍ରମାଗତ ଭାବେ ଅଷ୍ଟାଦଶ ବିଆଇଏସ (ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍) ପ୍ରମାଣପତ୍ର ହାସଲ କରିଛି। ଉପଲବ୍ଧ ବିଆଇଏସ ଗୁଣବତା ମାନଦଣ୍ଡ ଅନୁଯାୟୀ ଏହାର ବିଶାଳ ପରିସରର ଆଲୁମିନିୟମ ଉତ୍ପାଦ ପାଇଁ ପ୍ରମାଣପତ୍ର ହାସଲ କରିବାରେ ଭାରତୀୟ ଆଲୁମିନିୟମ ଶିଳ୍ପରେ ବେଦାନ୍ତ ଆଲୁମିନିୟମ ପ୍ରଥମ ଥିଲା। ସବୁଠାରୁ ସାମ୍ପ୍ରତିକ ପ୍ରମାଣପତ୍ର ଏହାର ୟୁନିଟ୍ ବାଲକୋ ଦ୍ୱାରା ହାସଲ କରାଯାଇଛି ଓ ଏହା ଆଇଏସ ୯୯୯୭:୨୦୨୩ ଅନୁଯାୟୀ ଆଲୁମିନିୟମ୍ ଆଲୟ ୱାୟାର ରଡ୍‌ଗୁଡ଼ିକୁ କଭର୍ କରୁଛି। ଏହି ସଫଳତା ନେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ଗୁଣବତ୍ତା ଓ ନବସୃଜନ ବେଦାନ୍ତ ଅଭିବୃଦ୍ଧି ରଣନୀତିର ଯୁଗଳ ସ୍ତମ୍ଭ। ସଦ୍ୟ ବିଆଇଏସ୍ ପ୍ରମାଣପତ୍ର କମ୍ପାନୀର ବିଶ୍ୱସନୀୟତା ଓ କାର୍ଯ୍ୟଦକ୍ଷତାକୁ ବଢ଼ାଇଆସିଛି।

## ସୁଭାଷ ବୋଷ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

**ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଓଡ଼ିଶାର ବୀରତ୍ୱପୂର୍ଣ୍ଣ ସଂଗ୍ରାମର ପ୍ରତୀକ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନେତାଜୀଙ୍କ ଦୃଢ଼ ନେତୃତ୍ୱ, 'ଆଜାଦ ହିନ୍ଦ' ଆନ୍ଦୋଳନ ଓ ସଶସ୍ତ୍ର ସଂଗ୍ରାମର ସାହସିକ ପଥ ଭାରତୀୟ ସ୍ୱାଧୀନତା ଆନ୍ଦୋଳନକୁ ଏକ ନୂଆ ଦିଗ ଦେଇଥିଲା। ସେହିପରି ବୀର ସୁରେନ୍ଦ୍ର ସାଏ ଦୀର୍ଘ ବର୍ଷ ଧରି ଇଂରେଜ ଶାସନ ବିରୋଧରେ ଅବିରତ ସଂଘର୍ଷ କରି ଓଡ଼ିଶାର ମାଟିରୁ ସ୍ୱାଧୀନତାର ଅଗ୍ନିଶିଖାକୁ ପ୍ରଜ୍ୱଳିତ କରିଥିଲେ। ତାଙ୍କର ତ୍ୟାଗ, ବୀରତ୍ୱ ଓ ଦେଶପ୍ରେମ ଆଜି ମଧ ଜାତିକୁ ପ୍ରେରଣା ଦେଇଆସୁଛି। ଏହି ଅବସରରେ ରସୁଲଗଡ଼ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତି ଓ ଭିଏସ୍‌ଏସ୍ ନଗରସ୍ଥିତ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୂଜ କୁମାର ଦାସପଟ୍ଟନାୟକ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ବହୁ ବରିଷ୍ଠ ରାଜନେତା, ଆଚାର୍ଯ୍ୟ ବିହାର ପରିଷଦ ସଭାପତି ଭାଗବତ ଦାସ, ଭିଏସ୍‌ଏସ୍ ନଗରର ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ।



● ଶ୍ରୀ ଗୁରୁଭାଗବତର ୨୫ତମ ପୂର୍ତ୍ତି

## ପଥପ୍ରାନ୍ତ ନାଟକ 'ଆସ ଗୁରୁ ଭାଗବତ ପଢ଼ିବା'

**କଟକ, ୨୩।୧(ସଂଚାର ବ୍ୟୁରୋ):** ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ବିରଚିତ ଜ୍ଞାନ ଭକ୍ତି ଆଧାରିତ ଧର୍ମ ସାହିତ୍ୟ ଶ୍ରୀ ଗୁରୁଭାଗବତକୁ ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ଶ୍ରୀପଞ୍ଚମୀ ଅବସରରେ ଶ୍ରୀ ଗୁରୁଭାଗବତ ଟୁଙ୍ଗୀ, ଗୋପାଳପୁର ପକ୍ଷରୁ ଓ ବାଲିକୁଦା ବାସିନ୍ଦାଙ୍କ ସହଯୋଗରେ ସ୍ଥାନୀୟ ଗୋପାଳପୁର ଛକ ନିକଟରେ ଏକ ପଥପ୍ରାନ୍ତ ନାଟକ- ଆସ ଗୁରୁ ଭାଗବତ ପଢ଼ିବା ଅନୁଷ୍ଠିତ ହୋଇଯାଇଛି। ଟୁଙ୍ଗୀର ସମସ୍ତ ସଦସ୍ୟାମାନେ ଏଥିରେ ଭାଗ ନେଇଥିବା ବେଳେ ସେମାନେ କିପରି ଜଣେ ନିଜର କର୍ମ, ବାଣୀ, ବିଚାରର ସରଳୀକରଣ ସହ ସହାନୁଭୂତି ଓ ସମାନୁଭୂତି ହୃଦୟ ନେଇ ନିଜ ଜୀବନକୁ ସୁନ୍ଦର ତଥା ଶାନ୍ତିମୟ କରି ପରିବାର ଓ ସମାଜରେ ଶାନ୍ତିର ବାର୍ତ୍ତା ପ୍ରଚାର କରି ସମାଜରେ ଧର୍ମ ଓ ଐକ୍ୟ ପ୍ରତିଷ୍ଠା କରିପାରିବ- ସେହି ଉପଦେଶକୁ ବ୍ୟାଖ୍ୟା କରିଥିଲେ। ଗତ ୭ ବର୍ଷ ହେଲା ଏହି ଟୁଙ୍ଗୀ ନିଜର ୟୁ ଟ୍ୟୁବ୍, ମାଗାଜିନ, ବିଭିନ୍ନ ସ୍ଥାନ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଏହି ଧର୍ମ ସାହିତ୍ୟର ପାରାୟଣ, ଆଲୋଚନାଚକ୍ର ଓ ସେବାଭିତ୍ତିକ କାର୍ଯ୍ୟ କରି ଗୁରୁଜୀଙ୍କ ବାର୍ତ୍ତା ବହନ କରିଆସୁଛି।



ଧାନ ସଂଗ୍ରହ ନେଇ ପୁଣି ବର୍ଷିଲା ବିଜେଡି

## ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ପଛୁଆ



**ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ):** ବିଜେଡି ଓଡ଼ିଶାରେ ଧାନ ସଂଗ୍ରହର ଅଭାବନୀୟ ପରିସ୍ଥିତି ପାଇଁ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି। ଚାଷୀ ଧାନ ସଂଗ୍ରହର ଏକ ଦୁର୍ଭାଗ୍ୟଜନକ ପରିସ୍ଥିତି ଦେଇ ଗତି କରୁଛନ୍ତି, ଯାହା ଓଡ଼ିଶାର ଇତିହାସରେ ପୂର୍ବରୁ କେବେ ଦେଖାଯାଇନଥିଲା ବୋଲି ଆଜି ଏକ ପ୍ରେସ୍ ବିବୃତ୍ତିରେ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଦଳର ମୁଖପାତ୍ର ତଥା ଗଣମାଧମ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ ଡବଲ୍ ଇଞ୍ଜିନ୍ ସରକାର ଧାନ ସଂଗ୍ରହରେ ରାଜ୍ୟ ଚାଷୀଙ୍କ ସହ ବିଶ୍ୱାସଘାତକତା କରିଛନ୍ତି। ୨୦୨୩-୨୪, ୨୦୨୪-୨୫ ଏବଂ ୨୦୨୫-୨୬ର ଧାନ ସଂଗ୍ରହ ସ୍ଥିତିର ତୁଳନାତ୍ମକ ବିଶ୍ଳେଷଣରୁ ଏହା ସ୍ପଷ୍ଟ। ଅଦ୍ୟାବଧି ୩୦ ପ୍ରତିଶତ ଚାଷୀ ୩୫ ପ୍ରତିଶତ ଧାନ ବିକ୍ରି କରିପାରିଛନ୍ତି। ବିଜେପି ସରକାର ସମୟରେ ସଂଗ୍ରହ ହୋଇଥିବା ଧାନ ପରିମାଣ ଏବଂ ଚାଷୀଙ୍କ ସଂଖ୍ୟାରେ ହ୍ରାସ ଘଟିଛି। ଏହା ସ୍ପଷ୍ଟ ଭାବରେ ଡବଲ ଇଞ୍ଜିନ୍ ସରକାରଙ୍କ ଅପାରଗତାକୁ ଦର୍ଶାଉଛି ବୋଲି ଡ. ମହାନ୍ତି କହିଛନ୍ତି। ସେ କହିଛନ୍ତି ଯେ ଦୁର୍ଭାଗ୍ୟର ବିଷୟ ଯେ ମୁଖ୍ୟମନ୍ତ୍ରୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଧାନ ସଂଗ୍ରହରେ ବହୁ ପଛରେ ଅଛନ୍ତି। ଛତିଶଗଡ଼ ସରକାର ଧାନ ସଂଗ୍ରହ ଲକ୍ଷ୍ୟ ହାସଲ କରିସାରିଛନ୍ତି। ଯଦିଓ ଲକ୍ଷ୍ୟ ଥିଲା ୮୦ ଲକ୍ଷ ମେଟ୍ରିକ୍ ଟନ୍, ଛତିଶଗଡ଼ ସରକାର ବହୁ ପୂର୍ବରୁ ୧୨୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିସାରିଛନ୍ତି ଏବଂ ପ୍ରକ୍ରିୟା ଏବେ ବି ଜାରି ରହିଛି।

# ଗୁଟ୍‌ଖା କଟକଣା, ଚିନ୍ତାରେ ପ୍ରଶାସନ



**ଭୁବନେଶ୍ୱର,୨୩।୧:** ବାର ବର୍ଷ ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପୁଣି ଥରେ ଗୁଟ୍‌ଖା ଓ ତମାଖୁ ଉପରେ କଟକଣା ଲଗାଇଥିବାବେଳେ ଏହା କିଭଳି କାର୍ଯ୍ୟକାରୀ ହେବ ସେହି ଚିନ୍ତା ଏବେ ପ୍ରଶାସନକୁ ଘାରିଛି। କାରଣ ସ୍ୱାସ୍ଥ୍ୟ ବିଭାଗର କଟକଣାକୁ ଅର୍ଥ ବିଭାଗ ନମାନି ଏହିସବୁ ସାମଗ୍ରୀ ଉପରୁ ଟିକସ ଆଦାୟ କରିବାରେ ଲାଗିଛି। ନିକଟରେ ସ୍ୱାସ୍ଥ୍ୟ ବିଭାଗ ଗୁଟ୍‌ଖା ଓ ତମାଖୁ ଉପରେ ଯେଉଁ କଟକଣା ଜାରି କରିଛି ତାହା ଅବିକଳ ୨୦୧୩ ଜାନୁଆରୀ ୩ ତାରିଖରେ ଜାରି ହୋଇଥିବା କଟକଣାର ନକଲ। ସେତେବେଳେ ମଧ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଗୁଟ୍‌ଖା ଓ ତମାଖୁ ଯୁକ୍ତ ପାନମସଲାର ଉତ୍ପାଦନ, ମହଜୁଦ ଓ ବିକ୍ରି ଉପରେ କଟକଣା ଲଗାଇଥିଲା।

ହେଲେ ସ୍ୱାସ୍ଥ୍ୟ ବିଭାଗର ଏହି କଟକଣାକୁ ଅର୍ଥ ବିଭାଗ ନମାନି ସମ୍ପୃକ୍ତ ନିଷିଦ୍ଧ ସାମଗ୍ରୀ ଉପରୁ ଟିକସ ଆଦାୟ କଲା। ୧୨ ବର୍ଷ ମଧରେ ଅର୍ଥ ବିଭାଗ ଏହିସବୁ ସାମଗ୍ରୀରୁ ପ୍ରାୟ ହଜାରେ କୋଟି ଟଙ୍କାର ଟିକସ ଆଦାୟ କରିଥିବା ଜଣାଯାଇଛି। ଅର୍ଥ ବିଭାଗ ଟିକସ ଆଦାୟ କରୁଥିବାରୁ ବ୍ୟବସାୟୀମାନେ ବେଧଡକ ହୋଇ ଦେଶର ପ୍ରାୟ ୧୭ଟି ରାଜ୍ୟରୁ ଏହିସବୁ ସାମଗ୍ରୀ ଆମଦାନୀ କରିବା ସହିତ ତାହାକୁ ରାଜ୍ୟରେ ବିକ୍ରି କରିବାରେ ଲାଗିଲେ। କେତେକ ତମାଖୁ କମ୍ପାନୀ ମଧ ଓଡିଶାରେ ବିଭିନ୍ନ ବ୍ରାଣ୍ଡ୍‌ରେ ସେମାନଙ୍କର ସାମଗ୍ରୀ ଉତ୍ପାଦନ କଲେ। ସବୁଠାରୁ ବଡ କଥା ହେଲା ଅର୍ଥ ବିଭାଗ ଟିକସ ବାବଦରେ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବାରୁ ସ୍ୱାସ୍ଥ୍ୟ ଓ ପରିମାଣ କଲ୍ୟାଣ ବିଭାଗ ମଧ ନିଜ ବିଜ୍ଞପ୍ତି କାର୍ଯ୍ୟକାରୀ ଉପରେ ସେତେଟା ଗୁରୁତ୍ୱ ଦେଲା ନାହିଁ। ଫଳରେ ଏହି ବିଜ୍ଞପ୍ତି ୧୨ ବର୍ଷ ଧରି ଏକପ୍ରକାର ରାଜ୍ୟରେ ଅଚଳ ହୋଇ ରହିଲା। ଏବେ ପୁଣିଥରେ ସ୍ୱାସ୍ଥ୍ୟ ବିଭାଗ ଗୁଟଖା, ତମାଖୁ ଓ ତମାଖୁଯୁକ୍ତ ପାନମସଲା ନିଷିଦ୍ଧ ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି। ରାଜ୍ୟ ସରକାରଙ୍କର ଏଭଳି ଦୁଇ ଦୁଇଟି ବିଜ୍ଞପ୍ତି ସହିତ ରାଜ୍ୟରେ କେନ୍ଦ୍ର ସରକାରଙ୍କର କୋଟ୍‌ପା ଆଇନ୍ ମଧ ବଳବତ୍ତର ରହିଛି। ଏହି ଆଇନ୍‌କୁ ଇତି ମଧରେ ୨୨ ବର୍ଷ ବିତିଲାଣି। ଏଥିରେ ବ୍ୟବସ୍ଥା ରହିଛି ଯେ ରାଜ୍ୟର ଶିକ୍ଷାନୁଷ୍ଠାନ ନିକଟରେ ଗୁଟ୍‌ଖା, ସିଗାରେଟ, ତମାଖୁ ଆଦି ବିକ୍ରି କରାଯାଇ ପାରିବନାହିଁ। ଏହାକୁ ମହଜୁଦ ଓ ବିକ୍ରି କରୁଥିବା ଲୋକଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ହେବ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ବିଜ୍ଞପ୍ତି ଭଳି କେନ୍ଦ୍ର ସରକାରଙ୍କ କୋଟ୍‌ପା ଆଇନ୍ ମଧ ରାଜ୍ୟରେ ଏକପ୍ରକାର ଅକାମୀ ହୋଇ ପଡ଼ିଛି। ସହରଠାରୁ ଗାଁଗହଳ ପର୍ଯ୍ୟନ୍ତ ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟରେ ବେଧଡ଼କ ଭାବେ ଗୁଟ୍‌ଖା ଓ ତମାଖୁଯୁକ୍ତ ପାନ ମସଲା ଓ ସିଗାରେଟ ବିକ୍ରି ହେଉଛି। ଛୋଟ ଛୋଟ ପିଲା ମଧ ଏହାକୁ ଚୋବାଇବାରେ ଲାଗିଛନ୍ତି। (ତଥ୍ୟ)

## 'ଡଗ୍ ଶୋ'ରେ ଦର୍ଶକ ବିଭୋର



**ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ):** କିଏ ଧୀର ମନ୍ଥର ଗତିରେ ଆସୁଥିଲେ ତ କିଏ ଦ୍ରୁତ ଗତିରେ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରୁଥିଲେ। କିଏ ଚୋର ଧରିବାର କୌଶଳ ଦେଖାଉଥିଲେ ତ ଆଉ କିଏ ହାଇ ଜମ୍ପ ଓ ହର୍ଡଲ୍ସ ଜମ୍ପରେ ନିଜର ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଦର୍ଶକଙ୍କ ସମ୍ମୁଖରେ ଆଘ୍ରାଣ ଶକ୍ତିକୁ ପ୍ରଦର୍ଶନ କରି ସମସ୍ତଙ୍କୁ ଚମତ୍କୃତ କରିଦେଇଥିଲେ ମଣିଷର ସବୁଠାରୁ ବିଶ୍ୱସ୍ତ ପ୍ରାଣୀ 'ଶ୍ୱାନ'। ତିନିଦିନିଆ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା–୨୦୨୬ର ଅନ୍ତିମ ଦିବସରେ ଆଜି ଚିତ୍ତାକର୍ଷକ 'ଡଗ୍ ଶୋ' ଦର୍ଶକଙ୍କ ହୃଦୟ ଜିତିଛି। ଏହି 'ଡଗ୍ ଶୋ'ରେ ଜର୍ମାନ ଶେଫର୍ଡ, ବେଲଜିଆନ ମାଲିନୋଇସ୍, ଲାବ୍ରାଡର୍, ହସକୀ, ପୁଡଲୀ, ମିନିଏଚର୍ ସ୍ପିନସର୍, କେନ୍ କର୍ସୋ, ପୋମେରିଆନ, କାରାଭାନ୍ ହାଉଣ୍ଡ, ଗ୍ରେଟ୍ ଡେନ୍, ରିଟ୍ରିଭର୍, ଗୋଲ୍ଡେନ ରିଟ୍ରିଭର୍, ବିଗଲ୍, ଆକିତା ଇନୁ, ସ୍ପିଜ୍, ଫ୍ରେଞ୍ଚ୍ ବୁଲଡଗ୍ ଆଦି ୧୭ଟି ପ୍ରଜାତିର ୬୫ଟି ଶ୍ୱାନ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ଦକ୍ଷତାର ବୈଶିଷ୍ଟ୍ୟ, ଅନୁସରଣ କ୍ଷମତା ଓ ନିଜସ୍ୱ ବ୍ୟବହାର ଶୈଳୀ ଦେଖଣାହାରୀଙ୍କୁ ଆକର୍ଷିତ କରିଥିଲା। ଓଡ଼ିଶା କେନେଲ୍ କ୍ଲବର ସଭାପତି ସୁବ୍ରତ ପୃଷ୍ଟି ଓ ଶ୍ୱାନ ପ୍ରଶିକ୍ଷକ ଦିଲ୍ଲୀପ ସାହୁ ଏହି ଶୋ'ର ପରିଚାଳନା କରିଥିଲେ। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଏବଂ ଓଡ଼ିଶା କେନେଲ କ୍ଲବର ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରଦର୍ଶନୀରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍ଘାଟନ କରିଥିଲେ। ପ୍ରଦର୍ଶନୀ ଶେଷରେ ଅଂଶଗ୍ରହଣକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି 'ଡଗ୍ ଶୋ'ରେ ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ ଶାସନ ସଚିବ ରୀନା ମହାପାତ୍ର, ବ୍ୟକ୍ତିଗତ ସଚିବ ବାଦଲ ମହାନ୍ତି, ଅନୁଶାସନ ସଚିବ ବିବେକାନନ୍ଦ ସାମଲ ଉପସ୍ଥିତ ଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ | ଶନିବାର ୨୪ ଜାନୁଆରୀ ୨୦୨୬, ଭୁବନେଶ୍ୱର
Saturday 24 January 2026, Bhubaneswar

# ନେତାଜୀଙ୍କ ମୃତ୍ୟୁ ଏକ ରହସ୍ୟ

ଭାରତର ସ୍ୱାଧୀନତା ସଂଗ୍ରାମର ମହାନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନ ଓ କାର୍ଯ୍ୟ ଆଜି ମଧ ଲୋକଙ୍କୁ ପ୍ରେରଣା ଦେଉଛି। କିନ୍ତୁ ତାଙ୍କ ମୃତ୍ୟୁ ସମ୍ପର୍କରେ ଆଜି ପର୍ଯ୍ୟନ୍ତ ଏକ ବଡ଼ ରହସ୍ୟ ରହିଛି। ୧୯୪୫ ମସିହା ଅଗଷ୍ଟ ୧୮ ତାରିଖରେ ତାଇଓ୍ୱାନରେ (ତତ୍‌କାଳୀନ ଫର୍ମୋସା) ଏକ ବିମାନ ଦୁର୍ଘଟଣାରେ ନେତାଜୀଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବେ କୁହାଯାଉଛି। କିନ୍ତୁ ଏହି ଘଟଣା ପରେ ଅନେକ ସନ୍ଦେହ ଉଠିଛି ଯାହାର ଉତ୍ତର ଆଜି ମଧ କେହି ଦେଇପାରୁନାହାନ୍ତି। ଏହି ରହସ୍ୟ ଭାରତୀୟ ଇତିହାସର ଏକ ବଡ଼ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି।



ସରକାରୀ ରିପୋର୍ଟ ଅନୁଯାୟୀ, ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନର ପରାଜୟ ପରେ ନେତାଜୀ ନିଜ ଲଢେଇ ଜାରି ରଖିବାକୁ ଦକ୍ଷିଣ-ପୂର୍ବ ଏସିଆରୁ ଏକ ବିମାନରେ ଚାଲିଯାଉଥିଲେ। ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ନେତାଜୀ ମୃତ୍ୟୁବରଣ କରିଥିଲେ ବୋଲି କୁହାଯାଉଛି। ତାଙ୍କ ଅସ୍ଥି ଟୋକିଓର ରେନ୍‌କୋଜି ମନ୍ଦିରରେ ରଖାଯାଇଛି। କିନ୍ତୁ ଏହି କଥାରେ ଅନେକ ଅସଙ୍ଗତି ରହିଛି। ପ୍ରଥମେ, ଦୁର୍ଘଟଣା ସ୍ଥଳରେ କୌଣସି ମୃତଦେହ ମିଳିନଥିଲା। ଦ୍ୱିତୀୟତଃ, ତାଇଓ୍ୱାନ ସରକାର କହିଛନ୍ତି ଯେ ୧୯୪୫ରେ ସେଠାରେ କୌଣସି ବିମାନ ଦୁର୍ଘଟଣା ଘଟିନଥିଲା। ଏହା ବ୍ୟତୀତ, କ୍ରେମେଟୋରିୟମ୍‌ର ରେକର୍ଡ ଅନୁଯାୟୀ, ସେଠାରେ କେବଳ ଏକ ଜାପାନୀ ନାଗରିକ ଇଚିରୋ ଓକୁରାଙ୍କ ଅନ୍ତିମ ସଂସ୍କାର ହୋଇଥିଲା।

ଏହି ରହସ୍ୟକୁ ସମାଧାନ କରିବା ପାଇଁ ଭାରତ ସରକାର ଅନେକ କମିଶନ ଗଠନ କରିଛନ୍ତି। ୧୯୫୬ରେ ଶାହ ନୱାଜ କମିଟି ଓ ୧୯୭୦ରେ ଖୋସ୍‌ଲା କମିଶନ୍ ବିମାନ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା କଥାକୁ ସମର୍ଥନ କରିଥିଲେ। କିନ୍ତୁ ୨୦୦୫ରେ ଜଷ୍ଟିସ ମୁଖାର୍ଜୀ କମିଶନ ଏହି କଥାକୁ ଅସ୍ୱୀକାର କରି କହିଥିଲେ ଯେ ନେତାଜୀ ବିମାନ ଦୁର୍ଘଟଣାରେ ମରିନଥିଲେ ଏବଂ ରେନକୋଜିର ଅସ୍ଥି ତାଙ୍କର ନୁହେଁ। ଏହି ରିପୋର୍ଟ ସରକାର ଦ୍ୱାରା ପ୍ରତ୍ୟାଖ୍ୟାନ ହୋଇଥିଲା, ଯାହା ଆହୁରି ସନ୍ଦେହ ବଢ଼ାଇଥିଲା। ଏଥିରେ ଅନେକ ଷଡ଼ଯନ୍ତ୍ର ଥିଓରୀ ମଧ ରହିଥିବା କୁହାଯାଉଛି। କେହି କହୁଛନ୍ତି ନେତାଜୀ ସୋଭିଏତ୍ ୟୁନିଅନ୍‌କୁ ପଳାଇ ଯାଇଥିଲେ ଏବଂ ସେଠାରେ ତାଙ୍କର ଭାଗ୍ୟ ଅଜ୍ଞାତ। ଅନ୍ୟମାନେ କହୁଛନ୍ତି ଯେ ସେ ଭାରତକୁ ଫେରି ଆସି ଉତ୍ତରପ୍ରଦେଶର ଫୈଜାବାଦ୍‌ରେ 'ଗୁମ୍‌ନାମୀ ବାବା' ରୂପରେ ୧୯୮୫ ପର୍ଯ୍ୟନ୍ତ ଜୀବନ ଯାପନ କରିଥିଲେ। ଏହି ଥିଓରୀକୁ ଅନୁଜ୍ ଧର ଭଳି ଗବେଷକମାନେ ସମର୍ଥନ କରନ୍ତି। ଗୁମ୍‌ନାମୀ ବାବାଙ୍କ ବସ୍ତୁଗୁଡ଼ିକରେ ନେତାଜୀଙ୍କ ସମ୍ପର୍କୀୟ ଜିନିଷ ମିଳିଥିଲା, ହ୍ୟାଣ୍ଡ୍‌ରାଇଟିଂ ମ୍ୟାଚ୍ ହୋଇଥିଲା ଏବଂ ସାକ୍ଷୀମାନଙ୍କ ବୟାନ ମଧ ରହିଛି।

ନେତାଜୀଙ୍କ ଝିଅ ଅନିତା ବୋସ୍ ପ୍ଫାଫ୍ ରେନକୋଜି ଅସ୍ଥିର ଡିଏନ୍‌ଏ ଟେଷ୍ଟ୍ ଦାବି କରିଛନ୍ତି ଯାହା ଏହି ରହସ୍ୟକୁ ସମାଧାନ କରିପାରିବ। କିନ୍ତୁ ସରକାର ଏହାକୁ କାହିଁକି କରୁନାହାନ୍ତି? ଅନେକ ଦସ୍ତାବିଜ୍ ଡିକ୍ଲାସିଫାଏଡ୍ ହୋଇଛି, କିନ୍ତୁ ଅନେକ ଗୁପ୍ତ ରହିଛି। ଏହା ରାଜନୈତିକ ଷଡ଼ଯନ୍ତ୍ର କିମ୍ବା ଐତିହାସିକ ଗୋପନୀୟତାର ସଙ୍କେତ ଦେଉଛି।

ଏହି ରହସ୍ୟ କେବଳ ନେତାଜୀଙ୍କ ପରିବାରକୁ ନୁହେଁ, ସମଗ୍ର ଦେଶକୁ ପ୍ରଭାବିତ କରୁଛି। ନେତାଜୀଙ୍କ ବଳିଦାନ ଓ ସାହସର ପ୍ରକୃତ କଥା ଜାଣିବା ଆମର ଅଧିକାର। ସରକାର ସମସ୍ତ ଡକ୍ୟୁମେଣ୍ଟ ଡିକ୍ଲାସିଫାଏ କରି ଡିଏନ୍‌ଏ ଟେଷ୍ଟ୍ କରାଇବା ଉଚିତ୍। ଏହା ଦ୍ୱାରା ଇତିହାସର ଏକ ଅଧ୍ୟାୟ ସ୍ପଷ୍ଟ ହୋଇପାରିବ ଏବଂ ନେତାଜୀଙ୍କ ସ୍ମୃତିକୁ ସମ୍ମାନ ମିଳିବ। ଆଜି ନେତାଜୀଙ୍କ ଜନ୍ମଦିବସ 'ପରାକ୍ରମ ଦିବସ' ରୂପରେ ପାଳନ ହେଉଛି, କିନ୍ତୁ ତାଙ୍କ ମୃତ୍ୟୁର ରହସ୍ୟ ଆଜି ମଧ ଏକ ଅନ୍ତହୀନ ପ୍ରଶ୍ନ।

# ସମ୍ପର୍କ ଜଣେ ନୁହେଁ, ଏକାଧିକ.... 'ରୋଷ୍ଟର ଡେଟିଂ'

ପ୍ରଫେସର ଡାକ୍ତର ସମ୍ରାଟ କର



'ସୁନୀତା', 'ପିଙ୍କି', ...... 'ରୋଜାଲିନ' ଏ ସମସ୍ତେ ସୁଅ ମୁହଁରେ ପତର ପରି ଅନୁଜ ପ୍ରତୀମ ସୁଧୀରର ଜୀବନ ପ୍ରବାହକୁ ଢ଼େର ବଦଳାଇ ଦେଲେ। ଜୀବନ ଯେତେ ବଦଳିଲାନି କିନ୍ତୁ ଅନେକ ହା ହୁତାଶ, ଝିନଝଟ ଓ ଝାମେଲା ସବୁ ଅନିମନ୍ତ୍ରିତ ଭାବେ ଅତିଥି ହୋଇ ଜଣଙ୍କ ଜୀବନକୁ ଚାଲିଆସିଲେ। ସେ ଦିନ ସୁଧୀର ସବୁ କଥା ଶୁଣିଲା ପରେ ମୁଁ ତାଙ୍କୁ ଆଶ୍ୱସ୍ତ ହୋଇ କହିଲି ତୁମ ସମୟକୁ ତୁମେ ଦେଖ, ବିଶେଷକରି ଆଧୁନିକ ଯୁବପିଢ଼ିଙ୍କ ଜୀବନଶୈଳୀ ଓ ଚିନ୍ତାଧାରାରେ ଦେଖାଯାଉଛି ଢ଼େର ପରିବର୍ତ୍ତନ। ସାମାଜିକ ଗଣମାଧମ, ଡେଟିଂ ଆପ ଓ ସହରୀ ସଂସ୍କୃତିର ପ୍ରଭାବରେ ସମ୍ପର୍କର ଧାରା ମଧ ବଦଳିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ 'ରୋଷ୍ଟର ଡେଟିଂ' ଏକ ନୂଆ ଧାରା ଭାବେ ସାମ୍ନାକୁ ଆସିଛି।

ରୋଷ୍ଟର ଡେଟିଂ ଅନଲାଇନ ଡେଟିଂର ଏକ ନୂତନ ଧାରା, ଯେଉଁଥିରେ ବ୍ୟବହାରକାରୀମାନେ ନିଜ ପସନ୍ଦ ଅନୁଯାୟୀ ସମ୍ଭାବ୍ୟ ସାଥୀଙ୍କର ଏକ ତାଲିକା କରନ୍ତି। ଏହି ଧାରାରେ କୌଣସି ନୂତନତ୍ୱ ନାହିଁ କିମ୍ବା ଏହା ସମାଜରେ କୌଣସି ବିପ୍ଳବ ଆଣି ପାରୁଥିବା ଭଳି ଧାରା ନୁହଁ। ବିସ୍ତୃତ ଭାବରେ ବୁଝିବାକୁ ଗଲେ ରୋଷ୍ଟର ଡେଟିଂର ଅର୍ଥ ହେଉଛି ଏକକାଳୀନ ଅନେକ ବ୍ୟକ୍ତିଙ୍କୁ ଡେଟ କରିବା। କିନ୍ତୁ କାହା ସହିତ ସ୍ଥାୟୀ ସମ୍ପର୍କରେ ନ ରହିବା। ଜଣକ ପରେ ଜଣକୁ ବଦଳାଇ କଥା ହେବା, ଦେଖା କରିବା କିନ୍ତୁ କାହା ସହ ସ୍ଥାୟୀ ସମ୍ବନ୍ଧରେ ନରହିବାକୁ ଏହା ପ୍ରୋତ୍ସାହିତ କରେ। ଅନ୍ୟ ଡେଟିଂ ଧାରା ଭଳି ଏହି ଧାରାରେ ମଧ ପ୍ରତିଶ୍ରୁତିବଦ୍ଧତାର ଅଭାବ ଦେଖିବାକୁ ମିଳେ। ଅଧିକାଂଶ ଯୁବକ-ଯୁବତୀ ନିଜର ପସନ୍ଦ, ଆବଶ୍ୟକତା ଓ ଭବିଷ୍ୟତ ବିଷୟରେ ସ୍ପଷ୍ଟତା ପାଇବା ଉଦ୍ଦେଶ୍ୟରେ ଆପଣାନ୍ତି ଏହି ଧାରା। ଏହା ମାଧମରେ ନିଜ ପସନ୍ଦକୁ ଭଲରେ ବୁଝିବାର ସମୟ ମିଳେ। ଭିନ୍ନ ପ୍ରକୃତିର ଲୋକଙ୍କ ସହ ମିଶିବା ଦ୍ୱାରା ନିଜ ପସନ୍ଦକୁ ଅଧିକ ଭଲରେ ଜାଣି ହୁଏ ଏବଂ ଅନ୍ୟ ବ୍ୟକ୍ତି କେଉଁ ଗୁଣ ଅସହଜ କରାଏ ତାହା ମଧ ବୁଝି ହୁଏ।

ଆଜିକାଲିର ସମ୍ପର୍କରେ ବ୍ରେକଅପ ଖୁବ ସାଧାରଣ। ସମ୍ପର୍କରେ ବାରମ୍ବାରା ଧୋକା ଖାଇବା ପରେ ଅନେକ ବ୍ୟକ୍ତି ବେଶ ସହଜରେ ଆପଣାଇ ନିଅନ୍ତି ରୋଷ୍ଟର ଡେଟିଂ ଭଳି ଧାରାକୁ। ବିଶେଷଜ୍ଞଙ୍କ କହିବା ଅନୁସାରେ ବ୍ରେକଅବ୍ ପରେ ତୁରନ୍ତ ଗଭୀର ସମ୍ପର୍କରେ ରହିବାକୁ ଇଚ୍ଛା ନଥିବା ଲୋକମାନଙ୍କ ପାଇଁ ଏହି ରୋଷ୍ଟର ଡେଟିଂ ସାଜିଛି ସର୍ବୋତ୍ତମ ବିକଳ୍ପ। ଗୋଟିଏ ସମ୍ପର୍କରେ ତୁରନ୍ତ ବାନ୍ଧି ହେବା ପୂର୍ବରୁ, ଅନ୍ୟଜଣଙ୍କ ଚିନ୍ତାଧାରା, ମୂଲ୍ୟବୋଧ ବୁଝିବାକୁ ଯୁବପିଢ଼ି ଏହି ପଦ୍ଧତି ଆପଣାଉଛନ୍ତି ଓ ବାରମ୍ବାର ଗଭୀର ସମ୍ପର୍କରେ ଯୋଡ଼ି ହୋଇ ଭାବାବେଗକୁ ହାନି ପହଞ୍ଚାଇବା ପରିବର୍ତ୍ତେ ଏଡି ଧାରାରେ ସକ୍ରିୟ ରହୁଛନ୍ତି। ଯାହା ସେମାନଙ୍କୁ ଏକୁଟିଆ ଅନୁଭବ କରାଉନଥିବା ବେଳେ ଭବିଷ୍ୟତର ନିଷ୍ପତ୍ତି କ'ଣ ହେବ ସେ ନେଇ ଆତଙ୍କିତ ମଧ କରାଉ ନାହିଁ। କେତେକଙ୍କ ମତରେ ଏହି ଧାରା ସ୍ୱଚ୍ଛତା ଓ ସ୍ପଷ୍ଟତା ଉପରେ ପର୍ଯ୍ୟବସିତ। ଦ୍ୱନ୍ଦ୍ୱ ଏବଂ ଭୁଲ ବୁଝାମଣାର ଆଶଙ୍କା ଏହି ଧାରାରେ କମ୍। ଅଧିକନ୍ତୁ ଏହି ଧାରା ଯୁବକମାନଙ୍କୁ ସେମାନଙ୍କର ସାମାଜିକ ଓ ବ୍ୟକ୍ତିଗତ ଜୀବନରେ ତାରତମ୍ୟ ରଖିବାରେ ସାହାଯ୍ୟ କରିଥାଏ ଯାହା ଡେଟିଂ ଅଭିଜ୍ଞତାକୁ ଅଧିକ ଉପଭୋଗ୍ୟ ଏବଂ ନିୟନ୍ତ୍ରିତ କରିଥାଏ। ଅନ୍ୟ ପକ୍ଷରେ ଭାରତୀୟ ସମାଜରେ ସମ୍ପର୍କର ଗୁରୁତ୍ୱ ଅଧିକ। ଏଠାରେ ପରସ୍ପର ପ୍ରତି ସୌହାର୍ଦ୍ଦ୍ୟ ଓ ବିଶ୍ୱାସକୁ ସମ୍ପର୍କର ମୂଳଦୁଆ ଭାବରେ ଗଣନା କରାଯାଏ। କିନ୍ତୁ ଏକକାଳୀନ ଏକାଧିକଙ୍କୁ ଡେଟ କରିବା ଭାରତୀୟ ମୂଲ୍ୟବୋଧକୁ ନେଇ ପ୍ରଶ୍ନ ସୃଷ୍ଟି କରେ।

ଏ କ୍ଷେତ୍ରରେ ଜଣେ ମାନସିକ ରୋଗ ବିଶେଷଜ୍ଞ ହିସାବରେ ଏହା ବେଶ ଗବେଷଣାତ୍ମକ ତଥ୍ୟର ଉତ୍ସ ଯାହା କହୁଛି ରୋଷ୍ଟର ଡେଟିଂ ସ୍ପଷ୍ଟତା ଓ ସତ୍ୟତା ସହ କରାଗଲେ ଏହା ହାନିକାରକ ନୁହଁ। କିନ୍ତୁ ଲୁଚାଇବା ଓ ଭ୍ରମ ସୃଷ୍ଟି କରିବା ଉଭୟ ପକ୍ଷଙ୍କ ମାନସିକ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ଏହି ଧାରାର ସବୁଠୁ ବଡ଼ ନକରାତ୍ମକ ଦିଗଟି ହେଉଛି ଏହା 'ଯୋଜନାବଦ୍ଧ' ଭାବରେ ହୋଇଥିବାରୁ 'ଯାନ୍ତ୍ରିକ' ଅନୁଭବ କରାଏ। ସମ୍ପର୍କରେ ଥିବା ଉଭୟ ପକ୍ଷଙ୍କୁ ନିଜ ପରବର୍ତ୍ତୀ ପଦକ୍ଷେପ ଭଲରେ ଜଣାଥାଏ, ଯାହା ଉତ୍ସାହୀ ଓ ଭାବପ୍ରବଣ ସଂଯୋଗର ଅଭାବ ସୃଷ୍ଟି କରିଥାଏ। ଏଭଳି ସମ୍ପର୍କର ଅପବ୍ୟବହାର ହେଲେ ବ୍ୟକ୍ତିଗତ ସୁରକ୍ଷା ଓ ଗୋପନୀୟତା ପ୍ରତି ବିପଦ ସୃଷ୍ଟି ହୁଏ। ଏ ସବୁ କ୍ଷେତ୍ରରେ ଅବସାଦ, ମାନସିକ ଭାରସାମ୍ୟ ହରାଉଥିଲେ ତୁରନ୍ତ ମାନସିକ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ମୋବାଇଲ୍: ୯୧୩୨୪୩୩୩୩୩**

# ଯୁବ ମତଦାତା ଜଗତଜିତା

କିଶୋର ଚନ୍ଦ୍ର ବେହେରା



ସମାଜରେ ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅବସ୍ଥା ପରିବେଶକୁ ଅଧିକାର କୁହାଯାଏ । ସେ ଅଧିକାର ସାମାଜିକ କିମ୍ବା ରାଜନୈତିକ ହେଉ। ସେହି ବ୍ୟକ୍ତି ବିଶେଷ ଯାହା ସାହାଯ୍ୟରେ କି ନିଜର ପ୍ରତିଭାକୁ ବିକଶିତ କରିଥାଏ। ଅଧିକାର ଗୁଡ଼ିକ ନାଗରିକର ପୂର୍ଣ୍ଣାଙ୍ଗ ବିକାଶରେ ସହାୟକ ହୋଇଥିବାରୁ ପୃଥିବୀର ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ସମ୍ବିଧାନ କେତେ ଗୁଡିଏ ଅଧିକାର ପ୍ରଦାନ କରିଥାନ୍ତି, ତନ୍ମଧ୍ୟରୁ ମତଦାନ ଅଧିକାର ଅନ୍ୟତମ। ଭାରତ ବର୍ଷ ହେଉଛି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଏବଂ ଆମର ସମ୍ବିଧାନ ସର୍ବଶ୍ରେଷ୍ଠ ଅନ୍ୟ ରାଷ୍ଟ୍ର ତୁଳନାରେ। ସେ ରାଜା ହେଉ କି ପ୍ରଜା, ଧନୀ ହେଉ କି ନିର୍ଦ୍ଧନୀ କିମ୍ବା ସେ ପ୍ରଭାବଶାଳୀ ବ୍ୟକ୍ତି ହେଉ ପଛେ ସମ୍ବିଧାନର ଆଇନ, ନୀତି ଓ ନ୍ୟାୟିକ ବ୍ୟବସ୍ଥାକୁ ସମ୍ମାନ ଦେବାରେ ଅବହେଳା କରନ୍ତି ନାହିଁ। ପ୍ରତ୍ୟେକ ନାଗରିକ ଭିନ୍ନଭିନ୍ନ ତରିକା ଅବଲମ୍ବନ କରି ରାଷ୍ଟ୍ର ଶାସନରେ ଅଂଶ ଗ୍ରହଣ କରିବା ପାଇଁ ରାଜନୈତିକ ଅଧିକାରକୁ ଆପଣାଇବାରେ ପ୍ରଚେଷ୍ଟା ଜାରି ରଖିଥାନ୍ତି। ନିର୍ଦ୍ଦିଷ୍ଟ ବୟସରେ ଉପନୀତ ହୋଇଥିବା ପ୍ରତେକ ସାବାଳକ ନାଗରିକଙ୍କୁ ନିର୍ବାଚନରେ ମତଦାନ କରିବାର ସୁଯୋଗ ଆମ ସମ୍ବିଧାନରେ ବ୍ୟବସ୍ଥା ରହିଅଛି। ଜନସାଧାରଣଙ୍କ ମତଦାନ ଦ୍ୱାରା ପ୍ରତିନିଧିମାନେ ନିର୍ବାଚିତ ହୋଇ ରାଜ୍ୟ କିମ୍ବା କେନ୍ଦ୍ରରେ ସରକାର ଗଠନ ପ୍ରକ୍ରିୟା ଜାରି ରଖିଥାନ୍ତି। ଏହି ଅଧିକାର ଜନମତ ବିଧି ସଂଗତ ପରିପ୍ରକାଶ। ଗଣତାନ୍ତ୍ରିକ ରାଷ୍ଟ୍ର ଏବଂ ମୁକ୍ତ ସମାଜ ବ୍ୟବସ୍ଥାରେ କୌଣସି କୃତ୍ରିମ ଭେଦଭାବ ନରଖି ସମସ୍ତଙ୍କୁ ଏହି ଅଧିକାର ପ୍ରଦାନ କରାଯାଇଥାଏ। ସମସ୍ତ ସାବାଳକ ନାଗରିକ ମତଦାନ ଅଧିକାର ଲାଭ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ରାଜନୈତିକ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତି। ଯେଉଁ ବ୍ୟକ୍ତି କିମ୍ବା ରାଜନୈତିକ ଦଳ ଜନମତର ପଚାଶ ଶତକଡ଼ାରୁ ଅଧିକ ଲାଭ କରିଥାନ୍ତି ସେ ବ୍ୟକ୍ତି ବିଶେଷ ବା ଦଳ ନିର୍ବାଚନ ବୈତରଣୀ ପାର ହୋଇଥାନ୍ତି। ଏଥିରେ କୌଣସି ପ୍ରତିବନ୍ଧକ କିମ୍ବା ରୋକ୍ ଲଗାଯାଇନଥାଏ। ନାଗରିକ ମତଦାନ ଦ୍ୱାରା ଗୋଟିଏ ଜାତିର ଭାଗ୍ୟ ପରିବର୍ତ୍ତନଶୀଳ ହୋଇଯାଇଥାଏ। ଯଦି ଜଣେ ନାଗରିକ ନିଜର ମୂଲ୍ୟବାନ ଭୋଟ ଖଣ୍ଡିକ ସଚ୍ଚୋଟତା ସହକାରେ ଅଧିକାର ସାବ୍ୟସ୍ତ କରିପାରିବ ତେବେ ଏକ ସୁଦୃଢ଼ ସରକାର ଗଠନ କରିବା ସହ ରାଷ୍ଟ୍ରର ପ୍ରଗତି କ୍ଷେତ୍ରରେ ସହାୟକ ହୋଇଥାଏ, କାରଣ ଆମ୍ଭେମାନେ ହେଉଛେ ସ୍‌ବାଧୀନ ଭାରତର ନାଗରିକ। ଆମର ସୁଦୃଢ଼ ମତଦାନ ସୁଶାସନର ପରିଚୟ ଏବଂ ପ୍ରଗତିଶୀଳ ରାଷ୍ଟ୍ରର ଅଂଶିଦାର।

"ଆମେ, ଭାରତର ନାଗରିକବୃନ୍ଦ, ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ରଖି ଏହି ଶପଥ ନେଉଛୁ କି ଆମେ ନିଜ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟି ରଖିବୁ ତଥା ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗାରିମାକୁ ଅକ୍ଷୁର୍ଣ୍ଣ ରଖି, ନିର୍ଭିକ ହୋଇ, ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନହୋଇ ପ୍ରତ୍ୟେକ ନିର୍ବାଚନରେ ନିଜର ମତାଧିକାର ର ପ୍ରୟୋଗ କରିବୁ ।" ମତଦାତାମାନେ ଏହି ସଂକଳ୍ପ ନେଇ ନିର୍ବାଚନ କମିଶନର ପ୍ରତିଷ୍ଠା ଦିବସ ଜାନୁଆରୀ ୨୫ ତାରିଖକୁ "ଜାତୀୟ ମତ ଦାତା ଦିବସ" ରୂପେ ପାଳନ କରୁଛନ୍ତି। ୨୦୧୧ ମସିହାରେ ପ୍ରଥମଥର ପାଇଁ ଉକ୍ତ ଦିବସ ପାଳନ କରିବା ସହିତ ପ୍ରତେକ ବର୍ଷ ଏହି ଦିନଟିକୁ ନୂତନ ଯୁବ ଭୋଟର ମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଦିବସ ପାଳନର ଉଦେଶ୍ୟ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ ସାଧାରଣ ନାଗରିକ ବିଶେଷକରି ଯୁବ ବର୍ଗ ଭୋଟର ମାନଙ୍କୁ ଅଧିକରୁ ଅଧିକ ସଂଖ୍ୟକ ଅଂଶ ଗ୍ରହଣ କରିବା ପାଇଁ ଉତ୍ସାହିତ କରିବା। ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଭାରତ ଏକ ସାର୍ବଭୌମ ଧର୍ମନିରପେକ୍ଷ ସାଧାରଣତନ୍ତ୍ର ରାଷ୍ଟ୍ର ଘୋଷିତ ହେଇଥିଲା। ଏହାର ଠିକ୍ ପୂର୍ବଦିନ ଅର୍ଥାତ ଜାନୁଆରୀ ୨୫ ତାରିଖ ଦିନ ସମ୍ବିଧାନର ୩୨୪ ଧାରା ଅନୁଯାୟୀ ଏକ ସ୍‌ବାଧୀନ ନିର୍ବାଚନ କମିଶନର ପ୍ରତିଷ୍ଠା କରାଇଥିଲା। କମିସନର ନିଷ୍ପତ୍ତି ନେଇଥିଲେକି ୨୧ ବର୍ଷ ବୟସରୁ ଉର୍ଦ୍ଧ୍ୱ ନାଗରିକ ପୁରୁଷ ଅଥବା ମହିଳା ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଚୟନ କିମ୍ବ ନିର୍ବାଚିତ କରିବାର ଅଧିକାର ମିଳିଥିଲା। ଅଠତିରିଷ ବର୍ଷ ପରେ ଅର୍ଥାତ ୧୯୮୮ ମସିହା ୬୧ ତମ ସମ୍ବିଧାନ ସଂଶୋଧନ ବିଲ ଆଗତ କରାଯାଇ ମତ ଦାତାଙ୍କ ବୟସ ୨୧ ରୁ ୧୮ ବର୍ଷକୁ ହ୍ରାସ କରାଯାଇଥିଲା। ନିର୍ବାଚନରେ ଯୁବବର୍ଗଙ୍କ ସାର୍ବଜନୀନ ଭାଗିଦାରୀକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ନିର୍ବାଚନ ଆୟୋଗ 'ମେରା ପେହଲା ଭୋଟ୍ ଦେଶ କେ ଲିଏ' ଅଭିଯାନର ନେତୃତ୍ୱ ନେଉଛନ୍ତି। ଏହି ଅଭିଯାନ ଯୁବଗୋଷ୍ଠୀଙ୍କ ସ୍ୱରର ସାମୂହିକ ଶକ୍ତି ଏବଂ ଦେଶର ଗଣତାନ୍ତ୍ରିକ ପରିଦୃଶ୍ୟ ଗଠନରେ ସେମାନଙ୍କ ସକ୍ରିୟ ଅଂଶଗ୍ରହଣର ଗୁରୁତ୍ୱକୁ ସୂଚାଇଥାଏ। ଆସନ୍ତୁ ଏକାଠି ହୋଇ ଏହି ଦାୟିତ୍ୱକୁ ଗ୍ରହଣ କରିବା ଏବଂ ଆମର ସାମୂହିକ ସ୍ୱରର ଶକ୍ତିକୁ ଉପଯୋଗ କରିବା। ଆମ୍ଭେମାନେ ଆହ୍ୱାନର ସାମ୍ନା କରିବାକୁ ଆଗେଇ ଆସିବା, ଆଜିଠାରୁ ସ୍ୱର ଉତ୍ତୋଳନ କରିବା ଏବଂ ଅନ୍ୟମାନଙ୍କୁ ମଧ ଏହା କରିବା ପାଇଁ ସଶକ୍ତ କରିବା।

ମତ ଦାତା ଦିବସ ପାଳନ କରିବାର ମୁଖ୍ୟ ଲକ୍ଷ୍ୟ ହେଲା କିଭଳି ଭାବରେ ସମସ୍ତ ନାଗରିକମାନେ ନିଜର ମୂଲ୍ୟବାନ ଭୋଟ ଖଣ୍ଡିକ ନିର୍ଭୟରେ ଓ ନିର୍ଦ୍ୱନ୍ଦରେ ନିଜର ମତ ସାବ୍ୟସ୍ତ କରିପାରିବେ ନିର୍ବାଚନ ଆୟୋଗଙ୍କର ଏକ ପ୍ରୟାସ। ୨୦୧୧ ମସିହାରେ ଆରମ୍ଭ ହୋଇଥିବା ଜାତୀୟ ମତ ଦାତା ଦିବସ ଏ ବର୍ଷ ପାଳନ କରୁଛି ୧୪ତଯ ଅଧାୟ। ୨୦୦୯ ମସିହା ସାଧାରଣ ନିର୍ବାଚନରେ ଦେଖାଗଲା ମତ ଦାନ ସଂଖ୍ୟା ୫୮.୨୧ ଶତକଡା ପୂର୍ବ ନିର୍ବାଚନ ଠାରୁ ଅପେକ୍ଷାକୃତ ହ୍ରାସ ପାଇବା ସହ ମହିଳା ଭୋଟରଙ୍କ ସଂଖ୍ୟା ଆପାତତଃ ହ୍ରାସ ପାଇଥିଲା। ତେଣୁ କରି ଏହି ପରିପ୍ରେକ୍ଷୀରେ ନିର୍ବାଚନ ଆୟୋଗ ଚିନ୍ତାକଲେ ଯୁବ ବର୍ଗ ମାନଙ୍କ ମଧରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବା ସହ ୧୮ ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନଙ୍କୁ ନେଇ "ଚୁନାଓ ପାଠ ଶାଳା" ପ୍ରତିଷ୍ଠା କରାଯାଇଛି। ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ସହରାଞ୍ଚଳ ମାନଙ୍କରେ" ଗୋଲାପି ଭୋଟ କେନ୍ଦ୍ର" ଅସ୍ଥାୟୀ ବୁଥ ସ୍ଥାପନା କରାଯାଉଛି। ଏହି ସଚେତନତା ଫଳରେ ୨୦୧୪ ସାଧାରଣ ନିର୍ବାଚନରେ ମତ ଦାତା ସଂଖ୍ୟା ୬୬.୪୪ ଶତକଡା ହାରରେ ବୃଦ୍ଧି ପାଇଥିବା ବେଳେ ସତରତମ ସାଧାରଣ ନିର୍ବାଚନ ଅର୍ଥାତ ୨୦୧୯ରେ କ୍ରମାଗତ ଭାବେ ବୃଦ୍ଧି ପାଇ ୬୭.୪୦ ଶତକଡା ହାରରେ ପହଞ୍ଚିଥିଲା। ଗଣତନ୍ତ୍ର ଇତିହାସରେ ୨୦୨୪ ସାଧାରଣ ନିର୍ବାଚନ ଦୁନିଆର ସବୁଠୁ ବଡ ନିର୍ବାଚନ ହେବାକୁ ଯାଉଛି ବୋଲି ରାଜନୀତି ବିଶେଷଜ୍ଞ ମାନେ ଆକଳନ କରିଛନ୍ତି। ଜାନୁଆରୀ ମାସ ପହିଲାରେ ପ୍ରକାଶିତ ଭୋଟର ତାଲିକା ଅନୁଯାୟୀ ମହିଳା ଭୋଟରଙ୍କ ସଂଖ୍ୟା ବୃଦ୍ଧି ଘଟିଛି ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏକ ଗଣତାନ୍ତ୍ରିକ ରାଷ୍ଟ୍ର ନିର୍ଭର କରେ ଦେଶର ଭୋଟର ମାନଙ୍କ ଉପରେ। ସମସ୍ତ ନାଗରିକ ନିଜର ମୂଲ୍ୟବାନ ଭୋଟ ଖଣ୍ଡିକ ଉତମ ପ୍ରାର୍ଥୀ ଚୟନ କରି ରାଷ୍ଟ୍ର ନିର୍ମାଣରେ ସହଭାଗିତା ହେବା ପାଇଁ ନିର୍ବାଚନ ଆୟୁକ୍ତଙ୍କ ନିବେଦନ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍:୯୪୩୭୯୫୫୫୬୮**

# ମହାବିପ୍ଳବର ମହାନାୟକ ବକ୍ସି ଜଗବନ୍ଧୁ

ସତ୍ୟବାଦୀ ବଳିଆରସିଂହ

୧୮୧୭ ପାଇକ ବିଦ୍ରୋହ ପାଇଁ ସାରା ଦେଶରେ ଚର୍ଚ୍ଚିତ ଆମ ଓଡ଼ିଶା। ଏହି ବିଦ୍ରୋହକୁ ଇଂରେଜମାନେ ପାଇକ ବିଦ୍ରୋହ ଆଖ୍ୟା ଦେଇଥିଲେ ହେଁ ତାହା ଥିଲା ବାସ୍ତବରେ ଗଣ ବିପ୍ଳବ ଓ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ବିଭିନ୍ନ କାରଣରୁ ପ୍ରତ୍ୟେକ ବର୍ଗର ଲୋକମାନଙ୍କର ଏହି ବିପ୍ଳବରେ ସମର୍ଥନ ଥିଲା। ଯେଉଁ ଐତିହାସିକ ପାଇକ ବିଦ୍ରୋହ ପାଇଁ ଆମ ଓଡ଼ିଶା ବୀରମାଟି ଭାବେ ସୁପରିଚିତ ଏବଂ ଉକ୍ତ ବିପ୍ଳବରେ ଯେଉଁ ମହାନ ନେତାଙ୍କ ପାଇଁ ସମଗ୍ର ଭାରତରେ ଇଂରେଜ ସରକାରଙ୍କ ମୁଣ୍ଡ ନଇଁ ଯାଇଥିଲା, ସେ ଥିଲେ ମହା ବିପ୍ଳବର ମହାନାୟକ ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ର। ବକ୍ସିଙ୍କ ନାମ ଉଚ୍ଚାରଣ ମାତ୍ରେ ପ୍ରତ୍ୟେକ ଓଡ଼ିଆର ଲୋମ ଟାଙ୍କୁରି ଉଠେ। ପୁରୀ ଜିଲ୍ଲା ବ୍ରହ୍ମଗିରି ନିକଟବର୍ତ୍ତୀ ରୋଡଙ୍ଗଗଡ଼ ହେଉଛି ତାଙ୍କର ଜନ୍ମସ୍ଥାନ। ସେ ୧୭୫୫ ମସିହା ସେପ୍ଟେମ୍ବର ମାସ ୨୦ ତାରିଖ ଭାଦ୍ରବ ପୂର୍ଣ୍ଣିମା ଶନିବାର ଦିନ ଜନ୍ମଗ୍ରହଣ କରିଥିଲେ। ଐତିହାସିକ ଚକ୍ରଧର ମହାପାତ୍ରଙ୍କ 'ରୋଡଙ୍ଗ ବକ୍ସି' ପୁସ୍ତକ ଓ ରବର୍ଟ ଓ୍ୱେଲ ଓ ଶଙ୍କର ବାଲକ୍ରିଷ୍ଣନ୍ ଦୀକ୍ଷିତଙ୍କ ସମ୍ପାଦିତ 'ଦି ଇଣ୍ଡିଆନ କ୍ୟାଲେଣ୍ଡର' ଅନୁସାରେ ୧୭୫୫ ସେପ୍ଟେମ୍ବର ୨୦ ତାରିଖ ଶନିବାର ରାତ୍ର ଘ ୮.୧୫ମିନିଟ୍‌ରେ ବକ୍ସି ଜନ୍ମ ହୋଇଥିବା ପ୍ରକାଶ ପାଇଛି। କୋଷ୍ଠୀ ଅନୁସାରେ ବକ୍ସି ଜଗବନ୍ଧୁଙ୍କର ରାଶି ନକ୍ଷତ୍ର ହେଉଛି, ୨୬/୧୨ ଉତ୍ତର ଭାଦ୍ରପଦ ମୀନ। ଖୋର୍ଦ୍ଧା ବା ପୁରୀ ରାଜା ସିଂହାସନ ଆରୋହଣ ପୂର୍ବରୁ ରାଜାଙ୍କର ଯେଉଁ ଅଭିଷେକ ହୁଏ ସେତେବେଳେ ବକ୍ସିଙ୍କ କୋଳରେ ବସି ଏହି କାର୍ଯ୍ୟ ହୋଇଥାଏ। ପଦ ମର୍ଯ୍ୟାଦା ଦୃଷ୍ଟିରୁ ରାଜାଙ୍କ ପରେ ବକ୍ସିଙ୍କ ସ୍ଥାନ। ତାଙ୍କର ବିଭିନ୍ନ ରାଜ ପରିବାର ସହ ବୈବାହିକ ସମ୍ପର୍କ ଥାଏ। ବକ୍ସି ଶେରଗଡ଼ ଓ ବଡ଼ମ୍ବା ରାଜକନ୍ୟାଙ୍କୁ ବିବାହ କରିଥିଲେ। ତାଙ୍କର ପଦ ମର୍ଯ୍ୟାଦା ତଥା ବଳିଷ୍ଠ ବ୍ୟକ୍ତିତ୍ୱ ଯୋଗୁଁ ସେ ଉଚ୍ଚ ସମ୍ମାନର ଅଧିକାରୀ ଥିଲେ।

ଇଷ୍ଟଇଣ୍ଡିଆ କମ୍ପାନୀର ଆଗମନ ପରେ ଲୋକଙ୍କ ଉପରେ ଥରକୁ ଥର ଛ'ଥର ବନ୍ଦୋବସ୍ତ ଜରିଆରେ ଖଜଣା ବୃଦ୍ଧି, ପାଇକମାନଙ୍କ ଜାଗିରୀ ଜମି ଉପରେ ଖଜରା ନଥିବାବେଳେ ଖଜଣା ଲାଗୁ ହେବା ତଥା ଲୁଣମରା ଉପରେ ଖଜଣା ଲାଗୁ ହେବା ଯୋଗୁଁ ପ୍ରଜାମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ପୁନଶ୍ଚ କଉଡ଼ି ପରିବର୍ତ୍ତେ ଟଙ୍କା ଆକାରରେ ଖଜଣା ଆଦାୟ ମଧ ଦୁର୍ବିସହ ହୋଇ ପଡ଼ିଲା। କଟକରେ ଅବସ୍ଥାପିତ କଲେକ୍ଟର ଚାର୍ଲସ ଗ୍ରୋମସଙ୍କ ବଙ୍ଗାଳୀ କର୍ମଚାରୀ କୃଷ୍ଣଚନ୍ଦ୍ର ସିଂହଙ୍କ ଷଡ଼ଯନ୍ତ୍ରରେ ତାଙ୍କ ଭାଇ ଗୌରହରି ସିଂହ ଓ ଅନ୍ୟତମ ଆତ୍ମୀୟ ଚନ୍ଦ୍ର ପ୍ରସାଦ ସିଂହ ଚକ୍ରାନ୍ତ କରି ରୋଡଙ୍ଗ ଜମିଦାରୀର ଖଜଣା ରାହାଙ୍ଗ ଓଗେର ଲେଖି ତାହା ରୋଡଙ୍ଗ ନାମରେ ପୈଠ କରିନଥିଲେ। ଫଳରେ ତାଙ୍କର ବକ୍ସିବାଡ଼ ଜମିଦାରୀ, ଗଜପତି ବୀରକିଶୋର ଦେବଙ୍କ ଅମଳରୁ ପାଇଥିବା ଦୁଇଶହ ଏକର ଜମି ଏପରିକି ନିଜର ଚାଷବାସ ପାଇଁ ଥିବା ଚାଷଜମି ଚାଲିଯାଇଥିଲା। ସେ ସର୍ବସ୍ୱାନ୍ତ ହୋଇ କଲିକତା ଯାଇ ମକଦ୍ଦମା ଲଢ଼ିବା ଅପେକ୍ଷା ବିପ୍ଳବକୁ ଶ୍ରେୟ ମନେ କରିଥିଲେ। ତାଙ୍କ ଶ୍ୱଶୁର ଶେରଗଡ଼ ରାଜା, ମଳାଶୁର ଘୁମୁସର ରାଜା ପ୍ରାୟ ଚାରିଶହ ଦୁର୍ଦ୍ଧର୍ଷ କନ୍ଧ ପାଇକ ବାଣପୁର ଅଞ୍ଚଳକୁ ପଠାଇଲେ। କନ୍ଧ ପାଇକମାନଙ୍କ ଅପେକ୍ଷାରେ ଥିବା ବକ୍ସି ଜଗବନ୍ଧୁ ଭାଟପଡ଼ା ଦଳବେହେରା ଦୀନବନ୍ଧୁ ସାମନ୍ତରାୟ, କନ୍ଧ ସର୍ଦ୍ଦାର ବ୍ରଜାନନ୍ଦ ସିଂହ, ପଞ୍ଚୁପଲ୍ଲୀ ଦଳବେହେରା, ଶ୍ରୀହରି ମାନସିଂହ, ଛତ୍ରଗଡ଼ର ବିଷୋଇ, ରଥୀ ସାମନ୍ତସିଂହାର ଓ ଦେଓ୍ୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟଙ୍କ ସହ ଘୁମୁସରରୁ ଆସିଥିବା କନ୍ଧ ପାଇକଙ୍କ ସହ ସ୍ଥାନୀୟ ପାଇକମାନଙ୍କ ସାହାଯ୍ୟରେ ବାଣପୁର ଥାନା ପୋଡ଼ି ଓ ଖଜଣାଖାନା ଲୁଟ୍ କରି ଖୋର୍ଦ୍ଧା ଅଭିମୁଖେ ଚାଲି ଆସିଲେ। ଏହାଥିଲା ୧୮୧୭ ମାର୍ଚ୍ଚ ୨୯ ତାରିଖର ଘଟଣା। ବାଣପୁରରେ ବିଦ୍ରୋହର ସଫଳତା ପରେ ଖୋର୍ଦ୍ଧାରେ ଦାରୋଗା ଥାନା ଛାଡ଼ି ପଳାଇଥିଲେ। ବକ୍ସି ଜଗବନ୍ଧୁ ଓ ଦେଓ୍ୱାନ କୃଷ୍ଣଚନ୍ଦ୍ରଙ୍କ ନେତୃତ୍ୱରେ ପାଇକମାନେ ପାଞ୍ଚଗଡ଼ ସଁପୁର ଯାଇ ଦେଓ୍ୱାନ ସଦାଶିବ ବହିଦାରକୁ ହତ୍ୟା କରିଥିଲେ। ଏପ୍ରିଲ ୨ ତାରିଖ ଦିନ ବକ୍ସିଙ୍କ ନେତୃତ୍ୱରେ ପାଞ୍ଚ ହଜାର ପାଇକ ଗଙ୍ଗପଡ଼ା ଠାରେ ସମ୍ମୁଖ ଯୁଦ୍ଧରେ ଇଂରେଜ ବାହିନୀର ଲେଫ୍ଟନାଂଟ ଫାରିସଙ୍କୁ ହତ୍ୟା କଲେ। ପଚାଶ ଜଣ ସୈନ୍ୟଙ୍କୁ ନେଇ ଆସିଥିବା ଲେଫ୍ଟନାଂଟ ପ୍ରିଡଜ୍ଞ ପ୍ରାଣ ଭୟରେ ବାଳକାଟି ନେଇ କଟକ ଫେରିଗଲେ। ପାଇକଙ୍କ ସଂଖ୍ୟା ଅଧିକ ଥିବାରୁ ତାଙ୍କୁ ମୁକାବିଲା କରିବା ସମ୍ଭବ ନହେବାରୁ ସେ ବାଧ ହୋଇ ପ୍ରତ୍ୟାଗମନ କଲେ ବୋଲି କମିଶନରଙ୍କୁ ଜଣାଇଲେ। ପରେ ପରେ ବକ୍ସିଙ୍କ ନିର୍ଦ୍ଦେଶରେ ଘୋଡ଼ା ସବାର ପର୍ଶୁରାମ ରାଉତରାୟ ବିଶ୍ୱାସଘାତକ ଚରଣ ପଟ୍ଟନାୟକଙ୍କୁ ହତ୍ୟା କରିଥିଲେ।

ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହ ବାଣପୁର ଠାରୁ ଆରମ୍ଭ ହୋଇ ଖୋର୍ଦ୍ଧା ପାଞ୍ଚଗଡ଼, ଗଙ୍ଗପଡ଼ା, ରଥୀପୁର, କୁଦିଆରୀ, ବାଜପୁର, କଣାସ, ପିପିଲି, ପଦନପୁର, ଡେଲାଙ୍ଗ, ଗୋପ, ବ୍ରହ୍ମଗିରି, ପୁରୀ, ଗୋଲରା, ହରିଶପୁର, ମରିଚପୁର, କନିକା, କୁଜଙ୍ଗ, ବାରଙ୍ଗ, ପାରାଦୀପ, ଝଙ୍କଡ଼, ତିରଣ, ପଟ୍ଟାମୁଣ୍ଡାଇ, ଅସୁରେଶ୍ୱର ଆଦି ବହୁ ଅଞ୍ଚଳରେ ଏହାର ଭୟାବହତା ପରିଲକ୍ଷିତ ହୋଇଥିଲା। ଏପରିକି ଗଡ଼ଜାତ ଅଞ୍ଚଳରେ ମଧ ଏହାର ପରୋକ୍ଷ ପ୍ରଭାବ ପ୍ରତିଫଳିତ ହୋଇଥିଲା। ଏହି ପାଇକ ବିଦ୍ରୋହର ବିଭୀଷିକାକୁ ଅନୁଭବ କରି ଇଂରେଜ ସରକାର ସାମରିକ ଆଇନ ଲାଗୁ କରିଥିଲେ।

ପାଇକ ବିଦ୍ରୋହରେ ବକ୍ସିଙ୍କ ନେତୃତ୍ୱକୁ ସମର୍ଥନ କରି ଯେଉଁମାନେ ଜୀବନକୁ ବାଜି ଲଗାଇ ସଂଗ୍ରାମରେ ଝାସ ଦେଇଥିଲେ ସେମାନେ ହେଲେ ଦେଓ୍ୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ, ପିଣ୍ଡିକି ବାହୁବଳେନ୍ଦ୍ର, ବରଗଡ଼ (ଭୁବନେଶ୍ୱର) ଦଳବେହେରା ପଦ୍ମନାଭ ଛୋଟରାୟ(ଶହୀଦ), ରାମ ସିଂହ, ମେଣ୍ଢାଶାଳ(ଶହୀଦ), ଗୋପାଳ ଛୋଟରାୟ, ପୀତବାସ ମଙ୍ଗରାଜ, ବିଷ୍ଣୁ ପାଇକରାୟ, ଗୌରାଙ୍ଗ ବରିସଲ (ଲାଲସିଂହ ଦଳବେହେରା), କାଳିଆ ମାନସିଂହ (ଗଡ଼ ସିରେଇ ଦଳବେହେରା), ଭାଗୁ ହରିଚନ୍ଦନ, କରୁଣାକର ପରମଗୁରୁ, କୁଜଙ୍ଗ ରାଜା ମଧୁସୂଦନ ଷେଣ୍ଡ, କୁଜଙ୍ଗର ବାମଦେବ ପଟ୍ଟଯୋଶୀ ଓ ନାରାୟଣ ପରମଗୁରୁ, ହରିଶପୁର ରାଜା ମଧୁସୂଦନ ମଙ୍ଗରାଜ, ସିକୋର ଦାମ ସୁବୁଦ୍ଧି, ଭାଟପଡ଼ା ଦଳବେହେରା ଦୀନବନ୍ଧୁ ସାମନ୍ତରାୟ, ପଦନପୁର (ପିପିଲି) ସାମନ୍ତ ରାଜବଲ୍ଲଭ ଛୋଟରାୟ, ବଡ଼ପାରିର ଉପେନ୍ଦ୍ର ଜଗଦ୍ଦେବ, ଡୁମୁଡୁମା ଦଳବେହେରା ମୀର ହାଇଦର ଅଲ୍ଲୀ ପ୍ରମୁଖ। ମୀର ହାଇଦର ଅଲ୍ଲୀ ବକ୍ସିଙ୍କ ସାଥୀରେ ଥାଇ କନ୍ଧମାଳ ଜଙ୍ଗଲରେ ପ୍ରାଣତ୍ୟାଗ କରିଥିଲେ।

ବକ୍ସି ଜଗବନ୍ଧୁଙ୍କ ଅସାଧାରଣ ବ୍ୟକ୍ତିତ୍ୱ, ବୀରତ୍ୱ, ସାମାଜିକ ପ୍ରତିଷ୍ଠା ଓ



ରାଜନୈତିକ ଦୂରଦୃଷ୍ଟିର ସୁଦୂର ପ୍ରସାରୀ ପ୍ରଭାବ ପ୍ରବଳ ପରାକ୍ରମୀ ଇଂରେଜ ଶକ୍ତିକୁ ଦୋହଲାଇ ଦେଇଥିଲା। ତାଙ୍କୁ କରାୟତ କରିବା ପାଇଁ ୧୮୧୯ ଖ୍ରୀଷ୍ଟାବ୍ଦରେ କମିଶନର ରବର୍ଟ କରଙ୍କ ନିର୍ଦ୍ଦେଶକ୍ରମେ ପୁରୀର ଜଏଂଟ୍ ମାଜିଷ୍ଟ୍ରେଟ ମେଲଭିଲ ଆତ୍ମଗୋପନ କରିଥିବା ବକ୍ସିଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା ଭିତରେ ତାଂକ ପୋଷ୍ୟପୁତ୍ର ମାଧମରେ ଦିଆଯାଇଥିଲା। ଏହା ପ୍ରଖ୍ୟାତ ଗବେଷକ ସୁଧାକର ପଟ୍ଟନାୟକଙ୍କ ୧୯୫୨ ମସିହାରେ ପ୍ରକାଶିତ 'ଓଡ଼ିଶା ହିଷ୍ଟରିକାଲ୍ ରିସର୍ଚ୍ଚ ଜର୍ଣ୍ଣାଲ' ଭଲ୍ୟୁମ୍-୧ରୁ ଜଣାପଡ଼େ। ବକ୍ସି ସରକାରଙ୍କ ଏ ଆପୋସ ସମାଧାନ ପ୍ରସ୍ତାବ ପାଇବା ପରେ ଯେଉଁ ଚିଟାଉ ଲେଖିଲେ ସେଥିରେ ସର୍ତ୍ତ ରଖିଥିଲେ (୧) ଖୋର୍ଦ୍ଧା ରାଜ୍ୟ ରାଜା ରାମଚନ୍ଦ୍ର ଦେବଙ୍କୁ ଫେରାଇ ଦିଆଯାଉ। (୨) ଖୋର୍ଦ୍ଧାର ସମସ୍ତ ପାଇକମାନଙ୍କୁ ଜାଗିରି ଫେରାଇ ଦିଆଯାଉ ଓ ଖୋର୍ଦ୍ଧାର ଦେବାନ୍ ଓ ବକ୍ସିଙ୍କ ଜାଗିରି ସମେତ ରୋଡଙ୍ଗ ଜମିଦାରୀ ଫେରାଇ ଦିଆଯାଉ। ବକ୍ସିଙ୍କର ଏହି ଅସାଧାରଣ ଦାମ୍ଭିକତାପୂର୍ଣ୍ଣ ସର୍ତ୍ତଗୁଡ଼ିକ ପାଇବା ପରେ ଇଂରେଜ ସରକାର ତାଙ୍କ ଉପରେ ଅଧିକ ପ୍ରତିରୋଧମୂଳକ ବ୍ୟବସ୍ଥା ଗ୍ରହଣ କରିଥିଲେ ଓ ତାଙ୍କୁ ଧରିବା ପାଇଁ ସମସ୍ତ କଳବଳ କୌଶଳ ପ୍ରୟୋଗ କରିଥିଲେ। ଏହା ସତ୍ତ୍ୱେ କୌଣସି ସୁଫଳ ପାଇଲେ ନାହିଁ। ବକ୍ସିଙ୍କ ଛାଇକୁ ମଧ ସ୍ପର୍ଶ କରିବା ସେମାନଙ୍କ ପକ୍ଷେ ସମ୍ଭବ ହେଲା ନାହିଁ। ବକ୍ସି କେଉଁଠି ଆତ୍ମଗୋପନ କରିଛନ୍ତି, ଏହାର ସନ୍ଧାନ ପାଇ ତାଙ୍କୁ ଧରିବା ପାଇଁ ଗଲାବେଳକୁ ବକ୍ସି ଖସି ଯାଆନ୍ତି। ଏଭଳି ଘଟଣା ଆଙ୍ଗୁଲାଚଟି, କବୀରପୁର, ଦୁର୍ଗାପ୍ରସାଦ ଓ ବୌଦ୍ଧର ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ବକ୍ସିଙ୍କ ଅଦଲଗଡ଼ ଶିବିର ଉପରେ ଦଳବଳ ହୋଇ ଚଢ଼ାଉ କଲାବେଳେ ଅନ୍ୟକେହି ଧରାପଡ଼ିଛନ୍ତି ସିନା ବକ୍ସି ଖସି ଚାଲି ଯାଆନ୍ତି। ଏଭଳି ଚମତ୍କାରିତା କ୍ୱଚିତ୍ ଦେଖିବାକୁ ମିଳିଥାଏ। ସେ ମହାରଣା ପ୍ରତାପଙ୍କ ଭଳି ଜଙ୍ଗଲରେ ଘୂରି ଘୂରି ଆତ୍ମଗୋପନ କରିବା ସହ ସରିଲା ଯୁଦ୍ଧରେ ଅତର୍କିତ ଆକ୍ରମଣ କରି ଇଂରେଜ ସରକାରଙ୍କୁ ଭୀତତ୍ରସ୍ତ କରାଉଥିଲେ। ବକ୍ସିଙ୍କ ପ୍ରତି କେବଳ ଦୈବୀଶକ୍ତି ନୁହେଁ ଓଡ଼ିଶାର ରାଜା, ଜମିଦାର, ଦଳବେହେରା, ରାହଙ୍ଗ ଓ କୋଠଦେଶ ଅଞ୍ଚଳର ସାମନ୍ତ, ଦଳେଇ, ପାଇକ ଏବଂ ସର୍ବସାଧାରଣରେ ଅକୁଣ୍ଠ ସମର୍ଥନ ଥିଲା, ଏହା ନିଃସନ୍ଦେହରେ କୁହାଯାଇପାରେ।

ପାଇକ ବିଦ୍ରୋହର ଦୀର୍ଘ ଆଠବର୍ଷ ପରେ ବକ୍ସି ଜଗବନ୍ଧୁ ନୟାଗଡ଼ ରାଜବାଟୀରେ ୧୮୨୫ ମଇ ମାସ ୨୫ ତାରିଖ ଦିନ ଆତ୍ମପ୍ରକାଶ କଲେ। ରାଜା ବ୍ରଜ ବଲ୍ଲଭ ସିଂ ମାନଧାତା, ଜିଲ୍ଲା ମାଜିଷ୍ଟ୍ରେଟ୍ ଉଇଲକିନ୍‌ସନ, ଗଡ଼ଜାତ ମାହାଲ ସୁପରିଟେଣ୍ଡେଣ୍ଟ୍ ଖ୍ୱାଜ ମହମ୍ମଦ, ବେବର୍ତ୍ତା ବରଜୁ ପାଇକରାୟଙ୍କ ଉପସ୍ଥିତିରେ ରାଜା ବକ୍ସିଙ୍କୁ ଡକାଇ କହିଲେ- "ବକ୍ସି ତୁମର ବିଜୟ ହୋଇଛି। ଯେଉଁ ବ୍ରିଟିଶ ଶକ୍ତି ବଳରେ ସାରା ଭାରତକୁ ପଦାନତ କରିଛ, ସେ ଆଜି ପଦାନତ ହୋଇ ତୁମ ନିକଟକୁ ଧାଇଁ ଆସିଛି। ତୁମକୁ ଶୃଙ୍ଖଳାବଦ୍ଧ କରିବା ପାଇଁ ନୁହେଁ, ତୁମର ବ୍ୟକ୍ତିତ୍ୱ, ତୁମର ଦାମ୍ଭିକତା ଓ ସ୍ୱାଭିମାନ ପ୍ରତି ସମୁଚିତ ସମ୍ମାନ ପ୍ରଦର୍ଶନ କରି ବିଶ୍ୱ ସମକ୍ଷରେ ତୁମର ଗରିମା, ତୁମ ମହନୀୟତାର ପ୍ରତିଷ୍ଠା ବଢ଼ାଇବା ପାଇଁ। ଏହାପରେ ରାଜା, ବକ୍ସିଙ୍କୁ ସମ୍ମାନେ ବସିବା ପାଇଁ କହିଲେ। ଉଇଲ କିନ୍‌ସନଙ୍କ ଉଦ୍ଦେଶ୍ୟରେ ବକ୍ସିଙ୍କୁ ପରିଚୟ କରାଇ ଦେବାକୁ ଯାଇ କହିଲେ- "ସାହେବ, ଏ ହେଉଛନ୍ତି ସେହି ପୁରୁଷସିଂହ ବୀର ବକ୍ସି ଜଗବନ୍ଧୁ। ଓଡ଼ିଶା ଗଜପତି ପାଇକ ବାହିନୀର ପ୍ରଧାନ ସେନାପତି, ଏହାପରେ ସର୍ତ୍ତ ପଢ଼ି ବୁଝାଇ ଦେବା ପରେ ବକ୍ସି ସମ୍ମତି ପ୍ରକାଶ କରିଲେ। ଦୀର୍ଘ ଆଠବର୍ଷ ସଂଘର୍ଷମୟ ଜୀବନ ଅତିବାହିତ କରିଥିଲେ ମଧ ବକ୍ସିଙ୍କର ଟାଣପଣ ଅକ୍ଷୁର୍ଣ୍ଣ ରହିଥିଲା ବରଂ ଇଂରେଜମାନଙ୍କର ନୈତିକ ପରାଜୟ ଘଟିଥିଲା। ଏହି ଦିବସ ଥିଲା ବକ୍ସିଙ୍କର ଆତ୍ମପ୍ରକାଶର ଦିବସ। ସେ ସସମ୍ମାନେ ହସ୍ତୀପୃଷ୍ଠରେ ମଇମାସ ୨୫ ତାରିଖ ଦିନ କଟକ ଗଲେ ଓ ୨୭ ତାରିଖ ଦିନ ସେଠାରେ ରହିଲେ। ୧୮୨୯ ମସିହା ଜାନୁଆରୀ ୨୪ ତାରିଖ ଦିନ ତାଙ୍କର ପରଲୋକ ହେଲା। ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁ ନାହାନ୍ତି ସତ କିନ୍ତୁ ତାଙ୍କ ବୀରତ୍ୱର ଆତ୍ମଗାଥା ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣରେ ଶତସିଂହର ବଳ ସଞ୍ଚାର କରେ। ଶ୍ରାଦ୍ଧବାର୍ଷିକୀରେ ବୀର ପୁଙ୍ଗବଙ୍କ ଅମ୍ଳାନ ସ୍ମୃତି ପ୍ରତି ବିନମ୍ର ଶ୍ରଦ୍ଧାଂଜଳି ଜଣାଉଛି।

**ବିଶ୍ୱାତ୍ମା, ଏମ୍-୨୩, ବକ୍ସି ଜଗବନ୍ଧୁ ନଗର**
**ଖୋର୍ଦ୍ଧା-୭୫୨୦୫୫**
**ମୋବାଇଲ୍: ୯୨୩୭୦୮୯୫୦୯**

କେରଳ ନିର୍ବାଚନ ନେଇ କଂଗ୍ରେସର ବୈଠକ

# ଯୋଗଦେଲେନି ଶଶି ଥରୁର୍



ତିରୁବନନ୍ତପୁରମ, ୨୩।୧ଃ ରୋଚକ ମୋଡ଼ ନେଉଛି କେରଳ ରାଜନୀତି। ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ମୋଦୀ ମଞ୍ଚରୁ କଂଗ୍ରେସକୁ ସିଧା ଟାର୍ଗେଟ୍ କରିଛନ୍ତି, ଅନ୍ୟପଟେ କିନ୍ତୁ ନିଜ ଦଳର ନେତା କଂଗ୍ରେସଠୁ ଦୁରେଇ ରହୁଛନ୍ତି । କେରଳ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଥିବା ବେଳେ କଂଗ୍ରେସ ନେତା ଶଶି ଥରୁରଙ୍କ ଅସନ୍ତୋଷର ଖବର ସାମ୍ନାକୁ ଆସିଛି। ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଆଜି ବସିଥିଲା କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ବୈଠକ। କିନ୍ତୁ ଏହି ବୈଠକରେ ସାମିଲ ହୋଇନଥିଲେ ଶଶି ଥରୁର। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବୈଠକରେ ସାମିଲ ନହୋଇ କେରଳର ଫାୟାରବ୍ରାଣ୍ଡ ନେତା ଶଶି ଥରୁର ବର୍ତ୍ତମାନ କେରଳରେ ଅଛନ୍ତି। ଯେଉଁ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ କେରଳ ଗସ୍ତରେ ଅଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି. ଶଶି ଥରୁରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କାହିଁକି ସଂକୋଚ କରୁଛି କଂଗ୍ରେସ, ତାହା ଜଣାପଡୁନାହିଁ।

କଂଗ୍ରେସ ଜାଣେ ଯେ, ଥରୁରଙ୍କ ଭଳି ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବଳ ଜଣେ ସାଂସଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନୁହେଁ ବରଂ ଦଳର ଦୃଢ଼ ଆଦର୍ଶଗତ ପ୍ରତିଛବି ପାଇଁ ମଧ ଏହା ଆଘାତ ହେବ। କଂଗ୍ରେସ ୨୦୧୬ ମସିହାରୁ କେରଳରେ କ୍ଷମତା ବାହାରେ ଅଛି ଏବଂ ୨୦୨୬ ଏପ୍ରିଲ-ମେ ମାସରେ ହେବାକୁ ଥିବା ନିର୍ବାଚନ କଂଗ୍ରେସ ପାଇଁ କର ବା ମର ସ୍ଥିତିରେ ରହିଛି। ତେଣୁ ଏହି ସମୟରେ, ଦଳ କୌଣସି ନୂତନ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ ସୃଷ୍ଟି କରିବାକୁ ଚାହୁଁନାହିଁ। ଶଶି ଥରୁରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ କଂଗ୍ରେସ ଭିତରେ ଗୋଷ୍ଠୀଦ୍ୱନ୍ଦ୍ୱକୁ ସାମ୍ନାକୁ ଆଣିପାରେ, ଯାହାର ସିଧାସଳଖ ପ୍ରଭାବ ନିର୍ବାଚନ ପ୍ରସ୍ତୁତି ଉପରେ ପଡ଼ିବ ବୋଲି କୁହାଯାଉଛି। ଥରୁରଙ୍କୁ ଦଳରୁ ବିଦା କରିବା କଂଗ୍ରେସ ପାଇଁ ଏକ ରାଜନୈତିକ ବିପର୍ଯ୍ୟୟ ପ୍ରମାଣିତ ହୋଇପାରେ।

ମଧ୍ୟପ୍ରାଚ୍ୟରେ ଯୁଦ୍ଧର କଳା ବାଦଲ

# ଇରାନରେ ପହଞ୍ଚିଲା ସବୁଠାରୁ ବଡ଼ ଯୁଦ୍ଧଜାହାଜ



## ଆମେରିକା ପରେ ଇସ୍ରାଏଲ ବି ଆରମ୍ଭ କଲା ଯୁଦ୍ଧ ପ୍ରସ୍ତୁତି

ୱାଶିଂଟନ, ୨୩।୧ : ଆମେରିକା-ଇରାନ ମଧରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ଏହି ସମୟରେ ଆମେରିକାର ସବୁଠାରୁ ବଡ଼ ବିଧ୍ୱଂସକ ଜାହାଜ ୟୁଏସ୍ଏସ୍ ଆବ୍ରାହମ ଲିଙ୍କନ ଇରାନ ନିକଟରେ ପହଞ୍ଚିଛି। ଯାହା ବଡ଼ ଦୁର୍ଘଟଣାର ସଙ୍କେତ ଦେଉଛି।

ଆମେରିକା ପ୍ରତିରକ୍ଷା ବିଭାଗ ସୂଚନା ଦେଇଛି ଯେ, ୟୁଏସ୍ଏସ୍ ଆବ୍ରାହମ୍ ଲିଙ୍କନ୍ କ୍ୟାରିୟର ଷ୍ଟ୍ରାଇକ୍ ଗ୍ରୁପ୍‌କୁ ପ୍ରଶାନ୍ତ ମହାସାଗରରୁ ହଟାଇ ମଧପ୍ରାଚ୍ୟ ଅଭିମୁଖେ ପଠାଯାଇଛି। ଏହା ସହିତ ଏକାଧିକ ଏଫ୍-୧୫ଇ ଯୁଦ୍ଧବିମାନ ବ୍ରିଟେନରୁ ଜୋର୍ଡାନକୁ ପଠାଯାଇଛି। ଆଗାମୀ ଦିନରେ ଏଫ୍-୧୬ ଏବଂ ଏ-୧୦ ଆଟାକ୍ ଏୟାରକ୍ରାଫ୍ଟ ମଧ ଏହି ଅଞ୍ଚଳରେ ମୁତୟନ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ତେହେରାନ ଉପରେ ଆମେରିକା ଅତି ଅପ୍ରତ୍ୟାଶିତ ଢଙ୍ଗରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ ବୋଲି ଆଶଙ୍କା କରି ଇସ୍ରାଏଲ ମଧ ଯୁଦ୍ଧ ପ୍ରସ୍ତୁତି ଚଳାଇଛି। ଆମେରିକାର ଆକ୍ରମଣ ଆରମ୍ଭ ହେବା ମାତ୍ରେ ଇରାନ ଇସ୍ରାଏଲକୁ ପ୍ରଥମେ ଟାର୍ଗେଟ୍ କରିବା ପ୍ରାୟ ନିଶ୍ଚିତ ଥିବାରୁ ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ବ୍ୟାପକ ପ୍ରସ୍ତୁତି ଚଳାଇଛି।

ଅନ୍ୟପଟେ ଆମେରିକା ଏବଂ ଇରାନ ମଧରେ ବଢୁଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ଇସ୍ରାଏଲ ମଧ ଯୁଦ୍ଧ ମୋଡରେ ପହଞ୍ଚିଛି। ଦେଶରେ ସତର୍କତା ସ୍ତର ବୃଦ୍ଧି କରିବା ସହିତ, ଇରାନରୁ ଯେକୌଣସି ସମ୍ଭାବ୍ୟ ଆକ୍ରମଣର ମୁକାବିଲା କରିବା ପାଇଁ ପୁଲିସ, ଅଗ୍ନିଶମ ବାହିନୀ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସେବାକୁ ସକ୍ରିୟ କରାଯାଇଛି। ଆଇଡିଏଫ୍ ଚିଫ୍ ଅଫ୍ ଷ୍ଟାଫ୍ ଲେଫ୍ଟନାଣ୍ଟ ଜେନେରାଲ ଇୟାଲ୍ ଜମିର କହିଛନ୍ତି ଯେ, ସେନା ଯେକୌଣସି ବିପଦର ସମ୍ମୁଖୀନ ହେବାକୁ ପ୍ରସ୍ତୁତ। ଇସ୍ରାଏଲୀ ଖବରକାଗଜ ଦି ଟାଇମ୍ସ ଅଫ୍ ଇସ୍ରାଏଲ ଅନୁଯାୟୀ, ଚିଫ୍ ଅଫ୍ ଷ୍ଟାଫ୍ କହିଛନ୍ତି ଯେ, ହୋମ୍ ଫ୍ରଣ୍ଟ ତାଲିମପ୍ରାପ୍ତ ଏବଂ ସକ୍ଷମ ଏବଂ ଆମର ସେନା ହାଇ ଆଲର୍ଟରେ ରହିଛି। ସେପଟେ ଇରାନ ମଧ କଡ଼ା ଟକ୍କର ଦେବା ଅପେକ୍ଷାରେ ରହିଛି। ଖାମେନି ସରକାର ଆମେରିକାକୁ ଛଡ଼ାଯିବନି ଓ ଉଚିତ ଜବାବ ଦିଆଯିବ ବୋଲି କହିଛନ୍ତି। ଋଷ ଓ ଚୀନଠାରୁ ଇରାନ କେତେକ ଅସ୍ତ୍ରଶସ୍ତ୍ର ଆଣିଥଇବା ବେଳେ ମଧ ପ୍ରାଚ୍ୟରେ ଯୁଦ୍ଧର କଳା ବାଦଲ ଦେଖିବାକୁ ମିଳିଛି।

# ଦକ୍ଷିଣ ଚୀନ୍ ସାଗରରେ ଓଲଟିଲା ଜାହାଜ



୨ ଫିଲପାଇନ୍ସ ନାଗରିକ ମୃତ, ୪ ନିଖୋଜ

ବେଜିଂ, ୨୩।୧ଃ ଦକ୍ଷିଣ ଚୀନ୍ ସାଗରରେ ଏକ ଜାହାଜ ଓଲଟି ପଡିବାରୁ ଅନୁନ୍ୟ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ କିଛି ଲୋକେ ନିଖୋଜ ଅଛନ୍ତି। କୁହାଯାଉଛି ଦୁର୍ଘଟଣାଗ୍ରସ୍ତ ଜାହାଜଟିରେ ସିଙ୍ଗାପୁରର ପତାକା ଲାଗିଥିଲା। ଏହା ଏକ ମାଲବାହକ ଜାହାଜ ଓ ଏହାର ନାମ ଏମଭି ଡେଭନ ବେ। ଏଥିରେ ୨୧ ଜଣ ଚାଳକ ଦଳ ସଦସ୍ୟ ଥିଲେ ଓ ସମସ୍ତେ ଫିଲପାଇନ୍ସର ବୋଲି କୁହାଯାଉଛି। ଜାହାଜ ଲୁହା ପଥର ବୋଝେଇ ନେଇ ଚୀନ୍ ର ଗ୍ୱାଙ୍ଗଡୋଙ୍ଗ ପ୍ରାନ୍ତକୁ ଯାଉଥିଲା।

ଚୀନ୍ ଅଧିକାରୀଙ୍କ ଅନୁସାରେ ପ୍ୟୁପିଲସ୍ ଲିବରେସନ ଆର୍ମି (ପିଏଲଏ) ସଦର୍ଣ୍ଣ ଥିଏଟର କମାଣ୍ଡ ଅନ୍ତର୍ଗତ ଚୀନ୍ କୋଷ୍ଟଗାର୍ଡ ଓ ଚୀନ୍ ନୌସେନା ମିଳିତ ଉଦ୍ଧାର ଅଭିଯାନ ଚଳାଇ ୧୭ ଜଣଙ୍କୁ ଉଦ୍ଧାର କରିଛନ୍ତି। ଉଦ୍ଧାର ଲୋକଙ୍କ ମଧରୁ ୧୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ବେଳେ ୨ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ଅନ୍ୟ ଜଣେ ଆହତ ହୋଇଛନ୍ତି। ଏହି ଦୁର୍ଘଟଣାରେ ଅନ୍ୟ ୪ ଜଣ ନିଖୋଜ ଥିବା ବେଳେ ସେମାନଙ୍କ ସନ୍ଧାନ ଜାରି ରହିଛି। ଏହି ଦୁର୍ଘଟଣା ସ୍କାରବୋରୋ ସୋଲରୁ ପାଖାପାଖି ୧୦୦ କିଲୋମିଟର ଉତ୍ତର-ପଶ୍ଚିମ ଦିଗରେ ହୋଇଛି। ଦକ୍ଷିଣ ଚୀନ୍ ସାଗରର ଏହି କ୍ଷେତ୍ରଟି ସବୁଠୁ ବିବାଦୀୟ ସ୍ଥାନ। ଏହି କ୍ଷେତ୍ରକୁ ଚୀନ୍,ଫିଲପାଇନ୍ସ, ଭିଏତନାମ, ମାଲେସିୟା, ବ୍ରୁନେଇ ଓ ତାଇୱାନ ନିଜର ଦାବି କରୁଛନ୍ତି। ଫିଲପାଇନ୍ସ ସମୁଦ୍ରର ଏହି ଅଞ୍ଚଳକୁ 'ବଜୋ ଡେ ମାସିନଲୋକ' ବୋଲି କହୁଛି। ଦୁର୍ଘଟଣାଗ୍ରସ୍ତ ଜାହାଜ ସହ ଗୁରୁବାର ରାତିରେ ସମ୍ପର୍କ ବିଚ୍ଛିନ୍ନ ହୋଇଥିଲା। ଫିଲପାଇନ୍ସ କୋଷ୍ଟଗାର୍ଡ ମଧ ରିଲିଫ ଓ ଉଦ୍ଧାର ଅଭିଯାନ ନିମନ୍ତେ ୨ଟି ଜାହାଜ ଓ ଏକ ବିମାନ ପଠାଇଛି।

# ଭାରତୀୟ ପର୍ବତାରୋହୀଙ୍କ ବିଶ୍ୱ ରେକର୍ଡ



## ୟୁରୋପର ସର୍ବୋଚ୍ଚ ଶୃଙ୍ଗରେ ଅମ୍ଳଜାନ ବିନା ୨୪ ଘଣ୍ଟା

ନୂଆଦିଲ୍ଲୀ ୨୩।୧ଃ ପର୍ବତାରୋହଣରେ ଭାରତୀୟଙ୍କ ବିଶ୍ୱ ରେକର୍ଡ। ୟୁରୋପର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ୍ ଏଲବ୍ରଶରେ ଅମ୍ଳଜାନ ବିନା ୨୪ ଘଣ୍ଟା ବିତିଲା। ହରିୟାଣାର ହିସାର ସ୍ଥିତ ମଲାପୁର ବାସିନ୍ଦା ରୋହତାଶ ଖିଲେରୀ ୧୮,୫୧୦ ଫୁଟ ଉଚ୍ଚରେ ଅମ୍ଳଜାନ ବିନା ୨୪ ଘଣ୍ଟା ବିତାଇବା ପରେ ନିଜେ ଭିଡିଓ ପ୍ରସ୍ତୁତ କରିଛନ୍ତି। ସେ ଦାବି କରିଛନ୍ତି, ଏହା ବିଶ୍ୱ ରେକର୍ଡ ଏବଂ ସେ ଏହା କରିଥିବା ବିଶ୍ୱର ପ୍ରଥମ ବ୍ୟକ୍ତି। ରୋହତାଶ ୮ ବର୍ଷ ବୟସରୁ ପର୍ବତାରୋହଣ କରୁଛନ୍ତି। ଚଳିତ ମାସ ୨୦ ତାରିଖରେ ରୋହତାଶ ମାଉଣ୍ଟ୍ ଏଲବ୍ରଶ ପର୍ବତ ଉପରେ ପହଞ୍ଚିଥିଲେ। ସେଠାରେ ତାପମାତ୍ରା ବିଯୁକ୍ତ ୪୦ ଡିଗ୍ରୀରୁ ବିଯୁକ୍ତ ୫୦ ଡିଗ୍ରୀ ସେଲ୍ସିୟସ ଥିଲା। ଘଣ୍ଟାପ୍ରତି ୫୦ରୁ ୬୦ କିମି ବେଗରେ ଥଣ୍ଡା ପବନ ପ୍ରବାହିତ ହେଉଥିଲା। ରୋହତାଶ ସୋସିଆଲ ମିଡିଆରେ ନିଜର ଅନୁଭବ ଶେୟାର କରି କହିଛନ୍ତି, ଏହି ବିଜୟ ସହଜ ନ ଥିଲା। ୨୦୧୮ରେ ସେ ଏହି ଯାତ୍ରା ଆରମ୍ଭ କରିଥିଲେ। ୨୦୨୦ରେ ଜଣେ ଗାଇଡଙ୍କ ଜୀବନ ବଞ୍ଚାଇବା ଲାଗି ତାଙ୍କୁ ମିଶନ୍ ଛାଡ଼ିବାକୁ ପଡ଼ିଥିଲା। ୨୦୨୩ରେ ଖରାପ ପାଣିପାଗ ତାଙ୍କ ଯାତ୍ରାରେ ବାଧକ ହେଲା। ଏହି ଐତିହାସିକ ମିଶନ ସମୟରେ ରୋହତାଶଙ୍କୁ ଫ୍ରଷ୍ଟ୍ ବାଇଟ୍ର ସମ୍ମୁଖୀନ ହେବାକୁ ପଡ଼ିଲା। ଏଥିରେ ସେ ଦୁଇଟି ଆଙ୍ଗୁଳି ହରାଇଲେ। କିନ୍ତୁ ଲକ୍ଷ୍ୟଚ୍ୟୁତ ହେଲେ ନାହିଁ। ଶେଷରେ ସେ ସଫଳ ହେଲେ।

ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରଧାନମନ୍ତ୍ରୀ

# ପ୍ରଥମେ ସାର୍ବଜନୀନ କର ଦସ୍ତାବିଜ: ମମତା



ନୂଆଦିଲ୍ଲୀ,୨୩।୧ଃ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମବାର୍ଷିକୀରେ ହୃଦୟର ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ କହିଛନ୍ତି, ନିର୍ଭୀକ ନେତୃତ୍ୱ ଏବଂ ଅଟଳ ଦେଶପ୍ରେମର ଉଦାହରଣ ଥିଲେ ନେତାଜୀ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ ଏହି ଅବସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ କେନ୍ଦ୍ର ସରକାରଙ୍କୁ ନେତାଜୀଙ୍କ ସହ ଜଡିତ ସମସ୍ତ ଦସ୍ତାବିଜକୁ ସାର୍ବଜନୀନ କରିବାକୁ ଅନୁରୋଧ କରିଥିଲେ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ରସ୍ ଦ୍ୱୀପକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦ୍ୱୀପରେ ପରିଣତ ହୋଇଥିଲା। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଉପନିବେଶବାଦୀ ମାନସିକତାକୁ ଦୂର କରିବା ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ପାଇଁ ତାଙ୍କ ସରକାରଙ୍କ ପ୍ରୟାସର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଜାତୀୟ ରାଜଧାନୀର ହୃଦୟରେ ଇଣ୍ଡିଆ ଗେଟ୍ ନିକଟରେ ତାଙ୍କର ମହାନ ପ୍ରତିମୂର୍ତ୍ତି ସ୍ଥାପନ କରିବାର ନିଷ୍ପତ୍ତି। ଏହି ମହାନ ପ୍ରତିମୂର୍ତ୍ତି ଆଗାମୀ ପିଢ଼ିକୁ ପ୍ରେରଣା ଦେବ।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୁକ୍ରବାର ସୁଭାଷ ଚନ୍ଦ୍ର ବୋଷଙ୍କୁ ତାଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ତାଙ୍କ ସହିତ ଜଡିତ ସମସ୍ତ ଦସ୍ତାବିଜକୁ ପ୍ରକାଶ କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଇନଷ୍ଟାଗ୍ରାମରେ ସେୟାର କରାଯାଇଥିବା ଏକ ପୋଷ୍ଟରେ ବାନାର୍ଜୀ ଦୁଃଖ ପ୍ରକାଶ କରିଛନ୍ତି ଯେ, ଦଶନ୍ଧି ପରେ ମଧ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନିଖୋଜ ରହସ୍ୟ ଅସମାପ୍ତ ରହିଛି।

ମମତା ବାନାର୍ଜୀ ଇନଷ୍ଟାଗ୍ରାମରେ ଲେଖିଛନ୍ତି, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମବାର୍ଷିକୀରେ ମୁଁ ତାଙ୍କୁ ମୋର ହୃଦୟର ଶ୍ରଦ୍ଧା ଏବଂ ସଲାମ ଜଣାଉଛି। ଏହା ଆମର ସାମୂହିକ ଦୁର୍ଭାଗ୍ୟ ଯେ, ନେତାଜୀଙ୍କ ନିଖୋଜର ରହସ୍ୟ ଅସମାପ୍ତ ହୋଇନାହିଁ। ଆମେ ଜାଣିନାହୁଁ ଯେ ୧୯୪୫ ପରେ ତାଙ୍କ ସହିତ କ'ଣ ଘଟିଥିଲା। ଏହା ସମସ୍ତଙ୍କ ପାଇଁ ବହୁତ ଦୁଃଖର ବିଷୟ। ବାନାର୍ଜୀ କହିଛନ୍ତି ଯେ, ପଶ୍ଚିମବଙ୍ଗ ସରକାର ବହୁ ପୂର୍ବରୁ ବୋଷଙ୍କ ସହିତ ଜଡିତ ସମସ୍ତ ରାଜ୍ୟ ଫାଇଲକୁ ପ୍ରକାଶ କରିଦେଇଛନ୍ତି। ସେ କହିଛନ୍ତି, ମୁଁ ପୁଣିଥରେ ଭାରତ ସରକାରଙ୍କୁ ନେତାଜୀଙ୍କ ସହିତ ଜଡିତ ସମସ୍ତ ସୂଚନା ସାର୍ବଜନୀନ କରିବାକୁ ନିବେଦନ କରୁଛି।

# ଗଣତନ୍ତ୍ର ଦିବସରେ ଗର୍ଜିବ ରାଫେଲ-ସୁଖୋଇ

## ପ୍ରଦର୍ଶିତ ହେବ ୩୦ ପ୍ରଜ୍ଞାପନ ମେଢ଼

## ଦମ୍ ଦେଖାଇବ ଭାରତୀୟ ସେନା

ନୂଆଦିଲ୍ଲୀ,୨୩।୧ଃ ଗଣତନ୍ତ୍ର ଦିବସ ପାଇଁ ଚଳଚଞ୍ଚଳ କର୍ତ୍ତବ୍ୟପଥ। ବିଭିନ୍ନ ରାଜ୍ୟ ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରଜ୍ଞାପନ ମେଢ ଏଠାରେ ସ୍ଥାନ ପାଇବ। ପ୍ରାୟ ୩୦ଟି ପ୍ରଜ୍ଞାପନ ମେଢ ଭାରତର ଶୌର୍ଯ୍ୟ ଏବଂ ସାହାସକୁ ପ୍ରଦର୍ଶନ କରିବ। ତେବେ ସବୁଠୁ ଖାସ କଥା ହେଲା ଯେ, ଭାରତୀୟ ସ୍ଥଳ ସେନା, ବାୟୁ ସେନା ଏବଂ ନୌସେନା ଏଠାରେ ନିଜର ଦମ୍ ଦେଖାଇବେ। ଏହାସହ ଅପେରେସନ ସିନ୍ଦୂରର ପ୍ରଜ୍ଞାପନ ମେଢ ମଧ ଏଠାରେ ସ୍ଥାନ ପାଇବ। କିପରି ଭାରତ ପାକିସ୍ତାନରେ ପଶି ଆତଙ୍କବାଦୀଙ୍କୁ ଧ୍ୱଂସ କରିଥିଲା ତାହା ମଧ ସାରା ବିଶ୍ୱ ଦେଖିବ।

ଏହା ବ୍ୟତୀତ ପ୍ରତିରକ୍ଷା କ୍ଷେତ୍ର ସହ ଜଡିତ ଅନେକ ଅସ୍ତ୍ରଶସ୍ତ୍ରକୁ ଏଠାରେ ପ୍ରଦର୍ଶନ କରାଯିବ। ଡିଆରଡିଓ ଏବଂ ଗୃହ ମନ୍ତ୍ରାଳୟର ବିଏନଏସ ଉପରେ ଆଧାରିତ ମେଢ ମଧ ଏଠାରେ ଶୋଭା ବଢ଼ାଇବ। ଯେଉଁଥିରେ୧୮୫୭ର ସ୍ୱାଧୀନତା ସଂଗ୍ରାମରୁ ୧୯୪୭ରେ ସ୍ୱାଧୀନତା ଦିବସରେ ପତାକା ଉତ୍ତୋଳନ ମଧ ସ୍ଥାନ ପାଇବ। ଏଥର ମେଢରେ ସମସ୍ତଙ୍କ ନଜରରେ ରହିଛି ଅପରେସନ ସିନ୍ଦୂର। ଏଥିସହ ୨୦୨୪ ଜୁଲାଇ ୧ରେ ଭାରତୀୟ ନ୍ୟାୟ ସଂହିତା ଲାଗୁ ହୋଇଥିବା ବେଳେ ଏନେଇ ଗୃହମନ୍ତ୍ରାଳୟ ପକ୍ଷରୁ ପ୍ରଜ୍ଞାପନ ମେଢ ପ୍ରସ୍ତୁତ କରାଯାଇଛି। ୩୦ଟି ପ୍ରଜ୍ଞାପନ ମେଢ ମଧରୁ ୧୭ଟି ବିଭିନ୍ନ ରାଜ୍ୟ ପଠାଇଛନ୍ତି। ଏହାସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରାଳୟ ପକ୍ଷରୁ ୧୩ଟି ମେଢ ରହିଛି। ଏ ସବୁରେ ହିମାଚଳ ପ୍ରଦେଶର ବୀର ସହିଦ, ଛତିଶଗଡର ଆଦିବାସୀଙ୍କ ଇଂରେଜ ବିରୋଧୀ ଲଢେଇ ରହିଛି।

୮୦୦ରୁ ଅଧିକ କଏଦୀଙ୍କ ମୃତ୍ୟୁଦଣ୍ଡ ଘଟଣା

# ଟ୍ରମ୍ପଙ୍କ ମିଛ ଧରାଇଲା ଇରାନ



ତେହେରାନ,୨୩।୧ଃ ବିଶ୍ୱ ଦରବାରରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୁଖା ପୁଣି ଥରେ ଖୋଲିଛି। ଆମେରିକାର ୧ ନମ୍ବର ନାଗରିକଙ୍କ ମୁହଁଫୁଟାଣି ଭାଙ୍ଗିଛି। ଇରାନକୁ ନେଇ ଟ୍ରମ୍ପ ଯେଉଁ ଦାବି କରିଛନ୍ତି ତାହା ମିଥ୍ୟା ବୋଲି ଜଣାଯାଇଛି। ଟ୍ରମ୍ପଙ୍କ ଦାବିକୁ ଇରାନ ମିଛ ବୋଲି କହିଛି। ଏଥି ସହିତ ଡୋନାଲ୍ଡ ଟ୍ରମ୍ପଙ୍କ ଦାବିକୁ ଇରାନ ପ୍ରତ୍ୟାଖ୍ୟାନ କରିଛି। ଟ୍ରମ୍ପ ଦାବି କରିଥିଲେ ଯେ, ତାଙ୍କର ଗୋଟିଏ ଦସ୍ତଖତ ତେହେରାନରେ ୮୦୦ରୁ ଅଧିକ କଏଦୀଙ୍କ ମୃତ୍ୟୁଦଣ୍ଡକୁ ରୋକି ଦେଇଥିଲା। ଟ୍ରମ୍ପଙ୍କ ଏହି ଦାବି ପରେ ଇରାନ ପ୍ରତିକ୍ରିୟା ରଖିଛି।

ଇରାନର ନ୍ୟାୟପାଳିକା ଟ୍ରମ୍ପଙ୍କ ଏହି ବୟାନକୁ 'ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭ୍ରମିତ କଲାଭଳି ମନ୍ତବ୍ୟ' ବୋଲି କହିଛି। ଇରାନ କହିଛି ଯେ, ଏପରି କିଛି ଘଟିନାହିଁ। ଇରାନର ସର୍ବୋଚ୍ଚ ପବ୍ଲିକ ପ୍ରସିକ୍ୟୁଟର କହିଛନ୍ତି, ଟ୍ରମ୍ପଙ୍କ ଦାବି ଯେ, ତେହେରାନ ୮୦୦ ପ୍ରତିବାଦକାରୀ କଏଦୀଙ୍କ ମୃତ୍ୟୁଦଣ୍ଡକୁ ରୋକିଦେଇଛି। କିନ୍ତୁ ଟ୍ରମ୍ପଙ୍କ ଏହି ବୟାନ 'ସମ୍ପୂର୍ଣ୍ଣ ମିଥ୍ୟା'। ଏପରି କୌଣସି ସଂଖ୍ୟା ନାହିଁ ଏବଂ ନ୍ୟାୟପାଳିକା ଦ୍ୱାରା ଏପରି କୌଣସି ନିଷ୍ପତ୍ତି ନିଆଯାଇନାହିଁ। ୮୦୦ ଲୋକଙ୍କୁ ଫାଶୀ ଦେବା ନେଇ କୌଣସି ନିଷ୍ପତ୍ତି ହୋଇନାହିଁ।

ଅନ୍ୟପଟରେ ଆମେରିକାର ଜଣେ ମାନବାଧିକାର କର୍ମୀଙ୍କ କହିବା ଅନୁସାରେ, ଇରାନ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଫଳରେ ହଜାର ହଜାର ଲୋକଙ୍କ ମୃତ୍ୟୁ ହୋଇଛି ଏବଂ ହଜାର ହଜାର ଗିରଫ ହୋଇଛନ୍ତି। ଇରାନରେ ମୃତ୍ୟୁ ସଂଖ୍ୟା ୫,୦୦୨ରେ ପହଞ୍ଚିଛି, ଯେଉଁଥିରେ ପ୍ରଦର୍ଶନକାରୀ, ସୁରକ୍ଷା କର୍ମୀ, ଶିଶୁ ଏବଂ ସାଧାରଣ ନାଗରିକ ସାମିଲ ଅଛନ୍ତି। ଏଥିରେ କୌଣସି ସତ୍ୟତା ନଥିବା ଇରାନ ସ୍ପଷ୍ଟ କରିଛି।

ସ୍ୱଚ୍ଛ ସହରରେ ଜଳ ପାଲଟିଛି ଜହର

# ଦୂଷିତ ପାଣି ପିଇ ପୁଣି ୨୫ ଗୁରୁତର



ଇନ୍ଦୋର,୨୩।୧ଃ ସ୍ୱଚ୍ଛତା ପାଇଁ ଦେଶରେ ନମ୍ବର ୱାନ ରହୁଥିବା ଇନ୍ଦୋର ଲୋକଙ୍କୁ ପିଇବା ପାଣି ମୁନ୍ଦାଏ ଯୋଗାଇ ପାରୁନାହିଁ। କିଛି ଦିନ ତଳେ ଇନ୍ଦୋରରେ ଦୂଷିତ ପାଣି ପିଇ ୨୫ ଜଣଙ୍କର ମୃତ୍ୟୁ ହୋଇଥିଲା। ଏକାଧିକ ଡାକ୍ତରଖାନାରେ ଆଡମିଶନ ହୋଇଥିଲେ। ଯାହାକୁ ନେଇ ସାରା ଦେଶରେ ଇନ୍ଦୋର ଛବି ଖରାପ ହୋଇଥିଲା। ବର୍ତ୍ତମାନ ପୁଣିଥରେ ସେଭଳି ଘଟଣା ସାମ୍ନାକୁ ଆସିଛି। ଦୂଷିତ ପାଣି ପିଇ ୨୫ ଜଣଙ୍କ ଅବସ୍ଥା ଗୁରୁତର ହୋଇଛି।

ସଦ୍ୟ ଘଟଣା ମୋହା ଅଞ୍ଚଳରେ ଘଟିଛି। ଏଠାରେ ୨୫ ଜଣ ସ୍ଥାନୀୟ ବାସିନ୍ଦା ଦୂଷିତ ପାଣି ପିଇ ଅସୁସ୍ଥ ହୋଇପଡ଼ିଛନ୍ତି। ଏମାନଙ୍କ ମଧରୁ ୯ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ଅନ୍ୟମାନେ ଡାକ୍ତରୀ ଟିମ୍ ନେତୃତ୍ୱରେ ଘରେ ଚିକିତ୍ସିତ ହେଉଛନ୍ତି। ସେପଟେ ଅଧିକାରୀ କହିଛନ୍ତି ଯେ, ସ୍ଥାନୀୟ ଅଞ୍ଚଳରେ ଆଉ କିଛି ଏଭଳି ମାମଲା ଚିହ୍ନଟ ହୋଇଛି। ତେଣୁ ଏହି ସଂଖ୍ୟା ବଢ଼ିପାରେ। ପ୍ରଭାବିତ ଅଞ୍ଚଳରୁ ରିପୋର୍ଟ ଆସିବା ପରେ ଗୁରୁବାର ବିଳମ୍ବିତ ରାତିରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଜିଲ୍ଲା କଲେକ୍ଟର ଶିବମ୍ ବର୍ମା ରୋଗୀମାନଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବାକୁ ହସ୍ପିଟାଲ ପରିଦର୍ଶନ କରିଥିଲେ। ଅନ୍ୟପଟେ ଘଟଣାରେ ଦିଲ୍ଲା ପ୍ରଶାସନ ଏକ ଡାକ୍ତରୀ ଦଳ ନିୟୋଜିତ କରିଛି। ଶୁକ୍ରବାର ସକାଳୁ ସ୍ୱାସ୍ଥ୍ୟ ବିଭାଗର ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦେଉଛନ୍ତି।

# କେରଳ ଓ ତାମିଲନାଡୁରେ ଗର୍ଜିଲେ ମୋଦି



## କେରଳରେ ନବସୃଜନ ଏବଂ ଉଦ୍ୟୋଗୀତା ହବ୍ ପାଇଁ ଶିଳାନ୍ୟାସ

## ସ୍ୱନିଧି କ୍ରେଡିଟ କାର୍ଡ ସହ ୩ ନୂଆ ଅମୃତ ଭାରତ ଟ୍ରେନର ଶୁଭାରମ୍ଭ

## ତାମିଲନାଡୁର ଡିଏମ୍‌କେ ସରକାର ଦୁର୍ନୀତିରେ ବୁଡ଼ିଛି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୩।୧ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି କେରଳ ଓ ତାମିଲନାଡୁ ଗସ୍ତ କରି ନିର୍ବାଚନୀ ବିଗୁଲ ଫୁଙ୍କିଛନ୍ତି। ଏହି ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ମୋଦି କେରଳରେ ନବସୃଜନ ଏବଂ ଉଦ୍ୟୋଗୀତା ହବ ପାଇଁ ଶିଳାନ୍ୟାସ କରିଛନ୍ତି। ସେ ପ୍ରଧାନମନ୍ତ୍ରୀ ସ୍ୱନିଧି କ୍ରେଡିଟ କାର୍ଡ ମଧ ଆରମ୍ଭ କରିଛନ୍ତି, ଯାହା ରାସ୍ତାକଡ଼ ବିକ୍ରେତାଙ୍କୁ ଲାଭ ଦେବ। ତିରୁଭାନନ୍ତପୁରମରେ ପ୍ରଧାନମନ୍ତ୍ରୀ ମୋଦି ତିନୋଟି ନୂତନ ଅମୃତ ଭାରତ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହା ନାଗରକୋଇଲ-ମଙ୍ଗାଲୁରୁ, ତିରୁବନନ୍ତପୁରମ-ତାମ୍ବରମ, ତିରୁବନନ୍ତପୁରମ-ଚାରଲାପାଲି ଏବଂ ତ୍ରିସୁର ଏବଂ ଗୁରୁଭାୟୁର ମଧରେ ଏକ ନୂତନ ଯାତ୍ରୀବାହୀ ଟ୍ରେନ।

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, କେରଳର ଲୋକମାନେ ଭାଜପା ଉପରେ ବିଶ୍ୱାସ କରିବା ଆରମ୍ଭ କରିଛନ୍ତି ଏବଂ ଗୁଜରାଟର ଲୋକମାନେ ଯେପରି ପୂର୍ବରୁ କରିଥିଲେ ସେହିପରି ଆମ ସହିତ ଯୋଡ଼ି ହେଉଛନ୍ତି। ତିରୁଭାନନ୍ତପୁରମରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଆଜି କେରଳର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପ୍ରୟାସ ନୂତନ ଗତି ପାଇଛି। କେରଳରେ ରେଳ ସଂଯୋଗୀକରଣକୁ ସୁଦୃଢ଼ କରାଯାଇଛି। ତିରୁଭାନନ୍ତପୁରମକୁ ଦେଶର ଏକ ପ୍ରମୁଖ ଷ୍ଟାର୍ଟଅପ ହବ କରିବା ପାଇଁ ଏକ ପଦକ୍ଷେପ ନିଆଯାଇଛି। ଆଜି, ସାରା ଦେଶ ପାଇଁ କେରଳରୁ ଗରିବଙ୍କ କଲ୍ୟାଣ ସହିତ ଜଡିତ ଏକ ପ୍ରମୁଖ ପଦକ୍ଷେପ ମଧ ଆରମ୍ଭ କରାଯାଉଛି। ପ୍ରଧାନମନ୍ତ୍ରୀ ସ୍ୱନିଧି କ୍ରେଡିଟ କାର୍ଡ ଆରମ୍ଭ କରାଯାଇଛି। ଏହା ସାରା ଦେଶର ରାସ୍ତାକଡ଼ ବିକ୍ରେତାଙ୍କୁ ଲାଭ ଦେବ।

ସେହିଭଳି ତାମିଲନାଡୁର କ୍ଷମତାସୀନ ଡିଏମକେ ସରକାରଙ୍କୁ ଦୁର୍ନୀତି ଗ୍ରସ୍ତ ବୋଲି କହିଛନ୍ତି ମୋଦି। ଚେନ୍ନାଇ ନିକଟ ମଦୁରାଣ୍ଟକମରେ ଆୟୋଜିକ ବିଶାଳ ସମାବେଶରେ ସେ ଲୋକଙ୍କୁ ସମ୍ବୋଧନ କରି ଡିଏମକେ ଶାସନର ପତନ ପାଇଁ ଓଲଟା ଗଣତି ଆରମ୍ଭ ହୋଇଯାଇଥିବା କହିଛନ୍ତି। ସେ ଡିଏମକେ ସରକାରକୁ ସିଏମସି ସରକାର କହି କଟାକ୍ଷ କରିଛନ୍ତି। ସିଏମସି ସରକାରର ଅର୍ଥ ଦୁର୍ନୀତି, ମାଫିଆ ଓ ଅପରାଧ ବୋଲି ମୋଦି କହିବା ସହ ଦଳକୁ ମୂଳରୁ ଉପାଡ଼ି ଫିଙ୍ଗି ଦେବାକୁ ତାମିଲନାଡୁବାସୀ ନିଷ୍ପତ୍ତି ନେଇଥିବା ଦାବି କରିଛନ୍ତି।

ସେ କହିଛନ୍ତି, ତାମିଲନାଡୁରେ ଏବେ ଏମିତି ଏକ ସରକାର ରହିଛି, ଯାହାର ଗଣତନ୍ତ୍ର ଓ ଉତ୍ତରଦାୟୀ ସହ କୌଣସି ନେଣଦେଣ ନାହିଁ। ଡିଏମକେ ସରକାର କେବଳ ଗୋଟିଏ ପରିବାରକୁ ସେବା ଯୋଗାଉଛି। ଯଦି କେହି ଦଳ ମଧରେ ଉଠିବାର ଅଛି, ତା'ହେଲେ ସେମାନଙ୍କ ପାଖରେ କେବଳ ୩ରୁ ୪ଟି ରାସ୍ତା ରହୁଛି। ସେହି ରାସ୍ତାଗୁଡ଼ିକ ହେଲା- ବଂଶବାଦ, ଦୁର୍ନୀତି, ମହିଳାଙ୍କୁ ଦୁର୍ବ୍ୟବହାର କିମ୍ବା ଆମ ସଂସ୍କୃତିର ଅପମାନ। ସମ୍ଭବତଃ ମୋଦି ଏପରି କହି ମୁଖ୍ୟମନ୍ତ୍ରୀ ତଥା ଡିଏମକେ ମୁଖ୍ୟ ଏମକେ ଷ୍ଟାଲିନଙ୍କ ପୁଅ ଉଦୟନିଧି ଓ ସେ ଦେଇଥିବା ସନାତନ ସମ୍ପର୍କିତ ମତକୁ ଟାର୍ଗେଟ କରିଛନ୍ତି। ତାମିଲନାଡୁ ପାଇଁ କେନ୍ଦ୍ରରେ କ୍ଷମତାସୀନ ଏନଡିଏ ସରକାର ଅଭୂତପୂର୍ବ କାମ କରିଛି। ୨୦୧୪ ପୂର୍ବରୁ କଂଗ୍ରେସ ଓ ଡିଏମକେ ମଧ କେନ୍ଦ୍ରରେ କ୍ଷମତାରେ ଥିଲେ। ସେମାନଙ୍କ ତୁଳନାରେ ଏନଡିଏ ସରକାର ତାମିଲନାଡୁକୁ ୩ ଗୁଣ ଅଧିକ ଟଙ୍କା ଦେଉଥିବା ମୋଦି କହିଛନ୍ତି। ସେ କହିଛନ୍ତି, ଏସ୍‌ସି/ଏସ୍‌ଟି ଓ ଅନ୍ୟ ପଛୁଆ ବର୍ଗର ଲୋକଙ୍କ କଲ୍ୟାଣ ନାଁରେ ରାଜ୍ୟ ସରକାର କେବଳ ଦୁର୍ନୀତିରେ ଲିପ୍ତ ରହିଛନ୍ତି। ତାମିଲନାଡୁରେ ଡବଲ ଇଞ୍ଜିନ ସରକାର ପାଇଁ ଆହ୍ୱାନ ଦେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଏହା ନିବେଶକୁ ଅଧିକ ଆକର୍ଷିତ କରିବ। ଏନଡିଏ ମହିଳାଙ୍କ ସୁରକ୍ଷାକୁ ନିଶ୍ଚିତ କରିବ ବୋଲି ମଧ ସେ ପ୍ରତିଶ୍ରୁତି ଦେଇଛନ୍ତି।

# ଗାଜା ଶାନ୍ତି ବୋର୍ଡ କାର୍ଯ୍ୟକ୍ରମରେ ଯୋଗଦେଲାନି ଭାରତ



ନୂଆଦିଲ୍ଲୀ, ୨୩।୧ଃ ଡାଭୋସ୍‌ରେ ବିଶ୍ୱ ଅର୍ଥନୈତିକ ଫୋରମ୍ କାର୍ଯ୍ୟକ୍ରମ ଅବସରରେ ସ୍ୱିଜରଲାଣ୍ଡରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ପ୍ରସ୍ତାବିତ ଶାନ୍ତି ବୋର୍ଡ଼ର ଉନ୍ମୋଚନ କରିଥିଲେ। ଗାଜାରେ ଶାନ୍ତି ପ୍ରତିଷ୍ଠା ତଥା ଯୁଦ୍ଧବିରତିକୁ ଅଧିକ ଦୃଢ଼ ନିଶ୍ଚିତ କରିବାକୁ ଆମେରିକା ନିଜକୁ ଏକ ଆନ୍ତର୍ଜାତିକ ସଙ୍ଗଠନ ଭାବେ ପ୍ରଦର୍ଶନ କରିବାକୁ ଚାହୁଁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନେକ ବିଶ୍ୱସ୍ତରୀୟ ନେତାଙ୍କୁ ଏହି ବୋର୍ଡ଼ରେ ରଖାଯାଇଛି। କିନ୍ତୁ ଭାରତ ଏହି ଶାନ୍ତି ବୋର୍ଡ଼ରେ ଯୋଗଦେବା ନେଇ ବିଭିନ୍ନ ଦିଗରୁ ବିଚାର କରୁଥିବା ବେଳେ ଟ୍ରମ୍ପଙ୍କ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିଥିଲା। ଗାଜା ପ୍ରସଙ୍ଗରେ ଅନେକ ସମ୍ବେଦନଶୀଳ ବିଷୟବସ୍ତୁ ଯୋଡ଼ି ହୋଇ ରହିଥିବାରୁ ଭାରତ ବିଭିନ୍ନ ଦିଗ ଉପରେ ବିଚାର କରୁଛି। ଏପର୍ଯ୍ୟନ୍ତ ଏ ସମ୍ପର୍କରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହିଁ। ତୁର୍କୀ, ଇଜିପ୍ଟ, ସାଉଦି ଆରବ, କତାର ଓ ୟୁଏଇ ପରି ମଧପ୍ରାଚ୍ୟ ଦେଶ ସହିତ ପାକିସ୍ତାନ ଓ ଇଣ୍ଡୋନେସିଆ ଗାଜା ଶାନ୍ତି ବୋର୍ଡ଼ରେ ଯୋଗ ଦେଇଛନ୍ତି। ଗୁରୁବାର ସ୍ୱିଜରଲାଣ୍ଡର ଏକ ରିସୋର୍ଟରେ ଟ୍ରମ୍ପ ତାଙ୍କ ଶାନ୍ତି ବୋର୍ଡ଼ ସମ୍ପର୍କରେ ଘୋଷଣା କରୁଥିବା ବେଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ମଧ ସେଠାରେ ଉପସ୍ଥିତ ଥିଲେ। କିନ୍ତୁ ଫ୍ରାନ୍ସ, ବ୍ରିଟେନ, ଜର୍ମାନୀ, ଚୀନ, ଇଟାଲି ଏହି କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିଲେ। ବୋର୍ଡର କାର୍ଯ୍ୟକ୍ଷମତା ଗାଜା ବ୍ୟତୀତ ଅନ୍ୟ ବିବାଦ ସମାଧାନ ଦିଗରେ ବିସ୍ତାରିତ ହୋଇପାରେ ବୋଲି ଟ୍ରମ୍ପ କହିଥିଲେ। ଟ୍ରମ୍ପଙ୍କ ଏହି ଘୋଷଣା ଜାତିସଂଘର ଭୂମିକାକୁ ହ୍ରାସ କରିପାରେ ବୋଲି ଚିନ୍ତା ପ୍ରକାଶ କରିଛି।

### ଦ୍ୱିତୀୟ ଟି-୨୦ରେ ସୂର୍ଯ୍ୟ-ଇଶାନଙ୍କ ବିସ୍ଫୋରକ ବ୍ୟାଟିଂ

# ଭାରତର ଚମତ୍କାର ବିଜୟ



**ନୂଆଦିଲ୍ଲୀ,୨୩।୧:** ଦ୍ୱିତୀୟ ଟି-୨୦ ମୁକାବିଲାରେ ଭାରତୀୟ ଦଳ ନ୍ୟୁଜିଲ୍ୟାଣ୍ଡକୁ ୭ ୱିକେଟରେ ପରାସ୍ତ କରିଛି। ରାୟପୁରର ସହିଦ ବୀର ନାରାୟଣ ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲ୍ୟାଣ୍ଡ ୨୦ ଓଭରରେ ୬ ୱିକେଟ୍ ହରାଇ ୨୦୮ ରନ୍ କରିଥିଲା । ଜବାବରେ ଇଶାନ କିଶନ୍ ଏବଂ ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ଇନିଂସ୍ ଯୋଗୁଁ ଭାରତ ୨୮ ବଲ୍ ବାକି ଥାଇ ମ୍ୟାଚ୍ ଜିତି ନେଇଛି। ଭାରତ ୧୫.୨ ଓଭରରେ ୩ ୱିକେଟରେ ୨୦୯ ରନ୍ କରି ମ୍ୟାଚ୍ ଜିତିଛି। ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ଭାରତ ୨-୦ରେ ଅଗ୍ରଣୀ ହାସଲ କରିଛି।

୨୦୯ ରନର ଟାର୍ଗେଟ ପିଛା କରୁଥିବା ଭାରତ ପ୍ରାରମ୍ଭିକ ବିପର୍ଯ୍ୟୟର ସାମନା କରିଥିଲା। ପ୍ରଥମ ୭ ବଲ୍ ମଧ୍ୟରେ ଉଭୟ ଓପନରଙ୍କୁ ହରାଇଥିଲା। ସଞ୍ଜୁ ସାମସନ ୫ ବଲରେ ୬ ରନ୍ କରିଥିଲେ। ଅଭିଷେକ ଶର୍ମା ଖାତା ଖୋଲିପାରି ନଥିଲେ। ଏହାପରେ ଇଶାନ କିଶାନ ୧୧ ଚୌକା ଏବଂ ୪ ଛକା ସହ ୩୨ ବଲରେ ୭୬ ରନର ଏକ ଆକର୍ଷଣୀୟ ଇନିଂସ ଖେଳିଥିଲେ। ସୂର୍ଯ୍ୟକୁମାର ଯାଦବ ୩୭ ବଲରେ ଅପରାଜିତ ୮୨ ରନ୍ କରିଥିଲେ। ଶିବମ୍ ଦୁବେ ୧୮ ବଲରେ ୩୬ ରନର ଇନିଂସ ଖେଳିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ହେନରୀ, ଡଫି ଏବଂ ସୋଢି ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୨୦ ଓଭରରେ ୬ ୱିକେଟ ହରାଇ ୨୦୮ ରନ କରିଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଅଧିନାୟକ ମିଚେଲ ସାଣ୍ଟନର ସର୍ବାଧିକ ରନ କରିଥିଲେ। କନୱେ ୧୯, ସେଫର୍ଟ ୨୪, ଫିଲିପ୍ସ ୧୯, ଡାରିଲ ମିଚେଲ ୧୮ ରନ ଆଉଟ୍ ହୋଇଥିଲେ। ରଚିନ ରବିନ୍ଦ୍ର ୨୬ ବଲରେ ୪୪ ରନ କରିଥିଲେ। ଅଧିନାୟକ ମିଚେଲ ସାଣ୍ଟନର ୪୬ ରନ କରିଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ଦୁଇଟି ୱିକେଟ ନେଇଥିଲେ।

## ମହାରାଷ୍ଟ୍ରରେ ୨୨ ଦିନରେ ୧୧ ବାଘ ମୃତ

**ନାଗପୁର,୨୩।୧:** ମହାରାଷ୍ଟ୍ରରେ ଲଗାତାର ବାଘଙ୍କ ମୃତ୍ୟୁ ରାଜ୍ୟରେ ବନ୍ୟପ୍ରାଣୀ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନବାଚୀ ଲଗାଇଛି। ରାଜ୍ୟରେ ଜାନୁୟାରୀ ମାସ ଆରମ୍ଭ ହେବାର ମାତ୍ର କିଛି ଦିନ ମଧ୍ୟରେ ବାଘଙ୍କ ମୃତ୍ୟୁ ପୁଷ୍ଟି ହୋଇଛି। ମାତ୍ର ୨୨ ଦିନରେ ରାଜ୍ୟର ବିଭିନ୍ନ ବନାଞ୍ଚଳରେ ୧୧ଟି ବାଘଙ୍କ ମୃତ୍ୟୁ ହେଲାଣି। ଏହି ଚିନ୍ତାଜନକ ସ୍ଥିତିକୁ ଦେଖି ବମ୍ବେ ହାଇକୋର୍ଟଙ୍କ ନାଗପୁର ଖଣ୍ଡପୀଠ ସଂଜ୍ଞାନ ନେଇଛନ୍ତି ଓ ଏହି ମାମଲାରେ ଜନସ୍ୱାର୍ଥ ମାମଲା (ପିଆଇଏଲ) ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ କହିବା କଥା ହେଉଛି ବାଘ ଭଳି ସଂରକ୍ଷିତ ପ୍ରାଣୀଙ୍କ ଲଗାତାର ମୃତ୍ୟୁ ରାଜ୍ୟ ନିମନ୍ତେ ଗୁରୁତର ଚିନ୍ତାର ବିଷୟ। ନାଗପୁର ଖଣ୍ଡପୀଠ କହିଛନ୍ତି ଯେ, ବାଘଙ୍କ ସୁରକ୍ଷାରେ ହେଉଥିବା ଅବହେଳାକୁ ଅଣଦେଖା କରାଯାଇ ପାରିବନି। ଏଣୁ କୋର୍ଟ ମାମଲାରେ ସମ୍ବନ୍ଧିତ ବିଭାଗଙ୍କୁ ନୋଟିସ୍ ଜାରି କରି ଜବାବ ତଲବ କରିଛନ୍ତି। ଏତେ କମ ଅବଧିରେ ଏତେ ସଂଖ୍ୟକ ବାଘଙ୍କ ମୃତ୍ୟୁ କିପରି ହେଲା ଓ ସେମାନଙ୍କୁ ବଞ୍ଚାଇବା ପାଇଁ କେଉଁ ପଦକ୍ଷେପ ନିଆଯାଇଛି, ଏ ନେଇ କୋର୍ଟ ପ୍ରଶ୍ନ କରିଛନ୍ତି। ବାଘ ମୃତ୍ୟୁ ମାମଲା କୋର୍ଟକୁ ପହଞ୍ଚିବା ବନବିଭାଗ ଓ ରାଜ୍ୟ ସରକାରଙ୍କ ଲାଗି ଚିନ୍ତାର କାରଣ ପାଲଟିଛି।

## କଳିଙ୍ଗ ଯାଦବ ମହାସଂଘ ପକ୍ଷରୁ ନେତାଜୀ ଜୟନ୍ତୀ



**କୋଲକାତା,୨୩।୧(ସଂଚାର ବ୍ୟୁରୋ):** କଳିଙ୍ଗ ଯାଦବ ମହାସଂଘ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମହାସଂଘର ସଭାପତି ବିଭାଷ କୁମାର ନାୟକ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ମହାସଂଘର ସଦସ୍ୟ ଶ୍ରୀରାମ ଶେଖର ଦାସ, ସୁବଳ ବେହେରା, ଅଲେଖ ବେହେରା, ରଞ୍ଜନ ଦାସ, ସନ୍ତୋଷ ଦାସ, ଚକ୍ରଧର ପାଣ୍ଡବ, ରବୀନ୍ଦ୍ର ପାଣ୍ଡବ, ରାଜକିଶୋର ବେହେରା, ରାଜେଶ ବାରିକ ପ୍ରମୁଖ ଉପସ୍ଥିତ ରହି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଶୁଭେନ୍ଦୁଙ୍କ ମାଲ୍ୟାର୍ପଣ

**କୋଲକାତା,୨୩।୧(ସଂଚାର ବ୍ୟୁରୋ):** ନେତାଜୀଙ୍କ ୧୨୯ତମ ଜନ୍ମବାର୍ଷିକୀରେ ଭବାନୀପୁରରେ ବିଜେପି ନେତା ତଥା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଘରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଘର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ବାହାର କରିଥିଲେ। ସେ କହିଥିଲେ, ଆଜି ମୁଁ ଭବାନୀପୁରକୁ ୩୬ଟି ନିମନ୍ତ୍ରଣ ପାଇଛି। ଯେପର୍ଯ୍ୟନ୍ତ ମୁଁ ଏଠାରେ ଅଛି, ସେ (ମମତା ବାନାର୍ଜୀ) ଏହା ବିଷୟରେ ଚିନ୍ତା କରିବେ।

## ଚନ୍ଦ୍ରଭାଗା ବୁଡ଼ ପାଇଁ ସୁରକ୍ଷା କଡ଼ାକଡ଼ି

**କୋଣାର୍କ,୨୩।୧(ସଂଚାର ବ୍ୟୁରୋ):** ଆସନ୍ତା ରବିବାର ଚନ୍ଦ୍ରଭାଗା ତୀର୍ଥରେ ପବିତ୍ର ମାଘ ସପ୍ତମୀ ବୁଡ଼ ଅନୁଷ୍ଠିତ ହେବ। ପୂର୍ବ ରାତିରୁ ଚନ୍ଦ୍ରଭାଗା ମେଳା ପଡ଼ିଆରେ ପାଖାପାଖି ୩ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଚନ୍ଦ୍ରଭାଗା ଓ ନବଗ୍ରହ ପୀଠରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ବିଶେଷକରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି।

### ସୁରେନ୍ଦ୍ର ସାଏ ଓ ନେତାଜୀ ଜୟନ୍ତୀ ସମାରୋହରେ କେନ୍ଦ୍ରମନ୍ତ୍ରୀ

# ମାନବତା ପାଇଁ ଦାୟିତ୍ୱବୋଧର ବାତାବରଣ ସୃଷ୍ଟିକରିବା

- ସମାଜକୁ ସୁସ୍ଥ ଓ ସୁସଂଗଠିତ ରଖିବା ମୂଳ ଲକ୍ଷ୍ୟ ହେଉ
- ପରିବେଶର ସୁରକ୍ଷା ସହ ନୂଆପିଢ଼ିକୁ ଠିକ୍ ଦିଗଦର୍ଶନ ମିଳୁ
- ମାତୃଭାଷାକୁ ଆଗେଇ ନେବା ପାଇଁ ବଦ୍ଧପରିକର ହେବା



**ସମ୍ବଲପୁର, ୨୩।୧(ସଂଚାର ବ୍ୟୁରୋ):** ମହାତ୍ମା ଗାନ୍ଧୀ ଯେପରି ସ୍ୱଚ୍ଛତାକୁ ଏକ ଜନ ଆନ୍ଦୋଳନରେ ପରିଣତ କରି ଦେଶକୁ ଏକଜୁଟ କରିଥିଲେ, ଆମକୁ ମଧ୍ୟ ସେହିପରି ମାନବତା ଓ ସାମାଜିକ ସଂସ୍କାର ପାଇଁ ଏକ ଦୃଢ଼ ଦାୟିତ୍ୱବୋଧର ବାତାବରଣ ସୃଷ୍ଟି କରିବାକୁ ହେବ ବୋଲି ଆଜି ସମ୍ବଲପୁରରେ ଦୈନିକ 'ସମ୍ବାଦ' ଏବଂ 'କନକ ନ୍ୟୁଜ୍' ପକ୍ଷରୁ ଆୟୋଜିତ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସମେତ ବୀର ସୁରେନ୍ଦ୍ର ସାଏ ଏବଂ ତାଙ୍କ ଭ୍ରାତା ଉଦନ୍ତ ସାଏଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କ ତ୍ୟାଗ ଓ ବୀରତ୍ୱକୁ ଏକ କୃତଜ୍ଞ ଜାତି ଭାବେ ଆମେ ବାରମ୍ବାର ମନେ ପକାଇବା ଉଚିତ, ଯାହା ନୂଆ ପିଢ଼ି ପାଇଁ ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପରିବେଶ ସୁରକ୍ଷା ପାଇଁ ଭାରତ ଆଜି ଯେଉଁ ସଂକଳ୍ପ ନେଇଛି, ସେହି ଦିଗରେ 'ସମ୍ବାଦ' ପକ୍ଷରୁ ଆରମ୍ଭ ହୋଇଥିବା 'ପୁନଶ୍ଚ ପୃଥିବୀ' ଅଭିଯାନକୁ ଶ୍ରୀ ପ୍ରଧାନ ଏକ ସାଧୁ ଉଦ୍ୟମ ଭାବେ ଅଭିହିତ କରିଛନ୍ତି।

## ଝିଅ ଜନ୍ମଦେବାରୁ ବୋହୂକୁ ଜୀଅନ୍ତା ଜାଳିଦେବାକୁ ଉଦ୍ୟମ



**କେନ୍ଦ୍ରାପଡା,୨୩।୧ (ସଂଚାର ବ୍ୟୁରୋ):** କନ୍ୟା ସନ୍ତାନ ଜନ୍ମ ହେଲା ବୋଲି ବୋହୂକୁ ଜୀଅନ୍ତା ଜାଳି ମାରିଦେବାକୁ ଉଦ୍ୟମ ହୋଇଛି। ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଦାମରପୁର ଗ୍ରାମରେ ବୋହୂ ଓ ନବଜାତ କନ୍ୟା ସନ୍ତାନ ଶୋଇଥିବା ଅବସ୍ଥାରେ ଶ୍ୱଶୁର ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ସସ୍ମିତା ଦାସ ନବଜାତ ଶିଶୁ କନ୍ୟା ସହ ଶୋଇଥିବା ବେଳେ ତାଙ୍କ ଶ୍ୱଶୁର ପେଟ୍ରୋଲ ଆଣି ସେମାନଙ୍କ ଶେଯରେ ଢାଳି ନିଆଁ ଲଗାଇ ଦେଇଥିଲେ। ସସ୍ମିତା ନିଜ ଜୀବନ ଓ ଶିଶୁର ଜୀବନ ରକ୍ଷା ପାଇଁ ଘରୁ ବାହାରକୁ ଦୌଡ଼ି ପଳାଇଥିଲେ। ନିଜକୁ ବଞ୍ଚାଇବା ପାଇଁ ସେ ସାରାରାତି ବାହାରେ ଅତିବାହିତ କରିଥିବା ବେଳେ ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ୮ ବର୍ଷ ପୂର୍ବେ ଦାମରପୁର ଗ୍ରାମର ସୁଶାନ୍ତ ରାୟଙ୍କୁ ସସ୍ମିତା ବିବାହ କରିଥିଲେ।



ସମ୍ବଲପୁରରେ ଆରଏସ୍ଏସ୍‌ର ଶତାବ୍ଦୀ ବର୍ଷ ଅବସରରେ ଆୟୋଜିତ ଶତାବ୍ଦୀ ପଥ ସଞ୍ଚଳନ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ସାଧାରଣତନ୍ତ୍ର ଦିବସ ପାଇଁ ମହାତ୍ମା ଗାନ୍ଧି ମାର୍ଗରେ ପ୍ରସ୍ତୁତି



**ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ):** ରାଜ୍ୟସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଆସନ୍ତା ୨୬ ତାରିଖରେ ପାଳନ ହେବାକୁ ଥିବା ଏବେ ଏଥିପାଇଁ ପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ମହାତ୍ମା ଗାନ୍ଧି ମାର୍ଗରେ ପରେଡ୍ ଅଭ୍ୟାସ ଆରମ୍ଭ ହୋଇଛି। ଦେଶାତ୍ମବୋଧକ ଗୀତ ତାଳେ ତାଳେ ସାମରିକ ଓ ଅର୍ଦ୍ଧସାମରିକ ବାହିନୀ ସହ ସ୍କୁଲ କଲେଜ ଛାତ୍ରଛାତ୍ରୀମାନେ ପରେଡ୍‌ର କରିବେ। ଏଥିପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ଟ୍ରାଫିକ୍ ବ୍ୟବସ୍ଥା ଉପରେ କଟକଣା ଲାଗୁ ହୋଇଛି।

ଆଜି ମଧ୍ୟାହ୍ନ ୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପରେଡ୍ ଅଭ୍ୟାସ ହୋଇଛି। ଏହାଛଡ଼ା ଆସନ୍ତାକାଲି ସକାଳ ୬ଟାରୁ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ପୂର୍ଣ୍ଣ ଅଭ୍ୟାସ ପରେଡ ଅନୁଷ୍ଠିତ ହେବ। ଏଥିସହ ଆସନ୍ତା ୨୬ ତାରିଖ ସକାଳେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ ସକାଳ ୬ଟାରୁ ଆରମ୍ଭ ହେବାକୁ ଥିବା ବେଳେ ଶେଷ ହେବା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଗମନାଗମନ ଓ ପାର୍କିଂ ନିମନ୍ତେ ବିଭିନ୍ନ ରାସ୍ତାକୁ ବନ୍ଦ କରିବା ସକାଶେ ନିଷ୍ପତ୍ତି ହୋଇଛି। ଗାନ୍ଧି ମାର୍ଗକୁ କୌଣସି ଗାଡ଼ି ଆସିପାରିବେ ନାହିଁ। ତେବେ ଜନପଥ ଟ୍ରାଫିକ୍ ସ୍ୱାଭାବିକ ଭାବେ ଚଳାଚଳ କରିବ। କିନ୍ତୁ ମାଷ୍ଟର କ୍ୟାଣ୍ଟିନ୍‌ଠାରୁ ଗାନ୍ଧି ମାର୍ଗକୁ କୌଣସି ଗାଡ଼ିକୁ ଯିବାକୁ ଦିଆଯିବ ନାହିଁ। ସଚିବାଳୟ ମାର୍ଗରେ ହାଉସିଂ ବୋର୍ଡରୁ ପିଏମ୍‌ଜି ପଟକୁ ଆସୁଥିବା ଗାଡ଼ିଗୁଡ଼ିକ ରବୀନ୍ଦ୍ର ମଣ୍ଡପ ପୂର୍ବରୁ ବାମ ପଟକୁ ଯିବେ। ସେହିପରି ଏଜି ଛକରୁ ପିଏମ୍‌ଜି ଛକ ଆଡ଼କୁ ଆସୁଥିବା ଗାଡ଼ିଗୁଡ଼ିକ ଇନ୍ଦିରା ଗାନ୍ଧୀ ପାର୍କ ପୂର୍ବରୁ ଡାହାଣକୁ ମୋଡ଼ କରିବେ। ୧୨୦ ବାଟାଲିୟନରୁ ରବୀନ୍ଦ୍ର ମଣ୍ଡପ ଆଡକୁ ଆସୁଥିବା ଗାଡ଼ିଗୁଡ଼ିକ ଏମ୍ଏଲ୍ଏ କଲୋନୀ ମୋଡ଼ରେ ବାମକୁ ଯିବେ।

ସେହିପରି ଆସନ୍ତାକାଲି ଓ ୨୬ ତାରିଖ ଦିନ ସକାଳ ୬ରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ଏହି ରାସ୍ତାରେ ଗାଡ଼ିମୋଟର ଚଳାଚଳ ବନ୍ଦ ରହିବ। ଏହିସବୁ ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୨୬ ତାରିଖ ଦିନ ଯେଉଁମାନେ ରାଜ୍ୟସ୍ତରୀୟ ପରେଡ୍ ଦେଖିବାକୁ ଯିବେ ସେମାନଙ୍କ ପାଇଁ ପୁଲିସ୍ ପାର୍କିଂ ବ୍ୟବସ୍ଥା କରିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନେତାଜୀଙ୍କ...

ଭଗତ ସିଂହଙ୍କୁ ଆତଙ୍କବାଦୀର ଆଖ୍ୟା ଦେଇଥିଲେ, ତାଙ୍କଠାରୁ ଅଧିକ କିଛି ଆଶା କରିବା ବୃଥା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ନେତୃତ୍ୱ ସମ୍ଭାଳିବା ପରେ ଇତିହାସ ପୃଷ୍ଠାରୁ ହଜିଯାଇଥିବା ମହାପୁରୁଷ ଓ ମହାମନୀଷୀ ତଥା ଅନେକ ପରିଚୟହୀନ ସଂଗ୍ରାମୀଙ୍କୁ ଯଥୋଚିତ ସମ୍ମାନ ଦେବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଗତ ୨୦୨୧ରୁ ନେତାଜୀଙ୍କ ଜୟନ୍ତୀକୁ ପରାକ୍ରମ ଦିବସ ଭାବେ ପାଳନ କରାଯାଉଛି। ଏହା ପୂର୍ବରୁ ସେ ଆଣ୍ଡାମାନ ଓ ନିକୋବର ଦ୍ୱୀପରେ ନେତାଜୀଙ୍କ ଦ୍ୱାରା ତ୍ରିରଙ୍ଗା ଉତ୍ତୋଳନର ବୀରତ୍ୱକୁ ସମ୍ମାନ ଦେଇ ୨୦୧୮ ଡିସେମ୍ବର ୩୦ ତାରିଖରେ ୩ ଗୋଟି ଦ୍ୱୀପକୁ ନେତାଙ୍କ ନାମରେ ନାମିତ କରିଥିଲେ। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶରୁ ନକ୍ସଲବାଦ ସମ୍ପୂର୍ଣ୍ଣ ଭାବେ ଲୋପ ପାଇବାକୁ ଯାଉଛି। ଆତଙ୍କବାଦର ଛାୟା ମଧ୍ୟ ଅନେକ ପରିମାଣରେ କମିଛି। ବିଦେଶୀ ଶକ୍ତିମାନେ ଭାରତର ପ୍ରଗତିକୁ ରୋକିବା ପାଇଁ ଅନବରତ ଉଦ୍ୟମ କରୁଛନ୍ତି। କିନ୍ତୁ 'ଅପରେସନ୍ ସିନ୍ଦୂର'ରେ ଭାରତର ସେନା ନିଜର ପରାକାଷ୍ଠା ଦେଖାଇଛି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶା ସରକାର ବି ରାଜ୍ୟର ବିକାଶ ପାଇଁ ଅନବରତ କାର୍ଯ୍ୟ କରୁଛନ୍ତି। ଗତ ୧୯ ମାସରେ ରାଜ୍ୟର ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ ଅନେକ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି। ଆଜି ଓଡ଼ିଶା ଆତ୍ମବିଶ୍ୱାସର ସହ ଆଗକୁ ବଢ଼ୁଛି। ନେତାଜୀଙ୍କ ଜନ୍ମସ୍ଥାନ କଟକ ସହର ମଧ୍ୟ ଏହି ବିକାଶ ଧାରାରେ ସାମିଲ ହୋଇଛି। କଟକର ଅନେକ ପୁରାତନ ଶିକ୍ଷାନୁଷ୍ଠାନକୁ ଆଜି ଐତିହ୍ୟ ବିଦ୍ୟାଳୟ ଭାବେ ମାନ୍ୟତା ମିଳିଛି। ସେଥିରେ ନେତାଜୀ ପାଠ ପଢ଼ିଥିବା ସ୍କୁଲ ମଧ୍ୟ ଅନ୍ତର୍ଭୁକ୍ତ। କଟକର ଅନ୍ୟତମ ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମସ୍ଥାନ ସତ୍ୟଭାମାପୁର ଆଜି ତାର ସମ୍ମାନ ଫେରିପାଇଛି। କଟକର ପ୍ରସିଦ୍ଧ ବାଲିଯାତ୍ରା ଆଜି ଐତିହାସିକ ବାଲିଯାତ୍ରା ନାମରେ ମାନ୍ୟତା ପାଇଛି ଓ ଏହାର ଅନୁଦାନ ରାଶି ବୃଦ୍ଧି କରାଯାଇଛି। ୨୨୦ କୋଟି ଟଙ୍କାରେ ମହାନଦୀ ରିଭରଫ୍ରଣ୍ଟ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ ମନ୍ଦିରର ନବୀକରଣ କାର୍ଯ୍ୟ ଆଉ କିଛି ମାସ ମଧ୍ୟରେ ଶେଷ ହେବ ବୋଲି ସେ କହିଛନ୍ତି। କଟକର ଶିଶୁ ଭବନ ମଧ୍ୟ ନୂଆ ରୂପ ନେବାକୁ ଯାଉଛି। କଟକର ସୁନା, ରୁପା ତାରକସି କାମକୁ ପ୍ରୋତ୍ସାହନ ଦେବା ପାଇଁ ଏଇ ସହରକୁ ଫିଲିଗ୍ରି ହବ୍ ଭାବେ ରାଜ୍ୟ ସରକାର ଘୋଷଣା କରିଛନ୍ତି। କଟକର ବିକାଶର ଧାରା ଜାରି ରହିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ଆଜି ଉପରାଷ୍ଟ୍ରପତି କଟକ ଜିଲ୍ଲା ସଂସ୍କୃତି ଭବନର ଲୋକାର୍ପଣ କରିଛନ୍ତି। ଏହା ବାଉନ ବଜାର ତେପନ ଗଳିର ଐତିହାସିକ ସହରର ସଂସ୍କୃତିକୁ ଜୀବନ୍ତ ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପରାକ୍ରମ ଦିବସକୁ ସମାବେଶକୁ ସମ୍ବୋଧିତ କରି ଉପରାଷ୍ଟ୍ରପତି ନେତାଜୀଙ୍କୁ ଭାରତର ଜଣେ ମହାନ ସୁପୁତ୍ର ଭାବେ ବର୍ଣ୍ଣନା କରିବା ସହ ତାଙ୍କ ପ୍ରତି ହାର୍ଦ୍ଦିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନେତାଜୀ ଭାରତକୁ ଏକ ମଜବୁତ, ଶକ୍ତିଶାଳୀ ଓ ଦାରିଦ୍ର୍ୟମୁକ୍ତ ରାଷ୍ଟ୍ର ଭାବେ ନିର୍ମାଣ କରିବାକୁ ପରିକଳ୍ପନା କରିଥିଲେ। ଉପରାଷ୍ଟ୍ରପତି କହିଥିଲେ ଯେ ଭାରତର ସଭ୍ୟତାଗତ ଯାତ୍ରାରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏଠାରେ ଇତିହାସ, ଆଧ୍ୟାତ୍ମିକତା ଓ ସଂସ୍କୃତି ଏକତ୍ରିତ ହୋଇଛି। ଜନଜାତି କଲ୍ୟାଣ, ଆଦିବାସୀ ସମ୍ପ୍ରଦାୟର ଜୀବନଧାରଣ ମାନ ଉନ୍ନତ କରିବା ପାଇଁ ଲକ୍ଷ୍ୟବଦ୍ଧ ପ୍ରୟାସ ଓ ନିରନ୍ତର ଭିତ୍ତିଭୂମି ବିକାଶ ଲାଗି ସେ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ରାଜ୍ୟର ପ୍ରଗତିକୁ ନେଇ ବିଶ୍ୱାସ ପ୍ରକଟ କରିଥିବା ଉପରାଷ୍ଟ୍ରପତି ନିରନ୍ତର ସୁଶାସନ ସହ ଓଡ଼ିଶା ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଭା ହେବ ବୋଲି ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ଉପରାଷ୍ଟ୍ରପତି ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଉପରେ ଏକ ପ୍ରଦର୍ଶନୀ, ଆଜାଦ ହିନ୍ଦ ଫୌଜ ଉପରେ ଡାକଟିକଟ ଗ୍ୟାଲେରୀ ଓ ନେତାଜୀ ସଂସ୍କୃତି ଭବନର ଉଦଘାଟନ କରିଥିଲେ। ଏପରି ସଂଗ୍ରହାଳୟ ଓ ପ୍ରଦର୍ଶନୀଗୁଡ଼ିକ ଯୁବପିଢ଼ିକୁ ଭାରତର ସ୍ୱାଧୀନତା ସୁରକ୍ଷିତ କରିବା ପାଇଁ ସ୍ୱାଧୀନତା ସଂଗ୍ରାମୀମାନେ ଦେଇଥିବା ମହାନ ବଳିଦାନ ଓ କଷ୍ଟକୁ ହୃଦୟଙ୍ଗମ କରିବାରେ ସହାୟତା କରିବ ବୋଲି ସେ କହିଥିଲେ।

## ମାଓଗଡ଼ରେ...

ପୁଲିସ୍ ପକ୍ଷରୁ କୁହାଯାଇଛି। ସେହିପରି ଗତକାଲି ଝାଡ଼ଖଣ୍ଡର ସରଣ୍ଡା ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟର୍‌ରେ ଜଣେ ଟପ୍ ମାଓନେତା ସମେତ ୧୫ ଜଣ ନିହତ ହୋଇଥିବା ବେଳେ ଆଜି ପୁଣି ତିନି ଜଣ ନିପାତ ହୋଇଛନ୍ତି। ଗତକାଲି ସକାଳଠାରୁ ସିଆରପିଏଫ୍, କୋବ୍ରା ବାହିନୀ ଓ ସ୍ଥାନୀୟ ପୁଲିସ୍ ପକ୍ଷରୁ ଜାରି ରହିଥିବା ଏହି ଏନ୍‌କାଉଣ୍ଟର୍‌ରେ ଆଜି ମୃତ୍ୟୁବରଣ କରିଥିବା ତିନି ମାଓବାଦୀଙ୍କ ମଧ୍ୟରେ ଟପ୍ ନେତା ରାପା ମୁଣ୍ଡା ବି ରହିଛି। ରାପା ସୁନ୍ଦରଗଡ଼ ଜିଲ୍ଲାର କେ. ବଲାଙ୍ଗ ଥାନାଞ୍ଚଳରେ ହୋଇଥିବା ବେଳେ ଆଜି ସୁରକ୍ଷାକର୍ମୀମାନେ ବ୍ୟାପକ ମାତ୍ରାରେ ବିସ୍ଫୋରକ, ବନ୍ଧୁକ ଓ ମାଓ ସାମଗ୍ରୀ ଜବତ କରିଥିବା ଜଣାପଡ଼ିଛି।

## ୨୭ରୁ...

ସହମତି ଅନୁସାରେ ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ଦୈନିକ କାର୍ଯ୍ୟ ସମୟ ୪୦ ମିନିଟ୍ ବୃଦ୍ଧି କରାଯିବ ଓ ବାକି ଶନିବାରଗୁଡ଼ିକୁ ଛୁଟିଦିନ ଘୋଷଣା କରାଯିବା ସକାଶେ ସରକାରଙ୍କୁ ବିଧିବଦ୍ଧ ଭାବେ ସୁପାରିସ କରାଯାଇଥିଲା। ତେବେ ଏହା ଦୁଇ ବର୍ଷ ଧରି ସରକାରଙ୍କ ଅନୁମୋଦନ ଅପେକ୍ଷାରେ ରହିଛି।

## ୧୯ ମାସ...

ବିଜେପି ମେଣ୍ଟ ଥିବାରୁ ଏୟୁ ରାଜ୍ୟସଭାକୁ ଯିବା ପାଇଁ ଆବଶ୍ୟକ ସଂଖ୍ୟା ମଧ୍ୟ ଥିଲା। କିନ୍ତୁ କ୍ରସ ଭୋଟିଂ ଯୋଗୁଁ ଦ୍ୱିତୀୟ ପସନ୍ଦର ଭୋଟରେ କଂଗ୍ରେସ ପ୍ରାର୍ଥୀ ମନ୍ମଥ ମିଶ୍ର ଜିତିଥିଲେ। ତେଣୁ ଏଥର ତାଙ୍କୁ ଆଉ ଥରେ ସୁଯୋଗ ଦେବାକୁ ସେ ନବୀନଙ୍କ ସହ କଥା ହୋଇଥିବା ଚର୍ଚ୍ଚା ହେଉଛି। ଆଗକୁ ଏପ୍ରିଲରେ ୪ଟି ରାଜ୍ୟସଭା ଆସନ ଖାଲି ହେଉଛି। ଏଭଳି ସ୍ଥିତିରେ ଅନଙ୍ଗ ନବୀନ ନିବାସ ଯିବା ଅନେକ କିଛି ଇଙ୍ଗିତ କରୁଛି। ରାଜ୍ୟସଭା ନିର୍ବାଚନ ଓ ଦଳରେ ସୃଷ୍ଟି ହୋଇଥିବା ଅସ୍ଥିରତା ନେଇ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥାଇପାରେ ବୋଲି କୁହାଯାଉଛି। ନବୀନଙ୍କ ରାଜନୈତିକ ପରାମର୍ଶଦାତା ସଂତୃପ୍ତ ମିଶ୍ର ମଧ୍ୟ ସେ ସମୟରେ ଉପସ୍ଥିତ ଥିଲେ। ସେପଟେ ଆଜି ରାଜନୈତିକ ବ୍ୟାପାର କମିଟି ସଦସ୍ୟ ପ୍ରଣବ ପ୍ରକାଶ ଦାସ, ପ୍ରତାପ ଜେନା, ସଞ୍ଜୟ ଦାସବର୍ମା ଓ ବିଧାୟକ ଅନନ୍ତ ନାରାୟଣ ଜେନା ଆଜି ନବୀନ ନିବାସ ଯାଇଥିଲେ।

## ବିଜେଡିକୁ...

ରାଜନଗରରୁ ପ୍ରାର୍ଥୀ ନ କରି ତାଙ୍କୁ କେନ୍ଦ୍ରାପଡ଼ା ଲୋକସଭା ଆସନରୁ ପ୍ରାର୍ଥୀ କରାଗଲା। ଏହା ପଛରେ ଚାଲ କାହାର ଥିଲା ବୋଲି ଅରବିନ୍ଦଙ୍କ ସମର୍ଥକମାନେ ପ୍ରଶ୍ନ କରିଛନ୍ତି।

ନବୀନ ପଟ୍ଟନାୟକଙ୍କୁ ମିଛ ରିପୋର୍ଟ ଦିଆଯାଉଛି। ଯେଉଁଥିପାଇଁ ଅରବିନ୍ଦଙ୍କ ବିରୋଧରେ ଅଭିଯୋଗକୁ ପ୍ରମାଣିତ କରାଯାଇପାରୁନି। କେତେବେଳେ ତାଙ୍କୁ ଦଳବିରୋଧୀ କୁହାଯାଉଛି ତ ଆଉ କେତେବେଳେ ଜନବିରୋଧୀ, ପୁଣି କେତେବେଳେ ବିଶ୍ୱାସଘାତକର ଆଖ୍ୟା ବି ଦିଆଯାଉଛି। ବିଧାୟକଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ଓ ତାଙ୍କ ପ୍ରତି ଅବିଚାର କରାଯାଇଥିବା ତାଙ୍କ ସମର୍ଥକମାନେ ଅଭିଯୋଗ କରିଛନ୍ତି। ଏଭଳି ଅବିଚାରକୁ ପାଟକୁରା ବିଜେଡି କର୍ମୀମାନେ ବରଦାସ୍ତ କରିବେ ନାହିଁ। ନିଲମ୍ବନର ପୁନର୍ବିଚାର କରା ନ ଗଲେ ସେମାନେ ବିଜେଡି ଛାଡ଼ିଦେବେ ବୋଲି ଚେତାବନୀ ବି ଦେଇଛନ୍ତି। ଅନ୍ୟର ପ୍ରରୋଚନାରେ ନବୀନ ପଟ୍ଟନାୟକ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଥିବାରୁ ସେ ଜବାବ ଦେବା ଉଚିତ ଯେ ଅରବିନ୍ଦ ମହାପାତ୍ର ଦଳ ପ୍ରତି କି ପ୍ରକାର ବିଶ୍ୱାସଘାତକତା କରିଛନ୍ତି। ଏହା ପାଟକୁରାବାସୀଙ୍କ ସ୍ୱାଭିମାନର ପ୍ରଶ୍ନ। ପୂର୍ବରୁ ଯେଉଁମାନେ ନବୀନ ନିବାସ ଆସି ସଭାପତିଙ୍କ ସହ ଆଲୋଚନା କରିଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ନିର୍ବାଚନମଣ୍ଡଳୀର ନୁହଁନ୍ତି। ଜିଲ୍ଲାର ଅନ୍ୟ ସ୍ଥାନରୁ କର୍ମୀଙ୍କୁ ବୁହାହୋଇ ଅଣାଯାଇ ପାଟକୁରାର ବୋଲି ଦର୍ଶାଯାଇଥିଲା। ଏକଥା ସଭାପତି ଜାଣନ୍ତି ନାହିଁ। ଯେଉଁମାନେ ଏହି ଷଡ଼ଯନ୍ତ୍ର କରିଛନ୍ତି, ଏହା ସେମାନଙ୍କ ଚାଲ୍ ବୋଲି ଅରବିନ୍ଦଙ୍କ ସମର୍ଥକମାନେ ଅଭିଯୋଗ କରିଛନ୍ତି। ତେବେ ଅରବିନ୍ଦଙ୍କ ସମର୍ଥକମାନଙ୍କୁ ନବୀନଙ୍କୁ ଭେଟିବାର ସୁଯୋଗ ଦେବା ବଦଳରେ ଉଭୟ ଶଙ୍ଖ ଭବନ ଓ ନବୀନ ନିବାସକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଥିଲା। ସେପଟେ ଅସନ୍ତୁଷ୍ଟ କର୍ମୀଙ୍କ ସହ ଶଙ୍ଖ ଭବନ ଗେଟ୍ ମୁହଁରୁ କଥା ହେଲେ ଦେବୀ ମିଶ୍ର ଓ ଅନ୍ୟ କିଛି ବରିଷ୍ଠ ନେତା। ଅସନ୍ତୁଷ୍ଟ ନେତାଙ୍କୁ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦେବୀ ମିଶ୍ର ସମୟ ମାଗିଛନ୍ତି। ଏ ସମ୍ପର୍କରେ ସେ ସଭାପତିଙ୍କ ସହ ଆଲୋଚନା କରିବେ ବୋଲି ବି କହିଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି, ବିଜେଡିକୁ ଅରବିନ୍ଦ ଅଡୁଆ ଘାଇଲା କରିଥିଲେ ବି ବରିଷ୍ଠ ନେତା ଏପରିକି କେନ୍ଦ୍ରାପଡା ନେତାମାନେ ଏହି ପ୍ରସଙ୍ଗରେ ଏବେ ବି ଚୁପ୍ ରହିଛନ୍ତି।

## ସଂଖ୍ୟା...

ଅଣ୍ଟା ଭିଡ଼ିଛି। ଅନ୍ୟପକ୍ଷରେ ବିଜେଡିର ବରିଷ୍ଠ ବିଧାୟକ ଅରୁଣ ସାହୁଙ୍କ ଯୁକ୍ତି ହେଉଛି, ରାଜ୍ୟସଭା ବିଜ୍ଞପ୍ତି ପ୍ରକାଶ ପାଇଲେ ଦଳ ଏହା ଉପରେ ନିଷ୍ପତ୍ତି ନେବ। ଦଳର ସଭାପତି ନବୀନ ପଟ୍ଟନାୟକ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ୪ଟି ଆସନ ପାଇଁ ବିଜେପିର ୨ଟି ଓ ବିଜେଡିର ଗୋଟିଏ ଯିବା ନିଶ୍ଚିତ। କଂଗ୍ରେସ ପାଖରେ ସଂଖ୍ୟା ନାହିଁ। ଚତୁର୍ଥ ଆସନ ପାଇଁ ଆଲୋଚନା ହେଉଛି। ଏହାର ଭାଗ୍ୟ କ'ଣ ହେବ କାହାକୁ ବି ଜଣାନାହିଁ। ଏହି ପରିପ୍ରେକ୍ଷୀରେ ଚତୁର୍ଥ ଆସନ ପାଇଁ ଓଡ଼ିଶାର ଜଣେ ପ୍ରତିଭାବାନ ବ୍ୟକ୍ତିକୁ ପଠାଇବା ଉପରେ ଆଲୋଚନା କରିବା ପାଇଁ ଶ୍ରୀ ସାହୁ ଅପିଲ୍ କରିଛନ୍ତି।

## ଖିଣ୍ଡାରୁ...

ସହ ତାଙ୍କ ପରିବାରର ଛବିଲ ସାଏ ଓ ଉଦନ୍ତ ସାଏଙ୍କ ବଳିଦାନ ମଧ୍ୟ ଅଦ୍ୱିତୀୟ। ବିଶେଷକରି ଐତିହାସିକଙ୍କ ମତରେ ଉଦନ୍ତ ସାଏ ଦେଶମାତୃକା ପାଇଁ ୪୭ ବର୍ଷ ଜେଲଦଣ୍ଡ ଭୋଗିବା ସାଧାରଣ କଥା ନୁହେଁ। ଏହି ବୀରମାନଙ୍କର ଅକୁହା ଗାଥା ଓ ବୀରତ୍ୱର କାହାଣୀକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଆମ ସମସ୍ତଙ୍କର ଦାୟିତ୍ୱ। ଇତିହାସର ପୃଷ୍ଠାରେ କୁଦୋପାଲିର ସଂଗ୍ରାମ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡଠାରୁ କୌଣସି ଗୁଣରେ କମ୍ ନୁହେଁ। ସମ୍ବଲପୁର ସଂଗ୍ରାମର ଗୌରବମୟ ଇତିହାସକୁ ଜୀବନ୍ତ ରଖିବା ପାଇଁ କୁଦୋପାଲିଠାରେ ଏକ ଭବ୍ୟ ସ୍ମାରକ ନିର୍ମାଣ କରାଯିବ। ପୁରୁଣା କଥାକୁ ମନେ ପକାଇ ସେଥିରୁ ପ୍ରେରଣା ନେବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ଖିଣ୍ଡାକୁ ଏକ 'ପ୍ରେରଣାର କ୍ଷେତ୍ର' ଭାବେ ଗଢ଼ି ତୋଳିବାକୁ ହେବ। ଏକ ଅତ୍ୟାଧୁନିକ ଇଣ୍ଟରପ୍ରିଟେସନ ସେଣ୍ଟର, ପୁରୁଣା ମନ୍ଦିରର ଜିର୍ଣ୍ଣୋଦ୍ଧାର ଓ ଓପନ କମ୍ୟୁନିଟି ସେଣ୍ଟର ନିର୍ମାଣ ସମେତ ଆନୁଷଙ୍ଗିକ କାର୍ଯ୍ୟ ଆଦିର ସାମଗ୍ରିକ ରୂପରେଖକୁ ବଦଳାଯିବ। ଖିଣ୍ଡାରେ ଲକ୍ଷେ ଚାରା ରୋପଣ କରାଯିବ। ଏଥିପାଇଁ ସମ୍ବଲପୁରର ପରିଚୟକୁ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ଖିଣ୍ଡାରେ ଏକ ନବନିର୍ମିତ 'ଗ୍ରାମ ପଞ୍ଚାୟତ ସ୍ୱାଗତ ତୋରଣ'କୁ ଉଦଘାଟନ କରିବା ସହ ସ୍ଥାନୀୟ ଜନସାଧାରଣଙ୍କ ସୁବିଧା ପାଇଁ ଏକ 'ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର'ର ନୂତନ ଭବନର ମଧ୍ୟ ଲୋକାର୍ପଣ କରିଛନ୍ତି। ତା'ଛଡ଼ା 'ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ' ଓ 'ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ'ର ନୂତନ ଗୃହକୁ ମଧ୍ୟ କେନ୍ଦ୍ର ମନ୍ତ୍ରୀ ଉଦଘାଟନ କରିଛନ୍ତି। ଶ୍ରୀ ପ୍ରଧାନ ନୂଆ ଖିଣ୍ଡାସ୍ଥିତ 'ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର'ର ନୂତନ ଗୃହ ଉଦ୍‌ଘାଟନ କରିବା ସହ ଶିଶୁମାନଙ୍କୁ ଫଳ ବିତରଣ କରିଥିଲେ।

## ସାଂସଦ...

ରୁଲ ଅନୁଯାୟୀ ବିଭାଗୀୟ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଫିସରଙ୍କ ବିଶୃଙ୍ଖଳିତ ଆଚରଣକୁ ନେଇ ରାଜ୍ୟସଭାର ଏଥିକ୍ସ କମିଟି ଓ ଲୋକସଭାର ପ୍ରୋଟୋକଲ ଉଲ୍ଲଂଘନ କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ସବୁ ରାଜ୍ୟକୁ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁସାରେ, ଅଫିସରମାନେ ଶିଷ୍ଟାଚାର ପାଳନ କରିବାକୁ ବାଧ୍ୟ। ଜଣେ ସାଂସଦ କିମ୍ବା ବିଧାୟକ କୌଣସି ଅଧିକାରୀଙ୍କୁ ଭେଟିବାକୁ ଆସିଲେ, ସମ୍ପୃକ୍ତ ଅଫିସର ନିଜ ଆସନରୁ ଛିଡ଼ା ହୋଇ ତାଙ୍କୁ ସ୍ୱାଗତ କରିବା ସହ ବିଦାୟ ସମୟରେ ଅଫିସ ବାହାର ପର୍ଯ୍ୟନ୍ତ ତାଙ୍କୁ ଛାଡ଼ିବାକୁ ଯିବେ। ଏପରିକି ଜନପ୍ରତିନିଧିଙ୍କ ଗାଡ଼ିକୁ ଅଫିସ୍ ପରିସର ମଧ୍ୟକୁ ପ୍ରବେଶ କରିବା ପାଇଁ ସୁରକ୍ଷା କଟକଣାକୁ ବି କୋହଳ କରିବେ।

## ନିଜେ...

ନବୀନ ନିବାସ ଡାକି ଆଲୋଚନା କରୁଛନ୍ତି। ନିଜର ପୁରୁଣା ବନ୍ଧୁ ଅନଙ୍ଗ ଉଦୟ ସିଂହଦେଓଙ୍କୁ ନବୀନ ନିବାସ ଡାକି ତାଙ୍କ ସହିତ ଫଟୋ ଉଠାଇଛନ୍ତି। ଅନ୍ୟ ସମୟରେ ହାତଗଣତି କେତେଜଣ ନେତାଙ୍କୁ ବାଦ୍ ଦେଲେ ଅନ୍ୟମାନେ ପ୍ରାୟତଃ ନବୀନ ନିବାସ ମାଡ଼ନ୍ତି ନାହିଁ। ଯେଉଁମାନେ ଯାଆନ୍ତି ସେମାନେ ବି ନବୀନଙ୍କ ସାକ୍ଷାତ ପାଉ ନ ଥିବା ବାହାରେ ଆଲୋଚନା ହୋଇଆସିଛି। କିନ୍ତୁ ହଠାତ୍ ନବୀନଙ୍କ ସକ୍ରିୟତା କେବଳ ରାଜ୍ୟସଭା ପାଇଁ ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି। ଦଳରେ ପ୍ରଫୁଲ୍ଲ ମଲ୍ଲିକ, ଶ୍ରୀମୟୀ ମିଶ୍ରଙ୍କ ସମେତ ଦୁଇ ବିଧାୟକଙ୍କ ନିଲମ୍ବନକୁ ନେଇ ଭିତରେ ଭିତରେ ଅସନ୍ତୋଷ କୁହୁଳୁଥିବାରୁ କାଳେ ରାଜ୍ୟସଭା ଭୋଟରେ କିଏ ଗଡବଡ କରିଦେବ ସେଥିପାଇଁ ନବୀନ ନିଜେ ସକ୍ରିୟ ହୋଇଛନ୍ତି। କାରଣ ଅତୀତରେ ଦୁଇ ଦୁଇଟି ରାଜ୍ୟସଭା ନିର୍ବାଚନରେ ତାଙ୍କର ସକ୍ରିୟତା ସତ୍ତ୍ୱେ ଦଳ କିଭଳି କ୍ରସ ଭୋଟିଂ କରିଥିଲା ତାହାକୁ ନବୀନ ଭୁଲି ନାହାନ୍ତି। ଏଥର ୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେଉଥିବାବେଳେ ଜଣେ ପ୍ରାର୍ଥୀଙ୍କୁ ସହଜରେ ଜିଣାଇବାପାଇଁ ଯଦିଓ ବିଜେଡି ନିକଟରେ ପର୍ଯ୍ୟାପ୍ତ ବିଧାୟକ ରହିଛନ୍ତି, କିନ୍ତୁ ଅସନ୍ତୋଷକୁ ଚାପିଥିବା ବିଧାୟକମାନେ କ୍ରସଂ ଭୋଟିଂ କରିବାର ବି ଭୟ ରହିଛି। ଏଥିପାଇଁ କେବଳ ନବୀନ ସକ୍ରିୟ ହୋଇ ଉଠିଛନ୍ତି ଏବଂ ରାଜ୍ୟସଭା ନିର୍ବାଚନ ସରିଲେ ପୁଣିଥରେ ନିଷ୍କ୍ରିୟ ହୋଇଯିବେ ବୋଲି ବିଜେଡି କର୍ମୀମାନେ ଆଲୋଚନା ଚଳାଇଛନ୍ତି।

## ଜଲଗ୍ୱା...

ପୂର୍ବରୁ ୪ରୁ ୫ଟି ଘୋଡା ଦିଲ୍ଲୀ ପରେଡ୍‌କୁ ଯାଉଥିଲେ ହେଁ ଏବେ ଏହି ସଂଖ୍ୟା ଦୁଇକୁ ଖସିଆସିଛି। ତିତଲି ଓ ଭୋଡକାଙ୍କ ପୂର୍ବରୁ ଟାର୍ଜନ ଦୀର୍ଘ ୧୪ ବର୍ଷ ଧରି ଦିଲ୍ଲୀ ଯାଉଥିଲା। ପରେଡରେ ଅଂଶଗ୍ରହଣ କରି ନିଜର ପ୍ରତିଭା ଦେଖାଇଥିବାରୁ ତାକୁ ସମ୍ମାନଜନକ ଡିଜି ଏନସିସି କମଣ୍ଡେସନ୍ କାର୍ଡ ପୁରସ୍କାର ମିଳିଛି। ଚଳିତ ବର୍ଷ ତିତଲି ଓ ଭୋଡ଼କାଙ୍କ ପାଳି ପଡ଼ିଛି। ଏନସିସି କଟକ ଗ୍ରୁପ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁଙ୍କ ନେତୃତ୍ୱ ତଥା ୧(ଓ) ଆରଆଣ୍ଡଭି ସ୍କ୍ୱାର୍ଡନ ଏନସିସିର କ୍ୟାଡେଟ୍ ସିନିଅର ଅଣ୍ଡର ଅଫିସର ଦିନେଶ ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବେ ଘୋଡ଼ାଦ୍ୱୟ ଅଭ୍ୟାସ କରୁଛନ୍ତି। ସେମାନେ କିପରି ଚାଲିବେ, ଅତିଥିଙ୍କ ସାମ୍ନାରେ କିଭଳି ବ୍ୟବହାର କରିବେ, ସେନେଇ ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ଦେଉଛନ୍ତି। ଏଥିସହ ସେମାନଙ୍କ ଖାଦ୍ୟପେୟକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଦୁଇ ଘୋଡ଼ା ବ୍ୟତୀତ ଏହି ଏନସିସି କେନ୍ଦ୍ରରୁ କ୍ୟାଡେଟ୍ ସୌମ୍ୟରଞ୍ଜନ ଓ କ୍ୟାଡେଟ୍ ଅନସୂୟା ମଧ୍ୟ ଦିଲ୍ଲୀ ସାଧାରଣତନ୍ତ୍ର ପରେଡ୍‌ରେ ଭାଗ ନେବେ ବୋଲି ସ୍କ୍ୱାଡ୍ରନର କମାଣ୍ଡିଂ ଅଧିକାରୀ କର୍ଣ୍ଣେଲ ପି. ଦୀନଦୟାଲ ସୂଚନା ଦେଇଛନ୍ତି।

## ଦୁଇ ବାଲି ବୋଝେଇ ହାଇୱା ଜବତ



**ଧାମନଗର,୨୩।୧ (ସଂଚାର ବ୍ୟୁରୋ):** ବେଆଇନ ଭାବେ ମାଟି ଓ ବାଲି ଧାମନଗରରୁ ବିଭିନ୍ନ ଅଞ୍ଚଳକୁ ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ବାଲି ବୋଝେଇ ୨ଗୋଟି ହାଇୱା ବାରିକପୁର ବାଟ ଦେଇ ଚୁଡାକୁଟି ଅଭିମୁଖେ ଆସୁଥିବା ବେଳେ ଅଭିଳ ଛକରେ ଧାମନଗର ପୋଲିସ ଦ୍ୱାରା ଚଢ଼ାଉ କରି ଜବତ କରାଯାଇଅଛି। ଖବର ନେବାରୁ ଯାହା ଜଣାଯାଏ ଦିନ ଦିପହରରେ ଏହି ବାଲି ବୋଝେଇ ହାଇୱାରେ ଚୋରା ଚାଲାଣ ହେଉଥିବାର ବିଶେଷ ସୂତ୍ରରୁ ଖବର ପାଇ ଧାମନଗର ଥାନା ଆଇଆଇସି ରଞ୍ଜନ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ମହେଶ୍ୱର ପ୍ରଧାନ ସଦଳବଳେ ଉକ୍ତ ୨ଗୋଟି ବାଲି ବୋଝେଇ ହାଇୱା ଜବତ କରି ଥାନାକୁ ଆଣିଥିଲେ। ଓଡ଼ି ୨୨ଇ ୫୩୮୪ ଏବଂ ଓଡ଼ି ୩୪ଏସ୍ ୦୧୮୪ ଏହି ଦୁଇଟି ହାଇୱାକୁ ଥାନାରେ ଅଟକ ରଖି କାଗଜପତ୍ର ଯାଞ୍ଚ କରାଯାଇଥିଲା। ତେବେ ଟ୍ରକ ଚାଳକ ଯୋଗ୍ୟ ଟ୍ରାଞ୍ଜିଟ ପାସ୍ ବା ୱାଇ ଫର୍ମ ଦେଖାଇ ପାରିନଥିଲେ। ଧାମନଗର ଥାନା କେଶ ନଂ ୩୨/୨୦୨୬ ଏବଂ ୩୩/୨୦୨୬ରେ ଦୁଇଟି ମାମଲା ରୁଜୁ କରାଯାଇ ଦୁଇ ଜଣ ଡ୍ରାଇଭରଙ୍କୁ ଥାନାରୁ ନୋଟିସ ଦିଆଯାଇଛି ବୋଲି ଅଧିକାରୀ ସୂଚନା ଦେଇଛନ୍ତି। ତେବେ ବାଲି ପାଇଁ ସରକାରୀ ଓ ବେସରକାରୀ ଉନ୍ନତି ମୂଳକ କାର୍ଯ୍ୟ ନିମନ୍ତେ ଘୋର ଅଭାବ ଅସୁବିଧା ଦେଖାଦେଇଥିବାରୁ ଜିଲ୍ଲା ପ୍ରଶାସନ ଏହାର ସମାଧାନ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରିଛନ୍ତି।

# ଅପରାଧୀଙ୍କୁ ସୁରକ୍ଷା ଦେଉଛି ପୁଲିସ

### କନେଷ୍ଟବଳଙ୍କ ନାମରେ ଗୁରୁତର ଅଭିଯୋଗ, ଜିଲ୍ଲା ପୁଲିସ ନିରବ

**ଯାଜପୁର,୨୩।୧ (ସଂଚାର ବ୍ୟୁରୋ):** ବେଆଇନ କାରବାର ଓ ଅପରାଧିକ କାର୍ଯ୍ୟକଳାପ ଯୋଗୁଁ ଯାଜପୁର ଟାଉନ ଥାନା ଅଞ୍ଚଳ ଦିନକୁଦିନ ଅସୁରକ୍ଷିତ ହେଉଥିବା ବେଳେ ପୁଲିସର ଭୂମିକାକୁ ନେଇ ଗଭୀର ପ୍ରଶ୍ନ ଉଠୁଛି। ସହରର କଳେବର ବୃଦ୍ଧି ସହ ନୂଆନୂଆ ସ୍ଥାନରେ ନିଶାଡ଼ି, ମଦ ମାଫିଆ ଓ ଅପରାଧୀଙ୍କ ଆଡ଼ାସ୍ଥଳୀ ଗଢ଼ିଉଠୁଥିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନର ଚିହ୍ନ ଦେଖାଯାଉନାହିଁ।

ଅଭିଯୋଗ ଅନୁସାରେ, ଯାଜପୁର ଟାଉନ ଥାନାର ଜଣେ କନେଷ୍ଟବଳ ବେଆଇନ ନିଶା କାରବାରରେ ଲିପ୍ତ ଲୋକଙ୍କୁ ସୁରକ୍ଷା ଦେଇ ମାସିକ ଲକ୍ଷାଧିକ ଟଙ୍କା 'ବଟି' ଆଦାୟ କରୁଛନ୍ତି। ବହୁ ବର୍ଷ ଧରି ଗୋଟିଏ ଥାନାରେ ରହି ସେ ବେଆଇନ କାର୍ଯ୍ୟକଳାପକୁ ନିର୍ବିଘ୍ନ ଭାବେ ଚାଲିବାରେ ସହଯୋଗ କରୁଥିବା ଚର୍ଚ୍ଚା ରହିଛି। ଯାଜପୁର ସହର ଦେଇ ଯାଜପୁର, ବିଂଝାରପୁର ଓ ରସୁଲପୁର ଅଞ୍ଚଳରୁ ପ୍ରତିଦିନ ଶହଶହ ବେଆଇନ ବାଲି ଭରା ଟ୍ରକ୍ ଓ ଟ୍ରାକ୍ଟର ଭଦ୍ରକ, ବାଲେଶ୍ୱର ଓ କୋଲକାତାକୁ ଚୋରାରେ ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏହି ବେଆଇନ ଚାଲାଣରେ ଗାଡ଼ି ମାଲିକ ଓ ବାଲି ମାଫିଆଙ୍କଠାରୁ ଉକ୍ତ କନେଷ୍ଟବଳ ମୋଟା ଅଙ୍କର ଟଙ୍କା ନେଉଥିବା କଥା ବାରମ୍ବାର ଉଠୁଛି। ସହର ସାରା ବିଭିନ୍ନ ଆଡ଼ାରେ ଧଳାଜହର ଓ ଅନ୍ୟ ନିଶାଦ୍ରବ୍ୟ ଖୁଲାମେଲା ବିକ୍ରି ହେଉଥିବା ବେଳେ ସବୁଠାରେ ଉକ୍ତ କନେଷ୍ଟବଳଙ୍କ ନାମ ଚର୍ଚ୍ଚାରେ ରହୁଛି। ଏ ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ରହିଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ଫଳ ମିଳିନଥିବା କୁହାଯାଉଛି।

ଏହି ଘଟଣା ଯାଜପୁରରେ ପୁଲିସ ପ୍ରଶାସନର ଭୂମିକାକୁ ନେଇ ଗଭୀର ସନ୍ଦେହ ସୃଷ୍ଟି କରିଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ତତ୍କାଳ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାର 'ସ୍ନେହଲତା' ପୁରସ୍କୃତ



**ହିଞ୍ଜିଳିକାଟୁ,୨୩।୧ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ଓଡିଶା ଆଦର୍ଶ ବିଦ୍ୟାଳୟ ଶାସନ ଆମ୍ବଗାଁର ନବମ ଶ୍ରେଣୀର ଛାତ୍ରୀ କୁମାରୀ ସ୍ନେହଲତା ପଣ୍ଡା ପାଣି ପଞ୍ଚାୟତ ପକ୍ଷ ୨୦୨୬ ରାଜ୍ୟସ୍ତରୀୟ ତର୍କ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଗତ ୨୨ ତାରିଖ ଦିନ ଭୁବନେଶ୍ୱର ଲୋକ ସଭା କନଭେନସନ ହାଲ ପରିସରରେ ଆୟୋଜିତ ଏକ ଭବ୍ୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ନେହଲତାଙ୍କୁ ଟ୍ରଫି, ମାନପତ୍ର ଓ ୧୦,୦୦୦ ଟଙ୍କାର ଏକ ଚେକ୍ ପ୍ରଦାନ କରି ପୁରସ୍କୃତ କରିଛନ୍ତି ।

## ଅବସରପ୍ରାପ୍ତ ଗୃହରକ୍ଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ



**କୋରାପୁଟ/ବୋରିଗୁମ୍ମା,୨୩।୧ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲାର ଗୃହରକ୍ଷୀ ଭଉଣୀ ଗଙ୍ଗା ଦେଇ ମାଝୀ, କୋରାପୁଟ ଟାଉନ ଥାନାରୁ ଗତ ଅଗଷ୍ଟ ମାସରେ ସେ ଅବସର ନେଇଥିଲେ। କୋରାପୁଟ ଜିଲ୍ଲା ଗୃହରକ୍ଷୀ ସଂଘର ସମସ୍ତ ଭାଇମାନେ ଓ ସମସ୍ତ ହୋମଗାର୍ଡ ଭାଇମାନଙ୍କର ସହଯୋଗରେ ଏବଂ ବିଶେଷ କରି ଆଦରଣୀୟ ଏସ୍‌ପି ସାହେବ ଓ ଆର୍‌ଆଇ ସାରଙ୍କ ମୂଲ୍ୟବାନ ସହଯୋଗରେ ସମସ୍ତ କାର୍ଯ୍ୟ ସଫଳତାର ସହିତ ସମ୍ପନ୍ନ ହୋଇଛି। ଗଙ୍ଗା ଦେଇ ମାଝୀଙ୍କ ସେବାନିବୃତ୍ତି ଅବସରରେ ସମସ୍ତ ଗୃହରକ୍ଷୀ ମାନଙ୍କର ସହଯୋଗରେ ୧,୦୦,୦୦୦ (ଏକ ଲକ୍ଷ) ଟଙ୍କା ତାଙ୍କୁ ପ୍ରଦାନ କରାଯାଇଛି। ଏହି ମହାନ କାର୍ଯ୍ୟ ପାଇଁ ସମସ୍ତ ଭାଇମାନଙ୍କୁ ଜିଲ୍ଲା ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ସୁନା ସମସ୍ତଙ୍କୁ ହୃଦୟପୂର୍ଣ୍ଣ ଧନ୍ୟବାଦ ଜଣାଇଛନ୍ତି।

## କୃଷି ଯନ୍ତ୍ରପାତି ମେଳା ପ୍ରହସନକୁ ସ୍ୱୀକାର କଲେ ଅଧିକାରୀ

**ଆନନ୍ଦପୁର,୨୩।୧ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହୋଇ ଗୁରୁବାର ଅପରାହ୍ନରେ ଉଦଯାପନୀ ହୋଇଛି। ଆନନ୍ଦପୁର ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା

### ଆରବର୍ଷକୁ ଭୁଲ୍ ହେବନି




ପ୍ରହସନ ପାଇଁ ଅଧିକାରୀ ସ୍ୱୟଂ ସ୍ୱୀକାର କରିଛନ୍ତି। ଉଦଯାପନୀ କାର୍ଯ୍ୟକ୍ରମରେ ଅନିୟମିତତା ଅଭିଯୋଗ, ସଭା ଭାଙ୍ଗିଯିବା ଓ ଷ୍ଟଲ ଭାଙ୍ଗିବା ପର୍ଯ୍ୟନ୍ତ ପରିସ୍ଥିତି ତୀବ୍ର ହୋଇଥିଲା। ଏହି ସବୁ ଯାଇ କୃଷି ବିଭାଗର ଅଧିକାରୀମାନେ ସ୍ୱୟଂ ଭୁଲ୍ ସ୍ୱୀକାରି ଆଗାମୀ ବର୍ଷରୁ ଏପରି ଅବସ୍ଥା ହେବ ନାହିଁ ବୋଲି ଆଶ୍ୱାସନ ଦେଇଛନ୍ତି। ସର୍ବ ପରେ ବ୍ୟବସ୍ଥାପନ ତ୍ରୁଟି, ଅପର୍ଯ୍ୟାପ୍ତ ସୂଚନା, ପ୍ରସାର ଅଭାବ ଓ ଯନ୍ତ୍ରପାତି ଦର୍ଶନରେ ଅଳ୍ପ ଚାଷୀ ସହଭାଗିତା ଇଂ ମେଳାର ଉଦ୍ଦେଶ୍ୟକୁ ପ୍ରଶ୍ନରେ ରଖିଛି।

ସ୍ଥାନୀୟ ଚାଷୀମାନେ କହିଛନ୍ତି ମେଳା ବିଷୟରେ କିଛି ସୂଚନା ଦିଆଯାଇନଥିଲା, ହଠାତ୍ ଜାଣିଲୁ। ଆନନ୍ଦପୁର ଉପଖଣ୍ଡରେ କୃଷି ଯନ୍ତ୍ରପାତି ମେଳାକୁ ନେଇ ଚାଷୀମାନଙ୍କ ଆଶା ବହୁତ... କିନ୍ତୁ ବ୍ୟବସ୍ଥାପନରେ ଏପରି ଢିଲା ଯେ ଚାଷୀଙ୍କ ଭରସାକୁ କେବଳ କମାଇ ନେଉଛି। ଅନେକ ଚାଷୀ ମତ ରଖିଛନ୍ତି ଯଦି ଏହି କୃଷି ଯନ୍ତ୍ରପାତି ମେଳାକୁ ବ୍ଲକ୍ ସ୍ତରୀୟ କରାଯାଏ ତେବେ ବହୁ ଚାଷୀ ଅନେକ ଫାଇଦା ଉଠାଇ ପାରନ୍ତେ ଏବଂ ଏହି କୃଷି ଯନ୍ତ୍ରପାତି ମେଳା ଲକ୍ଷ୍ୟ ସାଧନ ହୋଇ ପାରନ୍ତା। ତେବେ ଦେଖିବାକୁ ବାକି ରହିଲା ବିଭାଗ ପକ୍ଷରୁ ଆଗମୀ ଦିନରେ ଏହି ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳାକୁ କିପରି ପାଳନ କରାଯିବାର ବ୍ୟବସ୍ଥା କରାଯାଉଛି।

## ନେଜାତୀ ଜୟନ୍ତୀରେ ବିଶାଳ ରକ୍ତଦାନ ଶିବିର

### ୭୨ ୟୁନିଟ ରକ୍ତ ସଂଗୃହିତ



**ନୀଳଗିରି,୨୩।୧ (ସଂଚାର ବ୍ୟୁରୋ):** ମହାନ ସ୍ୱାଧୀନତା ସଂଗ୍ରାମୀ, ଭାରତ ମାତାର ସୁଯୋଗ୍ୟ ସନ୍ତାନ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ନୀଳଗିରି ବିଜେଡ଼ି କାର୍ଯ୍ୟାଳୟରେ ପାଳିତ ହୋଇ ଯାଇଛି। ପୂର୍ବାହ୍ନ ୯ଘଟିକା ସମୟରେ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ, ରାଜ୍ୟମହିଳା କାର୍ଯ୍ୟକାରିଣୀ ଉପଦେଷ୍ଟା କମିଟି ସଦସ୍ୟା ଡ. ଲେଖାଶ୍ରୀ ସାମନ୍ତ ସିଂହାର, ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ ପ୍ରମୁଖ ଉପସ୍ଥିତ ଥାଇ ନେତାଜୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱୋଳନ କରିଥିଲେ। ଶ୍ରୀଯୁକ୍ତ ନାୟକ ତାଙ୍କ ବକ୍ତବ୍ୟରେ ନେତାଜୀ ପରାଧୀନ ଭାରତକୁ ସ୍ୱାଧୀନତା ଆଣିବା ପାଇଁ ସଂଗ୍ରାମ କରି ନିଜକୁ ଝାସ ଦେଇଥିବା ବେଳେ ମୋତେ ରକ୍ତଦିଅ ମୁଁ ତମକୁ ସ୍ୱାଧୀନତା ଦେବି ବୋଲି କହିଥିଲେ। ଉପସ୍ଥିତ ବିଜେଡ଼ି ନେତୃତ୍ୱ ମାନଙ୍କ ମଧରେ ଗଙ୍ଗାଧର ମିଶ୍ର, ଆରବନ୍ଧ ସରପଞ୍ଚ କୁଳମଣି ନାୟକ, ପ୍ରମୁଖ ବହୁ ବିଜେଡ଼ି କର୍ମୀ ଉପସ୍ଥିତ ଥାଇ ନେତାଜୀଙ୍କ ସ୍ମୃତି ଚାରଣ କରିଥିଲେ। ପରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଜିଲ୍ଲା ରକ୍ତଭଣ୍ଡାର ଡାକ୍ତର ବସନ୍ତ କୁମାର ଉପାଧାୟ, ଶୁଚିସ୍ମିତା ଦାସ, ଲାବାରେଟୋରୀ ଟେକ୍ନିସିଆନ ରାଜେଶ ମିଶ୍ର, ସୋଭାଗ୍ୟବତୀ ପଣ୍ଡା, ସତ୍ୟ ପ୍ରସାଦ ଦାସ, ଉପସ୍ଥାପକ ହେମନ୍ତ ସେଠୀ, ଏବଂ ସହଯୋଗୀ ବିଦ୍ୟାଧର ସାହୁ ପ୍ରମୁଖ ସ୍ୱେଚ୍ଛାସେବୀଙ୍କ ଠାରୁ ସମୁଦାୟ ୭୨ ୟୁନିଟ ରକ୍ତ ସଂଗ୍ରହ ହୋଇ ବାଲେଶ୍ୱର ରକ୍ତ ଭଣ୍ଡାରକୁ ନେଇଥିଲେ।

# ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲିଲା

### ନଗର, ମଙ୍ଗଳା, ଓଥକା ଓ ଚିତ୍ରେଶ୍ୱରିରେ ଖୋଲିଲା ଧାନ ମଣ୍ଡି

### ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କଲେ ପୁରୀ ଉପନିବନ୍ଧକ

**କାକଟପୁର/ଅସ୍ତରଙ୍ଗ,୨୩।୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଂଚଳରେ ୨୦୨୫-୨୬ଖରିଫ ଋତୁ ପାଇଁ ଶୁକ୍ରବାର ଦିନ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନଗର ସମେତ କାକଟପୁର ବ୍ଲକ ଅଧୀନ ଓଥକା, ଚିତ୍ରେଶ୍ୱରୀ ଓ ମଙ୍ଗଳା ସେବା ସମବାୟ ସମିତିରେ ଧାନ ମଣ୍ଡିର ଶୁଭ ଉଦ୍‌ଘାଟନ ହୋଇଛି। ଅସ୍ତରଙ୍ଗ ବ୍ଲକ ନଗର ସେବା ସମବାୟ ସମିତି ଲିଃ ସଭାପତି ଦୀନବନ୍ଧୁ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ପୁରୀ ନିମାପଡା କେନ୍ଦ୍ରୀୟ ସମବାୟ ସମିତିର ସଭାପତି କୁଞ୍ଜ ବିହାରୀ ପ୍ରଧାନ, ସମ୍ପାଦକ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କାକଟପୁର ବ୍ଲକ ସ୍ଥିତ ମଙ୍ଗଳା ସେବା ସମିତିରେ ମୁଖ୍ୟ ଅତିଥି ସମବାୟ ସମିତି ସମୂହ ପୁରୀ ବିଭାଜନ ଉପନିବନ୍ଧକ ସରୋଜିନୀ ଜେନା, ସହକାରୀ ନିବନ୍ଧକ ସନାତନ ବେହେରା, ସଭାପତି ଶୁଭାସ ଚନ୍ଦ୍ର ତ୍ରିପାଠୀ, ସମ୍ପାଦକ ହରେକୃଷ୍ଣ ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଓଥକା ସେବା ସମବାୟ ସମିତିରେ ସଭାପତି ରାମଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ଶୁଭ୍ରାଂଶୁ କୁମାର ରାଉତ, ଚିତ୍ରେଶ୍ୱରୀ ସେବା ସମବାୟ ସମିତିରେ ସଭାପତି ଲକ୍ଷ୍ମୀଧର ବେହେରା,ଶାଖା ପରିଚାଳକ ବାବାଜୀ ଚରଣ ମୁଦୁଲି, ସମ୍ପାଦକ ଶଶୀଭୁଷଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଅତିଥିମାନେ କହିଛନ୍ତି ଧାନ ମଣ୍ଡିରେ ଶାନ୍ତି ଶୃଙ୍ଖଳାର ସହ ସୁରୁଖୁରୁରେ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯିବ। ଚଳିତ ବର୍ଷ ଧାନ ସଂଗ୍ରହକୁ କ୍ରିୟାଶିଳ କରିବା ଲକ୍ଷ୍ୟରେ ଖୁବ ଶୀଘ୍ର ଅନ୍ୟ ସବୁ ମଣ୍ଡି ଖୋଲିଯିବ। ନଗର ସେବା ସମବାୟରେ ୫୧୦ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ମଙ୍ଗଳା ସେବା ସମବାୟରେ ୧୪୨ଜଣ, ଓଥକା ସମବାୟରେ ୧୭୬ଜଣ ଓ ଚିତ୍ରେଶ୍ୱରୀ ସେବା ସମବାୟରେ ୩୨୮ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଧାନର ସର୍ବନିମ୍ନ ସହାୟତା ରାଶି ଇନପୁଟ ସବସିଡ଼ି ସହିତ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ଚାଷୀଙ୍କୁ ଦିଆଯିବ। ଏଥର ଝୋଟ ବ୍ୟାଗରେ ହିଁ ଧାନ କ୍ରୟ କରିବା ପାଇଁ ପ୍ରାଧାନ୍ୟ ଦିଆଯାଇଛି। ଶୁକ୍ରବାର ସମବାୟ ସମିତି ସମୂହ ପୁରୀ ବିଭାଜନ ଉପ ନିବନ୍ଧକ ସରୋଜିନୀ ଜେନା ଓ ସହକାରୀ ନିବନ୍ଧକ ସନାତନ ବେହେରା କାକଟପୁର ବ୍ଲକର ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ କରିବା ସହ ଖୁବ ଶୀଘ୍ର ଚାଷୀ ସମସ୍ୟା ଅନୁଧାନ କରି ଧାନ ସଠିକ ସମୟରେ ମିଲର ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଅଳ୍ପ ଦିନ ମଧରେ ସମସ୍ତ ଧାନ ମଣ୍ଡି ଖୋଲିଯିବ ବୋଲି ସୂଚନା ଦେଇଥିଲେ।

## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ସମୀକ୍ଷା କଲେ ଜିଲ୍ଲାପାଳ

**କଟକ,୨୩।୧ (ସଂଚାର ବ୍ୟୁରୋ):** କଟକ ଜିଲ୍ଲାସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହାର ଅବ୍ୟବହିତ ପୂର୍ବରୁ ଆଜି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବାରବାଟୀ ପଡିଆ ଯାଇ ଜାତୀୟ ଦିବସ ପାଳନ ସମ୍ବନ୍ଧିତ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିଛନ୍ତି । ମୁଖ୍ୟ ମଂଚ, ପରେଡ ଗ୍ରାଉଣ୍ଡ, ବିଶିଷ୍ଟ ଅତିଥିମାନଙ୍କ ବସିବା ସ୍ଥାନ ଓ ପ୍ରଜ୍ଞାପନ ମେଢ ପ୍ରବେଶ ପଥ ଆଦି ସମ୍ପର୍କରେ ଜିଲ୍ଲାପାଳ ତଦାରଖ କରିଥିଲେ। ପରେ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ ଯାଇ ସେଠାରେ ହେବାକୁ ଥିବା ରକ୍ତଦାନ ଶିବିର ଓ ପୁସ୍ତକ ପ୍ରଦର୍ଶନୀ ସ୍ଥାନ ମଧ ବୁଲି ଦେଖିଥଲେ। ପରେ ପରେ ଜିଲ୍ଲାପାଳ ନିକଟରେ ଥିବା କ୍ରୀଡା ଛାତ୍ରାବାସକୁ ଅଚାନକ ପରିଦର୍ଶନ କରି ସେଠାରେ ଦାୟିତ୍ୱ ନିର୍ବାହ କରୁଥିବା ଗଙ୍ଗାଧର ବେହେରା, ୱାର୍ଡନ ଓ କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

## ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ




**କଟକ,୨୩।୧ (ସଂଚାର ବ୍ୟୁରୋ):** ଆଜି ସକାଳ ୭ ଘଟିକା ସମୟରେ ରାଜ୍ୟ ବିଜୁ ଯୁବ ଜନତା ଦଳର ଉପସଭାପତି ଜଗନ୍ନାଥ ସ୍ୱାଇଁଙ୍କ ନେତୃତ୍ୱରେ ଚୌଧରୀ ବଜ଼ାର ସ୍ଥିତ ଗୌରୀଶଙ୍କର ପାର୍କ ଠାରୁ ଏକ ବିଶାଳ ଶାନ୍ତି ଶୋଭାଯାତ୍ରା ବାହାରି ଓଡ଼ିଆ ବଜ଼ାର ସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନରେ ପହଞ୍ଚି ସେଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଶାନ୍ତି ଶୋଭାଯାତ୍ରାରେ ମାନ୍ୟବର କଟକ ମେୟର ସୁବାସ ସିଂହ , ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର, କଟକ ଜିଲ୍ଲା ବିଜୁ ଜନତା ଦଳ ସଭାପତି ପ୍ରଫୁଲ୍ଲ ସିଂହ, ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟୀ ସାହୁ, ରାଜ୍ୟ ବିଜୁ ଛାତ୍ର ଜନତା ଦଳ ସଭାପତି ଇପ୍ସିତ ସାହୁ, ବିଜୁ ଜନତା ଦଳର ବରିଷ୍ଠ ନେତା ବିଶ୍ୱଜିତ ମହାନ୍ତି, ମହମଦ ସକିଲ, ରମଜାନ ଖାନ, ପ୍ରକାଶ ସିଂହ, ଅନିତା ବେହେରା, ପ୍ରେମାନସୁ ଭୂଷଣ ବେହେରା, କର୍ପୋରେଟର ବସନ୍ତ ବେହେରା, ଇତିଶ୍ରୀ ଦାସ , ପୁଷ୍ପିତା ମହାନ୍ତି , ଏ ଶ୍ରୀଦେବୀ, ଆରତୀ ସାହୁ, କୃରେଷା ନୁର,ଦିପଞ୍ଜଳି ସିଂହ, ଅରୁନ୍ଧତୀ କର, ରିତାଞ୍ଜଳୀ ବେହେରା, ଚନ୍ଦନ ଜେନା, ଦେବେନ୍ଦ୍ର କାହାଳି, କାଳିଚରଣ ପାଣିଗ୍ରାହୀ, ରିୟାଜ଼ ଖାନ, ଅର୍ଦ୍ଧେନ୍ଦୁ ଶେଖର ମାଝୀ, ରାଧେ ଶ୍ୟାମ ସାହୁ, ଶତାଧିକ ବିଜୁ ଯୁବ ଜନତା ଓ ଛାତ୍ର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ଜଗନ୍ନାଥ ସ୍ୱାଇଁ ସଭା ପରିଚାଳନା କରିଥିଲେ ।

## ତାଳପତ୍ର ପୋଥିରେ ବିରାଜିଲେ ଦେବୀ ସରସ୍ୱତୀ



**ଭୁବନେଶ୍ୱ,୨୩।୧ (ସଂଚାର ବ୍ୟୁରୋ):** ଧଉଳି ପାଦଦେଶରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଗଢ଼ିଛନ୍ତି ଦେବୀ ସରସ୍ୱତୀଙ୍କ ନିଆରା ମୂର୍ତ୍ତୀ । ମୂର୍ତ୍ତି କଳା ବିଭାଗର ଅଧାପକ ଚନ୍ଦନ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ତାଳପତ୍ର ପୋଥି ଓ ଦେବୀ ସରସ୍ୱତୀଙ୍କ ଶ୍ଳୋକରେ ଏହି ସୁନ୍ଦର ନିଆରା ମୂର୍ତ୍ତି ଗଢି ପୂଜା କରିଛନ୍ତି। ମହାବିଦ୍ୟାଳୟର ୧୭ ଜଣ ଶିଳ୍ପୀଙ୍କୁ ଏହି ନିଆରା ମୂର୍ତ୍ତି ଗଢ଼ିବାକୁ ୧୦ ଦିନ ସମୟ ଲାଗିଥିଲା। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ ,ଅଧାପକ ଭୂପତି ଭୂଷଣ ପଣ୍ଡା, ଯନିତା ପ୍ରିୟଦର୍ଶିନୀ,ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଯୋଗଦେଇ ଦେବୀଙ୍କ ପୂଜାର୍ଚ୍ଚନା କରିବା ସହିତ ଛାତ୍ରଛାତ୍ରୀଙ୍କ ମୂର୍ତ୍ତି ତିଆରିରେ ଭୂୟସୀ ପ୍ରଶଂସା କରିଥିଲେ ।

ମହାବିଦ୍ୟାଳୟର ଛାତ୍ର ବୃନ୍ଦାବନ ପଣ୍ଡା, ଦେବରାଜ ମହାରଣା, ପ୍ରକାଶ ପରିଡା, ପ୍ରଦତ୍ତ ଭୋକ୍ତା,ପ୍ରୀତିନନ୍ଦା ସାହୁ ଓ ସୌମ୍ୟକାନ୍ତ ସ୍ୱାଇଁ, ଦେବୀଦତ୍ତା ତାରିଣୀଆ, ସ୍ୱାଗତିକା ମିଶ୍ର, ବିଷ୍ଣୁପ୍ରିୟା ଦାସ, ରୋଜାଲିନ ଦାସ, ସୁଦିପ୍ତା ମାଇତି, ଇପ୍ସିତା ଘୋଷ, ବର୍ଷା ରାଣୀ ଓଝା, ପ୍ରିତିସନ୍ଧ୍ୟା ବେହେରା, ଶୁଭସ୍ମିତା ନାୟକ, ପ୍ରେରଣା କୁମାରୀ, ଦୀପକ କୁମାର ଜେନା ଆଦି ପାରମ୍ପରିକ ତାଳପତ୍ର ଖୋଦେଇ ଆଧାରରେ ଏହି ଇକୋ ଫ୍ରେଣ୍ଡଲି ମୂର୍ତ୍ତି ତିଆରି କରିଥିଲେ ଯାହା ଦର୍ଶକଙ୍କ ମନ ମୋହିଥିଲ। ଏହି ଅବସରରେ ସୁଭାଷ ଚନ୍ଦ୍ର ମୁଦୁଲି, ପ୍ରବୀର୍ ଦଳାଇ,ଡ. ଉମାକାନ୍ତ ସାମଲ ପ୍ରମୁଖ ଓ ସ୍ଥାନୀୟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଶିଳ୍ପୀ ମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ଜୟ ଜଗନ୍ନାଥ ମହୋତ୍ସବ କଳସ ଯାତ୍ରାରେ ଦୁଲୁକିଲା ଗାଁ ଦାଣ୍ଡ



**ଯାଜପୁର,୨୩।୧ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ମଧୁପୁରଗଡ ପଂଚାୟତ ଭୁବନପୁର ଗ୍ରାମରେ ଅନୁଷ୍ଠିତ ହେଉଥିବା ଜୟ ଜଗନ୍ନାଥ ମହୋତ୍ସବର ଶୁକ୍ରବାର ସକାଳେ କଳସ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି କଳସ ଶୋଭାଯାତ୍ରାରେ ଛଉ ନୃତ୍ୟ, ପାଇକ ଅଖଡା, ସଂକିର୍ତନ, ଯୋଡିଶଙ୍ଖ, ବାଡିଖେଳ, ଢୋଲବାଦ୍ୟ ଆଦି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଇକ ଆଖଡା ଦଳର ଚମତ୍କାର ରଣ କୌଶଳ ପ୍ରଦର୍ଶନ ଏବଂ ଘୁମୁରାର ତାଳେ ତାଳେ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା । ସେହିପରି ଢୋଲବାଦ୍ୟ ମଧ ଦର୍ଶକଙ୍କ ମନ ମୋହିଥିଲା । କଳସ ଶୋଭାଯାତ୍ରା ମହାପ୍ରଭୁ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ଯଜ୍ଞ ମଣ୍ଡପ ନିକଟରେ ପହଂଚିବା ପରେ ଶେଷ ହୋଇଥିଲା । ଏହାପରେ ପଣ୍ଡିତ ମାନଙ୍କ ଦ୍ୱାରା ମନ୍ତ୍ରପାଠ କରାଯାଇ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହେବା ସହ ମଂଚରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଆଧାରିତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। 'ଟିଙ୍ଗା ରାଜୁ' ଚଳଚିତ୍ର ପାଇଁ ଶ୍ରେଷ୍ଠ ଅଭିନେତା ସମ୍ମାନ ପାଇଥିବା ଅଭିନେତା ରାକେଶ ଦେଓ ଆଜି ସନ୍ଧ୍ୟାରେ ଜୟ ଜଗନ୍ନାଥ ମହୋସବରେ ଅତିଥି ଭାବେ ଯୋଗ ଦେଇଥିଲେ।

ଶନିବାର ସଂନ୍ଧ୍ୟାରେ ସୁବାଷ ଦାସ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ । ଏଥିରେ ରାଜ୍ୟର ସୁନାମଧନ୍ୟ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଭଜନ ଗାୟକ ସୁବାଷ ଦାସଙ୍କ ସମେତ ରାଜ୍ୟର ବହୁ ପ୍ରତିଷ୍ଠିତ ଭଜନ ଗାୟକ ଯୋଗଦେବେ ।

## ସହାୟତାର ହାତ ବଢ଼ାଇଲା ବିପଦର ବନ୍ଧୁ ଓଡ଼ିଶା ସଙ୍ଗଠନ



**ହିଞ୍ଜିଳିକାଟୁ,୨୩।୧ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ଆଙ୍କୋରଡ଼ା ଗ୍ରାମର ଶିବ ବାଡତ୍ୟାଙ୍କ ୮ବର୍ଷର ସାନ ପୁଅ ଭେଙ୍କେଟେଶ୍ୱର ବାଡତ୍ୟା ଥାଲାସେମିଆ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ପ୍ରତି ମାସରେ ରକ୍ତ ଚଢ଼ାଉ ଥିଲେ ମଧ୍ୟ ଅଧିକ ଅସୁସ୍ଥ ହେବାରୁ ତାଙ୍କର (ଅସ୍ତ୍ର ପଚାର) ଅପରେସନ ହେବ ନେଇ ଡାକ୍ତର ସୂଚନା ଦେଇଛନ୍ତି। ସେଥିପାଇଁ ୪୫ଲକ୍ଷ ଟଙ୍କା ଖର୍ଚ୍ଚ ହେବ ନେଇ ପରିବାର ଲୋକଙ୍କୁ ଡାକ୍ତର କହିଛନ୍ତି। ତେବେ କିଛି ଲୋକ ସାହାଯ୍ୟର ହାତ ବଢ଼ାଇଥିବା ବେଳେ ଆଜି ବିପଦର ବନ୍ଧୁ ଓଡ଼ିଶା ସଙ୍ଗଠନ ତରଫରୁ ୨୦ ହଜାର ଟଙ୍କା ଆର୍ଥିକ ପ୍ରଦାନ କରାଯାଇଥିବା ବେଳେ ପିଲାଟିର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଜାତୀୟ ଶିଶୁ କନ୍ୟା ସପ୍ତାହ ପାଳନ ଉପଲକ୍ଷେ ଜିଲ୍ଲାସ୍ତରୀୟ ସମାବେଶ



**ନବରଙ୍ଗପୁର,୨୩।୧ (ସଂଚାର ବ୍ୟୁରୋ):** ଜାତୀୟ ଶିଶୁ କନ୍ୟା ସପ୍ତାହ ପାଳନ ଅବସରରେ ଜିଲ୍ଲାପ୍ରଶାସନ ନବରଙ୍ଗପୁର ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ମିଳିତ ସହଯୋଗରେ ଆଜି ନବରଙ୍ଗପୁର ମିସନ ଶକ୍ତି ସଭା ଗୃହ ଠାରେ ଜିଲ୍ଲାସ୍ତରୀୟ ଶିଶୁ କନ୍ୟା ଦିବସ ପାଳନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦିବସର ଉଦେଶ୍ୟ ବିଷୟରେ ଆଲୋକପାତ କରି ସମାଜରେ ଝିଅମାନେ ସମ୍ମୁଖୀନ ହେଉଥିବା ନାନାଦି ସମସ୍ୟା ଓ ଅସମାନତା ବିଷୟରେ ଜନସଚେତନତା ସୃଷ୍ଟି କରିବା ପାଇଁ ୨୦୦୮ ମସିହାରୁ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ଶିଶୁ କନ୍ୟା ଦିବସ ଆରମ୍ଭ କରାଯାଇଥିଲା ବୋଲି କହିଥିଲେ।

ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର ନିଜ ବକ୍ତବ୍ୟରେ ନାରୀ ମାନଙ୍କର ଶିକ୍ଷା ଓ ବାଲ୍ୟ ବିବାହକୁ ରୋକିବା, ଘରୋଇ ହିଂସାକୁ ରୋକିବାରେ ପାଇଁ ବ୍ୟାପକ ଜନ ସଚେତନତା ଓ ଆଇନଗତ ପଦକ୍ଷେପ ନେବାପାଇଁ ଉପସ୍ଥିତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଗତ ୧୮ରୁ ୨୪.୧.୨୦୨୬ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପି କାର୍ଯ୍ୟକ୍ରମରେ ବାଳିକାମାନଙ୍କ ମାନଙ୍କ ସୁରକ୍ଷା ଏବଂ ସେମାନଙ୍କର ପାଇଁ ଏକ ସୁସ୍ଥ ଏବଂ ନିରାପଦ ପରିବେଶ ସୃଷ୍ଟି ବିଷୟରେ ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି।

ଶେଷରେ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥବା ୬ ଜଣ କିଶୋରୀ ମାନଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ଅତିରିକ୍ତ ଜିଲ୍ଲାପାଳ ସମ୍ମାନିତ କରିଥିଲେ।

### ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## କାକଟପୁରକୁ ହରାଇ ପୁରୀ ପାୟୋନିୟର୍ସ ଫାଇନାଲରେ



**ସତ୍ୟବାଦୀ,୨୩।୧ (ସଂଚାର ବ୍ୟୁରୋ):** ପଞ୍ଚସଖା ମେମୋରିଆଲ କ୍ଲବ ଦ୍ୱାରା ଆୟୋଜିତ ୨୯ତମ ପଞ୍ଚସଖା ଓ ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆଜି ଷଷ୍ଠ ଦିନରେ ମଙ୍ଗଳା ସ୍ପୋଟିଂ, କାକଟପୁର ଓ ପାୟୋନିୟର୍ସ ପୁରୀ ମଧରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସାକ୍ଷୀଗୋପାଳ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ହୋଇଥିବା ଏହି ମ୍ୟାଚର କାକଟପୁର ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇ ନିର୍ଦ୍ଧାରିତ ୨୦ ଓଭରରେ କେଜି ପାତ୍ରଙ୍କ ୪୭, ଦୁର୍ଗା ବେହେରାଙ୍କ ୪୨ ରନ ସହାୟତାରେ ୧୪୮ ରନ ସଂଗ୍ରହ କରିଥିଲା, ପାୟୋନିୟର୍ସର ମହେଶ ପ୍ରଧାନ ୫ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ପୁରୀ ଏକାଦଶ ତିନି ଉଇକେଟ ହରାଇ ୧୫୩ ସଂଗ୍ରହ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚ୍ କୁ ପ୍ରଶାନ୍ତ ଶତପଥୀ ଓ ଚନ୍ଦ୍ରମାଧବ ଦାଶ ପରିଚାଳନା କରିଥିଲେ। ଖେଳ ଶେଷରେ ପାୟୋନିୟର୍ସ ଏକାଦଶର ମୟଙ୍କ ପଟ୍ଟନାୟକଙ୍କୁ ତାଙ୍କର ଆକର୍ଷଣୀୟ ୯୩ରନ ପାଇଁ ମ୍ୟାଚର ଶ୍ରେଷ୍ଠ ଖେଳାଳୀ ପୁରସ୍କାର ପଞ୍ଚସଖା ମେମୋରିଆଲ କ୍ଲବର ବରିଷ୍ଠ ସଦସ୍ୟ ଶ୍ରୀପତି ମହାପାତ୍ର ପ୍ରଦାନ କରିଥିଲେ। ରାଧାକ୍ରିଷ୍ଣ ମୁନା ସିଂ ଓ ସୁଦର୍ଶନ ଦାସ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ମ୍ୟାଚ୍ ଆରମ୍ଭରେ ପୂର୍ବତନ ରାଜ୍ୟସ୍ତରୀୟ ଭଲି ଖେଳାଳୀ ଅଜିତ ନନ୍ଦ ଓ ବିଶ୍ୱନାଥପୁର ସରପଞ୍ଚ ସର୍ବେଶ ଷଡ଼ଙ୍ଗୀ ଖେଳାଳୀ ମାନଙ୍କୁ ଭେଟି ଉତ୍ସାହିତ କରିଥିଲେ।

## ମୃତ୍ୟୁବରଣ କରିଥିବା ଗୃହରକ୍ଷୀଙ୍କ ପରିବାରଙ୍କୁ ଆର୍ଥିକ ସହାୟତା



**ଫୁଲବାଣୀ,୨୩।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଗୃହରକ୍ଷୀ କମାଣ୍ଡେଣ୍ଟ ହରିଶ୍ ବଶିଙ୍କ ତତ୍ତ୍ୱାବଧନାରେ ଶୃଙ୍ଖଳିତ ପଞ୍ଜୀକୃତ ହୋମଗାର୍ଡ ସଂଘ କର୍ମକର୍ତ୍ତାଙ୍କ ଉଦ୍ୟମରେ ଗଠନ ହୋଇଥିବା ୱେଲଫର ଫଣ୍ଡରୁ ରୋଗ ଶଯ୍ୟାରେ ପଡ଼ି ଅକାଳ ବିୟୋଗ ହେଇଥିବା ସାରଙ୍ଗଗଡ଼ ଥାନାର ମୃତ ଗୃହରକ୍ଷୀ ମଦନ ମଲ୍ଲିକଙ୍କ ଧର୍ମପତ୍ନୀ ସ୍ୱରସତୀ ପ୍ରଧାନଙ୍କୁ ତିନି ଲକ୍ଷ ଟଙ୍କା ସଂଗଠନ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। କିନ୍ତୁ ଦୁଃଖର ବିଷୟ ଯଦି କୌଣସି ହୋମଗାର୍ଡ କର୍ମଚାରୀ ମୃତ୍ୟୁବରଣ କରନ୍ତି କିମ୍ବା ଅବସର ଗ୍ରହଣ କରନ୍ତି ତାଙ୍କ ପରିବାର ସଦସ୍ୟଙ୍କୁ ରାଜ୍ୟ ସରକାରଙ୍କ ତରଫରୁ କୌଣସି ଅନୁକମ୍ପା ମୂଳକ ସହାୟତା ମିଳୁନଥିବାରୁ ରାଜ୍ୟ ସରକାରଙ୍କୁ ଆଗାମୀ ଦିନରେ ଏନେଇ ଏକ ଦାବିପତ୍ର ପ୍ରଦାନ କରିବା ପାଇଁ କନ୍ଧମାଳ ଜିଲ୍ଲା ହୋମଗାର୍ଡ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି । କନ୍ଧମାଳ ଜିଲ୍ଲା ଏସ୍ପି ହୋମଗାର୍ଡ ମାନଙ୍କ ମଙ୍ଗଳ ଉଦେଶ୍ୟ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ କରିଥିବାରୁ ସଂଘଠନ ତରଫରୁ ଧନ୍ୟବାଦ ଅର୍ପଣ କରୁଥିବା ଦେଖିବାକୁ ମିଳୁଛି ।

# ମୁକ୍ତେଶ୍ୱର ନୃତ୍ୟୋତ୍ସବର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



- ୨୧ରୁ ୨୫ ପର୍ଯ୍ୟନ୍ତ ଚାଲିବ
- ଓଡ଼ିଶୀ ନୃତ୍ୟର ମହାକୁମ୍ଭ

**ଭୁବନେଶ୍ୱର, ୨୩।୧ (ସଂଚାର ବ୍ୟୁରୋ):** ଓଡ଼ିଶୀ ନୃତ୍ୟର ମହାକୁମ୍ଭ ମୁକ୍ତେଶ୍ୱର ନୃତ୍ୟ ଉତ୍ସବ-୨୦୨୬କୁ ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଯେ, ଭୁବନେଶ୍ୱର ସ୍ଥିତ ମୁକ୍ତେଶ୍ୱର ମନ୍ଦିର ପରିସରରେ ଆଜିଠାରୁ ତିନିଦିନିଆ ନୃତ୍ୟ ଉତ୍ସବ ଆରମ୍ଭ ହୋଇଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ। ପ୍ରତ୍ୟହ ଜାତୀୟ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓଡିଶୀ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଏଠାରେ ନୃତ୍ୟ ପରିବେଷଣ କରାଯିବ।

ଏହି ନୃତ୍ୟ ଉତ୍ସବକୁ ଉଦଘାଟନ କରିବା ସହିତ ମୁକ୍ତେଶ୍ୱର ମନ୍ଦିରର ଅନନ୍ୟ ସ୍ଥାପତ୍ୟ ବିଷୟରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶୀ ନୃତ୍ୟର ଆଦୃତି ପାଇଁ ଏହି ଉତ୍ସବ ଗୁରୁତ୍ୱପୂର୍ଣ୍ଣ ଭୂମିକାଗ୍ରହଣ କରିଆସିଛି। ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ପ୍ରତିବର୍ଷ ଏଠାରେ ନୃତ୍ୟୋତ୍ସବ ଅନୁଷ୍ଠିତ ହେଉଛି। ଏହି ଉତ୍ସବ ପର୍ଯ୍ୟଟକ ଓ ସଂସ୍କୃତିପ୍ରେମୀଙ୍କ ପାଇଁ ଭୁବନେଶ୍ୱରର ଅନନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲଟିଛି। ଏହା ମାଧମରେ ଆମର ଏହି ପ୍ରସିଦ୍ଧ ପ୍ରତ୍ନତାତ୍ତ୍ୱିକ ବିଭବର ପ୍ରଚାର ପ୍ରସାର ହେବା ସହିତ ଓଡିଶୀ ନୃତ୍ୟର ଆଦୃତି ବଢୁଛି।

ଏହି କାର୍ଯ୍ୟକ୍ରମରେ, ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ସଂସ୍କୃତି ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ସଂଗୀତ ନାଟକ ଏକାଡେମୀର ସଚିବ ଡ଼ଃ ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ

## ଶ୍ରୀପଞ୍ଚମୀରେ ରଥକାଠ ଅନୁକୂଳ



**ପୁରୀ, ୨୩।୧ (ସଂଚାର ବ୍ୟୁରୋ):** ବ୍ରହ୍ମାଣ୍ଡ ନାୟକଙ୍କ ଘୋଷଯାତ୍ରା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ପବିତ୍ର ଶ୍ରୀପଞ୍ଚମୀ ଅବସରରେ ସରସ୍ୱତୀ ପୂଜାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ରଥଖଳାରେ ତିନିଟି କାଠକୁ ବିଧିବିଧାନ ମୁତାବକ ପୂଜା କରାଯାଇଛି। ରାଜନଅର ପକ୍ଷରୁ ଗଜପତିଙ୍କ ପ୍ରତିନିଧି ଭାବେ ଦେବୀପ୍ରସାଦ ରାଜଗୁରୁ ଓ ସୋତ୍ରୀୟ ବ୍ରାହ୍ମଣମାନଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇଥିଲା। ପଞ୍ଚାମୃତ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ ଓ ମହାପ୍ରସାଦ ଅର୍ପଣ କରାଯାଇଥିଲା। ରଥ ନିର୍ମାଣ ସୃଜନୀ କାର୍ଯ୍ୟ ହୋଇଥିବାରୁ ମା' ବାଗଦେବୀଙ୍କୁ ଆବାହନ କରାଯାଇଥିଲା। ଏଥିସହ ବରୁଣ ପୂଜା ଏବଂ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରି ତାଙ୍କ ଯାତ୍ରା ନିର୍ବିଘ୍ନରେ ହେବା ପାଇଁ ପ୍ରାର୍ଥନା କରାଯାଇଥିଲା।

ପୂଜା, ଆଳତି ସହ ପୁଷ୍ପାଞ୍ଜଳି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂହ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ ଓ ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୂଜା ବିଧି ସମ୍ପନ୍ନ ହୋଇଥିଲା। ରଥଯାତ୍ରା ନିର୍ବିଘ୍ନରେ ସମ୍ପନ୍ନ ହେବା ନେଇ ପ୍ରଶାସକ, ସେବାୟତମାନେ ପ୍ରାର୍ଥନା କରିଥିଲେ। ରଥ ସଂହିତା ଅନୁଯାୟୀ, ତିନି ରଥ ନିର୍ମାଣ ପାଇଁ ୪୨୬ ଖଣ୍ଡ ଧଉରା, ୩୬୪ ଖଣ୍ଡ ଅସନ, ୭୨ ଖଣ୍ଡ ଫାଶି ଓ ୩ ଖଣ୍ଡ ଶିମିଳି କାଠ, ଏପରି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥାଏ। ଗତବର୍ଷର ୪୭ ଖଣ୍ଡ କାଠ ବଳି ପଡ଼ିଥିଲା। ଏଣୁ ଚଳିତବର୍ଷ ରଥଯାତ୍ରା ପାଇଁ ୮୧୮ ଖଣ୍ଡ ରଥ କାଠ ମଗାଯାଇଥିଲା। ଏ ଭିତରେ ପ୍ରଥମ ପର୍ଯ୍ୟାୟରେ ୮୩ ଖଣ୍ଡ ଧଉରା ଓ ଅସନ କାଠ ନୟାଗଡ଼ ଦଶପଲ୍ଲା ରେଞ୍ଜରୁ ଆସି ସାରିଛି। ପର୍ଯ୍ୟାୟକ୍ରମେ ବାକି କାଠ ପହଞ୍ଚିବା ପରେ ପବିତ୍ର ରାମନବମୀରେ ରଥକାଠ ଚିରଟ ଏବଂ ଅକ୍ଷୟ ତୃତୀୟାରେ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ନୀତି ଅନୁଷ୍ଠିତ ହେବ।

## ବସ୍ ଧର୍ମଘଟ ଡାକରା ପ୍ରତ୍ୟାହୃତ

- ସରକାର ଦାବି ମାନିଲେ



**କଟକ ୨୩।୧ (ସଂଚାର ବ୍ୟୁରୋ):** ଘରୋଇ ବସ୍ ଧର୍ମଘଟ ଡାକରା ପ୍ରତ୍ୟାହୃତ ହୋଇଛି। ଶନିବାର ଠାରୁ ରାଜ୍ୟବ୍ୟାପୀ ଘରୋଇ ବସ୍ ଧର୍ମଘଟ ଡାକରା ଦିଆଯାଇଥିଲା। ଏ ନେଇ ସୂଚନା ଦେଲେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ। ରାଜ୍ୟ ସରକାର ଦାବି ମାନିବା ପରେ ଧର୍ମଘଟ ଡାକରା ପ୍ରତ୍ୟାହାର କଲା ବସ୍ ମାଲିକ ସଂଘ। ବ୍ଲକରୁ ଜିଲ୍ଲା ମୁଖ୍ୟାଳୟକୁ ଚାଲିବ ନାହିଁ ମୁଖ୍ୟମନ୍ତ୍ରୀ ବସ୍ ସେବା। ଯେଉଁ ରୁଟରେ ଘରୋଇ ବସ୍ ନାହିଁ ସେହି ରୁଟରେ ଚାଲୁ ରହିବ ମୁଖ୍ୟମନ୍ତ୍ରୀ ବସ୍ ସେବା। ଏନେଇ ସବୁ ଜିଲ୍ଲାପାଳ ରାଜି ହୋଇଥିବା ସୂଚନା ଦେଲା ଘରୋଇ ବସ୍ ମାଲିକ ସଂଘ। ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ ଓ ପରିବହନ ସଚିବଙ୍କ ସହ ଆଲୋଚନା ପରେ ଧର୍ମଘଟ ପ୍ରତ୍ୟାହାର ନିଷ୍ପତ୍ତି ହୋଇଛି।

## ଗଛରେ ପିଟିହେଲା ବାଇକ୍, ୨ ମୃତ

**ଭଦ୍ରକ, ୨୩।୧ (ସଂଚାର ବ୍ୟୁରୋ):** ଗଛରେ ପିଟି ହୋଇ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଗେଲଟୁଆ ନିକଟରେ ଏଭଳି ଦୁର୍ଘଟଣା ଘଟିଛି। ସୂଚନାଯୋଗ୍ୟ ଯେ, ଦୁଇ ଜଣ ବାଇକ୍ ଆରୋହୀ କଉପୁର ଅଞ୍ଚଳରୁ ବାଇକ୍ ଯୋଗେ ଭଦ୍ରକ ଆଡ଼କୁ ଫେରୁଥିଲେ। ଗେଲଟୁଆ ନିକଟରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ବାଇକରେ ଥିବା ୨ଜଣ ରକ୍ତ ଜୁଡୁବୁଡ଼ି ହୋଇ ରାସ୍ତାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଦୁଇ ବାଇକ୍ ଆରୋହୀଙ୍କୁ ଉଦ୍ଧାର କରି ମେଡିକାଲ ଆଣୁଥିବା ବେଳେ ରେଳ ଫାଟକ ନିକଟରେ ଜଣେ ଆରୋହୀଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ତେବେ ଅନ୍ୟ ଗୁରୁତରଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମେଡିକାଲରେ ଗୁରୁତର ଯୁବକଙ୍କୁ ମୃତ୍ୟୁ ହୋଇଥିବା ଘୋଷଣା କରାଯାଇଛି।

## ନାବାଳିକାକୁ ଗଣଦୁଷ୍କର୍ମ: ୨ ଅଟକ

**ନୟାଗଡ଼, ୨୩।୧ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାରେ ଗୋଟିଏ ଦିନରେ ଦୁଇ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ରଣପୁର ଥାନା ଅଞ୍ଚଳରେ ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର



ହୋଇଥିବା ବେଳେ ଶରଣକୂଳ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଜଣେ ନାବାଳକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ରଣପୁର ଥାନା ଅଞ୍ଚଳର ଜଣେ ୧୦ ବର୍ଷର ନାବାଳିକା ଘର ବାହାରେ ଖେଳୁଥିବା ବେଳେ ଦୁଇଜଣ ଯୁବକ ତାକୁ ଅନ୍ୟ ସ୍ଥାନକୁ ଟେକିନେଇ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଲୋକଲୋଚନକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳବାସୀ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ଶରଣକୂଳ ଥାନା ଅଞ୍ଚଳରେ ନାବାଳିକାଙ୍କୁ ଜଣେ ନାବାଳକ ଦୁଷ୍କର୍ମ କରିଥିବା ଥାନାରେ ଅଭିଯୋଗ ହୋଇଛି। ଦୁଇଟି ଘଟଣାରେ ପୁଲିସ ତିନି ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି। ତିନି ଜଣଙ୍କ ଭିତରେ ଦୁଇଜଣ ନାବାଳକ ଅଛନ୍ତି।

## ବାଘ ଛାଲ ଜବତ, ୩ ଅଟକ



**ନବରଙ୍ଗପୁର, ୨୩।୧ (ସଂଚାର ବ୍ୟୁରୋ) :** ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ରେଞ୍ଜ ନୁନୁପାଣି ଗ୍ରାମ ନିକଟରେ ଚାଲିଥିଲା କଲରାପତରିଆ ବାଘ ଛାଲର ଡିଲ। ଏହି ସମୟରେ ବିଶେଷ ସୂତ୍ରରୁ ଖବର ପାଇ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ ପହଞ୍ଚି ବାଘ ଛାଲ ସହ ତିନି ଜଣଙ୍କୁ ଅଟକ ରଖିଛି। ସୂଚନା ଅନୁଯାଇ ବାଘ ଛାଲକୁ ପାଞ୍ଚ ଲକ୍ଷ ଟଙ୍କାରେ ଡିଲ କରାଯାଇଥିଲା। ଧରାପଡ଼ିଥିବା ତିନିଜଣଙ୍କ ମଧ୍ୟରୁ ଝରିଗାଁ ବ୍ଲକର ଦୁଇ ଜଣ ବିକ୍ରେତା ହୋଇଥିବା ବେଳେ ଜଣେ କ୍ରେତା ରହିଛନ୍ତି। ସେମାନଙ୍କୁ ଅଟକ ରଖି ବନ ବିଭାଗ ତଦନ୍ତ କରୁଛି। ଅଞ୍ଚଳରେ ଅନେକ ଥର ବାଘ ଛାଲ ଜବତ ଘଟଣା ଦେଖିବାକୁ ମିଳିଛି ତେଣୁ ଏହି ଘଟଣା ପରେ ବନ ବିଭାଗ ଗୁରୁତର ସହ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରି ମୁଖ୍ୟ ଚାଲାଣକାରୀଙ୍କ ନିକଟରେ ପହଂଚି ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା କହିଛନ୍ତି ନବରଙ୍ଗପୁର ଡ଼ିଏଫଓ। ତେବେ ଉକ୍ତ ବାଘ ଛାଲ କେଉଁଠୁ ଆସିଲା ଏବଂ ଏହାର ବୟସ କେତେ କିଛି ସ୍ପଷ୍ଟ କରାଯାଇନାହିଁ।

# ରାଜଧାନୀରେ ବାଇକ୍‌କୁ ପିଟିଲା 'ଆମ ବସ୍'

**ଭୁବନେଶ୍ୱର/ପୁରୀ, ୨୩।୧ (ସଂଚାର ବ୍ୟୁରୋ):** ସାଧାରଣରେ 'ଯମ ବସ୍'ର ଆଖ୍ୟା ପାଇଥିବା 'ଆମ ବସ୍' ଆଜି ପୁଣି ଭିଆଇଛି ଦୁର୍ଘଟଣା। ଭୁବନେଶ୍ୱରରେ ଏକ ବାଇକ୍‌କୁ ପିଟି ଦେଇଥିବା ବେଳେ ପୁରୀରେ ଜଣେ ମହିଳାଙ୍କ ଗୋଡ଼ ଉପରେ ଚଢ଼ିଯାଇଛି। ବାଇକ୍ ଆରୋହୀ ସାମାନ୍ୟ ଆହତ

- ଉତ୍ତ୍ୟକ୍ତ ଲୋକ ୩ 'ଆମ ବସ୍' ଭାଙ୍ଗିଦେଲେ
- ପୁରୀରେ ମହିଳାଙ୍କ ଗୋଡ଼ ଉପରେ ଚଢ଼ିଗଲା

ହୋଇଥିବା ବେଳେ ମହିଳାଙ୍କୁ ଗୁରୁତର ଅବସ୍ଥା ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଛି।

ସମୟ ଅପରାହ୍ନ ପ୍ରାୟ ୨ଟା। ମାଷ୍ଟରକ୍ୟାଣ୍ଟିନରୁ ରାଜମହଲ ଆଡ଼କୁ ଯାଉଥିଲା ଏକ 'ଆମ ବସ୍'। ୟୁକୋ ବ୍ୟାଙ୍କ ନିକଟରେ ଡାହାଣକୁ ୟୁ ଟର୍ଣ୍ଣ ନେଉଥିବା ଏକ ବାଇକକୁ ବସ୍‌ଟି ଦେଇଥିଲା ଧକ୍କା। ଫଳରେ ଛିଟିକି ପଡ଼ିଥିଲେ ବାଇକ୍ ଆରୋହୀ। ସୌଭାଗ୍ୟକୁ



ତାଙ୍କ ଜୀବନ ବଞ୍ଚିଯାଇଛି। ପୁଲିସ ଆସି ଦୁର୍ଘଟଣା ଘଟାଇଥିବା ଆମ ବସଟିକୁ ଘଟଣାସ୍ଥଳରୁ ଛାଡ଼ିଦେବା ପରେ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ କିଛି ଲୋକ। ସେହି ରାସ୍ତାଦେଇ ଯାଉଥିବା ୩ଟି 'ଆମ ବସ'କୁ କରିଥିଲେ ଆକ୍ରମଣ। ଯିଏ ଯେମିତି ପାରିଲେ ଭାଙ୍ଗି ଚାଲିଲେ ସେହି ୩ଟି 'ଆମ ବସ୍'କୁ। ଖବର ପାଇ ଦଳବଳ ଧରି ପହଞ୍ଚିଥିଲେ ଭୁବନେଶ୍ୱର ଡିସିପି। ସ୍ଥିତି ନିୟନ୍ତ୍ରଣ ପାଇଁ ମୃଦୁ ଲାଠିଚାଳନା କରାଯାଇଥିଲା। ପ୍ରାୟ ଅଧଘଣ୍ଟାର ଛକାପଞ୍ଝା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଡିସିପି କହିଛନ୍ତି, ଦୁର୍ଘଟଣା ବାହାନାରେ ଅସାମାଜିକ କାର୍ଯ୍ୟ ଭିଆଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

ସେହିପରି ପୁରୀର ନବକଳେବର ରୋଡରେ ଜଣେ ମହିଳାଙ୍କ ଉପରେ ଆମ ବସ୍ ଚଢ଼ିଯିବାରୁ ତାଙ୍କର ଗୋଟିଏ ଗୋଡ଼ର ଜଙ୍ଘଠାରୁ ପାଦ ଯାଏ ଖିନଭିନ୍ ହୋଇଯାଇଛି। ଏହି ଘଟଣା ପରେ ରାଗି ଯାଇଥିଲେ ସ୍ଥାନୀୟ ଲୋକେ। ୱାନ ୱେ ଦାବି କରି ନବକଳେବର ରାସ୍ତାକୁ ଅବରୋଧ କରିଥିଲେ। ସିଟି ଡିଏସପି ଓ କୁମ୍ଭାରପଡ଼ା ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପ୍ରାଥମିକ ଚିକିତ୍ସା ପାଇଁ କ୍ରୁଟ୍ ପକ୍ଷରୁ ୫୦ ହଜାର ଟଙ୍କା ଦିଆଯିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଆର୍ଥିକ ସହାୟତା ଏବଂ ଗମନାଗମନ ବ୍ୟବସ୍ଥା ସଂପର୍କରେ ପ୍ରତିଶ୍ରୁତି ପରେ ହଟିଥିଲା ରାସ୍ତାରୋକ।

## ମନ୍ତ୍ରୀ ଦେଲେ ତଦନ୍ତ ନିର୍ଦ୍ଦେଶ

- ୧୦୦ କୋଟି ଟଙ୍କାର ସିଡିଏ ଜମି ଦୁର୍ନୀତି



**କଟକ, ୨୩।୧ (ସଂଚାର ବ୍ୟୁରୋ):** ସିଡିଏ ସେକ୍ଟର-୬ରେ ୧୦୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ଜମି କେଳେଙ୍କାରୀରେ ଜାଲିଆତି ମାମଲାରେ ପ୍ରତିକ୍ରିୟା ରଖିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର। ସେ କହିଛନ୍ତି, ଘଟଣାର ତଦନ୍ତ ଲାଗି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିଲା ପରେ ଏନେଇ ପଦକ୍ଷେପ ନିଆଯିବ। ଏଣେ ସିଡିଏ ଭିସି କହିଛନ୍ତି, ନିୟମ ଅନୁସାରେ ଟେଣ୍ଡର ହୋଇଛି।

ସିଡିଏ ସେକ୍ଟର-୬ରେ ୧୦୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ଜମିକୁ ନିର୍ଦ୍ଦିଷ୍ଟ ସଂସ୍ଥାକୁ ସୁହାଇଲା ଭଳି ଟେଣ୍ଡର କରାଇ ନେବା ଯୋଜନାରେ ସର୍ବନିମ୍ନ ସତର୍କତାକୁ ଅଣଦେଖା କରାଯାଇଛି। ସେକ୍ଟର-୬ରେ ଥିବା ଅଢ଼େଇ ଏକର ଜମିର ବିକାଶ କରିବା ସହିତ ସିଡିଏ ପାଇଁ ଏକ ଅତ୍ୟାଧୁନିକ କୋଠା ନିର୍ମାଣ କରିବାକୁ ଏହି ଟେଣ୍ଡର ଆହ୍ୱାନ କରାଯାଇଥିଲା। ସଂପୃକ୍ତ ସଂସ୍ଥା ଏହି ଅଢ଼େଇ ଏକର ଜମି ନେବ। ସେଥିରୁ କିଛି ଅଂଶରେ ସିଡିଏ ପାଇଁ କୋଠା ନିର୍ମାଣ କରିବ। ବାକି ଜମିକୁ ସେ ନିଜ ନିୟନ୍ତ୍ରଣରେ ରଖି ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରିପାରିବ। କିନ୍ତୁ ଏହି ମୂଲ୍ୟବାନ ଜମିକୁ ୨/୩ କୋଟିରେ ତ ଟେକି ଦିଆଗଲା, ଏଥିପାଇଁ ଟେଣ୍ଡର ନିୟମକୁ ବି ଅଣଦେଖା କରାଗଲା। ଅଢ଼େଇ ଏକର ମୂଲ୍ୟବାନ ଜମିକୁ ଏଭଳି ଗୋଟିଏ ସଂସ୍ଥାକୁ ଟେକି ଦିଆଯିବାର ପ୍ରୟାସ ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି କରିଛି।

## ଏନ୍ଏସି ଉପାଧକ୍ଷ, ୭ କାଉନ୍‌ସିଲର ସାମିଲ

- ବିଜେପି ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ



**ଭୁବନେଶ୍ୱର, ୨୩।୧ (ସଂଚାର ବ୍ୟୁରୋ):** ଶ୍ରୀପଞ୍ଚମୀ ଭଳି ପବିତ୍ର ଦିନ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଜୟନ୍ତୀ ତଥା ପରାକ୍ରମ ଦିବସରେ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଏନ୍ଏସିର ଉପାଧକ୍ଷ ପ୍ରଫୁଲ୍ଲ କୁମାର ମେହେରଙ୍କ ନେତୃତ୍ୱରେ ୭ ଜଣ କାଉନ୍‌ସିଲର ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି। ଏହାଦ୍ୱାରା ବଲାଙ୍ଗୀର ଜିଲ୍ଲା, ପାଟଣାଗଡ ବିଧାନସଭା ଓ ଏନ୍ଏସିରେ ଦଳର ସଂଗଠନ ଆହୁରି ମଜଭୁତ ହୋଇପାରିଛି। ସମସ୍ତେ ମିଳିମିଶି ଏଠାକାର ମୌଳିକ ସମସ୍ୟାର ସମାଧାନ କରି ବଲାଙ୍ଗୀର ଜିଲ୍ଲା, ପାଟଣାଗଡ଼ ଏନ୍ଏସି ଏବଂ ଓଡ଼ିଶାକୁ ବିକଶିତ କରିବା ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏହି ମିଶ୍ରଣ ପର୍ବରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ ସମସ୍ତ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ କରି କହିଛନ୍ତି ଯେ, ସମସ୍ତେ ମିଳିମିଶି ସରକାରଙ୍କ ସମସ୍ତ ଯୋଜନାକୁ ଏଠାରେ କାର୍ଯ୍ୟକାରୀ କରିବା। ବଲାଙ୍ଗୀର ଓ ପାଟଣାଗଡ଼ ସମେତ ସାରା ଓଡ଼ିଶାକୁ ବିକାଶ ଅଭିମୁଖେ ଆଗେଇ ନେବା। ଏହି ଅବସରରେ ପ୍ରଫୁଲ୍ଲ କୁମାର ମେହେରଙ୍କ ସମେତ କାଉନ୍‌ସିଲର ହେମବନ୍ତୀ ମେହେର, ରୀତା ମେହେର, ଶ୍ରୀରାମ ଦଳାଇ, ଲୋଚନ ଭୋଇ, ମକୁନ୍ଦ ମେହେର ପ୍ରମୁଖ ବିଜେଡି ଛାଡ଼ି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଛନ୍ତି। ସେହିପରି ସ୍ୱାଧୀନ କାଉନ୍‌ସିଲର ରୁନୁ କୁମ୍ଭାର ମଧ ବିଜେପିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ରାଜ୍ୟ ଗଣମାଧମ ସଂଯୋଜକ ସୁଜିତ୍ କୁମାର ଦାସ, ରାଜ୍ୟ ସମବାୟ ପ୍ରକୋଷ୍ଠ ସଂଯୋଜକ ରଞ୍ଜନ ମଙ୍ଗରାଜ, ରଶ୍ମିରଞ୍ଜନ କାନୁନ୍‌ଗୋ ଓ ପାଟଣାଗଡ଼ ନଗର ସଭାପତି ସନ୍ୟାସୀ ବାଗ୍ ପ୍ରମୁଖ ଉପସ୍ଥିତ ଥିଲେ।

## ସାମ୍ବାଦିକା ଶିଳାଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

### ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମିଳିବ ୪ ଲକ୍ଷ ଟଙ୍କା



**ଭୁବନେଶ୍ୱର, ୨୩।୧ (ସଂଚାର ବ୍ୟୁରୋ):** ସାମ୍ବାଦିକା ଶିଳା ପଟ୍ଟନାୟକ ମୃତ୍ୟୁ ଘଟଣାରେ ସହାୟତା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦୁର୍ଘଟଣାରେ ମୃତ ସାମ୍ବାଦିକା ଶିଳା ପଟ୍ଟନାୟକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ସହାୟତା ଦିଆଯିବ। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଏହି ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏ ନେଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରିଛନ୍ତି। ସିଏମ୍‌ଓ ଓଡ଼ିଶା ପକ୍ଷରୁ ଏକ୍ସରେ ଲେଖାଯାଇଛି ଯେ, ବୈଦ୍ୟୁତିକ ଗଣମାଧମ ଯୁବ ସାମ୍ବାଦିକା ଶିଳା ପଟ୍ଟନାୟକଙ୍କ ଦୁର୍ଘଟଣା ଜନିତ ପ୍ରାଣହାନି ଘଟଣା ଅତ୍ୟନ୍ତ ଦୁଃଖଦାୟକ ଥିଲା।

## ହୋମଗାର୍ଡ ଓ ବ୍ୟାଙ୍କ କର୍ମଚାରୀ ଗୁରୁତର

- ଗାଡ଼ି କିସ୍ତି ନଦେଇ କଲେ ଆକ୍ରମଣ

**ଭଦ୍ରକ ୨୩।୧ (ସଂଚାର ବ୍ୟୁରୋ):** ଋଣ ଖିଲାପୀଙ୍କ ଆକ୍ରମଣରେ ଜଣେ ହୋମଗାର୍ଡଙ୍କ ସହ ବ୍ୟାଙ୍କ କର୍ମଚାରୀ ଗୁରୁତର ହୋଇଛନ୍ତି। ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅଧୀନ ମଞ୍ଜୁରୀରୋଡ ଲକ୍ଷ୍ମୀବଜାରରେ ଭଣ୍ଡାରିପୋଖରୀ ଥାନାରେ କାର୍ଯ୍ୟରତ ହୋମଗାର୍ଡଙ୍କ ସହ ବ୍ୟାଙ୍କ କର୍ମଚାରୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏଥିନେଇ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ଦୁଇଜଣ ଅଭିଯୁକ୍ତକୁ ଅଟକ ରଖାଯାଇଥିବା ଜଣାପଡ଼ିଛି। ଅନ୍ୟ କେତେକ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି।

ଅଭିଯୋଗ ଅନୁଯାୟୀ, ୟୁନିୟନ ବ୍ୟାଙ୍କ ପକ୍ଷରୁ ଜନୈକ ବ୍ୟକ୍ତିଙ୍କୁ କାର୍ ଋଣ ଯୋଗାଇ ଦିଆଯାଇଥିଲା। ମାତ୍ର ସେହି କାର୍ ମଞ୍ଜୁରୀରୋଡ ଲକ୍ଷ୍ମୀବଜାରର ଜନୈକ ବ୍ୟକ୍ତି ବ୍ୟବହାର କରୁଥିଲେ। କାର୍ କିସ୍ତି ୬ ମାସ ଧରି ପୈଠ ହେଉନଥିଲା। ବ୍ୟାଙ୍କ ପକ୍ଷରୁ କାରକୁ ଟ୍ରାକ୍ କରାଯାଇ ମଞ୍ଜୁରୀରୋଡ ଲକ୍ଷ୍ମୀବଜାରରୁ ଠାବ କରାଯାଇଥିଲା। ବିଳମ୍ବିତ ରାତିରେ କାରକୁ ଆଣିବାକୁ ପୁଲିସ ସହଯୋଗରେ ହୋମଗାର୍ଡ ସୁଶାନ୍ତ ସାହୁଙ୍କ ସହ ବ୍ୟାଙ୍କ କର୍ମଚାରୀ ଯାଇଥିଲେ। ଗାଡ଼ି ବ୍ୟବହାରକାରୀଙ୍କ ପରିବାର ପକ୍ଷରୁ ଅତି ଅମାନୁଷିକ ଭାବେ ହୋମଗାର୍ଡ ସୁଶାନ୍ତ ଓ ବ୍ୟାଙ୍କ କର୍ମଚାରୀଙ୍କୁ ମାଡମାରିବା ସହ ଗାଡ଼ି ଭାଙ୍ଗି ଦେଇଥିଲେ। ଗୁରୁତର ହୋମଗାର୍ଡଙ୍କୁ ଭଣ୍ଡାରିପୋଖରୀ ମେଡିକାଲକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭଦ୍ରକ ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଭଣ୍ଡାରିପୋଖରୀ ଥାନାଧିକାରିଣୀ ଚଢାଉ କରି ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି।

## ଛାତ୍ରୀଙ୍କୁ ଅସଦାଚରଣ କରି ବନ୍ଧାହେଲେ ଶିକ୍ଷକ



**ପାଇକମାଳ, ୨୩।୧ (ସଂଚାର ବ୍ୟୁରୋ):** ପାଇକମାଳରେ ଜନୈକ ପିଇଟି ଶିକ୍ଷକ ଜଣେ ନାବାଳିକାଙ୍କୁ ସ୍କୁଲ ବାରଣ୍ଡାରେ ଅସଦାଚରଣ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପୀଡିତାଙ୍କ ବଡଭାଇ କମଳ ତାଣ୍ଡି (୨୫) ତାଙ୍କ ବାପା ମହିତ ତାଣ୍ଡି ପାଇକମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପିଇଟି ଶିକ୍ଷକ ନାରାୟଣ ସାହୁ (୫୮)ଙ୍କୁ ଗିରଫ କରିଛି ପାଇକମାଳ ପୁଲିସ।

# ହିତାଧିକାରୀଙ୍କୁ ଋଣ ଓ କ୍ରେଡିଟ୍ କାର୍ଡ ବାଣ୍ଟିଲେ ମନ୍ତ୍ରୀ

- ପିଏମ୍-ସ୍ୱନିଧି ଋଣ ପ୍ରଦାନ କାର୍ଯ୍ୟକ୍ରମରେ ସାମିଲ ହେଲା ଓଡ଼ିଶା

**ଭୁବନେଶ୍ୱର, ୨୩:୧ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଆଜି କେରଳର ତିରୁବନନ୍ତପୁରମଠାରେ ଏକ ଲକ୍ଷ 'ପିଏମ୍-ସ୍ୱନିଧି' ଋଣ ପ୍ରଦାନ ଏବଂ ହିତାଧିକାରୀଙ୍କ ପାଇଁ କ୍ରେଡିଟ୍ କାର୍ଡ ଶୁଭାରମ୍ଭ ନିମନ୍ତେ ଏକ ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମଧ ରାଜ୍ୟର ବିଭିନ୍ନ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ମାଧମରେ ଏହି ଐତିହାସିକ ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇଛି।

ଭୁବନେଶ୍ୱରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମାହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।



ମନ୍ତ୍ରୀ ହିତାଧିକାରୀଙ୍କୁ ପିଏମ୍-ସ୍ୱନିଧି ଋଣ ଓ କ୍ରେଡିଟ୍ କାର୍ଡ ବଣ୍ଟନ କରିବା ସହ ଏହି ଯୋଜନା ମାଧମରେ ସ୍ୱାବଲମ୍ବୀ ହୋଇଥିବା ତିନିଜଣ ସଫଳ ହିତାଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପଥପ୍ରାନ୍ତ ବିକ୍ରେତାଙ୍କ ଜୀବନରେ ଏହି ଯୋଜନାର ପରିବର୍ତ୍ତନକାରୀ ପ୍ରଭାବ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ପଥପ୍ରାନ୍ତ ବିକ୍ରେତାମାନେ ସହରାଞ୍ଚଳର ଅର୍ଥନୀତିର ମେରୁଦଣ୍ଡ। ସେମାନେ ଶସ୍ତାରେ ସାମଗ୍ରୀ ଯୋଗାଇବା ସହ ବ୍ୟାପକ ସ୍ୱରୋଜଗାର ସୃଷ୍ଟି କରୁଛନ୍ତି। ପିଏମ୍-ସ୍ୱନିଧି ଯୋଜନା କେବଳ ସେମାନଙ୍କ ଜୀବିକା ନୁହେଁ, ବରଂ ସେମାନଙ୍କ ସମ୍ମାନ, ଆତ୍ମବିଶ୍ୱାସ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ସୁଦୃଢ଼ କରୁଛି।

ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧,୧୦,୧୨୮ ଜଣ ହିତାଧିକାରୀଙ୍କୁ ଋଣ ପ୍ରଦାନ କରାଯାଇଛି, ଯାହାଦ୍ୱାରା ୧.୧୦ ଲକ୍ଷରୁ ଅଧିକ ପରିବାର ଉପକୃତ ହୋଇଛନ୍ତି। ଓଡ଼ିଶାରେ ଏହି ଯୋଜନାକୁ ଅନ୍ୟ ୮ଟି ସାମାଜିକ କଲ୍ୟାଣକାରୀ ଯୋଜନା ସହ ମିଶ୍ରଣ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଧାୟକ ବାବୁ ସିଂ ଯୋଗ ଦେଇଥିଲେ।

## କୂଅରୁ ଉଦ୍ଧାର ଭାଲୁକୁ ଜଙ୍ଗଲରେ ଛଡ଼ାଗଲା

- ୮ ଘଣ୍ଟାର ସଫଳ ପରିଶ୍ରମ



**କାଲିମେଳା, ୨୩।୧ (ସଂଚାର ବ୍ୟୁରୋ) :** ଖାଦ୍ୟ ଖୋଜିବାକୁ ଆସି କୂଅରେ ପଡିଯାଇଥିଲା ଗୋଟିଏ ଭାଲୁ। କାଲିମେଳା ବ୍ଲକ ଅଧୀନ ଗୋମ୍ପାକୋଣ୍ଡା ଗ୍ରାମ ପଞ୍ଚାୟତର ଏମ୍‌ପିଭି–୨୬ ଗ୍ରାମର ବିରେନ ବିଶ୍ୱାସଙ୍କ ବାଡ଼ିରେ ଥିବା ପୁରୁଣା କୂଅ ଭିତରେ ଭାଲୁଟି ପଡିଯାଇଥିଲା। ସକାଳେ ହଠାତ ଭାଲୁର କାନ୍ଦିବା ଶବ୍ଦ ଶୁଣି ପଡ଼ୋଶୀ ଘର ଲୋକେ ଘଟଣାସ୍ଥଳକୁ ଯାଇ ଦେଖିଥିଲେ ଏବଂ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ସହ ଜିଲ୍ଲାର ରାପିଡ୍ ରେସପନ୍ସ ଟିମ ଘଟଣାସ୍ଥଳରେ ପହଞ୍ଚି ସକାଳ ୭ଟାରୁ ଲଗାତାର ପରିଶ୍ରମ କରିଥିଲେ। ଅପରାହ୍ନ ୩ଟାରେ ଭାଲୁଟିକୁ ସୁରକ୍ଷିତ ଭାବେ କୂଅ ଭିତରୁ ଉଦ୍ଧାରହୋଇଥିଲା। ଉଦ୍ଧାର ପରେ ଭାଲୁଟିର ପ୍ରଥମେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଭାଲୁଟିର ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବାରୁ ଡିଏଫଓଙ୍କ ନିର୍ଦ୍ଦେଶ ଅନୁଯାୟୀ ଭାଲୁଟିକୁ ଜଙ୍ଗଲରେ ଛାଡ଼ିବା ପାଇଁ ବନ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ






## ଆଜିର ସୁନା ଦର

ସୁନା ବଜାରରେ ନିଆଁ। ସୁନା ମୂଲ୍ୟରେ ଏବେ ସାରା ବିଶ୍ୱରେ ନିଆଁ ଲାଗିଛି। ପ୍ରଥମ ଥର ପାଇଁ ଭାରତୀୟ ବଜାରରେ ଦେଢ଼ ଲକ୍ଷ ଟପିଲା ଦର। ସୀମା ଅତିକ୍ରମ କରି ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ରେଟ୍ ରହିଛି ୧ଲକ୍ଷ ୫୧ହଜାର ୪୭୫ ଟଙ୍କା। ୨୨ କ୍ୟାରେଟର ୧୦ ଗ୍ରାମ ପିଛା ଦର ରହିଛି ୧ଲକ୍ଷ ୩୭ହଜାର ୩୧୦ ଟଙ୍କା। ଦିନକୁ ଦିନ ଦର ହୁ ହୁ ହୋଇ ବଢ଼ିଚାଲିଥିବାବେଳେ ବିବାହ ସିଜନରେ ମଧ୍ୟବିତ୍ତ ପରିବାର ଉପରେ ପ୍ରହାର ହୋଇଛି। ଭୂରାଜନୈତିକ କାରଣ ସହ ଇଣ୍ଡଷ୍ଟ୍ରିଆଲ ଡିମାଣ୍ଡ ଯୋଗୁଁ ବଢ଼ୁଛି ସୁନା ଦର। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କମିବା ଫଳରେ ଆମ ଦେଶରେ ସୁନା ଦାମ ଅଧିକ ବଢ଼ୁଛି। ସେହିଭଳି ସେୟାର ବଜାରରେ ଅନିଶ୍ଚିତତା ଦେଖାଦେଲେ ଲୋକେ ସୁନାରେ ପଇସା ଲଗାଇବାକୁ ଅଧିକ ପସନ୍ଦ କରୁଛନ୍ତି। ଯାହା ଫଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି ମୂଲ୍ୟ । ପ୍ରଥମ ଥର ପାଇଁ ଭାରତୀୟ ବଜାରରେ ଏହା ୧.୫ ଲକ୍ଷ ଟଙ୍କା ସୀମା ଅତିକ୍ରମ କରି ଏକ ନୂଆ ରେକର୍ଡ ସୃଷ୍ଟି କରିଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୫ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

**ସାଧାରଣ ବଜେଟ୍ ୨୦୨୬-୨୭**

# ନୂଆ ଟିମ୍ ପ୍ରସ୍ତୁତ କରୁଛି ଦେଶର ବଜେଟ୍




ନୂଆଦିଲ୍ଲୀ, ୨୩।୧: ଦେଶର ସାଧାରଣ ବଜେଟ୍ ୨୦୨୬-୨୭ ଅନେକ ଦୃଷ୍ଟିରୁ ଭିନ୍ନ ହେବାକୁ ଯାଉଛି। ପରମ୍ପରା ଭାଙ୍ଗି ବଜେଟ୍ ରବିବାର ଫେବ୍ରୁଆରୀ ୧ରେ ଉପସ୍ଥାପିତ ହେବ। କିନ୍ତୁ ଏବେ ତାରିଖ ଅପେକ୍ଷା ଅଧିକ ଚର୍ଚ୍ଚା କଥା ହେଉଛି ପ୍ରଥମ ଥର ପାଇଁ ଅର୍ଥ ମନ୍ତ୍ରଣାଳୟରେ କୌଣସି ଅର୍ଥ ସଚିବ ଉପସ୍ଥିତ ନଥିବା ସତ୍ତ୍ୱେ ବଜେଟ୍ ପ୍ରସ୍ତୁତି ଜୋରସୋରରେ ଚାଲିଛି। ସାଧାରଣତଃ ଅର୍ଥ ସଚିବ ଅର୍ଥ ମନ୍ତ୍ରଣାଳୟର ସବୁଠାରୁ ବରିଷ୍ଠ ଅଧିକାରୀ। ସେ ମନ୍ତ୍ରଣାଳୟ ମଧ୍ୟରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସ୍ଥାପନ, ବଜେଟ୍ ସମ୍ବନ୍ଧୀୟ ପ୍ରମୁଖ ନିଷ୍ପତ୍ତିଗୁଡ଼ିକର ତଦାରଖ ଏବଂ ସମଗ୍ର ପ୍ରକ୍ରିୟାକୁ ମାର୍ଗଦର୍ଶନ କରନ୍ତି। ସରଳ ଭାଷାରେ କହିବାକୁ ଗଲେ, ଅର୍ଥ ସଚିବଙ୍କୁ ବଜେଟ୍ ମେସିନାରୀ ପରିଚାଳକ ଭାବରେ ବିବେଚନା କରାଯାଏ। ଏହି ପଦବୀରେ ଥିବା ଶେଷ ବ୍ୟକ୍ତି ଅଜୟ ସେଠ୍ ୩୦ ଜୁନ୍ ୨୦୨୫ରେ ଅବସର ନେଇଥିଲେ। ପରେ ତାଙ୍କୁ ବୀମା କ୍ଷେତ୍ର ନିୟାମକ ଆଇଆରଡିଏଆଇର ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଥିଲା। ତାଙ୍କ ପୂର୍ବରୁ ତୁହିନ କାନ୍ତ ପାଣ୍ଡେ ଅର୍ଥ ସଚିବ ଭାବରେ କାର୍ଯ୍ୟ କରିଥିଲେ। କିନ୍ତୁ ଏହି ପଦବୀ ଏବେ ଖାଲି ଅଛି ଏବଂ ସରକାର ଏପର୍ଯ୍ୟନ୍ତ କୌଣସି ନିଯୁକ୍ତି ଦେଇନାହାନ୍ତି।

ବିଜନେସ୍ ଟୁଡେ ରିପୋର୍ଟ ଅନୁଯାୟୀ, ଅର୍ଥ ସଚିବଙ୍କ ଅନୁପସ୍ଥିତି ସତ୍ତ୍ୱେ ସବୁ କାର୍ଯ୍ୟ ସ୍ୱାଭାବିକ ଭାବରେ ଚାଲିଛି। ବିଭିନ୍ନ ବିଭାଗ ଦ୍ୱାରା ବଜେଟ୍ ପ୍ରକ୍ରିୟା ସମନ୍ୱୟରେ ଚାଲିଛି। ଅର୍ଥନୈତିକ ବ୍ୟାପାର ବିଭାଗ, ବ୍ୟୟ ବିଭାଗ ଏବଂ ରାଜସ୍ୱ ବିଭାଗ ଚୂଡ଼ାନ୍ତ ବଜେଟ୍ ରୂପରେଖ ପ୍ରସ୍ତୁତ କରିବା ପାଇଁ ନିଜ ନିଜ ସ୍ତରରେ ତଥ୍ୟ, ଯୋଜନା ଏବଂ ପ୍ରସ୍ତାବ ଉପରେ କାର୍ଯ୍ୟ କରୁଛନ୍ତି। ଏଥର, ବଜେଟ୍ ଦାୟିତ୍ୱ ସମ୍ପୂର୍ଣ୍ଣ ଭାବରେ ଏକ ନୂଆ ଟିମ ଉପରେ ନ୍ୟସ୍ତ ରହିଛି। ଅନେକ ବରିଷ୍ଠ ଅଧିକାରୀଙ୍କର ମନ୍ତ୍ରଣାଳୟ ଏବଂ ଅନ୍ତର୍ଜାତୀୟ ପ୍ରତିଷ୍ଠାନରେ କାର୍ଯ୍ୟ କରିବାର ବ୍ୟାପକ ଅଭିଜ୍ଞତା ଅଛି। ଟିକସ ବ୍ୟବସ୍ଥାକୁ ନେଇ ପ୍ରତ୍ୟକ୍ଷ ଟିକସ ବୋର୍ଡ ଏବଂ ପରୋକ୍ଷ ଟିକସ ବୋର୍ଡ ଉଭୟରେ ବଜେଟ୍ ପ୍ରସ୍ତୁତି ଏବଂ ନୂତନ ଆଇନ କାର୍ଯ୍ୟକାରୀ କରିବା ପାଇଁ ଉଚ୍ଚ ପଦାଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଯଦିଓ ଅର୍ଥ ସଚିବଙ୍କ ପଦବୀ ଖାଲି ଅଛି, ସରକାର ଦାବି କରୁଛନ୍ତି ଯେ ଏହା ବଜେଟର ଗୁଣବତ୍ତା କିମ୍ବା ସମୟ ସୀମାକୁ ପ୍ରଭାବିତ କରିବ ନାହିଁ। କିନ୍ତୁ ଅର୍ଥ ସଚିବଙ୍କ ବିନା ପ୍ରସ୍ତୁତ ଏହି ବଜେଟ୍ ଜନସାଧାରଣ ଏବଂ ଅର୍ଥନୀତି ପାଇଁ କ'ଣ ନୂତନତା ଆଣିବ ତାହା ଦେଖିବା ଆକର୍ଷଣୀୟ ହେବ।

# ୟୁପିଆଇରେ ଉଠାଇ ହେବ ପିଏଫ୍ ଟଙ୍କା




ନୂଆଦିଲ୍ଲୀ, ୨୩।୧: ଏଥର ୟୁପିଆଇରେ ଉଠାଇ ହେବ ପିଏଫ୍ ଟଙ୍କା। ଇପିଏଫଓ ୩.୦ ସଂସ୍କରଣରେ ମିଳିବ ଏହି ଆଧୁନିକ ସୁବିଧା। ଖୁବଶୀଘ୍ର ଇପିଏଫଓ ୩.୦ ଆଣିବାକୁ ଯାଉଛି କର୍ମଚାରୀ ଭବିଷ୍ୟନିଧି ସଂଗଠନ। ଏଣିକି ନିଜ ପିଏଫ ଖାତାରୁ ୟୁପିଆଇ ବ୍ୟବହାର କରି ସିଧାସଳଖ ନିଜ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ନେଇପାରିବେ ଉପଭୋକ୍ତା। ଟଙ୍କା ଉଠାଣ ପାଇଁ ଆଉ ଦୀର୍ଘ ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଦେଶର କୋଟି କୋଟି କର୍ମଚାରୀଙ୍କୁ ବ୍ୟାଙ୍କ ଭଳି ଆଧୁନିକ ସୁବିଧା ମିଳିବ। ସେହିପରି ଇପିଏଫଓ ଏକ ନୂଆ ଏବଂ ଶକ୍ତିଶାଳୀ ୱେବସାଇଟ୍ ଆରମ୍ଭ କରିବ। ଏଥିରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ର ବ୍ୟବହାର କରାଯିବ। ଯଦ୍ୱାରା ଲୋକେ ଓଡ଼ିଆ ସମେତ ବିଭିନ୍ନ ଆଞ୍ଚଳିକ ଭାଷାରେ ସେବା ପାଇପାରିବେ। ଟଙ୍କା ଉଠାଇବା ପାଇଁ ଆବେଦନ କଲେ ତାହା ଖୁବଶୀଘ୍ର ସେଟେଲମେଟ୍ ହୋଇଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଥରକେ ୟୁପିଆଇ ମାଧ୍ୟମରେ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଉଠାଇ ହେବ। ତେବେ ଅବସର ପର ପାଇଁ ସୁରକ୍ଷା ଦୃଷ୍ଟିରୁ ଖାତାରେ ଅତିକମରେ ୨୫ ପ୍ରତିଶତ ଟଙ୍କା ରଖିବାକୁ ପଡ଼ିବ। ଏପ୍ରିଲ ୨୦୨୬ ସୁଦ୍ଧା ୟୁପିଆଇ ସୁବିଧା ଆରମ୍ଭ ହେବାର ସମ୍ଭାବନା ଅଛି। ୨୦୨୬ ମଧ୍ୟଭାଗ ସୁଦ୍ଧା ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରେ। ଏହି ନୂଆ ବ୍ୟବସ୍ଥା ମୁଖ୍ୟତଃ ପିଏଫ ଟଙ୍କା ଉଠାଣ ପାଇଁ ଉଦ୍ଦିଷ୍ଟ। ପେନସନ୍ ପାଇବା ନିୟମରେ ଏହା କୌଣସି ବଡ଼ ପରିବର୍ତ୍ତନ କରିବ ନାହିଁ। କିନ୍ତୁ ନୂଆ ପୋର୍ଟାଲ୍ ଯୋଗୁଁ ପେନସନ୍ ଭୋଗୀମାନେ ଅଧିକ ସୁବିଧା ପାଇପାରିବେ।

# ଭିମ୍ ଆପ୍ ଉପରେ ବଢ଼ିଛି ଭାରତୀୟଙ୍କ ଭରସା




## ମାସିକ ନେଣଦେଣ ୩୦୦% ପାର

ନୂଆଦିଲ୍ଲୀ ୨୩।୧: ସରକାରୀ ପେମେଣ୍ଟ ଆପ୍ ଭୀମ ଉପରେ ଏବେ ଲୋକଙ୍କ ଭରସା ବଢ଼ିଲାଣି ଓ ଏହି ଆପରେ ହେଉଥିବା ମାସିକ ନେଣଦେଣ ୨୦୨୫ରେ ୩୦୦%ର ଦୃଢ଼ ଅଭିବୃଦ୍ଧି ଦେଖା ଯାଇଛି। ଏନପିସିଆଇ ଭୀମ ସର୍ଭିସେସ ଲିମିଟେଡ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ଅନୁସାରେ ଭୀମ ଆପରେ ମାସିକ ନେଣଦେଣ ସଂଖ୍ୟା ଡିସେମ୍ବର ୨୦୨୫ରେ ବୃଦ୍ଧି ହୋଇ ୧୬୫.୧ ମିଲିୟନ ହୋଇଯାଇଛି, ଯାହା ଜାନୁୟାରୀ ୨୦୨୫ରେ ମାତ୍ର ୩୮.୯୭ ମିଲିୟନ ଥିଲା। ୨୦୨୫ରେ ଭୀମ ଆପରେ ମାସିକ ଆଧାରରେ ନେଣଦେଣରେ ହାରାହାରି ୧୪%ର ଅଭିବୃଦ୍ଧି ଦେଖା ଯାଇଛି। ନେଣଦେଣ ମାତ୍ରା ବୃଦ୍ଧି ସହିତ ନେଣଦେଣ ମୂଲ୍ୟ ମଧ୍ୟ ବଢ଼ିଛି। ଡିସେମ୍ବର ୨୦୨୫ରେ ନେଣଦେଣ ମୂଲ୍ୟ ୨୦,୮୫୪ କୋଟି ଟଙ୍କାକୁ ପହଞ୍ଚିଥିଲା। ପିଛିଲା ବର୍ଷ ଏହି ଅବଧିରେ ହୋଇଥିବା ନେଣଦେଣ ତୁଳନାରେ ପାଖାପାଖି ୩୯୦% ବୃଦ୍ଧି ହୋଇଛି। ସେହିପରି ନେଣଦେଣ ମୂଲ୍ୟରେ ୧୨୦%ରୁ ଅଧିକ ବୃଦ୍ଧି ହୋଇଛି। ଏଥିରୁ ଜଣାପଡୁଛି ଯେ ଆପ ଉପଯୋଗକାରୀ ନା କେବଳ ଦୈନିକ ଛୋଟମୋଟ ପୈଠ ପାଇଁ ଏହାକୁ ବ୍ୟବହାର କରିଛନ୍ତି ବରଂ ଉଚ୍ଚ ମୂଲ୍ୟର ନେଣଦେଣ ପାଇଁ ମଧ୍ୟ ଆପକୁ ଉପଯୋଗ କରିଛନ୍ତି। ୨୦୨୫ରେ ଭୀମ ପେମେଣ୍ଟ ଆପ୍ ଲାଗି ଦିଲ୍ଲୀ ଏକ ମୁଖ୍ୟ ବଜାର ପାଲଟିଥିଲା। ଜାତୀୟ ରାଜଧାନୀରେ ଏହି ବୃଦ୍ଧି ମୁଖ୍ୟ ରୂପେ ଛୋଟ ରାଶି ଭାବେ ବାରବାର ହୋଇଥିବା ନେଣଦେଣ କାରଣରୁ ହୋଇଛି। ମୋଟ ନେଣଦେଣରେ ପିୟର-ଟୁ-ପିୟର ପୈଠର ଅଂଶ ୨୮%ଥିଲା। ଏହା ବାଦେ କିରାନା କ୍ରୟ ପାଖାପାଖି ୧୮%ଥିଲା। ଏଥିରେ ଫାଷ୍ଟ ଫୁଡ ଆଉଟଲେଟର ଯୋଗଦାନ ୭% ଥିବା ବେଳେ ଭୋଜନାଳୟରେ ୬%, ଦୂରସଞ୍ଚାର ସେବାରେ ୪%, ସର୍ଭିସ ଷ୍ଟେସନର ୩% ଓ ଅନଲାଇନ ମାର୍କେଟ ପ୍ଲସ୍ ଯୋଗଦାନ ୨% ଥିଲା।

ଭୀମ ଆପର ଲୋକପ୍ରିୟତା ଦ୍ରୁତ ବୃଦ୍ଧି ହେଉଥିବାର କାରଣ ଆପ୍ ର ସରଳ ଇଣ୍ଟରଫେସ୍ ଓ ଏପିସିଆଇ ପକ୍ଷରୁ ୟୁଜରଙ୍କୁ କ୍ୟାସ୍ ବ୍ୟାକ୍ ଦେବା ବୋଲି ଜଣାପଡିଛି। ଏହି ପ୍ରଦର୍ଶନକୁ ନେଇ ଏନପିସିଆଇ ଭୀମ ସର୍ଭିସେସ ଲିମିଟେଡ ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଲଳିତା ନଟରାଜନ କହିଛନ୍ତି ଯେ ଭୀମ ପେମେଣ୍ଟସ ଆପ କମ୍ ଇଣ୍ଟରନେଟ୍ କନେକ୍ଟିଭିଟି କ୍ଷେତ୍ରରେ ମଧ୍ୟ ସୁରକ୍ଷିତ, ସୁବିଧାଜନକ ଓ ସମସ୍ତଙ୍କ ଲାଗି ସୁଲଭ ଡିଜିଟାଲ ପୈଠ ଲାଗି ଡିଜାଇନ କରାଯାଇଛି।

# ଦୃଷ୍ଟିବାଧିତଙ୍କ ପାଇଁ ରିଲାଏନ୍ସ ଫାଉଣ୍ଡେସନ୍ ୫ କୋଟି ଟଙ୍କା ସହାୟତା ପ୍ରଦାନ କରିବ




ମୁମ୍ବାଇ, ୨୩।୧: ନ୍ୟାସନାଲ୍ ଆସୋସିଏସନ୍ ଫର୍ ଦି ବ୍ଲାଇଣ୍ଡ (ଏନଏବି) ଇଣ୍ଡିଆର ୭୫ତମ ପ୍ରତିଷ୍ଠା ଦିବସ ପାଳନ ସମାରୋହରେ, ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷା ନୀତା ଅମ୍ବାନୀ ଦୃଷ୍ଟିବାଧିତଙ୍କ ପାଇଁ ରିଲାଏନ୍ସ ଫାଉଣ୍ଡେସନ୍ ପକ୍ଷରୁ ୫ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଘୋଷଣା କରିଛନ୍ତି। ଏହି ସହାୟତା ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ପ୍ରଦାନ କରାଯିବ। ଏହି ପଦକ୍ଷେପ ଅଧୀନରେ, ଦୃଷ୍ଟିବାଧିତ କର୍ମଜୀବୀ ମହିଳା ଏବଂ ଦୃଷ୍ଟିବାଧିତ ଛାତ୍ରୀମାନଙ୍କ ପାଇଁ ଆବାସିକ ହଷ୍ଟେଲଗୁଡ଼ିକର ନବୀକରଣ ଏବଂ ରୂପାନ୍ତରଣ କରାଯିବ। ଏହି ହଷ୍ଟେଲ ଗୁଡ଼ିକ ସୁରକ୍ଷିତ, ସମ୍ମାନଜନକ ଏବଂ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବ। ଏନଏବି ଇଣ୍ଡିଆ ସହିତ ମିଳିତ ଭାବରେ, ରିଲାଏନ୍ସ ଫାଉଣ୍ଡେସନ୍ ଏକ ଜାତୀୟ ସ୍ତରୀୟ ଦକ୍ଷତା-ନିର୍ମାଣ କାର୍ଯ୍ୟକ୍ରମ ଆରମ୍ଭ କରିବ। ଏହି କାର୍ଯ୍ୟକ୍ରମଗୁଡ଼ିକ ଜରିଆରେ ବ୍ରେଲ୍ ସାକ୍ଷରତା, କ୍ରୀଡା, ସଂସ୍କୃତି, ସୃଜନଶୀଳ ଅଭିବ୍ୟକ୍ତି ସହିତ ସ୍ୱତନ୍ତ୍ର ଶିକ୍ଷକଙ୍କ ତାଲିମ ଉପରେ ଧ୍ୟାନ ଦିଆଯିବ। ପିଲାମାନଙ୍କ ପାଇଁ ଏକ ସୁନ୍ଦର ନୂତନ କ୍ରୀଡା କ୍ଷେତ୍ର ମଧ୍ୟ ନିର୍ମାଣ କରାଯିବ। ଏହି ଅବସରରେ, ନୀତା ଅମ୍ବାନୀ କହିଥିଲେ ଯେ ରିଲାଏନ୍ସ ଫାଉଣ୍ଡେସନର "ଦୃଷ୍ଟି କାର୍ଯ୍ୟକ୍ରମ" ଅଧୀନରେ ଏନଏବି ସହିତ ମିଳିତ ଭାବରେ ଏପର୍ଯ୍ୟନ୍ତ ଶିକ୍ଷା, ଜୀବିକା ଏବଂ ଚକ୍ଷୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ କାର୍ଯ୍ୟ କରାଯାଇଛି। ୨୦୦,୦୦୦ ରୁ ଅଧିକ ମାଗଣା ଚକ୍ଷୁ ପରାମର୍ଶ ଏବଂ ୨୨,୦୦୦ ରୁ ଅଧିକ ବ୍ୟକ୍ତିଙ୍କୁ କର୍ଣ୍ଣିଆ ପ୍ରତିରୋପଣ ଏବଂ ଚକ୍ଷୁ ଅସ୍ତ୍ରୋପଚାର ମାଧ୍ୟମରେ ଦୃଷ୍ଟି ଉପହାର ଦିଆଯାଇଛି। ଏଥିସହିତ ହିନ୍ଦୀ ଏବଂ ମରାଠୀ ଭାଷାରେ ଭାରତର ଏକମାତ୍ର ଆନ୍ତର୍ଜାତୀୟ ବ୍ରେଲି ପାକ୍ଷିକ ଖବରକାଗଜ ପ୍ରକାଶ କରାଯାଉଛି ଯାହାର ୩୦,୦୦୦ ରୁ ଅଧିକ ପାଠକ ରହିଛନ୍ତି। ନୀତା ଅମ୍ବାନୀ କହିଥିଲେ, "ମୋ ପାଇଁ ସଂଖ୍ୟା ଅପେକ୍ଷା ଗୁରୁତ୍ୱପୂର୍ଣ୍ଣ ହେଉଛି ସେହି ମୁହୂର୍ତ୍ତଗୁଡ଼ିକ ଯାହା କାହାର ଜୀବନରେ ପରିବର୍ତ୍ତନ ଆଣିଥାଏ। ଏହି ପ୍ରୟାସ ଅନ୍ତର୍ଭୁକ୍ତି, ସୁଯୋଗ ଏବଂ ମର୍ଯ୍ୟଦା ପ୍ରତି ଏକ ଦୀର୍ଘକାଳୀନ ପ୍ରତିବଦ୍ଧତା। ସେ ଆହୁରି ମଧ୍ୟ କହିଥିଲେ ଯେ ରିଲାଏନ୍ସ ଫାଉଣ୍ଡେସନ ଦୃଷ୍ଟିବାଧିତ ସମୁଦାୟ ସହିତ କେବଳ ସମ୍ବଳ ସହିତ ନୁହେଁ, ବରଂ ହୃଦୟ ଏବଂ ଆତ୍ମାର ସହିତ ଠିଆ ହୋଇଛି।" ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ଅଭିନେତା ଏବଂ ଏନଏବି ଇଣ୍ଡିଆର ବ୍ରାଣ୍ଡ ଆମ୍ବାସାଡର ଜନ୍ ଆବ୍ରାହମ, ଏନଏବି ଇଣ୍ଡିଆର ଅଧ୍ୟକ୍ଷ ହେମନ୍ତ ଟକଲେ ଏବଂ ମହାସଚିବ ଡକ୍ଟର ବିମଳ କୁମାର ଡେଙ୍ଗଲା ଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ନେତାଜୀଙ୍କ ଜୟନ୍ତୀ ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ



**ବୈଶିଙ୍ଗା, ୨୩।୧ (ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧିନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ରେ ମହାନ ଜନନାୟକ ସ୍ଵାଧୀନତା ସଂଗ୍ରାମ ର ଅଗ୍ରଦୂତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛିଜୁ ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନାଙ୍କ ପୌରାହିତ୍ୟରେ ଆୟୋଜିତ ଏହି ଉତ୍ସବରେ ବିଦ୍ୟାଳୟ ର ଉପଦେଷ୍ଟା ତଥା ବର୍ଷୀୟାନ ସମାଜ ସେବୀ ଶ୍ରୀଯୁକ୍ତ ବଳରାମ ସାହୁ ମୁଖ୍ୟ ଅତିଥି ଭାବେ ଓ ବିଦ୍ୟାଳୟ ର ପ୍ରତିଷ୍ଠାତା ସଦସ୍ୟ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ମିଶ୍ର ବିଶିଷ୍ଟ ଅତିଥି ଭାବରେ ଯୋଗ ଦେଇ ଦୁଇ ଜନ ନାୟକଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଉଦଘାଟନ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅତୁଲ କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ରାଜ କିଶୋର ଦାସ, ନିରଞ୍ଜନ ବାରିକ, ପ୍ରଫୁଲ୍ଲ ମିଶ୍ର, ହରେକୃଷ୍ଣ ମହାନ୍ତ, ଶୁଭବନ୍ତ ନାୟକ ଓ ଶୁଭାଶିଷ ପଣ୍ଡା ଯୋଗ ଦେଇ ସ୍ଵାଧୀନତା ସଂଗ୍ରାମ ର ବାଜିଗର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସମାଜ ସେବାରେ ନିଜକୁ ସାମିଲ ହୋଇ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାକୁ ଆହ୍ୱାନ ଦେଇଥିଲେ। ନେତାଜୀ ଙ୍କ ସତ୍ୟ, ଶିବ ଓ ସୁନ୍ଦର ର ଉଚ୍ଚ ଆଦର୍ଶ ଓ ବୀର ସୁରେନ୍ଦ୍ର ସାଏ ଙ୍କ ବୈପ୍ଳବିକ ଆଦର୍ଶ ରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇ ଥିଲେ। ଦଶମ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା ଗିରି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଛାତ୍ର ଶୁଭଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀରେ ଗଣଦୌଡ



**ଯାଜପୁର ରୋଡ଼, ୨୩।୧ (ସଂଚାର ବ୍ୟୁରୋ):** ମହାନ କ୍ରାନ୍ତିକାରି ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାଷ ବୋଷଙ୍କର ୧୨୯ତମ ଜନ୍ମଜୟନ୍ତୀ ଉପଲକ୍ଷେ ବ୍ୟାସନଗରର ଅଗ୍ରଣୀ ସମାଜସେବା ସଂଗଠନ ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ସ୍ଥାନୀୟ ରାଜୀବ ଗାନ୍ଧୀ ଷ୍ଟାଡିୟମ ଠାରୁ ବ୍ୟାସଦେବ ଟାଉନ ହଲ ପର୍ଯ୍ୟନ୍ତ ଏକ ଗଣ ଦୌଡ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏହି ଗଣଦୌଡ ଟିକୁ ଆନୁଷ୍ଠାନିକ ଭାବେ ଯାଜପୁର ରୋଡ ଆଦର୍ଶ ଥାନାର ଭାରପ୍ରାପ୍ତ ଅଧିକାରୀ ଶ୍ରୀ ଆଶିଷ କୁମାର ସାହୁ ପତାକା ଦେଖାଇ ଉଦଘାଟନ କରିଥିବା ବେଳେ ସନ୍ମାନୀତ ଅତିଥି ବରିଷ୍ଠ ଆଇନଜିବୀ ତଥା ସମାଜସେବୀ ଶ୍ରୀ ରବିନ୍ଦ୍ର ନାୟକ ଯୋଗଦେଇଥିଲେ । ଏହି ପରିପ୍ରେକ୍ଷୀରେ ଟାଉନ ହଲ ଠାରେ ଏକ ଆଲୋଚନା ଓ ସମ୍ବର୍ଦ୍ଧନା ସଭା କରାଯାଇଥିଲା । ସଂଘର ବରିଷ୍ଠ ସଭ୍ୟ ମହେଶ୍ୱର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ସଂଘର ସଭାପତି, ତଥା ସମାଜସେବୀ ରାଜେନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିଥିବାବେଳେ ସଂଘର ସମ୍ପାଦକ ହେମନ୍ତ କୁମାର ଧୀର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ଡ଼ଃ ଚିନ୍ତାମଣି ପାଢ଼ୀ, ମୁଖ୍ୟ ବକ୍ତା ଭାବେ କ୍ରୀଡ଼ାବିତ ବଜ୍ରବାହୁ ସାମନ୍ତ କେଶରୀ ସାମଲ, ସନ୍ମାନିତ ଅତିଥି ସମାଜସେବୀ ନରେଶ ମସ୍କରା, ସମାଜସେବୀ ଅନିରୁଦ୍ଧ ମହାନ୍ତି,ସମାଜସେବୀ ଆଲୋକ ମହାନ୍ତି, ସଂଘର ଉପଦେଷ୍ଟା ନାରାୟଣ ଚନ୍ଦ୍ର ନାୟକ ଯୋଗଦେଇ ନେତାଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ।

## ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନ ଓ ସମର୍ପଣ ଉତ୍ସବ

**ନାଉଗାଁ, ୨୩।୧ (ସଂଚାର ବ୍ୟୁରୋ):** ପବିତ୍ର ସରସ୍ୱତୀ ପୂଜା ଅବସର ରେ ନାଉଗାଁ ସରସ୍ୱତୀ ଶିଶୁ ମନ୍ଦିର ରେ ବାଗ୍ ଦେବୀ ମା ସରସ୍ୱତୀ ଙ୍କ ପୂଜା ତଥା ମାତୃ ସମ୍ମିଳନୀ ଓ ସମର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ର ସଭାପତି ଅଧାପକ ସରୋଜ କୁମାର ନାୟକ ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ନାୟକ ମଞ୍ଚାସିନ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥଲେ। ମୁଖ୍ୟ ଅତିଥି ଭାବରେ ଜିଲ୍ଲା ବିଜେପି ର ସଭାପତି ଶ୍ରୀ ପ୍ରତାପ ମିଶ୍ର ଓ ପଣ୍ଡିତ ଶ୍ରୀ ରବିନ୍ଦ୍ର ନାଥ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶିଶୁ ମାନଙ୍କର ସାମଗ୍ରିକ ବିକାଶ ର ମାଆ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀ ଗିରିଧାରୀ ମହାନ୍ତି ସମ୍ମାନିତ ଭାବରେ ଯୋଗଦେଇ ଉପସ୍ଥିତ ମାଆ ମାନଙ୍କୁ ମାର୍ଗଦର୍ଶନ କରିଥିଲେ।ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ନାଉଗାଁ ଅଞ୍ଚଳ ର ସୁନାମଧନ୍ୟ ଡାକ୍ତର ସ୍ୱର୍ଗତ ତ୍ରିଲୋଚନ ଜେନା ଙ୍କ ସ୍ମୃତି ରେ ତାଙ୍କର ଧର୍ମପତ୍ନୀ ଶ୍ରୀମତୀ କୁହୁକିନୀ ରାଉତରାୟ ପ୍ରଦାନ କରୁଥିବା ତ୍ରିଲୋଚନ ସ୍ମାରକୀ ମେଧା ପୁରସ୍କାର ବିଦ୍ୟାଳୟ ର ଛାତ୍ରୀ ସୁଶ୍ରୀ ତନିଶା ସ୍ୱାଇଁ ଙ୍କୁ ସିଲ୍ ସହିତ ପୁରସ୍କାର ରାଶି ୨୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଗୁରୁଜୀ ବାବାଜୀ ଚରଣ ଦାସ ଡ଼ ତ୍ରିଲୋଚନ ଜେନା ଙ୍କର ସ୍ମୃତି ଚାରଣ କରିଥିଲା ବେଳେ ବିଦ୍ୟାଳୟ ର ସମ୍ପାଦକ ଡ଼ ଚିତରଞ୍ଜନ ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଏନଏସଏସ ଶିବିର ଉଦ୍‌ଯାପିତ



**ସୁବର୍ଣ୍ଣପୁର, ୨୩।୧ (ସଂଚାର ବ୍ୟୁରୋ):** ସୋନପୁର ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧାମିକ ବିଦ୍ୟାଳୟରେ ଏନ.ଏସ.ଏସ.ର ସାତ ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦଯାପିତ ହୋଇଯାଇଛି। ମହିଳା ଉଚ୍ଚ ମାଧାମିକ ବିଦ୍ୟାଳୟର ଅଧକ୍ଷା ପ୍ରିତୀମୟୀ ମିଶ୍ରଙ୍କ ଅଧକ୍ଷ୍ୟତାରେ ଏବଂ ଏନ.ଏସ.ଏସ. କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ନିବେଦିତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ସାତଦିନ ଧରି ଚାଲିଥିଲା। ଶିବିରରେ ସ୍ୱେଛାସେବୀମାନେ ଦୈନଦିନ ପ୍ରାତଃ କାର୍ଯ୍ୟକ୍ରମ ଯୋଗ, ପ୍ରାର୍ଥନା, ବ୍ୟାୟାମ ଓ ପୋଷ୍ୟ ଗ୍ରାମ ନୂଆପଡାରେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ଏହା ସହିତ ପରିବେଶ ସଚେତନତା ଶୋଭାଯାତ୍ରାରେ ସବୁଜ ଗ୍ରାମ, ପ୍ଲାଷ୍ଟିକ ବର୍ଜନ, ସ୍ୱଛତା, ପରିବେଶ ସୁରକ୍ଷା, ନାରୀ ଶିକ୍ଷା, ଯୋଗ ବିଷୟରେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଏହି ସାତଦିନରେ ଶିବିରରେ ଆୟୋଜିତ ହୋଇଥିବା ବିଭିନ୍ନ ପାଠ୍ୟ କାର୍ଯ୍ୟକ୍ରମରେ ସ୍ୱେଛାସେବୀମାନଙ୍କର ସାମାଜିକ, ବ୍ୟବହାରିକ ଜ୍ଞାନର ବୃଦ୍ଧି ପାଇଁ ଏନ.ଏସ. ଏସ. ଜିଲ୍ଲା ନୋଡାଲ ଅଧିକାରୀ ଧୀରନ୍ଦ୍ର କୁମାର ମିଶ୍ର ଶିବିରରେ ଯୋଗଦେଇ ଏନ.ଏସ. ଏସ ଲକ୍ଷ୍ୟ ଓ ବ୍ୟକ୍ତିତ୍ୱର ବିକାଶ ଉପରେ ଆଲୋକପାତ କରିଥିଲେ। ଆଇ.ଟି ଅଧାପକ ଦେବାଶିଷ ମିଶ୍ର ଯୁବ ରାଷ୍ଟ୍ର ନିର୍ମାଣ, ମହିଳା ଡିଗ୍ରୀ କଲେଜର ଅଧାପିକା ସଞ୍ଜୁରାଣୀ ସିଂ ନାରୀ ଶିକ୍ଷାର ଗୁରୁତ୍ୱ, ପତଞ୍ଜଳି ଯୋଗର ମହିଳା ପ୍ରଭାରୀ ଭଗବତୀ ରାଏଗୁରୁ ଯୋଗର ଉପକାରିତା, ସୋନପୁର ସ୍ୱଛ ଭାରତ ସଂଗଠନର ସଂଯୋଜକ ପରିବେଶ ସୁରକ୍ଷା, ପରିଷ୍କାର ପରିଛନ୍ନତା ଉପେର ଆଲୋକପକ୍ଷତ କରିଥିଲେ।

## ଆଲୁମିନୀ ସଂଘ ପକ୍ଷରୁ ରାଜେଶ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

**ସୁବର୍ଣ୍ଣପୁର, ୨୩।୧ (ସଂଚାର ବ୍ୟୁରୋ):** ସୋନପୁରର ଯୁବ କଂଗ୍ରେସ ନେତା ରାଜେଶ ମିଶ୍ର(ରାଜା)ଙ୍କ ବିୟୋଗରେ ଆଜି ସୋନପୁର କଲେଜ ଆଲୁମିନୀ ସଂଘ ପକ୍ଷରୁ ସ୍ଥାନୀୟ ପଞ୍ଚରଥ ମନ୍ଦିର ଠାରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅୟୋଜନ କରା ଯାଇଥିଲା। ସଂଘର ଉପଦେଷ୍ଟା ଡ଼. ପ୍ରଫୁଲ୍ଲ ରଥ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ସଭାରେ କଲେଜ୍ ର ବହୁ ପୁରାତନ ଛାତ୍ର ଓ ସହରର ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗତ ରାଜା ମିଶ୍ରଙ୍କ ଫଟୋ ଚିତ୍ରରେ ଧୂପଦୀପ ପୁଷ୍ପ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସଭା ପୁର୍ବରୁ ପ୍ରଥମେ ସ୍ୱର୍ଗୀୟ ରାଜା ଙ୍କ ଅମର ଆତ୍ମା ଶାନ୍ତି ସଦଗତି ଲାଗି ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘ ସଭାପତି ପ୍ରଫୁଲ୍ଲ ରଥ ଓ ସମ୍ପାଦକ ଭରତ ଭୂଷଣ ଦାଶ ଙ୍କ ଅଧକ୍ଷତା ରେ ଆହୁତ ଶ୍ରଦ୍ଧାଞ୍ଜଳୀ ସଭାରେ ଗତିକୃଷ୍ଣ ମିଶ୍ର, ଶ୍ୟାମାଓଁ ପ୍ରସାଦ ମିଶ୍ର, ବିନୋଦ ପାତ୍ର, ଗୁପ୍ତ ପ୍ରସାଦ ମିଶ୍ର, ସୁଧୀର ପଣ୍ଡା, ଦୀପକ କୁମାର ମହାପାତ୍ର, ଶାଶ୍ୱତ କୁମାର ମିଶ୍ର, ବିଶ୍ୱରଂଜନ ପୁଝାରୀ, ପ୍ଲାବନ ମହାପାତ୍ର, ବିଶ୍ୱବିର ମିଶ୍ର, ସରୋଜ ପ୍ରଧାନ, ନିଶାନ୍ତ ମହାନ୍ତି, ରାମଶଙ୍କର ଭୋଇ, ଜ୍ୟୋତିର୍ମୟ ମିଶ୍ର, ରଞ୍ଜିତ ଦାଶ, ସୁଦାମ ଚରଣ ମିଶ୍ର, ଶ୍ରୀବତ୍ସ ମଲ୍ଲିକ, ଶାନ୍ତନୁ ଆଚାର୍ଯ୍ୟ, ଦେବ ରଞ୍ଜନ ମିଶ୍ର, ପ୍ରସନ୍ନ କର୍ଣ୍ଣ, ବିନୋଦ ମେହେର, ନରେନ୍ଦ୍ର ଖେତି, କୃଷ୍ଣଚନ୍ଦ୍ର ରାଓତ, ରମଜିଲାଲ ନେଗି, ପଠାଣ ପଣ୍ଡା, ମୁରଲୀ ହୋତା, ରୁଦ୍ରାକ୍ଷ ସାହୁ ଆଲୁମିନା ଗ୍ରୁପ୍ ର ସମସ୍ତ ବରିଷ୍ଠ ଓ କନିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ।

## ଆଗେଇପାରୁନି ବିକାଶମୂଳକ କାର୍ଯ୍ୟ
# ସ୍ୱପ୍ନରେ ରହିଗଲା ମଡେଲ ପୋଖରୀ



**ଯୋଡ଼ା, ୨୩।୧ (ସଂଚାର ବ୍ୟୁରୋ):** ସରକାର ଘୋଷଣା କରି ଚାଲିଯାଉଛନ୍ତି। କିନ୍ତୁ କାମ ହେଉଛି କି ନାହିଁ କେହି ତାର ତଦାରଖ କରୁନାହାଁନ୍ତି। ଫଳରେ ବିକାଶମୂଳକ କାର୍ଯ୍ୟ ହୋଇପାରୁନାହିଁ। ମଡେଲ ପୋଖରୀର ସ୍ୱପ୍ନ ଦେଖାଇ ୧୪ ଏକରର ପୋଖରୀକୁ କିପରି ନଷ୍ଟ କରିଦିଆଯାଇଛି। ବଣ, ବୁଦା ଭଳି ଦେଖାଯାଉଥିବା ଏହି ଅଞ୍ଚଳ ବାସ୍ତବରେ ଏକ ବଡ଼ ପୋଖରୀ। କେନ୍ଦୁଝର ଜିଲ୍ଲା ଯୋଡ଼ା ମ୍ୟୁନିସିପାଲଟି କମାର ଯୋଡ଼ା ଠାରେ ରହିଛି ଏହି ପୋଖରୀ । ଆବଶ୍ୟକତା ଦୃଷ୍ଟିରୁ ୧୯୬୨ ମସିହାରେ ପ୍ରାୟ ୧୪ ଏକର ଜମିରେ ଏକ ପୋଖରୀ ଖୋଳାଯାଇଥିଲା ।ଯୋଡ଼ା ମ୍ୟୁନିସିପାଲଟିର ୧୧,୧୨,୧୩ ନମ୍ବର ଓ୍ୱାର୍ଡର ଲୋକଙ୍କ ଗାଧୁଆ ପାଧୁଆ ସହ ଠାକୁରାଣୀ ଆବାହନ, ଶୁଦ୍ଧିକ୍ରିୟା ଆଦି କାର୍ଯ୍ୟର ଆବଶ୍ୟକତା ମେଣ୍ଟାଇ ଆସୁଥିଲା ଏହି ପୋଖରୀ । ୨୦୨୦ରେ ପୋଖରୀର ପୁନଃଉଦ୍ଧାର ପାଇଁ ଓଏମ୍‌ବିଡିସି ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଯୋଗାଇ ଦେଇଥିଲା । ପୋଖରୀରୁ ପଙ୍କ ଉଦ୍ଧାର ସହ ପାର୍କ ନିର୍ମାଣ, ବିଦ୍ୟୁତୀକରଣ, ସୌନ୍ଦର୍ଯ୍ୟୀକରଣ, ବୃକ୍ଷରୋପଣ ଓ ବୋଟିଂ ପାଇଁ ଯୋଜନା କରାଯାଇଥିଲା। କିନ୍ତୁ ଠିକା ସଂସ୍ଥା ଅଧା କାମ କରି ଟଙ୍କା ହଡପ କରି ପଳାଇଯାଇଥିଲା । ସମୟ ଅବଧି ମଧ୍ୟରେ କାମ ନସରିବାରୁ ବଳକା ଟଙ୍କା ଫେରାଇନେଇଥିଲା ଓଏମ୍‌ବିଡିସି । ଫଳରେ ଯୋଡ଼ାବାସୀଙ୍କ ମଡେଲ ପୋଖରୀ ସ୍ୱପ୍ନରେ ରହିଯାଇଛି। ଅଧପନ୍ତରିଆ ପଡ଼ିଥିବା ପୋଖରୀର ଜଳଧାରଣ କ୍ଷମତା ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଯାଇଛି । ପୋଖରୀଟି ଅନାବନା ଗଛ ଏଠାରେ ଭରିଯାଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି । ତଥାପି ଏବେ ଲୋକ ନିଜ ଆବଶ୍ୟକତା ମେଣ୍ଟାଇବାକୁ ଏହା ଉପରେ ନିର୍ଭର କରୁଛନ୍ତି । ତେବେ ଆଗକୁ ଗ୍ରୀଷ୍ମ ଦିନରେ ପୋଖରୀ ସମ୍ପୂର୍ଣ୍ଣ ଶୁଖିଯିବାର ଆଶଙ୍କା ରହିଛି । ହେଲେ ସମାଧାନର ଉତ୍ତର ମ୍ୟୁନିସିପାଲଟି ଅଧିକାରୀଙ୍କ ପାଖରେ ନାହିଁ । ପୁଣି କେବେ ଅର୍ଥ ରାଶି ଆସିବ ଆଉ ୬୦ ବର୍ଷର ଏହି ପୁରୁଣା ପୋଖରୀର ପୁନଃଉଦ୍ଧାର କାମ ହେବ ତାକୁ ଚାହି ବସିଛନ୍ତି ଯୋଡାବାସିନ୍ଦା ।

ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଏଭଳି ଅବହେଳାକୁ ଦେଖି ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠିଛି ।

## ଜିଲ୍ଲାସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ



**ସୁବର୍ଣ୍ଣପୁର, ୨୩।୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲା ସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ-୨୦୨୬ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଛାତ୍ରଛାତ୍ରୀ ଏବଂ ତୃଣମୂଳ ସ୍ତରର ମହିଳାମାନଙ୍କୁ ଶିଶୁମାନଙ୍କ ସୁରକ୍ଷା, ବାଲ୍ୟବିବାହରୁ ମୁକ୍ତି ଏବଂ ବିଧବା ବିବାହ ଉପରେ ଗୁରୁତ୍ୱ ଦେଇଥିଲେ। ସେ ଛାତ୍ରୀମାନଙ୍କୁ ଉଦବୋଧନ ଦେଇ ନାରୀମାନଙ୍କର ଉପଲବ୍ଧି ବିଷୟରେ ସ୍ମରଣ କରାଇଥିଲେ ଏବଂ ସମସ୍ତ ଉପସ୍ଥିତ ବ୍ୟକ୍ତିଙ୍କୁ ନିଜ ସ୍ତରରେ ବିଧବା ବିବାହକୁ ପ୍ରୋତ୍ସାହନ ଦେବାପାଇଁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରେଣୁକା ସୁନା, ସୁବର୍ଣ୍ଣପୁର ଉପଜିଲ୍ଲାପାଳ ଡ଼. ସୌମ୍ୟରୂପା ରଥ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଚତୁର୍ଭୁଜ ଦାସ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ଶିଶୁ କନ୍ୟା ଦିବସ ଉପଲକ୍ଷେ ଶୁଭେଚ୍ଛା ଜଣାଇଥିଲେ। ଉପଜିଲ୍ଲାପାଳ ଡ଼. ସୌମ୍ୟରୂପା ରଥ କହିଥିଲେ ଯେ ନାରୀମାନେ ଆଜିକା ଦିନରେ କିଛି ମଧ କରିପାରିବେ ଏବଂ ନିଜ ଇଚ୍ଛାଅନୁସାରେ ଲକ୍ଷ୍ୟ ପ୍ରାପ୍ତି ପାଇଁ ପ୍ରୟାସୀ ହେବା ଉଚିତ। ସେ ଶାରୀରିକ ଭାବେ ଶକ୍ତିଶାଳୀ ହେବା ସହିତ ମୋବାଇଲ ଫୋନ୍‌ରୁ ଦୂରେଇ ରହି ବହି ପଢ଼ିବାକୁ ପରାମର୍ଶ ଦେଇଥିଲେ। ପରିଶେଷରେ ଜାତୀୟ ଶିଶୁ କନ୍ୟା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାରମ୍ଭ ସଂସ୍କାର କାର୍ଯ୍ୟକ୍ରମ




**ସୁବର୍ଣ୍ଣପୁର, ୨୩।୧ (ସଂଚାର ବ୍ୟୁରୋ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗଜବନ୍ଧଠାରେ ବିଦ୍ୟାରମ୍ଭ ସଂସ୍କାର କାର୍ଯ୍ୟକ୍ରମ ପ୍ରଧାନ ଆଚାର୍ଯ୍ୟ କିଶୋର ଚନ୍ଦ୍ର ସାହୁ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମାଘ ମାସ ଶୁକ୍ଳ ପଞ୍ଚମୀ ଦିନ ସରସ୍ୱତୀ ପୂଜା ରେ ଶିଶୁ ଭାଇ ଭଉଣୀ, ଅଭିଭାବିକା ଓ ଗୁରୁଜୀ ଗୁରୁମା ଅନ୍ଧାରିବାଞ୍ଜି ସ୍ଥିତ ଶିବ ମନ୍ଦିରରେ ପୂଜାକରି ଘୋଷ ସହ ବିଦ୍ୟାଳୟ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ବିଦ୍ୟାଳୟରେ ସମସ୍ତ ଭାଇ ଭଉଣୀ ଙ୍କ ଗୋଡ଼ ଧୌତ କରି ପ୍ରଧାନ ଆଚାର୍ଯ୍ୟ ସ୍ୱାଗତ କରିଥିଲେ। ବିଦ୍ୟାଳୟରେ ସରସ୍ୱତୀ ପୂଜା କରାଯାଇଥିଲା। ଶିଶୁ ଭାଇ ଭଉଣୀ ମିଠା ଭାତର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁମା ଗାୟତ୍ରୀ ପଧାନ, ପ୍ରିୟଙ୍କା ମାଝୀ, ଗୁରୁମା ନିରୁପମା ରାୟ, ମମତା ବିଶି, ଚନ୍ଦନା ଦଣ୍ଡସେନା, କୌଶଲ୍ୟା ବଡ଼େଇ, ଲିଲିମା ସାହୁ, ନୀଳାବତୀ ଥପା, ସଉକି ନାଏକ, ସେଲୋନୀ କର୍ଣ୍ଣ, ମାନସୀ ମାଝୀ, ବେଦମତୀ ଦନ୍ତା, ଗୌତମ ଭୋଇ, କପିଳେଶ୍ୱର ପାଣ୍ଡେ, ଶତ୍ରୁଘ୍ନ ସାହୁ, ଲିଙ୍ଗରାଜ ପୁଟେଲ, ଅମିତ ରଣା, ବାଙ୍କା ମହାକୁର ସହଯୋଗ କରିଥିଲେ।

● ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା

## ମାତୃଭାଷା ସହିତ ଇଂରାଜୀ ଏବଂ ହିନ୍ଦୀ ଭାଷାର ଅଧିକ ଆବଶ୍ୟକତା ରହିଛି




**ବାଲିଆପାଳ, ୨୩।୧ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତ ଅନ୍ତର୍ଗତ ପାକମୁଡି ସ୍ଥିତ କେ.ପି ପବ୍ଲିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ରାଜିବ ଲୋଚନ ପାତ୍ରଙ୍କ ପୈରହିତ୍ୟରେ ସିଟି ସ୍କୁଲ୍ ର ଅବସରପ୍ରାପ୍ତ ଶିକ୍ଷକ ଅମୂଲ୍ୟ ଚନ୍ଦ୍ର ଘରାଇ ଉଦଘାଟକ ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜଗନ୍ନାଥ ବିଶ୍ୱାଳ, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ଶିକ୍ଷକ ଭୁବନ ଚନ୍ଦ୍ର ରାଜ, ସମ୍ମାନିତ ଅତିଥି ସମାଜସେବୀ କରୁଣାକର ପାତ୍ର ପ୍ରମୁଖ ଯୋଗଦେଇ ପାଠ୍ୟକ୍ରମ, କ୍ରୀଡା, ନୃତ୍ୟ, ସଙ୍ଗୀତ, ବକ୍ତୃତା ଆଦି ବିଷୟରେ ମାତୃଭାଷା ସହିତ ଇଂରାଜୀ ଏବଂ ହିନ୍ଦି ଭାଷାରେ ଆବଶ୍ୟକତା ଅଧିକ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅରବିନ୍ଦ କରଣ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ ଶୁଭ ସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଏମ ଶ୍ରୀ କେନ୍ଦ୍ର ବିଦ୍ୟାଳୟ ଠାରେ ବାର୍ଷିକ ଉତ୍ସବ ପାଳିତ

## ଉତ୍ତମ ଶିକ୍ଷା ହିଁ ଛାତ୍ରଛାତ୍ରୀଙ୍କ ଜୀବନର ଆଲୋକବର୍ତ୍ତିକା




**କଳାହାଣ୍ଡି, ୨୩ଜ୍ଟ୧ (ସଂଚାର ବ୍ୟୁରୋ):** ଧର୍ମଗଡ଼ ଠାରେ ଥିବା ପିଏମ ଶ୍ରୀ କେନ୍ଦ୍ର ବିଦ୍ୟାଳୟ ଠାରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ଶୁକ୍ରବାର ଏକ ମନୋଜ୍ଞ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ହୋଇଯାଇଛି। ପିଏମ ଶ୍ରୀ କେନ୍ଦ୍ର ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ବିଜୟ ପ୍ରକାଶ ଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କଳାହାଣ୍ଡି ସାଂସଦ ମାଳବିକା ଦେବି, ସମ୍ମାନିତ ଅତିଥି ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ବିଶେଷ ଅତିଥି ଧର୍ମଗଡ଼ ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ, ଏବିଇଓ ଧର୍ମଗଡ଼ ଅରୂପା ନନ୍ଦ ଭୋଇ ପ୍ରମୁଖ ଯୋଗଦେଇ ଏହି ଶିକ୍ଷାନୁଷ୍ଠାନର ଅତୀତ, ଭବିଷ୍ୟତ ର ଗୌରବ ଉପରେ ସ୍ମୃତି ଚାରଣ କରି ଉଜ୍ଜ୍ୱଳମୟ ଭବିଷ୍ୟତ ଗଠନ ପାଇଁ ରୂପରେଖ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇ କହିଲେ ଯେ ଛାତ୍ରଛାତ୍ରୀ ମାନେ ଭଲ ମଣିଷ ହେବା ପାଇଁ ପ୍ରଥମେ ଆତ୍ମ ବିଶ୍ୱାସ ସୃଷ୍ଟି କରିବା ସହ ନିଜର ଲକ୍ଷ୍ୟ ପୂରଣ ପାଇଁ କଠିନ ପରିଶ୍ରମ କରି ବାକୁ ଆହ୍ୱାନ କରିବା ସହ ବିଦ୍ୟାର୍ଥୀମାନେ ନିଜ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥିର କରି ତାହାକୁ ପୂରଣ କରିବା ସକାଶେ ଗଭୀର ଆତ୍ମବିଶ୍ୱାସ ଓ ନିଷ୍ଠାର ସହ ଅଧ୍ୟୟନ ଜାରି ରଖି ପ୍ରତିଟି କ୍ଷେତ୍ରରେ ସଫଳତା ହାସଲ କରି ନିଜ ପିତାମାତା ଓ ଗୁରୁଙ୍କ ସ୍ୱପ୍ନକୁ ସାକାର କରି ବା ସାଙ୍ଗକୁ ଶିକ୍ଷାନୁଷ୍ଠାନର ଗୌରବକୁ ଅକ୍ଷୁଣ୍ଣ ରଖିବାକୁ ଆହ୍ୱାନ କରିଥିବା ଲକ୍ଷ୍ୟ କରାଯାଇଥିଲା। ଏହି ବାର୍ଷିକ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ଛାତ୍ର, ଛାତ୍ରୀ ମାନଂକୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ପରିବେଷିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ସଚେତନ ନାଗରିକ, ବୁଦ୍ଧିଜୀବୀ, ଅଭିଭାବକଙ୍କୁ ବିମୋହିତ କରିଦେଇଥିଲା।

## ଚନ୍ଦ୍ରଭାଗା ମାଘ ସପ୍ତମୀ ବୁଡ଼ ପାଇଁ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କଲେ ଜିଲ୍ଲାପାଳ



**କାକଟପୁର/ଅସ୍ତରଙ୍ଗ, ୨୩।୧ (ସଂଚାର ବ୍ୟୁରୋ):** ରବିବାର ଚନ୍ଦ୍ରଭାଗା ତୀର୍ଥରେ ପବିତ୍ର ମାଘ ସପ୍ତମୀ ବୁଡ଼ । ପୂର୍ବ ରାତିରୁ ଚନ୍ଦ୍ରଭାଗା ମେଳା ପଡ଼ିଆକୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ । ଏଥର ୩ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇବା ଅନୁମାନ କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଚନ୍ଦ୍ରଭାଗା ଓ ନବଗ୍ରହ ପୀଠରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ଅନୁଧାନ କରିଥିଲେ। ଚନ୍ଦ୍ରଭାଗା ତୀର୍ଥକୁ ଭୁବନେଶ୍ୱର, ପୁରୀ ଓ କାକଟପୁରରୁ ଆସୁଥିବା ଯାନବାହାନ ନିୟନ୍ତ୍ରଣ, ବାଇକ, କାର୍ ଓ ବସ୍ ପାର୍କିଂ, ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ବ୍ୟାରିକେଡ୍ ବ୍ୟବସ୍ଥା, ଟ୍ରାଫିକ ବ୍ୟବସ୍ଥା, ତୀର୍ଥ ପୁଷ୍କରିଣୀରେ ୭ଟି ପ୍ରବେଶ ଓ ପ୍ରସ୍ଥାନ ପଥରେ ଶ୍ରଦ୍ଧାଳୁମାନେ ଶାନ୍ତି ଶୃଙ୍ଖଳା ସହିତ ବୁଡ଼ ପକାଇବା ବ୍ୟବସ୍ଥା, ମେଳା ପଡ଼ିଆ ଓ ବେଳାଭୂମିରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଆଦି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା।

ପୁରୀରୁ ଆସୁଥିବା ଯାନବାହାନ ରାମଚଣ୍ଡୀ ଛକରେ ପାର୍କିଂ କରିବ। ଭୁବନେଶ୍ୱରରୁ ଆସୁଥିବା ଯାନବାହାନ ଆଇଓସିଏଲ ବସ ପାର୍କିଂ ଓ ହେଲିପ୍ୟାଡରେ ପାର୍କିଂ କରିବ । ଷଷ୍ଠୀ ରାତି ଓ ସପ୍ତମୀ ସକାଳ ପର୍ଯ୍ୟନ୍ତ ମାଜିଷ୍ଟ୍ରେଟଙ୍କ ଗାଡ଼ି, ଆମ୍ବୁଲାନ୍ସ, ପୁଲିସ, ଅଗ୍ନିଶମ ଗାଡ଼ି ପ୍ରତି କଟକଣା ଲାଗୁ ହେବ ନାହିଁ । ଗଣମାଧମ ଗାଡ଼ି ଚନ୍ଦ୍ରଭାଗା ମୁଖ୍ୟ ପାର୍କିଂସ୍ଥଳରେ ପାର୍କିଂ କରିବ।

## ସହରରେ ସରସ୍ୱତୀ ପୂଜା ପାଳିତ



**ଯାଜପୁର, ୨୩।୧ (ସଂଚାର ବ୍ୟୁରୋ):** ଆଜି ବିଦ୍ୟାର ଦେବୀ ମା’ ସରସ୍ୱତୀଙ୍କ ପବିତ୍ର ପୂଜା ଯାଜପୁର ସହରରେ ଆଡମ୍ବର ଓ ଆନନ୍ଦ ମାହୋଲ ମଧ୍ୟରେ ପାଳନ ହୋଇଯାଇଛି। ସହରର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, କୋଚିଂ ସେଣ୍ଟର ସହ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ମା’ଙ୍କ ପୂଜା ଉତ୍ସାହର ସହ ଆୟୋଜନ କରାଯାଇଥିଲା। ସେହିପରି ଭାବେ ‘ରୟାଲ କିଙ୍ଗ କ୍ଲବ’ ମାର୍କେଟ ଛକରେ ଆଡମ୍ବର ଭାବେମା’ ସରସ୍ୱତୀଙ୍କ ପବିତ୍ର ପୂଜା ପାଳନ କରାଯାଇଛି। ସକାଳୁ ଶ୍ରଦ୍ଧାଳୁମାନେ ମା’ ସରସ୍ୱତୀଙ୍କ ମଣ୍ଡପରେ ପୂଜାର୍ଚ୍ଚନା କରିଥିବା ବେଳେ ଫୁଲ, ଫଳ, ନୈବେଦ୍ୟ ଓ ପୁଷ୍ପମାଳାରେ ମା’ଙ୍କୁ ସୁସଜ୍ଜିତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ନିଜ ଖାତା, ପୁସ୍ତକ ଓ ଶିକ୍ଷା ସାମଗ୍ରୀ ମା’ଙ୍କ ଚରଣରେ ରଖି ଆଶୀର୍ବାଦ ଗ୍ରହଣ କରିଥିଲେ। ସନ୍ଧ୍ୟା ସମୟରେ ମଣ୍ଡପଗୁଡ଼ିକ ଆଲୋକମାଳାରେ ଆଲୋକିତ ହୋଇ ସହରର ପରିବେଶକୁ ଉତ୍ସବମୟ କରିଥିଲା।

## ଧରାପଡ଼ିଲେ ଗଞ୍ଜେଇ ମାଫିଆ

**ଦାରିଙ୍ଗବାଡି, ୨୩।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡି ପୋଲିସକୁ ପାଟ୍ରୋଲିଂ ସମୟରେ ମିଳିଛି ବଡ଼ ସଫଳତା। ଗୋଟିଏ କୁଇଣ୍ଟାଲ ଗଞ୍ଜେଇ ଭର୍ତ୍ତି ବସ୍ତା ସହ ଅଟୋକୁ ଜବତ କରିଛି ଦାରିଙ୍ଗବାଡି ପୋଲିସ। ଏଥିରେ ସମ୍ପୃକ୍ତି ଅଭିଯୋଗରେ ଜଣକୁ ପୋଲିସ ଗିରଫ କରିଛି। ଗିରଫ ଯୁବକ ହେଲେ ଉକ୍ତ ଜିଲା ସାରଙ୍ଗ ଥାନା ବାନ୍ଦୁଡି ଗ୍ରାମର ପ୍ରଦୀପ ଦଳବେହେରା (୩୧)ବୋଲି ଆଇଆଇଆସି ସଂଗ୍ରାମ କେଶରୀ ଜେନା କହିଛନ୍ତି। ସେହିପରି ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୪ ରୁ ୫ ଲକ୍ଷ ପର୍ଯ୍ୟନ୍ତ ହୋଇପାରେ ବୋଲି ପୋଲିସ କହିଛି। ପ୍ରକାଶ ଯେ, ପୋଲିସ ୫୯ନଂ ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ପୋଲିସ ଏକ ଅଟୋ ନଂ (ଓଡି୧୨ ସି ୧୪୮୨)ରେ ପନି ପରିବା ଭଳି ବୋଝେଇ ହୋଇ ଗଞ୍ଜେଇ ଭର୍ତ୍ତି ବସ୍ତାକୁ ଦେଖି ସନ୍ଦେହ ପ୍ରକାଶ ପାଇଥିଲା।

## ହିଞ୍ଜିଳିରେ ସରସ୍ୱତୀ ପୂଜା ପାଳିତ

**ହିଞ୍ଜିଳିକାଟୁ, ୨୩।୧ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରପରିଷଦ ସମେତ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କ ପୂଜା ମହାଆଡ଼ମ୍ବର ଏବଂ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଛି। ଛାତ୍ରଛାତ୍ରୀମାନେ ସକାଳୁ ସକାଳୁ ନୂଆ ପୋଷାକ ପିନ୍ଧି ହାତରେ ଭୋଗ ଥାଳି, ଫୁଲ ଧରି ଶିକ୍ଷାନୁଷ୍ଠାନରେ ବିଦ୍ୟାଦାତ୍ରୀ ମା’ ସରସ୍ୱତୀଙ୍କ ପୂଜାର୍ଚ୍ଚନା କରିଥିଲେ । ମା’ଙ୍କୁ ଆରାଧନା କରି ନିଜ ନିଜର ବହି ଛୁଆଁଇ ଭଲ ବିଦ୍ୟା ଆହରଣ ପାଇଁ ଆଶୀର୍ବାଦ ଲୋଡିଛନ୍ତି ଛାତ୍ରୀଛାତ୍ର। ଏଥିସହିତ ହିଞ୍ଜିଳିର ବିଭିନ୍ନ ସ୍ଥାନରେ ମଧ୍ୟ ମା’ ସରସ୍ୱତୀଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଛି। କିଛି ଅନୁଷ୍ଠାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଉଦ୍‌ଯାପିତ

### ଜନସାଧାରଣଙ୍କ ମଧ୍ୟରେ ଆୟୁର୍ବେଦ ପ୍ରତି ବିଶ୍ୱାସ, ଆସ୍ଥା ଓ ସଚେତନତା ସୃଷ୍ଟି କରିବା ଏହାର ଲକ୍ଷ୍ୟ- ଅତିଥିଗଣ




**ବାରିପଦା, ୨୩।୧ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ବାମନଘାଟି ଉପଖଣ୍ଡ ର ରାଇରଙ୍ଗପୁର କଚେରୀ ପଡ଼ିଆରେ ୧୮ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ହାର୍ବାଲ ମେଳା ମହାସମାରୋହରେ ଉଦଯାପିତ ହୋଇଯାଇଛି। ଏହାର ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଲୋକସଭା ସାଂସଦ ନବ ଚରଣ ମାଝୀ, ସମ୍ମାନିତ ଅତିଥି ରାଇରଙ୍ଗପୁର ପୌରାଧକ୍ଷ ଅଭିଷେକ ପଟ୍ଟନାୟକ, କରଂଜିଆ ବନଖଣ୍ଡ ଅଧିକାରୀ ବୈଦ୍ୟନାଥ ମାଝୀ, ଏସିଏଫ ପ୍ରଭାକର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିବାବେଳେ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ସୁବ୍ରତ ପାତ୍ର ସଭାପତିତ୍ୱ କରିଥିଲେ। ଅତିଥିଗଣ ତାଙ୍କ ଅଭିଭାଷଣରେ କହିଥିଲେ ଭଗବାନ ସୃଷ୍ଟି ସର୍ଜନା କରିଛନ୍ତି।ବୃକ୍ଷ, ଲତା, ଗୁଳ୍ମରୁ ମାନବ ଜୀବନ ଏବଂ ଜୀବଜନ୍ତୁ ଙ୍କ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ କମ ଖର୍ଚ୍ଚ ବହୁଳ ଆୟୁର୍ବେଦ ହିଁ ଏକମାତ୍ର ବିକଳ୍ପ।ବୃକ୍ଷର ଚେରୀ, ମୂଳ, ଡାଳ, ପତ୍ର, ଗୁଳ୍ମ, ଛାଲି ରୁ ପ୍ରାଚୀନ ପରମ୍ପରା ଅନୁସାରେ ବହୁ ବିଦ୍ୱାନ ବୈଦ୍ୟମାନେ ଦିର୍ଘବର୍ଷ ସାଧନା ଓ ପରୀକ୍ଷା କରି ବିଭିନ୍ନ ରୋଗର ନିରାକରଣ ପାଇଁ ବିଭିନ୍ନ ଔଷଧ ତିଆରି କରିଛନ୍ତି।ଯାହାକୁ ସେବନ କରି ମଣିଷ ଅମୂଲ୍ୟ ଜୀବନ ସୁରକ୍ଷା କରିପାରୁଛି। ତେଣୁ ବୃକ୍ଷଲତା ପ୍ରକୃତିର ଅବଦାନ।ଆଜିର ଆଞ୍ଚଳିକ କଳିଙ୍ଗ ହାର୍ବାଲ ମେଳାର ଉଦେଶ୍ୟ ହେଉଛି ବୈଦ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ଔଷଧ, ରୋଗକୁ ନେଇ ଚେରୀମୂଳି ପ୍ରସ୍ତୁତ ଔଷଧ, ଜନସାଧାରଣଙ୍କ ମଧ୍ୟରେ ଆୟୁର୍ବେଦ ପ୍ରତି ବିଶ୍ୱାସ, ଆସ୍ଥା ଓ ସଚେତନତା ସୃଷ୍ଟି କରିବା, ତଦସହ ଔଷଧୀୟ ବୃକ୍ଷରୁ ଜୀବନ ଓ ଜୀବିକା ନିର୍ଭର କରିବା, ପ୍ରାଚୀନ ଔଷଧୀୟ ଓ ବୈଦ୍ୟ ମାନଙ୍କ ମୂଲ୍ୟବାନ ପରାମର୍ଶ, ଆୟୁର୍ବେଦ ପ୍ରତି ଆକର୍ଷଣ ବଢ଼ାଇବା ଉଦେଶ୍ୟ।ତଦସହ ସରକାର ଚାଷୀମାନଙ୍କୁ ଔଷଧୀୟ ବୃକ୍ଷ ରୋପଣ, ଔଷଧ ପ୍ରସ୍ତୁତ ପାଇଁ ପ୍ରୋତ୍ସାହନ ରାଶି, ଔଷଧୀୟ ବଗିଚା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଉଛନ୍ତି।

ସଂଚାର SANCHAR
ଶନିବାର ୨୪ ଜାନୁଆରୀ ୨୦୨୬
ସ୍ୱାସ୍ଥ୍ୟ






# ସୂର୍ଯ୍ୟଭେଦ ପ୍ରାଣାୟମ୍ କରନ୍ତୁ ରକ୍ତଚାପରୁ ଦୂରେଇ ରୁହନ୍ତୁ

ସୂର୍ଯ୍ୟଭେଦ ପ୍ରାଣାୟମ୍ ଦ୍ୱାରା ଶରୀରର ଉତ୍ତାପ ବଢ଼ିଯାଏ, ବାତ ଦୋଷରୁ ହେଉଥିବା ଅସମତା ଦୂର ହୁଏ। ପିଙ୍ଗଳା ନାଡ଼ୀକୁ କ୍ରିୟାଶୀଳ କରି ପ୍ରାଣିକ ଶକ୍ତି ଉତ୍ତେଜିତ ହୁଏ ଏବଂ ଜାଗ୍ରତ ହୁଏ। ମନକୁ ବହିର୍ମୁଖୀ ଓ ଗତିଶୀଳ କରି ଦୈହିକ କ୍ରିୟାଗୁଡ଼ିକ ନିଖୁଣ ଭାବରେ କାର୍ଯ୍ୟକାରୀ ହୁଏ ଏବଂ ଅବସାଦ ଦୂର କରେ। ମନ ଅତ୍ୟଧିକ ସଜାଗ ହୁଏ ଏବଂ ଅନୁଭବ ଶକ୍ତି ବଢ଼ିଯାଏ। ଧ୍ୟାନର ପ୍ରସ୍ତୁତି ପାଇଁ ଏହା ଏକ ଉତ୍ତମ ପ୍ରାଣାୟମ। ନିମ୍ନ ରକ୍ତଚାପ, ବନ୍ଧ୍ୟାତ୍ୱ ଏବଂ କୃମି ଚିକିତ୍ସାରେ ସାହାଯ୍ୟ କରେ ବୋଲି କହନ୍ତି ଯୋଗଗୁରୁ ଗଣେଶ୍ୱର ଗୋଚ୍ଛିକାର।

ଏହି ପ୍ରାଣାୟମ୍ କରିବା ପାଇଁ ପ୍ରଥମେ ଏକ ଆରାମଦାୟକ ଧ୍ୟାନସନରେ ବସନ୍ତୁ, ମୁଣ୍ଡ ଓ ମେରୁଦଣ୍ଡ ସିଧା ରହିବ। ହାତ ଆଣ୍ଠୁ ଉପରେ ଚିନ୍ ବା ଜ୍ଞାନ ମୁଦ୍ରାରେ ରଖନ୍ତୁ। ଆଖି ବନ୍ଦ କରନ୍ତୁ ଏବଂ ପୂରା ଦେହ ଢ଼ିଲା କରନ୍ତୁ। ଏକ ଆରାମଦାୟକ ସ୍ଥିତିରେ ସ୍ଥିର ଏବଂ ଶିଥିଳ ହୋଇଗଲେ ନିଶ୍ୱାସକୁ କିଛି ସମୟ ଲକ୍ଷ୍ୟ କରନ୍ତୁ। ଡାହାଣ ହାତର ଅନାମିକା ଆଙ୍ଗୁଳିରେ ବାମ ନାସାରନ୍ଧ୍ରକୁ ବନ୍ଦ କରନ୍ତୁ ଏବଂ ଡାହାଣ ନାସାରନ୍ଧ୍ରରେ ଧୀର ଗଭୀର ନିଶ୍ୱାସ ନିଅନ୍ତୁ। ନିଶ୍ୱାସ ନେବା ସରିଲେ ଦୁଇ ନାସା ରନ୍ଧ୍ର ବନ୍ଦ କରନ୍ତୁ, ନିଶ୍ୱାସ ଧରି ରଖନ୍ତୁ ଏବଂ ଜଳନ୍ଧର ଓ ମୂଳବନ୍ଧ କରନ୍ତୁ। ପ୍ରଥମେ ଅଭ୍ୟାସ ଆରମ୍ଭ କରୁଥିଲେ କିଛି ସେକେଣ୍ଡ ପାଇଁ ଏହି ସ୍ଥିତିରେ ରୁହନ୍ତୁ। ମୂଳବନ୍ଧ ଛାଡ଼ିଦିଅନ୍ତୁ, ତାପରେ ଜଳନ୍ଧର ବନ୍ଧ ଛାଡ଼ିବେ।। ମୁଣ୍ଡ ସିଧା କରନ୍ତୁ, ଧୀରେ ଡାହାଣ ନାସାରନ୍ଧ୍ରରେ ନିଶ୍ୱାସ ଛାଡ଼ନ୍ତୁ।

**ଅବଧି:** ସୂର୍ଯ୍ୟଭେଦ ପ୍ରାଣାୟମ ପ୍ରଥମେ ଅଭ୍ୟାସ କରୁଥିଲେ ୧୦ ଚକ୍ର ଅଭ୍ୟାସ ଯଥେଷ୍ଟ। ଅଭ୍ୟାସ ସହଜ ଓ ଆରାମଦାୟକ ହୋଇଗଲେ ୧୦ରୁ ୧୫ ମିନିଟ୍ ବଢ଼ାଇ ପାରିବେ।

**ସାବଧାନତା:** ଖାଇବା ପରେ ଏହି ଅଭ୍ୟାସ କରିବେ ନାହିଁ କାରଣ ପାଚନ କ୍ରିୟାରୁ ସୃଷ୍ଟି ହେଉଥିବା ଶକ୍ତିର ପ୍ରବାହ ବାଧା ପାଇବ। ୩୦ ମିନିଟ୍‌ରୁ ବେଶୀ ସମୟ ଏହି ପ୍ରାଣାୟମ୍ କଲେ ଶ୍ୱସନ ଚକ୍ରରେ ଥିବା ସନ୍ତୁଳନ ଭାଙ୍ଗିଯାଏ। ହୃଦ୍‌ରୋଗ, ରକ୍ତଚାପ ଓ ଅପସ୍ମାର ଥିବା ବ୍ୟକ୍ତି ଏହି ଅଭ୍ୟାସ କରିବେ ନାହିଁ।

# ତେଜପତ୍ର ପାଣି ପିଇଲେ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୁଏ

ଆମ ରୋଷେଇ ଘରେ ଅନେକ ଜିନିଷ ରହିଛି ଯାହା ଆମର ଦୈନନ୍ଦୀନ ଜୀବନ ସମସ୍ୟାର ସମାଧାନ କରିଥାଏ। ସେହି ସବୁ ମଧ୍ୟରୁ ତେଜପତ୍ର ହେଉଛି ଅନ୍ୟତମ। ଯାହା ଭାରତୀୟ ମସଲା ପାଇଁ ବେଷ୍ଟ ହୋଇଥାଏ। ବିରିୟାନୀଠାରୁ ଆରମ୍ଭ କରି ଚା'ପର୍ଯ୍ୟନ୍ତ ତେଜପତ୍ରର ବ୍ୟବହାର କରାଯାଇଥାଏ। ଯାହା ଖାଦ୍ୟର ଟେଷ୍ଟକୁ ଦ୍ୱିଗୁଣିତ କରିଥାଏ। ଯାହା ବ୍ୟବହାର କରିବା ଦ୍ୱାରା କେବଳ ସ୍ୱାଦକୁ ବଢ଼ାଇ ନଥାଏ ବରଂ ସ୍ୱାସ୍ଥ୍ୟ ସମସ୍ୟାକୁ ଚୁଟକିରେ ଗାଏବ କରି ଦେଇଥାଏ। ତେଜପତ୍ର ଅନେକ ରୋଗ ପାଇଁ ପ୍ରଭାବଶାଳୀ। ଯାହାକୁ ଆୟୁର୍ବେଦିକ ଔଷଧ ଭାବେ ବିବେଚନା କରାଯାଏ। ସେହିପରି ତେଜପତ୍ରର ପାଣି ମଧ୍ୟ ଆମ ପାଇଁ ଉପକାରୀ ହୋଇଥାଏ। ଏହା ଏକ ଏମିତି ଜଡିବୁଟି ଯେଉଁଥିରେ ଭିଟାମିନ୍ ଏ ଏବଂ ସି ରହିବା ସହିତ ଫଲିକ୍ ଏସିଡ୍ ଭଳି ଆବଶ୍ୟକ ତତ୍ତ୍ୱ ମଧ୍ୟ ରହିଛି। ଏଥିରେ ବହୁତ ମାତ୍ରାରେ ମଧ୍ୟ ମିନେରାଲ୍ସ ରହିଥାଏ। ଯାହା ଅନେକ ପ୍ରକାରର ସ୍ୱାସ୍ଥ୍ୟକୁ ଲାଭ ପହଁଚାଇଥାଏ। ଏହା ବ୍ୟତୀତ ଏଥିରେ କ୍ୟାଲସିୟମ, ପୋଟାସିୟମ, ତମ୍ବା, ଜିଙ୍କ  ଏବଂ ମ୍ୟାଗ୍ନେସିୟମ ଭଳି ପୁଷ୍ଟିକର ତତ୍ତ୍ୱ ଭରପୁର ମାତ୍ରାରେ ରହିଥାଏ। ତେବେ ଆସନ୍ତୁ ଆଜି ଆମେ ଆପଣଙ୍କ ତେଜପତ୍ର ପାଣି ପିଇବାର ଲାଭ ସମ୍ପର୍କରେ ଜଣାଇବୁ।

**ତେଜପତ୍ର ପାଣି ପିଇବାର ଲାଭ: ପାଚନ କ୍ରିୟାକୁ ମଜବୁତ କରେ :** ତେଜପତ୍ର ପାଣି ପେଟର ସମସ୍ତ ସମସ୍ୟାରୁ ରକ୍ଷା କରିଥାଏ। ଏହି ପାଣି ପିଇବା ଦ୍ୱାରା ବଦହଜମୀ, ଗ୍ୟାସ୍ ଏବଂ ଏସିଡିଟିରୁ ମୁକ୍ତି ମିଳିଥାଏ। ଏଥିରେ ଥିବା ଗୁଣ ପାଚନ କ୍ରିୟାକୁ ମଜବୁତ କରିବାରେ ସାହାଯ୍ୟ କରିଥାଏ। କୋଷ୍ଠକାଠିନ୍ୟ ଭଳି ସମସ୍ୟାକୁ ମଧ୍ୟ ଦୂର କରିଥାଏ।

**ଓଜନ ହ୍ରାସରେ ସହାୟକ:** ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହାଁନ୍ତି ତେବେ ଆପଣ ତେଜପତ୍ର ପାଣି ପିଇବାର ଅଭ୍ୟାସ କରନ୍ତୁ। ଯାହା ମେଟାବୋଲିଜିମ୍ ବୃଦ୍ଧି କରେ ଏବଂ ଅତିରିକ୍ତ ଚର୍ବିକୁ ଦୂର କରିବାରେ ସହାୟକ କରେ। ଶୀଘ୍ର ଓଜନ ହ୍ରାସ କରିବା ପାଇଁ ହେଲେ ଆପଣ ନିୟମିତ ବ୍ୟାୟାମ କରିବା ସହ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ।

**ରକ୍ତ ଶର୍କରା ନିୟନ୍ତ୍ରଣ କରେ:** ତେଜପତ୍ରରେ ଥିବା ପଲିଫେନୋଲ ଡାଇବେଟିସ୍ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଯାହା ଡାଇବେଟିସ ରୋଗୀଙ୍କ ପାଇଁ ବେଷ୍ଟ ହୋଇଥାଏ।

**ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ:** ତେଜପତ୍ର ପାଣି ପିଇବା ଦ୍ୱାରା ଆପଣଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ।ଏଥିରେଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ବ୍ୟାକ୍ଟେରିଆଲ ଗୁଣ ଆପଣଙ୍କୁ ପରିୟର୍ଡସ ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ।

**ମାନସିକ ଚାପରୁ ମୁକ୍ତି କରେ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବାକୁ ଚାହାଁନ୍ତି କି ? । ତେବେ ଏଥିପାଇଁ ତେଜପତ୍ର ପାଣି ବହୁତ ଲାଭଦାୟକ ବୋଲି ସାବ୍ୟସ୍ତ ହୋଇଛି। ତେଣୁ ତେଜପତ୍ର ପାଣି ପିଇବାର ଅଭ୍ୟାସ କରନ୍ତୁ। ଯାହା ଅନେକ ସମସ୍ୟାରୁ ମୁକ୍ତି ଦେବ।



# ଡାଏଟ୍‌ରେ ସାମିଲ୍ କରନ୍ତୁ ବଥୁଆ ଓ ପାଳଙ୍ଗ

ପାଳଙ୍ଗ ଓ ବଥୁଆ ଉଭୟ ଶାଗ ପୋଷକ ତତ୍ତ୍ୱରେ ଭରା। ତେଣୁ ଶୀତ ଦିନେ ଏହାକୁ ଖାଇବା ଦ୍ୱାରା ଶରୀର ସୁସ୍ଥ ରହିବା ସହ ଅନେକ ରୋଗରୁ ରକ୍ଷା ପାଇଥାଏ। ତେବେ ଶୀତଦିନେ ପାଳଙ୍ଗ ଓ ବଥୁଆ ଶାଗ ଡାଏଟରେ ସାମିଲ୍ କରିବା କାହିଁକି ଜରୁରି ? ଶୀତଦିନେ ପ୍ରାୟ ଲୋକ ପାଳଙ୍ଗ, ବଥୁଆ, ସୁନସୁନିଆ ଓ ସୋରିଷ ପରି ସବୁଜ ପତ୍ରଯୁକ୍ତ ଶାଗ ଖାଇବାକୁ ପସନ୍ଦ କରିଥାନ୍ତି। ଏସବୁ ଶାଗରେ ବହୁ ମାତ୍ରାର ଫାଇବର, ଆଇରନ୍, କ୍ୟାଲସିୟମ୍, ପୋଟାସିୟମ୍, ଭିଟାମିନ୍-ଏ, ସି ଓ କେ ପରି ପୋଷକ ତତ୍ତ୍ୱ ସହ ଆଣ୍ଟି-ଅକ୍ସିଡାଣ୍ଟ ରହିଥାଏ। ତେଣୁ ଏହାକୁ ଡାଏଟ୍ରେ ସାମିଲ୍ କରିବା ଦ୍ୱାରା ଅନେକ ସମସ୍ୟା ଦୂର ହୋଇଥାଏ। ଏହା ମଧ୍ୟରୁ ଅନ୍ୟତମ ହେଉଛି ପାଳଙ୍ଗ ଓ ବଥୁଆ ଶାଗ। ଉଭୟ ପୋଷକ ତତ୍ତ୍ୱରେ ଭରା।



ପାଳଙ୍ଗ ଓ ବଥୁଆ ଉଭୟରେ ବହୁ ମାତ୍ରାରେ ମିନେରାଲ୍ସ ଓ ଫାଇବର ରହିଥାଏ, ଯାହା ଶୀତଦିନିଆ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ପାଳଙ୍ଗରେ ଭରପୂର ଭିଟାମିନ୍-ଏ, ସି, କେ, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଓ ପୋଟାସିୟମ୍ ପରି ପୋଷକ ତତ୍ତ୍ୱ ରହିଥାଏ। ଏହାବ୍ୟତୀତ ଆଣ୍ଟିଅକ୍ସିଡାଣ୍ଟ ଗୁଣ ମଧ ରହିଥାଏ। ସେହିପରି ବଥୁଆ ଶାଗରେ ବହୁ ମାତ୍ରାରେ ମ୍ୟାଗ୍ନେସିୟମ୍, କ୍ୟାଲସିୟମ୍, ପୋଟାସିୟମ୍, ଜିଙ୍କ୍, ଆଇରନ୍, ଭିଟାମିନ୍-ଏ, ସି,କେ ଓ ବି ପରି ପୋଷକ ତତ୍ତ୍ୱ ରହିଥାଏ। ତେବେ ଉଭୟ ଶାଗରେ ବହୁ ମାତ୍ରାର ଫାଇବର, ଆଇରନ୍ ଓ ମିନେରାଲ୍ସ ରହିଥାଏ, ଯାହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ।

**ବଢ଼ାଏ ରୋଗ ପ୍ରତିରୋଧକ ଶକ୍ତି:** ପାଳଙ୍ଗ ଓ ବଥୁଆରେ ଭିଟାମିନ୍-ଏ, ସି, କେ ଓ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଥାଏ, ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଥଣ୍ଡାକାଶ ପରି ରୋଗଠାରୁ ଦୂରେଇ ରଖେ।

**ବଢ଼ାଏ ପାଚନ କ୍ଷମତା:** ଉଭୟଶାଗରେ ଭରପୂର ମାତ୍ରାର ଫାଇବର ରହିଥାଏ। ଯାହା ଶୀତଦିନେ ପାଚନ ପ୍ରକ୍ରିୟାକୁ ସୁସ୍ଥ ରଖିବା ସହ କବ୍ଜ, ବ୍ଲୋଟିଂ ଓ ଗ୍ୟାସ ପରି ସମସ୍ୟାଠାରୁ ଦୂରେଇ ରଖେ।

**ରକ୍ତର ଅଭାବ ଦୂର କରେ:** ବଥୁଆ ଓ ପାଳଙ୍ଗ ଆଇରନ୍ର ପ୍ରମୁଖ ଉତ୍ସ। ଶରୀରରେ ଆଇରନ୍ ସ୍ତର ବଢ଼ି ରହିବା ସହ ରକ୍ତର ଅଭାବ ଦେଖା ଦେଇ ନଥାଏ। ଫଳରେ ଶରୀରରେ ଅଧିକ ଶକ୍ତି ରହିଥାଏ।

**ଶରୀରକୁ ଗରମ ରଖେ:** ଉଭୟ ଶାଗ ଶରୀରକୁ ପ୍ରାକୃତିକ ଭାବେ ଗରମ ରଖିଥାଏ। ତେଣୁ ଥଣ୍ଡାରୁ ହେଉଥିବା ସମସ୍ୟା କମ୍ ରହିଥାଏ।

**ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରେ:** ଉଭୟ ପୋଷକ ତ୍ତ୍ୱରେ ଭରା ଶାଗ ଶରୀରକୁ ପ୍ରାକୃତିକ ଭାବେ ବିଷାକ୍ତ ପଦାର୍ଥରୁ ମୁକ୍ତ କରିଥାଏ। ଏହାସହ ରକ୍ତ ସଞ୍ଚାଳନକୁ ତୀବ୍ର କରିଥାଏ।

**ହାଡ଼କୁ ମଜଭୁତ କରେ:** ଏଥିରେ ଥିବା ମ୍ୟାଗ୍ନେସିୟମ୍ ଓ କ୍ୟାଲସିୟମ୍ ହାଡ଼କୁ ମଜଭୁତ କରି ହାଡ଼ଜନିତ ବିଭିନ୍ନ ସମସ୍ୟାକୁ କମ୍ କରିବା ସହ ଦୂର କରିବାରେ ମଧ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

# ରାତିକ ନିଦରୁ ରୋଗ ନିରୂପଣ କରିବ ଏଆଇ ମଡେଲ୍



ରୋଗ ଯୋଗୁଁ ରୋଗୀ କି ପ୍ରକାର ବିପଦରେ ପଡ଼ିପାରନ୍ତି ତାହା ଆକଳନ କରିବା ଲାଗି ଦୀର୍ଘବର୍ଷ ଧରି ଡାକ୍ତରମାନେ ଲକ୍ଷଣ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଅତୀତ ଅସୁସ୍ଥତା ଓ ଚିକିତ୍ସାର ତଥ୍ୟ ଉପରେ ନିର୍ଭର କରିଆସୁଛନ୍ତି। ଏତେ କଥା ଯଦି ରାତିକ ନିଦ୍ରାରୁ ଜାଣିହୁଏ, କ୍ଷତି କ'ଣ ? ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଷ୍ଟାନ୍‌ଫୋର୍ଡ ମେଡିସିନ୍‌ରେ ଥିବା ଗବେଷକମାନେ ନିଦ୍ରା ସଙ୍କେତ ବାରିବା ଲାଗି ଗୋଟାଏ ନୂତନ ଏଆଇ ମଡେଲ୍ ପ୍ରସ୍ତୁତ କରିଛନ୍ତି। ଉକ୍ତ ମଡେଲ୍ କେବଳ ଗୋଟିଏ ରାତ୍ରିର ନିଦ୍ରାରୁ ନିଃସୃତ ମାନସିକ ସଙ୍କେତ ରେକର୍ଡ କରି ଶତାଧିକ ଶାରୀରିକ ଅସୁସ୍ଥତା ସମ୍ବନ୍ଧୀୟ ପୂର୍ବାଭାସ ଦେବାକୁ ସମର୍ଥ। 'ସ୍ଲିପ୍ ଏଫ୍‌ଏମ୍' ନାମରେ ପରିଚିତ 'ଦି ଫାଉଣ୍ଡେସ୍‌ନାଲ୍ ଏଆଇ ମଡେଲ୍'କୁ ୬୫ ହଜାର ଲୋକଙ୍କଠାରୁ ସଂଗୃହୀତ ପ୍ରାୟ ୬ ଲକ୍ଷ ଘଣ୍ଟା ଶୟନ ତଥ୍ୟାବଳି ଦ୍ୱାରା ତାଲିମ ଦିଆଯାଇଛି। ଏଥିରେ ରହିଛି ମସ୍ତିଷ୍କ କାର୍ଯ୍ୟକଳାପ, ହୃତ୍‌ପିଣ୍ଡ କାର୍ଯ୍ୟକଳାପ, ଶ୍ୱାସକ୍ରିୟା ସଙ୍କେତ, ଗୋଡ଼ ଚଳାଚଳ, ଚକ୍ଷୁ ଚଳାଚଳ ଓ ଅନ୍ୟାନ୍ୟ ମାନସିକ ତଥ୍ୟାବଳି। ବିଭିନ୍ନ ପ୍ରକାର ସେନ୍‌ସର୍ ଦ୍ୱାରା ଏସବୁ ତଥ୍ୟ ସଂଗ୍ରହ କରାଯାଇଥିଲା।

ଏ ଗବେଷଣା ପତ୍ରର ଅନ୍ୟତମ ସହ-ଲେଖକ ଡାକ୍ତର ଜେମ୍‌ସ ଜୌ କହିଛନ୍ତି, ''ଏଆଇ ଟୁଲ୍ ଦୃଷ୍ଟିରୁ ବିଚାର କଲେ, ନିଦ୍ରା ଉପରେ ବିଶେଷ ଗବେଷଣା ହୋଇ ନ ଥିଲା। ପାଥୋଲୋଜି ଅଥବା କାର୍ଡିଓଲୋଜି ସଂକ୍ରାନ୍ତ ରୋଗ ନିଦାନ ନିମନ୍ତେ ଅନେକ ଏଆଇ କାର୍ଯ୍ୟ କରୁଛନ୍ତି, କିନ୍ତୁ ନିଦ୍ରା ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିଲେ ବି ତା' ଉପରେ ସେମାନେ ଆଦୌ ଦୃଷ୍ଟି ଦେଉନାହାନ୍ତି।'' ଉକ୍ତ ଏଆଇ ମଡେଲ୍‌କୁ ତାଲିମ ଦେବା ଲାଗି ଷ୍ଟାନ୍‌ଫୋର୍ଡ ମେଡିସିନ୍ ଗବେଷକମାନେ ୨ରୁ ନେଇ ୯୬ ବର୍ଷ ବୟସ ପର୍ଯ୍ୟନ୍ତ ୩୫,୦୦୦ ନିଦ୍ରିତ ରୋଗୀଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ୧୯୯୯ରୁ ୨୦୨୪ ମଧ୍ୟରେ ଷ୍ଟାନ୍‌ଫୋର୍ଡର ସ୍ଲିପ୍ କ୍ଲିନିକ୍‌ରେ ସେମାନେ ରୋଗୀମାନଙ୍କର ପଲିସମ୍‌ନୋଗ୍ରାଫି ଡେଟା ରେକର୍ଡ କରାଇଥିଲେ। ତା'ପରେ ଉକ୍ତ ଡେଟାକୁ କ୍ଷୁଦ୍ର କ୍ଷୁଦ୍ର ଭାଗକରି ତାହା ଦ୍ୱାରା ଏଆଇ ମଡେଲ୍‌କୁ ତାଲିମ ଦିଆଯାଇଥିଲା।

ଏଥର ସେମାନେ 'ସ୍ଲିପ୍ ଏଫ୍‌ଏମ୍'କୁ ରୋଗ ନିରୂପଣ କ୍ଷେତ୍ରରେ ପରୀକ୍ଷାମୂଳକ ଭାବେ ପ୍ରୟୋଗ କଲେ। ଫଳାଫଳରୁ ଜଣାପଡ଼ିଲା, ଭବିଷ୍ୟତରେ ସମ୍ପୃକ୍ତ ରୋଗୀମାନଙ୍କୁ ଆକ୍ରାନ୍ତ କରିବାର ସମ୍ଭାବନା ଥିବା ପ୍ରାୟ ୧୩୦ ପ୍ରକାର ରୋଗ ସମ୍ବନ୍ଧରେ ଏହା ଅପେକ୍ଷାକୃତ ସଠିକ୍ ସୂଚନା ପ୍ରଦାନ କରିଛି। ବିଭିନ୍ନ ପ୍ରକାର କର୍କଟରୋଗ, ଗର୍ଭଧାରଣ ଜଟିଳତା, ରକ୍ତ ସଞ୍ଚାଳନ ଅବସ୍ଥା ଓ ମସ୍ତିଷ୍କ ବିକୃତି ଆଦି ରୋଗ ସଂକ୍ରାନ୍ତୀୟ ଭବିଷ୍ୟବାଣୀ କରିବା ଲାଗି ଭାଷା ପରିବର୍ତ୍ତେ ଏବେ 'ସ୍ଲିପ୍ ଏଫ୍‌ଏମ୍' 'କନ୍‌କର୍ଡାନ୍‌ସ ଇଣ୍ଡେକ୍ସ' ବା ସଂକ୍ଷେପରେ 'ସି-ଇଣ୍ଡେକ୍ସ' ଯୋଗେ ସୂଚନା ଦେଉଛି। ଏହା ଗୋଟାଏ ଗାଣିତକ ପଦ୍ଧତି। ଉଦାହରଣ ସ୍ୱରୂପ ହୃଦ୍‌ଘାତ ଆଶଙ୍କା ସଙ୍କେତ ୦.୮୧, ପ୍ରୋଷ୍ଟେଟ୍ କ୍ୟାନ୍‌ସର୍ ସଙ୍କେତ ୦.୮୯, ସ୍ତନ କର୍କଟରୋଗ ୦.୮୭ ଓ ମୃତ୍ୟୁ ୦.୮୪ ଇତ୍ୟାଦି। କିନ୍ତୁ, ଏଥିରୁ ସଠିକ୍ ଅର୍ଥ ବାହାର କରିବା ସମସ୍ତଙ୍କ ପକ୍ଷେ ସହଜ ନୁହେଁ। 'ସ୍ଲିପ୍ ଏଫ୍‌ଏମ୍' କିପରି ଭାଷା, ବିଶେଷକରି ଇଂରେଜୀ ଭାଷାରେ ରୋଗ ସଂକ୍ରାନ୍ତ ପୂର୍ବାଭାସ ସୂଚାଇବ ତା'ଉପରେ ଗବେଷଣା ଚାଲିଛି ବୋଲି ଡାକ୍ତର ଜୌ କହିଛନ୍ତି।

## ସେବା ସମବାୟ ସମିତି ଧାନ ମଣ୍ଡି ଉଦ୍‌ଘାଟିତ



**ବାଲିକୁଦା, ୨୩ା୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ସଂଗ୍ରାମପୁରୁ ଗ୍ରାମ ପଞ୍ଚାୟତ ଅଧୀନ ରେ ସଂଗ୍ରାମ ପୁର ସେବା ସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିକୁଦା ପଞ୍ଚାୟତ ସମିତି ୧ନମ୍ବର ଜୋନ ର ଜିଲ୍ଲା ପରିଷଦ ସଭ୍ୟା ଡ଼ଲି ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ପଣ୍ଡିତଙ୍କ ଦ୍ୱାରା ମଣ୍ଡି ପୂଜା ଅର୍ଚନା କରାଯାଇ ମୁଖ୍ୟ ଅତିଥି ଫିତା କାଟିବା ସହ ନଡ଼ିଆ ବାଡେଇ ମଣ୍ଡି ଉଦଘାଟନ କରିଥିଲେ। ସଂଗ୍ରାମପୁର ସେବା ସମବାୟ ସମିତିର ସଂପାଦକ ବିଚିତ୍ରାନନ୍ଦ ନାୟକ, ସଭାପତି ଶୁକୁମାର ଦାସ, ପୂର୍ବତନ ସମିତି ସଭ୍ୟ ଭଗତ ପରିଜା, ପୂର୍ବତନ ସରପଞ୍ଚ ସଞ୍ଜୟ ଭାରତୀ, ସମିତି ସଭ୍ୟ ନାଥ କାଣ୍ଡି ମଣ୍ଡି ନୋଡାଲ ଅଧିକାରୀ ସର୍ବେଶ୍ୱର ଦାଶ, ଶୁଶାନ୍ତ କୁମାର ବେହୁରା, ପ୍ରତାପ ନାୟକ ପ୍ରମୁଖ ଯୋଗଦେଇଥିଲେ। ଚଳିତ ଖରିଫ ଋତୁ ପାଇଁ ଏହି ସମବାୟ ସମିତି ରେ ୪୬୮ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକୃତ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୬ଜଣ ଚାଷୀଙ୍କ ଠାରୁ ୧୨୦୨ କୁଇଣ୍ଟାଲ ଧାନ କିଣାଯିବର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ମଣ୍ଡିର ନୋଡାଲ ଅଫିସର ପ୍ରକାଶ କରିଛନ୍ତି।

## ଜିଲ୍ଲା ମହୋତ୍ସବ 'ଯତରା' ନିମନ୍ତେ ପ୍ରସ୍ତୁତି ବୈଠକ



**ସୁନ୍ଦରଗଡ଼, ୨୩ା୧ (ସଂଚାର ବ୍ୟୁରୋ):** ଗୁରୁବାର ସ୍ଥାନୀୟ ବିକାଶ ଭବନ ଠାରେ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧକ୍ଷ ଡ଼ା ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଜିଲ୍ଲା ମହୋତ୍ସବ 'ଯତରା -୨୦୨୬' ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଫେବୃଆରୀ ୮ ରୁ ୧୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ନିକଟସ୍ଥ ଯତରା ପଡ଼ିଆ ଠାରେ ସୁନ୍ଦରଗଡ଼ ଜିଲ୍ଲା ମହୋତ୍ସବ ଯତରା ଆୟୋଜିତ ହେବ। ବୈଠକରେ ଜିଲ୍ଲାପାଳ ଡ଼ା ମହାପାତ୍ର ଯତରା ନିମନ୍ତେ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରି ଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ଯେଉଁଥିରେ ଆଞ୍ଚଳିକ, ରାଜ୍ୟ ସ୍ତରୀୟ ଏବଂ ଜାତୀୟ ସ୍ତରୀୟ ପ୍ରମୁଖ କଳାକାର ମାନେ ଅଂଶ ଗ୍ରହଣ କରିବେ।ତାରକା ରାତ୍ରି ସହିତ ଏକ ସାଂସ୍କୃତିକ ଶୋଭାଯାତ୍ରା ମଧ ଆୟୋଜିତ ହେବ। ସେହିଭଳି ବିଭିନ୍ନ ବର୍ଗରେ ପ୍ରତିଯୋଗୀତା, ଆଲୋଚନା ଚକ୍ର ଆଦି ମଧ ଅନୁଷ୍ଠିତ ହେବ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବ୍ୟକ୍ତି, ଅନୁଷ୍ଠାନ, ସଂସ୍ଥା ଆଦିଙ୍କୁ ସମ୍ବର୍ଦ୍ଧିତ ମଧ କରାଯିବ। ଏହା ଛଡ଼ା ଆସନ୍ତା ଫେବୃଆରୀ ୧ ରୁ ୫ ତାରିଖ ମଧରେ ସମସ୍ତ ବ୍ଲକ ସ୍ତରରେ ମଧ ଯତରା ଅନୁଷ୍ଠିତ ହେବ। ବୈଠକରେ ଉପସ୍ଥିତ ସଦସ୍ୟ ମାନେ ଯତରାକୁ କିଭଳି ଶାନ୍ତି ଶୃଙ୍ଖଳାର ସହିତ ସରସ ସୁନ୍ଦର ଭାବେ ଆୟୋଜନ କରାଯିବ ସେ ନେଇ ନିଜ ନିଜର ମତାମତ ରଖିଥିଲେ।

## ଜିଲ୍ଲା ଗୃହରକ୍ଷୀ ୱେଲଫେୟାର ଫଣ୍ଡରୁ ଗୃହରକ୍ଷୀଙ୍କ ପରିବାରଙ୍କୁ ଆର୍ଥିକ ସହାୟତା



**କନ୍ଧମାଳ, ୨୩ା୧ (ସଂଚାର ବ୍ୟୁରୋ):** ଜିଲ୍ଲା ଗୃହରକ୍ଷୀ କମାଣ୍ଡେଣ୍ଟ ଯୁକ୍ତ ହରିଶ୍ ବଶିଙ୍କ ତତ୍ତ୍ୱାବଧନାରେ କନ୍ଧମାଳ ଜିଲ୍ଲା ଶୃଙ୍ଖଳିତ ପଞ୍ଜୀକୃତ ହୋମଗାର୍ଡ ସଂଘ କର୍ମକର୍ତ୍ତାଙ୍କ ଉଦ୍ୟମରେ ଗଠନ ହୋଇଥିବା ୱେଲଫର ଫଣ୍ଡରୁ ରୋଗ ସଜ୍ୟାରେ ପଡ଼ି ଅକାଳ ବିୟୋଗ ହେଇଥିବା ସାରଙ୍ଗଗଡ଼ ଥାନାର ମୃତ ଗୃହରକ୍ଷୀ ମଦନ ମଲ୍ଲିକଙ୍କ ଧର୍ମପତ୍ନୀ ସ୍ୱରସତୀ ପ୍ରଧାନଙ୍କୁ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଗୃହରକ୍ଷୀ ମାନଙ୍କ ଗୋଟିଏ ଦିନର ଦରମା ଟଙ୍କା କନ୍ଧମାଳ ଜିଲ୍ଲା ଗୃହରକ୍ଷୀ ୱେଲଫର ଫଣ୍ଡରେ ଜମାକରି ତିନି ଲକ୍ଷ ଟଙ୍କା ସଂଘଠନ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। କିନ୍ତୁ ଦୁଃଖର ବିଷୟ ଜଣେ ଗୃହରକ୍ଷୀ କର୍ମଚାରୀ ଜୀବନ ସାରା ପୋଲିସ ବିଭାଗରେ କାର୍ଯ୍ୟକରି ଶେଷ ଅବସ୍ଥାରେ ଜଦି କୈଣସି ହୋମଗାର୍ଡ କର୍ମଚାରୀ ମୃତ୍ୟୁବରଣ କରନ୍ତି କିମ୍ବା ଅବସର ଗ୍ରହଣ କରନ୍ତି ତାଙ୍କ ପରିବାର ସଦସ୍ୟଙ୍କୁ ରାଜ୍ୟ ସରକାରଙ୍କ ତରଫରୁ କୈଣସି ଅନୁକମ୍ପା ମୂଳକ ସହାୟତା ମିଳୁନଥିଲା। ବର୍ତ୍ତମାନ ବିଜେପି ରାଜ୍ୟ ସରକାର ଙ୍କ ତରଫରୁ ଆଗାମୀ ଦିନରେ କିଛି ପରିବର୍ତ୍ତନ କାର୍ଯ୍ୟକ୍ରମ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିବା ପାଇଁ କନ୍ଧମାଳ ଜିଲ୍ଲା ଶୃଙ୍ଖଳିତ ପଞ୍ଜୀକୃତ ହୋମଗାର୍ଡ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସଂଘ ପକ୍ଷରୁ ସୂଚନା ମିଳିଛି। ଏବଂ କନ୍ଧମାଳ ଜିଲ୍ଲା ଏସ୍ପି ହୋମଗାର୍ଡ ମାନଙ୍କ ମଙ୍ଗଳ ଉଦେଶ୍ୟ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ କରିଥିବାରୁ ସଂଘଠନ ତରଫରୁ ଧନ୍ୟବାଦ ଅର୍ପଣ କରୁଥିବା ଦେଖିବାକୁ ମିଳୁଛି। ଉକ୍ତ କାର୍ଯ୍ୟକ୍ରମରେ ଉପରିସ୍ଥ ଅଧିକାରୀ ଏବଂ ସଂଘ ସଭାପତି ପ୍ରଭାତ କୁମାର ସାହାଣୀ ଆବାହକ ତଥା ଉପ ସଭାପତି ବିରାଜ କୁମାର ପ୍ରଧାନ ଜୟନ୍ତ ଚୈଧୁରୀ, ସାଫରିନ ଖାନ ଉପସ୍ଥିତ ଥିଲେ ।

## ଆମ ଭାରତ ଗୋଟିଏ ଦେଶ ଯେଉଁଠି ନାରୀ ଦେବୀ, ମା, ଭଗିନୀ, ଶକ୍ତିସ୍ୱରୂପେଣୀ ଭାବେ ପୂଜା ପାଆନ୍ତି




**କଳିଙ୍ଗନଗର, ୨୩ା୧ (ସଂଚାର ବ୍ୟୁରୋ):** ସରସ୍ୱତୀ ଶିଶୁ ମନ୍ଦିର କଳିଙ୍ଗନଗର ରେ ଅନୁଷ୍ଠିତ ହୋଇଥିବା ମାତୃସମ୍ମିଳନୀ ରେ ମୁଖ୍ୟ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦ ସହ ସମ୍ପାଦିକା ଓ ଦୁର୍ଗା ବାହିନୀର ରାଷ୍ଟ୍ରୀୟ ସଂଯୋଜିକା ସୁଶ୍ରୀ ପ୍ରଜ୍ଞା ପାରମିତା ମାହାଲା ଯୋଗ ଦେଇ ଉପସ୍ଥିତ ଶତାଧିକ ମା ମାନଙ୍କୁ ଆଜିର ଦୁନିଆରେ ଶିଶୁ ମାନଙ୍କୁ କିପରି ଗଢି ତୋଳିବା ସେ ସମ୍ବନ୍ଧିୟ ମାର୍ଗ ଦର୍ଶନ ଦେଇଥିଲେ। ଆଜିର ବ୍ୟସ୍ତ ବହୁଳ ଜୀବନରେ ମୋବାଇଲ କିପରି ପିଲାମାନଙ୍କୁ ଖରାପ ରାସ୍ତାରେ ନେଉଛି, ବସୁଦେବ କୁଟୁମ୍ବକମ ପରି ପରିବାର କିପରି ଭାଇ ଭାଇ ଭିନ୍ନ ହେଲେ ଆଗାମୀ ବଂଶ ଧର ଶିଶୁ ମାନଙ୍କ ଉପରେ ତାର କୁ ପ୍ରଭାବ ପଡୁଛି, ରାମାୟଣ ର ପ୍ରଭୁ ଶ୍ରୀରାମ ଭାଇ ଭରତ, ଲକ୍ଷ୍ମଣ ଓ ମାତା ସୀତା ଙ୍କର କଥାବସ୍ତୁ କୁ ସୁନ୍ଦର ଶୈଳୀ ରେ ଉପସ୍ଥାପନା କରି ବୁଝାଇ କହିଥିଲେ। ଜ୍ଞାନ, ବିବେକ, ବୁଦ୍ଧି ପାଇଁ ଦେବୀ ବୀଣାପାଣି ଙ୍କୁ ଆବାହନ ପୂଜା କରାଯାଏ ଆମେ ସମସ୍ତେ ଭାଗ୍ୟବାନ. ଆମ ଦେଶ, ସଂସ୍କୃତି, ପରମ୍ପରା ସହ ନାରୀ ଶକ୍ତି ଜଡିତ ଅଛି କହିବା ସହ ଭାରତ ବର୍ଷ ସେଇ ଗୋଟିଏ ଦେଶ ଯେଉଁଠି :ନାରୀ ମା, ଭଗିନୀ ଓ ଦେବୀ ଭାବେ ପୂଜା ପାଆନ୍ତି ଯେଉଁଠି ନାରୀ ପୂଜା ପାଆନ୍ତି ସେ ଦେଶରେ ମାତୃ ମାନେ ପୂଜ୍ୟ, ଶକ୍ତିମୟୀ, ଗୋ ମାତା ଙ୍କର ଆମ ସମାଜ ପାଇଁ ଦାନ, ଆଜିର ଶିଶୁ ମାନେ କିପରି ବିଦ୍ୟା ଲାଭ କରି ଆମ ରାଷ୍ଟ୍ର ନିର୍ମାଣ କରିବା ରେ ସହଭାଗୀ ହେବେ ଓ ସେଥିପାଇଁ କେବଳ ବିଦ୍ୟାଳୟ ରେ ଗୁରୁମା ଓ ଗୁରୁଜୀ ଙ୍କର ଦାୟିତ୍ୱ ନୁହେଁ ସମସ୍ତ ମା ବାପା ବିଦ୍ୟାଳୟର ଅଂଶୀଦାର, ଭାଗିଦାରୀ ହୋଇ ପରସ୍ପର ସହଯୋଗ ରେ ଶିଶୁ ମାନେ ଭଲ ମଣିଷ ହୋଇ ପାରିବେ ବୋଲି ଅଭିବ୍ୟକ୍ତି ରଖିଥିଲେ।

## ବରିଷ୍ଠ ନାଗରିକଙ୍କ ହୃଦଘାତରେ ପରଲୋକ

**ତିର୍ତ୍ତୋଲ, ୨୩ା୧ (ସଂଚାର ବ୍ୟୁରୋ):** ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ଅଧିନସ୍ତ ସାଗବାରିଆ ଗ୍ରାମର ପୂର୍ବତନ ଜଗନ୍ନାଥପୁର ଗ୍ରାମ ପଞ୍ଚାୟତ ସମ୍ପାଦକ ବିର କିଶ୍ୱର ଦାସ ଙ୍କ ଗତ ବୁଧବାର ଦିନ ମଧ ରାତ୍ରୀରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ନିକଟସ୍ଥ ମଣିଯଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରେ କୁ ନିଆଯାଇଥିଲା। ପରେ ପରେ ଦେହ ଅଧିକ ବିଗିଡିବାରୁ ତାଙ୍କୁ ଡାକ୍ତର ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କୁ ପଠାଇ ଥିଲେ ଓ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ବେଳକୁ ତାଙ୍କ ପାଖରେ ପରିବାର ଲୋକେ ଉପସ୍ଥିତ ଥିଲେ। ହଟାତ୍ ତାଙ୍କର ବେଭଳି ମୃତ୍ୟୁ ଖବର ପାଇ ଅଞ୍ଚଳରେ ସୋକର ଛାୟା ଖେଳି ଯାଇଛି।

### ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ତେଜୁଛି ବିବାଦ

# ଛାତ୍ରୀଙ୍କ ମାଧ୍ୟମରେ କରୁଛନ୍ତି କାମ, ପଦକ୍ଷେପ ଜିରୋ



**କନ୍ଧମାଳ, ୨୩ା୧ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ଙ୍କର ଦୁର୍ନୀତି ମୁକ୍ତ ଅଭିଯାନ ବା ଦୁର୍ନୀତି ବିରୋଧୀ କାର୍ଯ୍ୟକ୍ରମ କନ୍ଧମାଳ ଜିଲ୍ଲା ରେ ବାଟ ବଣା ହେଉଥିବା ଦେଖିବାକୁ ମିଳୁଛି। ମୁଖ୍ୟମନ୍ତ୍ରୀ ଙ୍କ ନିର୍ଦ୍ଦେଶ କୁ କନ୍ଧମାଳ ଜିଲ୍ଲା ରେ ଖୁଲମ୍ ଖୁଲା ବେଖାତିରି କରି ଦୁର୍ନୀତି କାରି କର୍ମଚାରୀ ମାନଙ୍କୁ ଘଣ୍ଟ ଘୋଡ଼ା ନୀତି ଚଲେଇ ଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନ ବଲି ଚର୍ଚ୍ଚା ଜୋର ଧରିଛି। କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ୍ ସ୍ଥିତ ସୁଗଡ଼ବାଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ଏବଂ ସହକାରୀ ଶିକ୍ଷୟିତ୍ରୀ ଓ ମେଟ୍ରୋନ ହରଡ଼ ଘଣାରେ। ଉକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଙ୍କ ବିରୋଧରେ ଅଭିଯୋଗ ହେବା ପରେ ବାଲିଗୁଡ଼ା ଉପ ଜିଲ୍ଲାପାଳ ମହୋଦୟା ଏହାର ତଦନ୍ତ କରି ରିପୋର୍ଟ ଦେବାପାଇଁ ରାଇକିଆ ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ ଙ୍କୁ ଚିଠି କରି ସତ୍ୟା ସତ୍ୟ ରିପୋର୍ଟ ମାଗିଥିଲେ। କିନ୍ତୁ ରାଇକିଆ ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ ଡବ୍ଲୁଇଓ ଜଣଙ୍କ ଚଞ୍ଚକତା କରି ଥିବା ଜଣା ପଡ଼ିଛି। ଡବ୍ଲ୍ୟୁ ଜଣଙ୍କ ବିଦ୍ୟାଳୟ କୁ ଯାଇ ସମସ୍ତ ଶିକ୍ଷୟିତ୍ରୀ ଙ୍କୁ ଏକାଠି କରି ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଙ୍କ ନାମରେ ଆସିଥିବା ଅଭିଯୋଗ ମିଥ୍ୟା ବଲି ସମସ୍ତେ କହିବା ସହିତ ଦସ୍ତଖତ କରିକି ଦେବାପାଇଁ କହିଥିଲେ। କିନ୍ତୁ ଏଥିରେ କିଛି ଶିକ୍ଷୟିତ୍ରୀ ହଁ କରି ଦସ୍ତଖତ କରିଥିବା ବେଳେ ଆଉ କିଛିଜଣ ଶିକ୍ଷୟିତ୍ରୀ ଦସ୍ତଖତ କରିବାକୁ ମନା କରିଥିଲେ ଯାହା ଫଳରେ କି ବିଦ୍ୟାଳୟ ରେ ପୁଣି ପ୍ରଧାନ ଶିକ୍ଷୟିତ୍ରୀ ଅନ୍ୟ ଶିକ୍ଷୟିତ୍ରୀ ମାନଙ୍କ ଉପରେ ଅସନ୍ତୋଷ କରିବା ସହିତ ଡବ୍ଲ୍ୟୁ ମଧ ରାଗିଯାଇ ଥିବା ସୂଚନା ମିଳିଛି। ଆପଣ ମାନେ ଭାବନ୍ତୁ କନ୍ଧମାଳ ଜିଲ୍ଲା ରେ ଦୁର୍ନୀତି କାରି କର୍ମଚାରୀ ମାନଙ୍କୁ ଘଣ୍ଟ ଗୋଡ଼େଇବା ପାଇଁ କେତେ ନ ପ୍ରୟାସ୍ କରୁଛନ୍ତି ସମ୍ପ୍ରସାରଣ ଅଧିକାରିଣୀ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ଓ ରାଇକିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ। ମାତ୍ର ପ୍ରଧାନ ଶିକ୍ଷୟିତ୍ରୀ ରାଇକିଆ ବିଇଓ, ଏବିଇଓ, ସିଆରସିସି ଏବଂ ଡବ୍ଲ୍ୟୁଓ ଙ୍କ ସହିତ ମିଶି ନିଜ ଦୋଷକୁ ଲୁଚେଇବା ପ୍ରୟାସ କରିଥିବା ସାମ୍ନାକୁ ଆସିଛି। ବିନା କୌଣସି ମିଟିଂରେ ଏସ୍ ଏମ୍ ସି କମିଟି ସଦସ୍ୟ ଏବଂ ସଭାପତି ଙ୍କୁ ମୋହରା ବନାଇ ସେମାନ ଙ୍କ ଘରକୁ ଯାଇ ବିଭିନ୍ନ ଆଳରେ ସେମାନଙ୍କଠାରୁ ନିଜର ବ୍ୟକ୍ତିଗତ ସାର୍ଟିଫିକେଟ୍ ହାସଲ କରି ରିପୋର୍ଟ ଦେଇଛନ୍ତି। ଯାହାକୁ ନେଇ ଏବେ ଉକ୍ତ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିବା ସହିତ ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ଦାବି ହେଉଛି। ଏହି ଦୁଇ ଶିକ୍ଷୟିତ୍ରୀ ପ୍ରାୟ ୧୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସୁଗଡ଼ବାଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ରହିଛନ୍ତି। ଦୀର୍ଘ ବର୍ଷ ଧରି ଗୋଟିଏ ସ୍ଥାନରେ ରହି ବିଭିନ୍ନ କେଳେଙ୍କାରୀ କାର୍ଯ୍ୟରେ ଲିପ୍ତ ରହିଛନ୍ତି ଶିକ୍ଷୟିତ୍ରୀ ଯାହାକି ତାଙ୍କ ନାମରେ ଅନେକ ଥର ଅଭିଯୋଗ ମଧ ହେଇଥିବା ସୂଚନା ମିଳିଛି। ଆଦିବାସୀ ଛାତ୍ରଛାତ୍ରୀ ଙ୍କ ନିମନ୍ତେ ଆସୁଥିବା ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଥିବା ନେଇ ବିଭିନ୍ନ ଗଣମାଧମରେ ଖବର ପ୍ରସାରଣ ହେଇଥିଲେ। ଏପରିକି ଚାଉଳ ବିକ୍ରି ସମୟରେ ଗ୍ରାମବାସୀଙ୍କ ମଧରେ ବହୁ ପାଟି ତୁଣ୍ଡ ହୋଇଥିବା ମଧ ଜଣାପଡ଼ିଛି।

## ପ୍ରଶାସନ ପକ୍ଷରୁ ଏକତା ପଦଯାତ୍ରା ଅନୁଷ୍ଠିତ




**ସୁବର୍ଣ୍ଣପୁର, ୨୩ା୧ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରୁ ଏହା ଆରମ୍ଭ ହୋଇ ହୋଇ ନଳିନୀ ଛକ, ବସଷ୍ଟାଣ୍ଡ, ବିଜୁ ପଟ୍ଟନାୟକ ଛକ, ମହିପଡା, ଫକୀର ପଟ୍ଟନାୟକ ଛକ, ପର୍ଶୁରାମ ଛକ ଦେଇ ଏହା ସୋନପୁର ମହାବିଦ୍ୟାଳୟ ଠାରେ ପହଞ୍ଚିଥିଲା। ପ୍ରଥମେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ ପଦଯାତ୍ରାର ସମସ୍ତ ଅଂଶ ଗ୍ରହଣ କରିଥିବା ଅଧିକାରୀ, କର୍ମଚାରୀ, ଗଣମାଧମର ପ୍ରତିନିଧି, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କର ଛାତ୍ର ଛାତ୍ରୀ ମାନଙ୍କୁ ଏକତାର ସତ୍ୟପାଠ କରାଇଥିଲେ। ତାପରେ ଜିଲ୍ଲାପାଳ ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶପଥ ପାଠ ସମୟରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର, ସୋନପୁର ପୌରଧକ୍ଷା ତାମସୀ ତମସ୍ମିତା ନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଅର୍ଜୁନ ମାଝୀ ଆଡିଶିନାଲ ଏସପି କେ.କେ ହରିପ୍ରସାଦ, ଡିଏସପି ରେଣୁକା ସୁନା, ଲେଫ୍ଟନାନ୍ଟ ଆଶିଷ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପଦଯାତ୍ରା ସୋନପୁର ମହାବିଦ୍ୟାଳୟ ଠାରେ ପହଞ୍ଚିବା ପରେ ସେଠାରେ ଗ୍ରାମ୍ୟ ଯୁବ ଏକତା ଶିବିର ଆୟୋଜିତ ହୋଇଥିଲା ଏଥିରେ ଗୋଷ୍ଠୀ ଆଲୋଚନା, ପ୍ରେରଣା ଦାୟକ ଅଧିବେଶନ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଧୀରେନ୍ଦ୍ର କୁମାର ମିଶ୍ର, ଡି.ପି.ଓ, ଏନ୍ଏସଏସ ନୋଡାଲ ଅଫିସର ଭାବେ ଦାୟିତ୍ୱ ତୁଲାଇଥିଲେ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କ ଶପଥ ପାଠ



**ସୁବର୍ଣ୍ଣପୁର, ୨୩ା୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଦ୍ୱାରା ଆଗାମୀ ୨୫.୦୧.୨୦୨୬ ଦିନ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ମତଦାତା ଦିବସ ପାଳନ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ମାନଙ୍କୁ ମତଦାତା ଶପଥ ପାଠ କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁବର୍ଣ୍ଣପୁର ରାଜେନ୍ଦ୍ର ମାଝୀ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ଜିଲ୍ଲା ନିର୍ବାଚନ ଅଧିକାରୀ, ଯଶ୍ୱସିନି ପୁଥାଲ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର, ଅର୍ଜୁନ ମାଝୀ ଉପସ୍ଥିତଥିଲେ।

## ଶ୍ରୀଜଗନ୍ନାଥ ହାଇସ୍କୁଲର ପୁରୁଣା ସାମଗ୍ରୀ ବିକ୍ରିକୁ ନେଇ ଥାନାରେ ଅଭିଯୋଗ

**ନାଉଗାଁ, ୨୩ା୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନାର ଘୋଡାଂଶ ପଞ୍ଚାୟତ ଅନ୍ତର୍ଗତ ଓଡପଏଙ୍ଗାସ୍ଥିତ ଶ୍ରୀ ଜଗନ୍ନାଥ ହାଇସ୍କୁଲର ପୁରୁଣା ସାମଗ୍ରୀକୁ ବିକ୍ରି ହୋଇଥିବା ନେଇ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକାରୀ ହେଉଛନ୍ତି ହରିଶପୁର ଗ୍ରାମର ସୁକାନ୍ତ କୁମାର ରାଉଳ ବୋଲି ଜଣାଯାଇଛି। ଅଭିଯୋଗ ମୁତାବକ ଉକ୍ତ ହାଇସ୍କୁଲରେ ଉନ୍ନୟନମୂଳକ କାର୍ଯ୍ୟ ଚାଲୁ ରହିଛି। କାର୍ଯ୍ୟ ଚାଲୁଥିବା ହେତୁ ସ୍କୁଲରେ ଲାଗିଥିବା ପୁରୁଣା କବାଟ, ଝରକା, ଲୁହା ଗ୍ରିଲ୍ ଓ ପୁରୁଣା ସାମଗ୍ରୀ ଆଦିକୁ ବାହାର କରାଯାଉଛି। ହେଲେ ଏହି ସମାଗ୍ରୀକୁ ଜନୈକ ବ୍ୟକ୍ତି ମନଇଛା କାହାକୁ ନ ପଚାରି ବିକ୍ରି କରୁଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଅସାଧୁ ଉପରେ ସରକାରୀ ଜିନିଷକୁ ବିକ୍ରି କରୁଥିବାରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶ୍ରୀ ରାଉଳ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ଉପରେ ତଦନ୍ତ ଚାଲିଥିବା ଥାନାଧିକାରୀ ପ୍ରଦିପ୍ତ କାନୁନଗୋ କହିଛନ୍ତି।

## ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ



**ସୁବର୍ଣ୍ଣପୁର, ୨୩ା୧ (ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ମିନି ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ଅଧକ୍ଷତା କରିଥିଲେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ। ବୈଠକରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ଗତ ଡିସେମ୍ବର ମାସରେ ଆୟୋଜିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ବିଷୟରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ ଏବଂ ଜିଲ୍ଲାରେ ସଡ଼କ ଦୁର୍ଘଟଣାର ସଂଖ୍ୟା କମ କରିବା ପାଇଁ କଣ କଣ ପଦକ୍ଷେପ ନିଆଯାଇପାରିବ ସେ ସମ୍ପର୍କରେ ସମିତିର ସଦସ୍ୟମାନଙ୍କ ସହିତ ଆଲୋଚନା କରାଯାଇଥିଲା। ବୈଠକକୁ ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ପରିଚାଳନା କରିଥିଲେ। ଏହି ବୈଠକରେ ସମସ୍ତ କମିଟି ସଦସ୍ୟ ବୃନ୍ଦ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଆଲୋଚିତ ବିଷୟମାନଙ୍କ ମଧରେ ଉଲୁଣ୍ଡା ରୁ ସିଂହୋଲ ରାସ୍ତାରେ ଥିବା ଡୁଡୁପାଲି ଛକକୁ ବ୍ଲାକ୍ ସ୍ପଟ୍ ଭାବେ ଘୋଷଣା କରିବା ଓ ସେଠାରେ ସଡ଼କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସମ୍ପର୍କରେ ଚର୍ଚ୍ଚା ହୋଇଥିଲା। ଜିଲ୍ଲା ସଡ଼କ ଓ କୋଠା ବିଭାଗକୁ ଡୁଡୁପାଲି ଛକରେ ଏକ ସ୍ପିଡ଼ ବ୍ରେକର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ବିଭିନ୍ନ ବିଦ୍ୟାଳୟ ଏବଂ କ୍ଲବ ସମୂହରେ ସରସ୍ୱତୀ ପୂଜା

**ବୈଶିଙ୍ଗା, ୨୩ା୧ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଓ ଏହାର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ବିଦ୍ୟା ଦାତ୍ରୀ ମାଆ ସରସ୍ୱତୀ ଦେବୀ ଙ୍କ ର ପୂଜାର୍ଚ୍ଚନା ମହା ସମାରୋହରେ ପାଳିତ ହୋଇଥିବାର ଜଣାଯାଇଛି। ଛାତ୍ର ଛାତ୍ରୀ ମାନେ ନବ ବସ୍ତ୍ର ପରିଧାନ କରି ଦଳ ଦଳ ହୋଇ ବିଦ୍ୟାଳୟକୁ ଆସୁଥିବାର ଦେଖିବାକୁ ମିଳିଥିଲା। ରାଇକମା ସ୍ଥିତ ଆଶ୍ରମ ବିଦ୍ୟାଳୟ, ରଘୁନାଥ ଉଚ୍ଚ ବିଦ୍ୟାଳୟ, ହେମପୁର ଉଚ୍ଚ ବିଦ୍ୟାଳୟ, ପୁରୁଣିଆ ଉଚ୍ଚ ବିଦ୍ୟାଳୟ, ଖଇରବଣୀ ଆଶ୍ରମ ବିଦ୍ୟାଳୟ, ଖୁଣ୍ଟାପୁର ସତ୍ୟସାଇ ବିଦ୍ୟାପୀଠ, ବୈଶିଙ୍ଗା ମୁନିଲାଲ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ବାଳିକା ବିଦ୍ୟାଳୟ ସମେତ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ମାଆ ସରସ୍ୱତୀ ଙ୍କ ପୂଜାର୍ଚ୍ଚନା କରାଯାଇଥିଲା।

## ସ୍ଥାନାନ୍ତରିତ ହେଲା ବସଷ୍ଟାଣ୍ଡ; ସହରରେ ଖୁସିର ମାହୋଲ



**ସୁବର୍ଣ୍ଣପୁର, ୨୩ା୧ (ସଂଚାର ବ୍ୟୁରୋ):** ସୋନପୁର ସହରରେ ଥିବା ପୁରୁଣା ବସଷ୍ଟାଣ୍ଡ କୁ ସମଲେଶ୍ୱରୀ ମନ୍ଦିର ପାଖରେ ଥିବା ମ୍ୟୁନିସିପାଲଟି କଲ୍ୟାଣ ମଣ୍ଡପ ପାର୍ଶ୍ୱକୁ ସ୍ଥାନାନ୍ତରିତ କରାଯାଇଛି। ପୁରୁଣା ବସଷ୍ଟାଣ୍ଡ ଥିବା ସ୍ଥାନରେ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ୍ ଭାବରେ ବସଷ୍ଟାଣ୍ଡ ନିର୍ମାଣ ହେବା ନେଇ ଟେଣ୍ଡର ପ୍ରକ୍ରିୟା ସରିଥିବା ବେଳେ ଦୀର୍ଘ ଦିନ ହେଲା ନିର୍ମାଣକାରୀ ସଂସ୍ଥା ଅସ୍ଥାୟୀ କ୍ୟାମ୍ପ କରି ରହିଛି। ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଗତବର୍ଷ ଅକ୍ଟୋବର ୨ ତାରିଖ ଦିନ ଉପ ମୁଖ୍ୟମନ୍ତ୍ରୀ ଏବଂ ବଲାଙ୍ଗୀର ସାଂସଦ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅସ୍ଥାୟୀ ବସଷ୍ଟାଣ୍ଡ ପାଇଁ ଜିଲ୍ଲାପାଳଙ୍କ ବାରମ୍ବାର ଉଦ୍ୟମ, ପ୍ରଚେଷ୍ଟା ଏବଂ ମାରାଥନ ଗସ୍ତ ଲାଗି ରହିଥିବା ବେଳେ ଆଜି ବାସ୍ତବ ରୂପ ନେଇଛି ବସଷ୍ଟାଣ୍ଡ । ସେପଟେ କିଛି କୁଚକ୍ରୀ ଗୋଷ୍ଠୀ ବାଧା ସୃଷ୍ଟି କରୁଥିବା ଏବଂ ଏହାଯୋଗୁଁ ନୂତନ ବସଷ୍ଟାଣ୍ଡ ନିର୍ମାଣ ନେଇ ସହର ରେ ବେଶ୍ ଚର୍ଚ୍ଚା ହେଉଥିଲା। ଶେଷରେ ଆଜି ପବିତ୍ର ଶ୍ରୀପଞ୍ଚମୀ ଦିନ ଅସ୍ଥାୟୀ ବସଷ୍ଟାଣ୍ଡ କୁ କାର୍ଯ୍ୟକ୍ଷମ କରାଯାଇଥିବା ବେଳେ ନୂତନ ବସଷ୍ଟାଣ୍ଡ ନିର୍ମାଣର ପଥ ସୁଗମ୍ୟ ହୋଇଥିବାରୁ ସହର ରେ ଖୁସି ର ଲହରୀ ଖେଳି ଯାଇଛି ।

### ଆଇନ ବିନା ଦଣ୍ଡଦେବା ଗୁରୁତର ଅପରାଧ

## ଅଧିକାର ପୂର୍ବରୁ କରିବାକୁ ପଡ଼ିବ କର୍ତ୍ତବ୍ୟ ପାଳନ




**ଭଞ୍ଜନଗର, ୨୩ା୧ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ତାଲୁକ ଆଇନ ସେବା କମିଟି ପକ୍ଷରୁ ଶୁକ୍ରବାର ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ଅତିରିକ୍ତ ଜିଲା ଦୌରାଜଜ ତଥା ଅଧକ୍ଷ, ତାଲୁକ ଆଇନ ସେବା କମିଟି ସେଖ ମହମ୍ମଦ କଏସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋଷ ଆଇନ (କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡନ ନିରୋଧ ଆଇନ), ସାମ୍ବିଧାନିକ ଅଧିକାର ଓ ନାଗରିକଙ୍କ କର୍ତ୍ତବ୍ୟ ସମ୍ପର୍କରେ କହିଥିଲେ। ଏଥିସହ ସେ କହିଥିଲେ ଯେ, ଲୋକେ ଆଇନ ବିଷୟରେ ସଚେତନ ଥିଲେ ସମାଜରେ ନ୍ୟାୟ ଓ ସମତା ପ୍ରତିଷ୍ଠା ହୋଇପାରିବ। ଆଇନରୁ ଉର୍ଦ୍ଧ୍ୱରୁ କିଏ ନାହିଁ, ସମ୍ବିଧାନ ହେଉଛି ଶ୍ରେଷ୍ଠ। ଅନ୍ୟକୁ ନୀଚ ଦେଖାଇବା ଠିକ ନୁହଁ। ଅଧିକାର ଚାହୁଁଛ ତେବେ କର୍ତ୍ତବ୍ୟ ମଧ ଠିକ ଭାବେ କରିବାକୁ ପଡ଼ିବ। ଶାନ୍ତିପୂର୍ଣ୍ଣ ଭାବେ ଆମ ଦେଶରେ ବସବାସ କରିବା ଆମର ଅଧିକାର ଅଛି। ଆମ ଦେଶର ସମ୍ବିଧାନ ହେଉଛି ବିଶର ବୃହତ୍ତମ ଓ ଶକ୍ତିଶାଳୀ ସମ୍ବିଧାନ। ଅନେକ ଦେଶର ସମ୍ବିଧାନ ବିଫଳ ହୋଇଛି। କିନ୍ତୁ ଆମ ସମ୍ବିଧାନ ଆମକୁ ଶାନ୍ତିରେ ରହିବାକୁ ଦେଇଛି।

## ୯ ମ ବାଲକାଟି ପ୍ରିମିୟର ଲିଗ ଟୁର୍ଣ୍ଣାମେଣ୍ଟ ଆରମ୍ଭ

**ବାଲିଅନ୍ତା, ୨୩ା୧ (ସଂଚାର ବ୍ୟୁରୋ):** ବାଲକାଟି କଲେଜ ପଡିଆରେ ଜାଗେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ବାଲକାଟି ପ୍ରେମିୟର ଲିଗ ଟୁର୍ଣ୍ଣାମେଣ୍ଟର ୯ ମ ସଂସ୍କରଣ ଆଜି ଉଦଘାଟିତ ହୋଇଯାଇଛି। କ୍ଲବ ସଭାପତି ଇଁ.ରୁଦ୍ର ପ୍ରସାଦ ଭଞ୍ଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଅତିଥିଭାବେ ଜିଲ୍ଲାପରିଷଦ ସଭ୍ୟା କୁନମୁନ ଲେଙ୍କା, ବ୍ଲକ ଉପାଧକ୍ଷା ଇତିଶ୍ରୀ ଜେନା, ସମିତିସଭ୍ୟ ଗଙ୍ଗାଧର ମାହାରୀ, ବିଶିଷ୍ଟ ସମାଜସେବୀ ସଞ୍ଜୟ କୁମାର ମହାନ୍ତି, ସୁବ୍ରତ କୁମାର ମହାନ୍ତି, ବେଣୁଧର ଭୋଇ, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ବରିଷ୍ଠ ବିଜେପି ନେତା ଶିବ ପ୍ରସାଦ ମଲ୍ଲିକ, ଲଜର ଡେଭଲପର ମୁଖ୍ୟ ବିଶ୍ୱରଂଜନ ଦେ, ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଅନୁପ ଶୁଭଙ୍କର ନାୟକ ପ୍ରମୁଖ ଯୋଗଦେଇ କ୍ରିକେଟ ଏକ ଭାଇଚାରାର ଖେଳ ।

## ୬ ଅନାଥଙ୍କୁ ତୁରନ୍ତ ସରକାରୀ ସୁବିଧା ଦେବା ପାଇଁ ଦାବି



**କଳାହାଣ୍ଡି, ୨୩ା୧ (ସଂଚାର ବ୍ୟୁରୋ):** ବାପା ମା'ଙ୍କ ମୃତ୍ୟୁ ପରେ ୬ ଜଣ ଆଦିବାସୀ ଶିଶୁ ଅନାଥ ଭାବେ କାଳାତିପାତ କରୁଛନ୍ତି!ଜ୍ଞ ଖବର ରୁ ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କେରପାଇ ପଞ୍ଚାୟତର ମେଲରଫା ଗାଁର ଲାକାଣ ମାଝୀ ଓ ତାଙ୍କ ସ୍ତ୍ରୀ ସନାମତି ମାଝୀ ଓ ୬ ଜଣ ଛୋଟ ଛୋଟ ପୁଅ ଝିଅଙ୍କୁ ନେଇ ଏକ ସୁନ୍ଦର ପରିବାର ଥିଲା। ଗତ ୨୦୨୪ ନଭେମ୍ବର ମାସରେ ବାପା ଲକାଣ ମାଝୀଙ୍କ ମୃତ୍ୟୁ ହୋଇଥିଲା। ମା ହାତରେ ପରିବାର ବୋଝ ଥିବା ବେଳେ ଚଳିତ ଜାନୁୟାରୀ ୧୦ ତାରିଖ ଦିନ ମା ସନାମତି ମାଝୀ ମଧ ମୃତ୍ୟୁ ବରଣ କରିଥିଲେ। ବାପା ଓ ମା'ଙ୍କୁ ଭଲ ଭାବେ ଚିହ୍ନିବା ଜାଣିବା ପୂର୍ବରୁ ଆରପାରିକୁ ଚାଲିଗଲେ ସ୍ୱାମୀ ଓ ସ୍ତ୍ରୀ। ବାପା ଓ ମା'ଙ୍କ ମୃତ୍ୟୁ ପରେ ଏବେ ୬ ଜଣ ଛୁଆ- ବଡ ଝିଅ ଲକ୍ଷ୍ମୀ ମାଝୀ, (୧୩) ଚମ୍ପା ମାଝୀ, (୮) ପୁଅ ଚାନ୍ଦୁ ମାଝୀ, (୧୧) ଝିଅ ଭୂମିତା ମାଝୀ, (୭) ପୁଅ ନବୀନ ମାଝୀ, (୫) ଏବଂ ଦେଢ଼ ବର୍ଷ ର ସବିତା ମାଝୀ ଙ୍କୁ ଅନାଥ କରି ପିତା ମାତା ଆରପାରିକୁ ଚାଲିଯିବା ଘୋଟଣା କୁ ନେଇ ଅଞ୍ଚଳରେ ହୋଇଛି। ବଡ ବାପା ଲାଖମୁ ମାଝୀ ଙ୍କ ଘରେ ଏବେ ଏହି ଅନାଥ ଜୀବନ ରେ ଜୀବନ କାଟି ଆସୁଥିବା ୪ ଝିଅ ଓ ୨ ପୁଅ ଜୀବନ ବିତାଇ ଆସୁଛନ୍ତି। ଲାଖମୁ ମାଝୀ ମଧ ଅତି ଗରିବ ଶ୍ରେଣୀ ର ହୋଇ ଥିବାରୁ ସେ କଷ୍ଟେ ମଷ୍ଟେ ଜୀବନ ବିତାଇ ଆସୁଛନ୍ତି।ତାଙ୍କର ୫ ଜଣ ଲୋକେ ରହିଥିବା ବେଳେ ସେ ନିଜ ପରିବାରକୁ ଚଲାଇବା ବହୁତ ମୁସ୍କିଲ। ବୋଝ ଉପରେ ନଳିତା ସଦୃଶ୍ୟ। ଏବେ ସାନ ଭାଇ ର ଅନାଥ ପୁଅ ଝିଅଙ୍କୁ ନିଜ ଘରେ ରଖି ସେମାନଙ୍କ ଭାଗ୍ୟ ଓ ଭବିଷ୍ୟତ ଗଠନ କରିବା ସମ୍ଭବ ନୁହେଁ।ଏଣୁ ଅନ୍ଧାର ଆଡରେ ଠେଲିହୋଇ ଯାଇଛି ଏହି ଅନାଥ ପିଲାଙ୍କ ଭବିଷ୍ୟତ।ବଡ ବାପା ଘରେ ଖଣ୍ଡିଏ ଭାତ କିମ୍ବା ମାଣ୍ଡିଆ ଜାଉ ମିଳିବା ମଧ ସହଜ ନୁହଁ। ନିରୀହ ଶିଶୁ ମାନେ ଭଗବାନଙ୍କୁ ଭରସା କରି ଭୋକ ଉପାସରେ ଦିନ କାଟି ଜୀବନ ବିତାଇବାକୁ ବାଧ ହେଉଛନ୍ତି।